# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୫/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 5/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 130 | ମୂଲ୍ୟ ₹୭/-






90 YEARS
TRUST IS TIMELESS

JHARSUGUDA : Sarbahal Road, Marwari Para | ROURKELA : Kesar Bhawan, Main Road

SHOWROOMS ALSO AT : BHUBANESWAR | ANGUL | BERHAMPUR | CUTTACK | JAJPUR ROAD | PURI | SAMBALPUR (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com | 1800 3131 777 | FOLLOW US ON:

SCAN TO KNOW MORE

## କୈବର୍ତ୍ତ ମହାସଭାର ଚୈତ୍ର ମହୋତ୍ସବ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ରାଉରକେଲା ଶାଖାର ଚୈତ୍ର ମହୋତ୍ସବ ସେକ୍ଟର-୭ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଲଙ୍ଗୁଳି ଚରଣ ତରାଇଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଚନ୍ଦ୍ରମଣି ମାଝୀ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ଯୋଗଦେଇ ଚୈତ୍ର ମହୋତ୍ସବର ମାହାତ୍ମ୍ୟ, ଉତ୍ସବର ମହତ୍ତ୍ୱ ଓ ପୌରାଣିକ ତଥ୍ୟ ଉପରେ ଆଲୋଚନା କରିଥିଲେ। ଉପସଭାପତି ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ଥିଲେ। ଏହି ଅବସରରେ ଛତିଆ ରଣେଶ୍ୱରପୁରରୁ ଆସିଥିବା ଗାୟକ ସନ୍ତୋଷ କୁମାର ବେହେରା ଓ ସାଥୀଙ୍କ ଦ୍ୱାରା ଘୋଡାନାଚ ପରିବେଷଣ ହୋଇଥିଲା। ଯୁଗ୍ମ ସମ୍ପାଦକ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସୁବିଧା ଭୋଗୁଛନ୍ତି ଟ୍ରକ୍ ଚାଳକ

### କାର୍ଯ୍ୟକ୍ଷମ ହେଉନି ଗୋଷ୍ଠୀ ଶୌଚାଳୟ, ପ୍ରତୀକ୍ଷାଳୟ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବାଲୁଘାଟସ୍ଥିତ ବୃହତ୍ ଟ୍ରକ୍ ଟର୍ମିନାଲରେ ଥିବା ଗୋଷ୍ଠୀ ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ ହେବାର ୨ ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଶହ ଶହ ଟ୍ରକ୍ ଚାଳକ ସ୍ନାନଶୌଚ, ବିଶ୍ରାମ ନେବାରେ ଅସୁବିଧା ଭୋଗୁଛନ୍ତି।

ସୂଚନା ଅନୁସାରେ, ବାଲୁଘାଟରେ ବୃହତ୍ ଟ୍ରକ୍ ଟର୍ମିନାଲ ରହିଛି। ଦୈନିକ ଶହ ଶହ ଟ୍ରକ୍ ଏଠାରେ ଅଟକିଥାଏ। ଦୂରଦୂରାନ୍ତ ସ୍ଥାନରୁ ଆସୁଥିବା ଟ୍ରକ୍ ଚାଳକମାନେ ବିଭିନ୍ନ ପ୍ରକାର ସାମଗ୍ରୀ ପହଞ୍ଚାଇ ସାରିବା ପରେ ଏଠାରେ ବିଶ୍ରାମ ନେବା ସହିତ ସ୍ନାନଶୌଚ ଏବଂ ବିଶ୍ରାମ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଟ୍ରକ୍ ଟର୍ମିନାଲରେ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗୋଷ୍ଠୀ ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ କରାଗଲା। ଗୋଷ୍ଠୀ ଶୌଚାଳୟ ଦୁଇତାଲା ବିଶିଷ୍ଟ ହେବା ସହିତ ୮ରୁ ଊର୍ଦ୍ଧ୍ୱ ସ୍ନାନଶୌଚ ଗୃହ ଓ ପ୍ରତ୍ୟେକ କେନ୍ଦ୍ରରେ ଉନ୍ନତମାନର ଆଧୁନିକ ଯାନ୍ତ୍ରିକ ସୁବିଧା ବ୍ୟବସ୍ଥା ରହିଲା। ଶୀତଳ ପାନୀୟ ଜଳ ବ୍ୟବସ୍ଥା, ୫ଟି ବୃହତ ପାଣି ଟ୍ୟାଙ୍କ ଏବଂ ଉନ୍ନତମାନର ପାହାଚ ସହ ଆକର୍ଷଣୀୟ ପ୍ରତୀକ୍ଷାଳୟ ନିର୍ମାଣ ହେଲା। ମାତ୍ର ଗୋଷ୍ଠୀ ଶୌଚାଳୟ ଓ ପ୍ରତୀକ୍ଷାଳୟ ନିର୍ମାଣ ସମ୍ପୂର୍ଣ୍ଣ ହେବାର ପାଖାପାଖି ୧୮ମାସ ପୂର୍ଣ୍ଣ ହୋଇ ସାରିଥିଲେ ସୁଦ୍ଧା ଏଯାଏଁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଟ୍ରକ ଟର୍ମିନାଲରେ ଚାଳକମାନେ ଷ୍ଟପେଜ କରୁଥିଲେ ମଧ୍ୟ ଖୋଲାରେ ସ୍ନାନଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଅଳିଆ ଆବର୍ଜନାରେ ଭର୍ତ୍ତି ହେବା ସହ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଣୁ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ଖୁବଶୀଘ୍ର ଯେଭଳି ବାଲୁଘାଟ ଟ୍ରକ୍ ଟର୍ମିନାଲ ଗୋଷ୍ଠୀ ଶୌଚାଳୟ ଓ ପ୍ରତୀକ୍ଷାଳୟ କାର୍ଯ୍ୟକ୍ଷମ ହେବ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବା ସହ ସବୁ ବ୍ୟବସ୍ଥା ପୂର୍ବଭଳି ବ୍ୟବସ୍ଥିତ କରାଯିବ ବୋଲି ସେ କହିଥିଲେ।


ଟ୍ରକ୍ ଟର୍ମିନାଲସ୍ଥିତ ନବନିର୍ମିତ ଗୋଷ୍ଠୀ ଶୌଚାଳୟ।

## କେନ୍ଦ୍ର ଜନଜାତି ମନ୍ତ୍ରୀଙ୍କ ଅଫିସରେ ରହିବ କୁଡ଼ମାଳୀ ପୁସ୍ତକ


କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ପୁସ୍ତକ ଉପହାର ଦିଆଯାଉଛି।

### ମନ୍ତ୍ରୀଙ୍କୁ ଭେଟିଲେ ଜେକେବିପି ସଦସ୍ୟ

ରାଉରକେଲା,୪।୪(ସଙ୍ଗୀତା ଜେନା)

ରୋମାନ ଲିପିରେ ପ୍ରକାଶିତ କୁଡ଼ମାଳୀ ସାହିତ୍ୟ ପୁସ୍ତକଗୁଡ଼ିକୁ ନୂଆଦିଲ୍ଲୀସ୍ଥିତ ଜନଜାତୀୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ରଖାଯିବ। କେନ୍ଦ୍ର ଜନଜାତି ମନ୍ତ୍ରୀ ଜୁଏଲ ଓରାମଙ୍କ ସମ୍ମତି ପରେ ଝାଡ଼ଖଣ୍ଡ କୁଡ଼ମାଳୀ ଭାଷା ବିକାଶ ପରିଷଦ (ଜେକେବିପି) ରାଖା, ଆସନତାଳିଆ, ଚକ୍ରଧରପୁରର ଏକ ପ୍ରତିନିଧି ଦଳ ଶନିବାର ରାଉରକେଲାରେ ତାଙ୍କୁ ଭେଟିଥିଲେ। ପରିଷଦର ସଚିବ ପ୍ରଫେସର ଓମ୍‌ପ୍ରକାଶ ମହାତୋଙ୍କ ନେତୃତ୍ୱରେ ପ୍ରତିନିଧିମାନେ ରାଉରକେଲାସ୍ଥିତ ମନ୍ତ୍ରୀଙ୍କ ନିବାସରେ ଭେଟି ଝାଡ଼ଖଣ୍ଡ କୁଡ଼ମାଳୀ ଭାଷା ବିକାଶ ପରିଷଦ ଦ୍ୱାରା ରୋମାନ ଲିପିରେ ପ୍ରକାଶିତ କୁଡ଼ମାଳୀ ପୁସ୍ତକଗୁଡ଼ିକୁ ଉପହାର ଦେଇଥିଲେ। ଏଥିରେ 'ଓଡ଼ିଶା କୁଡ଼ମାଳୀ ଆଖଡ଼ା', 'ଗୁରୁ ପରଛନ ଆଖଡ଼ା', 'କୁଡ଼ମାଳୀ ଫୁଲ ଫର ଆର ଭାଡ଼ର', 'ଗୀତେ ରେଗେ ଗହଅ ଗହଅ', 'ଖାଖୁସ', 'ଛହଣ୍ଟ ଗୀତମାଳା', 'ସାଂଖା ସିନ୍ଦୁର', 'କୁଡ଼ମର ଜନଜାତି ଏବଂ ଜନଗଣନା', 'ଛୋଟା ନାଗପୁରର ଆଦି ବୁନିଆଦ' ଆଦି ପୁସ୍ତକ ରହିଛି। କେନ୍ଦ୍ର ମନ୍ତ୍ରୀ ଓରାମ ଏହି ପୁସ୍ତକଗୁଡ଼ିକୁ ଦିଲ୍ଲୀସ୍ଥିତ ତାଙ୍କ କାର୍ଯ୍ୟାଳୟରେ ରଖିବାକୁ ସମ୍ମତି ଦେଇଛନ୍ତି। ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋକ ମହାତୋ, ଅଜିତ ମହାତୋ, ଆଶିଷ ମହାତୋ ଓ ଅନ୍ୟମାନେ ସାମିଲ ଥିଲେ।

## ପିଏମଶ୍ରୀ ସ୍କୁଲରେ ପ୍ରବେଶ ଉତ୍ସବ, ଖଡ଼ି ଛୁଆଁ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷା ତନୁଜା ନନ୍ଦିନୀ ତନ୍ତୀ, ଶିକ୍ଷକ ଶଶୀଭୂଷଣ ଗିରି, ଅଜୟ କୁମାର ଜେନା, ଶିକ୍ଷୟିତ୍ରୀ ଶ୍ରୀଲେଖା ମହନ୍ତ, ରଶ୍ମି ତୁର୍କୀ, ଫୁଲ କେରୀ କେରି ମିଞ୍ଜି ପ୍ରମୁଖ ୨୦ଜଣ ଛାତ୍ରୀଛାତ୍ରଙ୍କ ମଥାରେ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ ଓ ଫୁଲ ମୁଣ୍ଡରେ ସିଞ୍ଚନ କରି ଖଡ଼ି ଛୁଆଁଇଥିଲେ। ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଶିକ୍ଷକ କାର୍ତ୍ତିକ ସ୍ୱାଇଁ, ନବୀନ ଦ୍ୱୀପ ତୁର୍କୀ, ଶିକ୍ଷୟିତ୍ରୀ ବବିତା ଚମ୍ପତି, ସାରା ରୋଜାଲିନ ଟିଗା, ନିବାସିନୀ ସାହୁ, ଖୁଲଣା ଦାସ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ରଙ୍ଗର ଦୁନିଆଁ, ଗପ ପସରା ଯାଦୁ ପେଡ଼ି, କ୍ରୀଡ଼ା ଘର ଆଦି ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପିକା ଏକ୍କା, ତନୁଶ୍ରୀ ମହନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରବେଶ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଓଡ଼ିଶା ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଗରିମା ଅନୁଷ୍ଠାନ ପକ୍ଷରୁ ସିଭିକ ସେଣ୍ଟରରେ ଶୁକ୍ରବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ନିହାରିକା ବସ୍ତିଆ ଅଧ୍ୟକ୍ଷତା କରିଥିଲେ। ସଭାପତି ମମତା ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲେଇ, ସୁନ୍ଦରଗଡ଼ ସ୍ୱତନ୍ତ୍ର କାରାଗାରର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ସେକ୍ଟର-୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବୀ ଅନୁଶ୍ରୀ ଦାଶ ଓ ଗୀତାଞ୍ଜଳି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ଓଡ଼ିଆ କଳା, ସଂସ୍କୃତି ଓ ନାରୀ ସଶକ୍ତୀକରଣ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମୋନାଲିସା ସାହୁ ଓ ମୋନାଲିସା ଗୌଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଞ୍ଜନ ବେହୁରା, ସଞ୍ଜୀବ ମହାନ୍ତି, ପ୍ରଦୀପ କୁମାର ଦାସ, ଗୋପାଳ ବାଗାଡିଆ, ସୁନିଲ କାୟଲ, ସନ୍ତୋଷ ଅଗ୍ରୱାଲ, ଭରତ ଚନ୍ଦ୍ର ବାଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦିକା ଡ. ସରିତା ମଲ୍ଲ, କାର୍ଯ୍ୟକ୍ରମ ସଂଯୋଜିକା ସୁମିତା ପଟ୍ଟନାୟକ, ପ୍ରଣତୀ ପଟ୍ଟନାୟକ, ଶର୍ଙ୍ଗିନା ପ୍ରଧାନ, ଶାନ୍ତିଲତା ବାରିକ, ରେବତୀ ବାରିକ, ମୁଖ୍ୟ ଉପଦେଷ୍ଟା ରଶ୍ମିତା ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

## ଅଭିଯୋଗକୁ ଖଣ୍ଡନ କଲା ପୋଲିସ

### ମହିଳା ମାଓବାଦୀଙ୍କୁ ଜୋର ଜବରଦସ୍ତ ଆତ୍ମସମର୍ପଣ ଘଟଣା

ରାଉରକେଲା,୪।୪(ସଙ୍ଗୀତା ଜେନା)

ଗତ ମାର୍ଚ୍ଚ ୩୦ ତାରିଖରେ ଝାଡ଼ଖଣ୍ଡ ଲୋକାଲ ଗରିଲା ସ୍କ୍ୱାଡ୍ ମେମ୍ବର (ଏଲ୍‌ଜିଏସ୍‌ଏମ୍) ମହିଳା ମାଓବାଦୀ ମଙ୍ଗଡ଼ି ହୋନହାଗା ଓଡ଼ିଶା ପୋଲିସର ମାଓବାଦୀ ସମର୍ପଣ ନୀତିରେ ପ୍ରଭାବିତ ହୋଇ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ମାର୍ଚ୍ଚ ୩୧ ତାରିଖରେ ଉକ୍ତ ଆତ୍ମସମର୍ପଣକୁ ମିଥ୍ୟା ଦର୍ଶାଇ ଉକ୍ତ ମାଓବାଦୀଙ୍କ ପିତାମାତାଙ୍କ ବୟାନ କିଛି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେଥିରେ ମଙ୍ଗଡ଼ିଙ୍କ ପିତା ତାଙ୍କ ଝିଅକୁ କାମ ଦେବା ଆଳରେ ପୋଲିସ ମିଥ୍ୟା ଆତ୍ମସମର୍ପଣ କରାଇ ଜେଲରେ ରଖିଛି ବୋଲି କହିଥିଲେ। ଏହି ଖବର ଆଲୋଡନ ସୃଷ୍ଟି କରିଥିଲା। ଉକ୍ତ ଘଟଣାକୁ ରାଉରକେଲା ପୋଲିସ ଖଣ୍ଡନ କରିବା ସହ ଶୁକ୍ରବାର ମଙ୍ଗଡ଼ିଙ୍କ ଭିଡ଼ିଓ ବୟାନ ଜାରି କରିଥିଲା। ଏ ନେଇ ପୁନର୍ବାର ଶନିବାର ମଙ୍ଗଡ଼ିଙ୍କ ପିତା ମଙ୍ଗଳ ହୋନହାଗାଙ୍କ ଭିଡ଼ିଓ ବୟାନ ଜାରି ହୋଇଛି। ଏଥିରେ ଝିଅ ମଙ୍ଗଡ଼ି ସମାଜର ମୁଖ୍ୟଧାରାରେ ସାମିଲ ହେବା ସହ ପରିବାର ସହ ଝାଡ଼ଖଣ୍ଡରେ ରହୁଛି ଓ କିଛି ଗଣମାଧ୍ୟମ ତାଙ୍କୁ ଧମକାଇ ଏପରି ଖବର ପାଇଁ ବୟାନ ସଂଗ୍ରହ କରିଥିଲେ ବୋଲି ସେ କହିଛନ୍ତି।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୧୪ ସ୍ଥିତ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଶନିବାର ପୁଷ୍ପାଞ୍ଜଳି ଅର୍ପଣ କରାଯାଇଛି। ସମାଜସେବୀ ଡ଼ ସୁମନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ଜିଲାରୁ ହିନ୍ଦୀ ଭାଷା ଉଠାଇ ଓଡ଼ିଆ ଭାଷା ପ୍ରଚଳନ କରିବା ଓ ସମଗ୍ର ଓଡ଼ିଆ ଭାଷା ଭାଷୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଓଡିଶା ଗଠନ କରିବା ଦିଗରେ ଗଙ୍ଗାଧରଙ୍କ ପୂର୍ଣ୍ଣ ଯୋଗଦାନ ଥିଲା ବୋଲି କହିଥିଲେ। ସେହିପରି ଓଡ଼ିଆ ସାହିତ୍ୟ ଆକାଶରେ ଗଙ୍ଗାଧର ଏକ ଉଜ୍ଜ୍ୱଳତମ ନକ୍ଷତ୍ର। କବି ଭାରତୀୟ ସଂସ୍କୃତି ଓ ସାହିତ୍ୟକୁ ଆଧାର କରି ଅଜସ୍ର କାବ୍ୟ ବିଭବ ସୃଷ୍ଟି କରି ଓଡିଆ ଭାଷା ସାହିତ୍ୟକୁ ଋଦ୍ଧିବନ୍ତ କରିଛନ୍ତି। ତାଙ୍କର ସୃଷ୍ଟି ସମ୍ଭାର ଭିତରେ ରସ ରତ୍ନାକର, ଅହଲ୍ୟା ସ୍ତବ, କୀଚକ ବଧ, ପ୍ରଣୟ ବଲ୍ଲରୀ, ତପସ୍ୱିନୀ, ପଦ୍ମିନୀ ଗ୍ରନ୍ଥ ସ୍ଥାନ ପାଇଛି। ଗୀତିକବିତା ଓ ଖଣ୍ଡକବିତା, ଉତ୍କଳ ଲକ୍ଷ୍ମୀ, ଅର୍ଘ୍ୟଥାଳି ଅଯୋଧ୍ୟା ଦୃଶ୍ୟ, କବିତା କଲ୍ଲୋଳ, କବିତାମାଳା, କୃଷକ ସଙ୍ଗୀତ, ଭାରତୀ ଭାବନା, ଓଡ଼ିଆ ବାଣୀ ଭଣ୍ଡାରକୁ ଶକ୍ତିଶାଳୀ କରିଛି ବୋଲି ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର କହିଥିଲେ।



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

## ପ୍ରଗତିର ବାର୍ଷିକୋତ୍ସବ, ଓଡ଼ିଶା ଦିବସ ପାଳିତ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରଗତିର ଅଷ୍ଟମ ବାର୍ଷିକୋତ୍ସବ ଓ ଓଡ଼ିଶା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ବେହେରା ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରସୁଆଁ ଲୌହଖଣିର ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ମୁକେଶ କିଶୋର କରଣ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟୁତ୍ ବିଭାଗର ମହାପ୍ରବନ୍ଧକ ଉତ୍କର୍ଷ ଗୌରବ ମୁଖ୍ୟଅତିଥି, ଅଧ୍ୟାପକ କରୁଣାକର ପାଢ଼ଶାଣୀ ମୁଖ୍ୟବକ୍ତା, ସମାଜସେବୀ ଡ. ରାଜେନ୍ଦ୍ର ପ୍ରସାଦ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ୯୧ତମ ଓଡ଼ିଶା ଦିବସ ଉପଲକ୍ଷେ ଅତିଥିମାନେ ମହାମନିଷୀଙ୍କ ଅବଦାନ, ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓ ଆମ ସମ୍ମୁଖରେ ଥିବା ଆହ୍ୱାନ, ଓଡ଼ିଆ ଭାଷାର ସରକାରୀ ଓ ବେସରକାରୀ ସ୍ତରରେ ବ୍ୟବହାର, ବ୍ୟବସାୟ ଓ ବିଭିନ୍ନ ଅନୁଷ୍ଠାନରେ ନାମଫଳକ ଗୁଡ଼ିକରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିକ୍ରମ ସିଂହ, ପ୍ରଫୁଲ୍ଲ ପ୍ରଧାନ, ସନ୍ତୋଷ ପାତ୍ର, ଅଭୟ ସ୍ୱାଇଁ, ଚିତ୍ରସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

## ହୋମିଓପ୍ୟାଥି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଔଷଧ ବିତରଣ


ଶିବିରରେ ଉପସ୍ଥିତ ଅତିରିକ୍ତ ଜିଲାପାଳ।

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୧ ନୟାବଜାରସ୍ଥିତ ଉତ୍କଳମଣି ହୋମିଓପ୍ୟାଥି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ହୋମିଓପ୍ୟାଥିର ଜନକ ଡକ୍ଟର ସାମୁଏଲ ହ୍ୟାନିମାନଙ୍କ ୨୭୧ତମ ଜନ୍ମବାର୍ଷିକୀ ଏବଂ ଜାତୀୟ ହୋମିଓପ୍ୟାଥିକ୍ ସପ୍ତାହ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଚର୍ମ ରୋଗ, ଶିଶୁ ରୋଗ, ସ୍ତ୍ରୀ ରୋଗ, ବାତ, କାଶ, କଫ ଆଦି ରୋଗ ସହିତ ମଧୁମେହ, ଉଚ୍ଚ ରକ୍ତଚାପ ଓ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ଜନିତ ରୋଗର ହୋମିଓପ୍ୟାଥିକ ଚିକିତ୍ସା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଶୁଭାଶିଷ ସେଠୀ, ବରିଷ୍ଠ ଡାକ୍ତର ପ୍ରଫେସର ଅଜୟ କୁମାର ବିଶ୍ୱାଳ ଏବଂ ଅନ୍ୟ ବିଭାଗୀୟ ଅଭିଜ୍ଞ ଚିକିତ୍ସକଙ୍କ ସହିତ ଛାତ୍ର ମଙ୍ଗଳ ସମିତି ସଭାପତି, ସମ୍ପାଦକ ଏବଂ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ରହି ରୋଗୀମାନଙ୍କର ଚିକିତ୍ସା କରିଥିଲେ। ଏହି ଶିବିରରେ ୨ଶହ ରୋଗୀଙ୍କ ଚିକିତ୍ସା ସହିତ ଔଷଧ ବିତରଣ କରାଯାଇଥିଲା।

## ରେଳ ଷ୍ଟେଶନ ବିକାଶ କାର୍ଯ୍ୟ ଯାଞ୍ଚ କଲେ ରେଲ୍‌ୱେ ମହାପ୍ରବନ୍ଧକ

ରାଉରକେଲା,୪।୪(ସଙ୍ଗୀତା ଜେନା)

ଦକ୍ଷିଣ-ପୂର୍ବ ରେଳବାଇ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଶନିବାର ରାଉରକେଲାକୁ ପ୍ରଥମ ଗସ୍ତ କରିଥିଲେ। ରେଳବାଇ ମହାପ୍ରବନ୍ଧକ ଷ୍ଟେଶନ ବାହାରେ ଥିବା ଶେଡ୍, ନୂତନ ପାର୍କିଂ ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ ସହ ନବନିର୍ମିତ କୋଠା, ପାର୍ସଲ ୟାର୍ଡ ଏବଂ ପ୍ଲାଟଫର୍ମ ନଂ.-୫ରେ ଚାଲିଥିବା କାର୍ଯ୍ୟ ସମେତ ରେଲୱେ ଷ୍ଟେଶନ ପରିସରରେ ବିକାଶ କାର୍ଯ୍ୟକୁ ଯାଞ୍ଚ କରିଥିଲେ। ମହାପ୍ରବନ୍ଧକ ମଜୁମଦାର ରେଳ ଯାତ୍ରୀମାନଙ୍କୁ ସର୍ବାଧିକ ସୁବିଧା କିପରି ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ମଧ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଗ୍ରୀଷ୍ମ ପାଇଁ ରାଉରକେଲା ଷ୍ଟେଶନରେ ପାନୀୟ ଜଳ ବ୍ୟବସ୍ଥା ସମେତ ତୃତୀୟ ଲାଇନ ନିର୍ମାଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଚକ୍ରଧରପୁର ଡିଆରଏମ ତରୁଣ ହୁରିଆ, ସିଏଓସିଆରଏସପି ଅନିଲ କୁମାର, ମୁଖ୍ୟ ପ୍ରକଳ୍ପ ପରିଚାଳକ କେ.ସି. ସାହୁ, ସିନିୟର ଡିସିଏମ୍ ଆଦିତ୍ୟ ଚୌଧୁରୀ, ସିନିୟର ଡିଏନ୍‌ଏ କୋର୍ଡିନେଟର ଆର. କେ. ମୀନା, ସିନିୟର ଡିସିଏମ କୋଚିଂ ଦୀପକ କୁମାର ମୁର୍ମୁ, ରେଳବାଇ ଜିଏମଙ୍କ ସଚିବ ମନୀଷ ପାଠକ, ରାଉରକେଲା ଷ୍ଟେଶନ ପରିଚାଳକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସମେତ ଅନ୍ୟ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।


ରେଲ୍‌ୱେ ମହାପ୍ରବନ୍ଧକ ବିକାଶ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

## ସହର ବୁଲିଲା ଅଂଶୁଘାତ ସଚେତନତା ରଥ

ରାଉରକେଲା,୪।୪(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ଶନିବାର ଅଂଶୁଘାତ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଆରଏମ୍‌ସି କମିଶନର ଦୀନା ଦସ୍ତଗିରି ଏହି ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ରଥରେ ଅଂଶୁଘାତ ଜନିତ ସମସ୍ତ ତଥ୍ୟ ଓ ଏହାର ନିରାକରଣ ବାର୍ତ୍ତା ସମ୍ବଳିତ ବ୍ୟାନର ରହିଛି। ଏହି ରଥ ରାଉରକେଲା ସହରର ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗବିହାର, ସିଭିଲଟାଉନଶିପ୍, ବନ୍ଧମୁଣ୍ଡା, ପାୱାରହାଉସ୍ ରୋଡ଼, ଓରାମପଡା, ଉଦିତନଗର ଆଦି ଅଞ୍ଚଳ ବୁଲି ମାଇକ୍ ପ୍ରଚାର ଯୋଗେ ପ୍ରଚାର କରିବା ସହ ଅଂଶୁଘାତରୁ ମୁକ୍ତି ପାଇଁ ଜନ ସଚେତନତା ସୃଷ୍ଟି କରିବ ବୋଲି ଦସ୍ତଗୀରି କହିଥିଲେ। ଏଥିରେ ଉପଆୟୁକ୍ତ ପଲ୍ଲବୀ ନାୟକ, ଅଜିତ ପଟ୍ଟନାୟକ, ବୀରେନ୍ଦ୍ର ନନ୍ଦ, ଅଭିଶେକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ନାମଫଳକ ଲେଖା ସଚେତନତା ଅଭିଯାନ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସଠାରୁ ଆରମ୍ଭ ହୋଇଛି 'ଓଡ଼ିଆ ପକ୍ଷ-୨୦୨୬'। ଏହି କ୍ରମରେ ଶୁକ୍ରବାର ପାଳନ କରାଯାଇଥିଲା ଓଡ଼ିଆରେ ନାମଫଳକ ଲେଖା ଅଭିଯାନ। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ରାଉରକେଲାରେ ଆୟୋଜନ କରାଯାଇଥିଲା ଓଡ଼ିଆ ନାମଫଳକ ସଚେତନତା ପଦଯାତ୍ରା ଅଭିଯାନ। ଏହି ଅଭିଯାନରେ ପାନପୋଷ ଉପଜିଲାପାଳ ବିଜୟ ନାୟକ, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା, ଜିଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ। ଏତଦବ୍ୟତୀତ ଜିଲାର ସମସ୍ତ ଓଡ଼ିଆ ଭାଷା ଆନ୍ଦୋଳନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧିନିୟମ ଅନୁଯାୟୀ, ପ୍ରତିଟି ବ୍ୟବସାୟିକ ଅନୁଷ୍ଠାନର ନାମଫଳକରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ଏକ ସାମ୍ବିଧାନିକ ତଥା ନୈତିକ ଦାୟିତ୍ୱ। ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ବ୍ୟବସାୟୀମାନଙ୍କୁ ଓଡ଼ିଆରେ ନାମଫଳକ ଲେଖିବା କେବଳ ଏକ ନିୟମ ନୁହେଁ ବରଂ ଆମ ମାତୃଭାଷା ପ୍ରତି ଏକ ସମ୍ମାନ ବୋଲି ସଚେତନ କରାଇବା। ଏହି ପଦଯାତ୍ରା ମଧୁସୂଦନ ମାର୍ଗରୁ ବାହାରି ଆମ୍ବେଦକର ଛକରେ ଶେଷ ହୋଇଥିଲା। ଏହି ପଦଯାତ୍ରା ଦ୍ୱାରା ବ୍ୟବସାୟୀଙ୍କ ମଧ୍ୟରେ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ସଚେତନତା ସୃଷ୍ଟି କରାଯିବା ସହିତ ଏ ସମ୍ବନ୍ଧୀୟ ଆଇନ ବ୍ୟବସ୍ଥା ଓ ଏହାର ଉଲ୍ଲଂଘନ କଲେ ଦଣ୍ଡବିଧାନ ସମ୍ବନ୍ଧରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଇଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁନିତା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।


ଅଭିଯାନରେ ସାମିଲ ସରକାରୀ ଅଧିକାରୀ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଏସିଆନ ଲନ୍‌ବଲ୍ ଚାମ୍ପିୟନଶିପ୍‌ରେ ସୁମିତ ହେଲେ ସଂଯୋଗ ଅଧିକାରୀ

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ନୂଆଦିଲ୍ଲୀଠାରେ ଆସନ୍ତା ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ୧୭ତମ ଏସିଆନ ଲନ୍‌ବଲ ଚାମ୍ପିୟନଶିପ ଆୟୋଜିତ ହେବ। ଏଥିରେ



ସଂଯୋଗ ଅଧିକାରୀ ଭାବେ ଓଡ଼ିଶା ଲନ୍‌ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତଙ୍କୁ ନିଯୁକ୍ତ କରାଯାଇଥିବା ଜଣାପଡିଛି। ଜାତୀୟ ଲନ୍‌ବଲ ସଂଘ ସମ୍ପାଦକ ଏନେଇ ତାଙ୍କୁ ଇ-ମେଲ ଯୋଗେ ଅବଗତ କରିଥିବା ଜଣାପଡିଛି। ୫ ତାରିଖରେ ନୂଆଦିଲ୍ଲୀରେ ପହଞ୍ଚି ସୁମିତ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ବଲାଙ୍ଗୀର ସାଗରପଡା ନିବାସୀ ସୁମିତ ସମ୍ପ୍ରତି ଓଡିଶା ଲନ୍‌ବଲ ଆସୋସିଏଶନ ସମ୍ପାଦକ ଭାବେ କାର୍ଯ୍ୟରତ ଅଛନ୍ତି। ୧୭ତମ ଏସିଆନ ଲନ୍‌ବଲ ଚାମ୍ପିୟନଶିପ୍ ପାଇଁ ତାଙ୍କୁ ସଂଯୋଗ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିବାରୁ ସେ ଜାତୀୟ ସଂଘ ସଭାପତି ଓ ସମ୍ପାଦକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସଡ଼କ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ଖପ୍ରାଖୋଲ,୪।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବଡ଼ଗୁର୍ଜିଭଟା ରାସ୍ତାରେ ଶନିବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ବଡ଼ ଗୁର୍ଜିଭଟା ଗାଁର ହୃଷୀ ମାଝୀ (୪୦) ଓ ଗୁରୁତର ହେଲେ ଶିରୀଶ ସାହୁ (୪୦) ।

ପ୍ରକାଶ ଯେ, ହୃଷୀ ଓ ଶିରୀଶ ଏକ ମୋଟର ସାଇକେଲରେ ବଡଗୁର୍ଜିଭଟାରୁ ଖପ୍ରାଖୋଲକୁ କୌଣସି କାମରେ ଆସୁଥିଲେ । ତେବେ ବାଟରେ ଏକ ପେଟ୍ରୋଲ ପମ୍ପ ନିକଟରେ କୌଣସି କାରଣରୁ ମୋଟର ସାଇକେଲଟି ଭାରସାମ୍ୟ ହରାଇ ରାସ୍ତାରେ ଠିଆ ହୋଇଥିବା ଏକ ହାଇୱା ପଛ ପଟେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ମୋଟର ସାଇକେଲ ଚାଳକ ହୃଷୀଙ୍କ ମୃତ୍ୟୁ ହୋଇଥିବା ବେଳେ ଶିରୀଶ ଗୁରୁତର ହୋଇଥିଲେ। ଖବର ପାଇ ଖପ୍ରାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଖପ୍ରାଖୋଲ ଡ଼ାକ୍ତରଖାନା ପଠାଇବା ସହ ମୃତଦେହ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହାଇୱା ଗାଡି ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି।

# 'ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପାଇବା ଆବଶ୍ୟକ'

## ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟ ଶିକ୍ଷାନୀତି (ଏନଇପି)-୨୦୨୦ ଅନୁଯାୟୀ ଖୋଲାଯାଇଥିବା ଶିଶୁବାଟିକା ଶ୍ରେଣୀରେ ନାମଲେଖା ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଜିଲା ସମଗ୍ର ଶିକ୍ଷା ଅଫିସ ପକ୍ଷରୁ ସ୍ଥାନୀୟ ଲର୍କପାଲିସ୍ଥିତ ପୁର୍ନବାସ କଲୋନୀସ୍ଥିତ ସ୍କୁଲରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆକରି ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଶିକ୍ଷା ଜୀବନର ଶୁଭାରମ୍ଭ କରାଯାଇଥିଲା। ଖଡ଼ିଛୁଆଁ ଅବସରରେ ୨୦ଜଣ ଶିଶୁ ପ୍ରଥମେ ଅକ୍ଷର ଲେଖି ନିଜର ଶିକ୍ଷାଯାତ୍ରା ଆରମ୍ଭ କରିଥିଲେ। ଜିଲା ପରିଷଦ ସଭାପତି ଦେବକୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ପ୍ରତ୍ୟେକ ଶିଶୁ ଗୁଣାତ୍ମକ ଶିକ୍ଷା ପାଇବା ଆବଶ୍ୟକ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ଭବିଷ୍ୟତ ଗଢିବାରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ପ୍ରଧାନ ଶିକ୍ଷକ କିଶୋର ହନୁମାନ, ଡ଼ିଆଇଇଟିର ସିନିଅର ଟିଚର ଏଜୁକେଟର ଗଣେଶ ପ୍ରସାଦ ଜେନା, ଆରତୀ ସାହୁ, ପେଡାଗୋଜି ସଂଯୋଜିକା ମଧୁମିତା ଦାଶ ମଞ୍ଚାସୀନ ଥିଲେ। ଛୋଟ ପିଲାଙ୍କୁ ଆମୋଦ ପ୍ରମୋଦ ମଧ୍ୟରେ ଶିକ୍ଷା ଦେବା ପାଇଁ ତିନୋଟି ଥିମାଟିକ ଷ୍ଟେଶନ କରାଯାଇଥିଲା। ସେଗୁଡିକ ମଧ୍ୟରେ ଖେଳକୁଦ ପାଇଁ ଖେଳଘର, କଳା ଓ ସୃଜନଶୀଳତା ପାଇଁ ରଙ୍ଗ ପସରା ଏବଂ ଗଳ୍ପ ଶୁଣିବା ପାଇଁ ଗପ ରାଇଜ ଖୋଲା ଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ପ୍ରତି ଆକର୍ଷିତ କରିବା ପାଇଁ ବିଭିନ୍ନ ସ୍ଲୋଗାନ, ଗୀତ ଓ ସଚେତନତା ବାର୍ତ୍ତା ପ୍ରସାରଣ କରିବା ପାଇଁ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ବ୍ଲକରେ ଶିକ୍ଷା ସଚେତନତା ରଥ ପରିକ୍ରମା କରିବ ବୋଲି ସଭାରେ ସୂଚନା ଦିଆଯାଇଥିଲା।



ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଚୋରି ସାମଗ୍ରୀ ଉଦ୍ଧାର ସହ ୨ ଗିରଫ

ସଇଁତଲା,୪।୪(ରାଖାଲ ପ୍ରସାଦ ଶତପଥୀ)

ସ୍ଥାନୀୟ ପୋଲିସ ଶୁକ୍ରବାର ଦିନ ସଇଁତଲା ଥାନା କନ୍ଧକେଲଗାଁ ପଞ୍ଚାୟତର ସର୍ଗିପାଲି ଗ୍ରାମରେ ଚଢ଼ାଉ କରି ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ୨ ଜଣଙ୍କୁ ଗିରଫ କରିଥିବା ଶନିବାର ଏକ ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି। ପ୍ରଧାନୀଙ୍କ ସୂଚନା ଅନୁସାରେ, ଗତ କିଛି ଦିନ ତଳେ ଭୁବନେଶ୍ୱରରୁ ବିଭିନ୍ନ ସାମଗ୍ରୀ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓଡ଼ି ୦୨ ଡ଼ିଏଫ ୧୪୭୦)ବାହାରି କେସିଙ୍ଗା, ଜୁନାଗଡ଼ ତଥା ଜୟପୁରରେ ପହଞ୍ଚିବାର ଥିଲା । କିନ୍ତୁ ଉକ୍ତ ଭ୍ୟାନ୍‌କୁ କେରମେଲି ପଞ୍ଚାୟତର କରେଲଧୁଆ ଗ୍ରାମ ନିକଟରେ ଥିବା ଓଭରବ୍ରିଜଠାରେ ଦୁଇ ଜଣ ବ୍ୟକ୍ତି ଅଟକାଇ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ୫୦ ହଜାର ଟଙ୍କା ସହ ବହୁ ଇଲେକଟ୍ରୋନିକ୍ସ ସାମଗ୍ରୀ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଡ୍ରାଇଭର ଜଣକ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ୧୦୬/୨୬ରେ ଏକ ମାମଲା ରୁଜୁ କରିବା ସହ ଘଟଣାକୁ ଗୁରୁତର ସହ ନେଇ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା । ଶୁକ୍ରବାର ଦିନ ପୋଲିସ ସର୍ଗିପାଲି ଗ୍ରାମରେ ଚଢ଼ାଉ କରିବା ସହ ସେଠାରୁ ୨ ଗୋଟି ବଡ଼ ଆକ୍ୱାଗାର୍ଡ଼, ୪ ଗୋଟି ଛୋଟ ଆକ୍ୱାଗାର୍ଡ଼, ୨୦ ବଣ୍ଡଲ ତାର, ୪ ପେଟି ଧାନର ଔଷଧ ଏବଂ ଗୋଟିଏ ମହିନ୍ଦ୍ରା ଅଟୋ (ନଂ.ଓଡ଼ି-୦୩-ଜେ-୦୪୦୩) ଜବତ କରିଛି। ଏହାସହ ଚୋରିରେ ସାମିଲ ଥିବା ସର୍ଗିପାଲି ଗ୍ରାମର ଜଗନ୍ନାଥ ଦାଶ (୨୧) ଏବଂ ଦେଓଗାଁ ଥାନା ମୁରସିଙ୍ଗ ଗ୍ରାମର ଭୁବନେଶ୍ୱର ଓରଫ ଭୁବନେ ଭୋଇ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରିରେ ସାମିଲ ଥିବା ଅନ୍ୟ ଦୁଇ ଜଣ ଫେରାର ଥିବା ପ୍ରଧାନୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଖଗପତି ବିଶ୍ୱାଳ, ଏସ୍‌ଆଇ ଆଲୋକ ଭୋଇଙ୍କ ସମେତ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଖବର ପ୍ରକାଶ ପରେ ନଳକୂପ ମରାମତି କରାଗଲା



ମାଲପଡ଼ା ଗ୍ରାମରେ ଖରାପ ହୋଇଥିବା ନଳକୂପକୁ ମରାମତି କରି ସ୍ୱାଭାବିକ କରାଯାଇଛି।

ଲାଠୋର,୪।୪(ଭୁବନେଶ୍ୱର ବାରିକ)

**ଧରିତ୍ରୀ ପ୍ରଭାବ**

ଖପ୍ରାଖୋଲ ବ୍ଲକ ଅଧୀନ ମାଲପଡ଼ା ପଞ୍ଚାୟତ ସଦର ମାଲପଡ଼ା ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପରୁ କୌଣସି କାରଣବଶତଃ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମରେ ଥିବା ହାତଗଣତି ନଳକୂପ ଉପରେ ଗ୍ରାମବାସୀ ନିର୍ଭର କରି ଚଳୁଥିଲେ। ତେବେ ଗ୍ରାମର ଗୋଷ୍ଠୀ ଗୃହ ସମ୍ମୁଖରେ ଥିବା ନଳକୂପ ଉପରେ ପ୍ରାୟ ୫୦ ପରିବାର ନିର୍ଭର କରୁଥିବା ବେଳେ ଏହା ପ୍ରାୟ ଦୁଇ ମାସ ହେବ ଖରାପ ଥିଲା। ବହୁ କଷ୍ଟରେ ଲୋକ ଲୁହା ରଡ଼ ସାହାଯ୍ୟରେ ଏହି ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଥିଲେ। ଏ ସମ୍ପର୍କରେ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦୈନିକ ଧରିତ୍ରୀରେ 'ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଖପ୍ରାଖୋଲ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଉକ୍ତ ନଳକୂପକୁ ମରାମତି କରାଯାଇଛି। ଫଳରେ ଗ୍ରାମବାସୀ ସୁବିଧାରେ ଉକ୍ତ ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା।

# କରୁଆଁଝର ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



ଖଡ଼ିଛୁଆଁ ଉତ୍ସବରେ କୁନି ଛାତ୍ରୀଛାତ୍ର।

ଲାଠୋର,୪।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ନୂତନ ଶିକ୍ଷାବର୍ଷ ଆରମ୍ଭ ଉପଲକ୍ଷେ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ଆଡମ୍ବରପୂର୍ଣ୍ଣ ପ୍ରବେଶ ଉତ୍ସବ ଓ ଛୋଟ ପିଲାମାନଙ୍କ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୂଆ କରି ବିଦ୍ୟାଳୟ ପରିବେଶକୁ ଆସିଥିବା ବିଦ୍ୟାର୍ଥୀମାନଙ୍କୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ। ଏଥିସହିତ ପ୍ରଥମ ଥର ପାଇଁ ଶିକ୍ଷା ଜଗତରେ ପାଦ ଥାପିଥିବା କୁନି କୁନି ପିଲାଙ୍କ ପାଇଁ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଡ଼ିଛୁଆଁ ପର୍ବ ପାଳନ କରାଯାଇଥିବା ବେଳେ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଥିଲା। ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଶିକ୍ଷୟିତ୍ରୀ ଶିକ୍ଷକମାନେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦେବାଶିଷ ସାହୁ, ସତ୍ୟବାନ ସାହୁ, କୃଷ୍ଣଚନ୍ଦ୍ର ଭୁଏ, ଜିତେନ୍ଦ୍ର ସର୍ଭଙ୍ଗ, ଆକାଶ କୁମାର ସାହୁ, ନୀଳାମ୍ବର କୁମ୍ଭାର, ଜଗବନ୍ଧୁ ନାଗ ଏବଂ ପ୍ରମିତ ନାଏକ ପ୍ରମୁଖ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ନନ୍ଦ, ସୁନୀତା ବାର୍ଲା, ଜ୍ୟୋତି କାଲୋ ଏବଂ ସରିତା ନାଗ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଓ ଖଡ଼ିଛୁଆଁ ନୀତିକାନ୍ତି ତୁଲାଇବାରେ ସହଯୋଗ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ନୂତନ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଆକାଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଟୋ ଉଦ୍ଧାର ସହ ୩ କୋର୍ଟ ଚାଲାଣ

ଦେଓଗାଁ,୪।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଡକୁଆପଡାରୁ ମାସେ ତଳେ ଚୋରି ହୋଇଥିବା ଅଟୋକୁ ପୋଲିସ ଉଦ୍ଧାର କରିଥିବା ବେଳେ ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଟିଟିଲାଗଡ ଥାନା ଖଲିଆପଡାର ପୁରୁଷୋତ୍ତମ ସାହୁ, ବଲାଙ୍ଗୀର ଇଚ୍ଛାପଡାର ରୂପାଧର ବେହେରା, ଲକ୍ଷ୍ମୀଯୋର ଥାନା ରାଜେନ୍ଦ୍ରପଡାର କୈଳାଶ ଭୋଇ। ପ୍ରକାଶ ଯେ, ଗତ ମାର୍ଚ୍ଚ ମାସ ୨ତାରିଖ ରାତିରେ ଡକୁଆପଡାର ମନୋଜ ନାଏକଙ୍କ ଘର ସମ୍ମୁଖରୁ ଏକ ଅଟୋ (ନଂ ଓଡି୦୩ପି ୨୨୧୫) ଚୋରି ହୋଇଯାଇଥିଲା । ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିଲା । ଶୁକ୍ରବାର ଅଟୋକୁ ଟିଟିଲାଗଡ ଥାନା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଥିଲା । ଏନେଇ ଅଧିକ ତଦନ୍ତ ଜାରୀ ରହିଥିବା ଥାନାଧିକାରୀ ସବିତା ଠେମରିଆ ସୂଚନା ଦେଇଛନ୍ତି ।

# ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

ଦେଓଗାଁ,୪।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବନ୍ଧପଡାରେ କଳସ ଶୋଭାଯାତ୍ରା।

ଦେଓଗାଁ ବ୍ଲକର ବନ୍ଧପଡାରେ ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ହେବା ସହ ନାମାରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବନ୍ଧରେ ପୂଜାର୍ଚ୍ଚନା ପରେ ମହିଳା ପୁରୁଷ ପୂର୍ଣ୍ଣ କଳସ ଧାରଣ କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶନିବାର ନାମାରମ୍ଭ ହୋଇଛି । ଯଜ୍ଞକର୍ତ୍ତା ଭାବେ ଗୋପାଳ ଚନ୍ଦ୍ର ସିଂ ନିନା ଓ ତାଙ୍କ ସ୍ତ୍ରୀ ମମତା ସିଂ ନିନା ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ରାଜେଶ ଶତପଥୀ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ବନ୍ଧପଡା, ଛତିଶଗଡ ଭାଟିପଡା ମହିଳା ସଂକୀର୍ତ୍ତନ, ଧୂମାଭଟା, ଆମଘାଟ, ସିଆଲଯୋର, ପୁରୁନାପାନି, ବରକାନୀ, ପେଣ୍ଡରାଣୀ ମହିଳା, ଟପର୍ଣ୍ଣା, ଖଇରମାଳ, ପାଇକବାହାଲ,କର୍ଲା, ଦେଷଣ୍ଡ, ଜାମବୁଆଁ ମହିଳା, ସୁଲେକେଲା, କୁଲେରବାହାଲି, ଖୁଲାନ, ସୁନ୍ଦିରୀଭନା, ଦନ୍ଦାବାହାଲ ଆଦି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଡୁଡୁକାରେ ମହିଷାସୁର ଦରବାର

ଲୋଇସିଂହା,୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଦର ମହକୁମା ଡୁଡୁକା ଗ୍ରାମରେ ନବନିର୍ମିତ ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଏହି ଉତ୍ସବ ଅବସରରେ ଆୟୋଜକ କମିଟି ତରଫରୁ ମହିଷାସୁର ଦରବାର ଅନୁଷ୍ଠିତ ହେଉଛି। ଶୁକ୍ରବାର ପ୍ରଥମ ରଜନୀରେ ଦରବାରରେ ଗ୍ରାମ୍ୟ ମଙ୍ଗଳ କମିଟି ସଭାପତି ବଳରାମ ପଟେଲ,ସମ୍ପାଦକ ଶୁଧି ପଟେଲ,ମନ୍ଦିର ପରିଚାଳନା କମିଟି ସଭାପତି ଧନଞ୍ଜୟ ପଟଲେ, ସରପଞ୍ଚ ଅଶୋକ ପଟେଲ, ବୀରେନ ନାୟକ,ଡୁଡୁକା ଗ୍ରାମ୍ୟ ଗଉନ୍ତିଆ ଅଶୋକ ପଟେଲ, ଯାଦବ ସମାଜ ସଭାପତି ତରୁଣ ପୋଢ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମିଳିତ ଉଦ୍ୟମରେ ଅଞ୍ଚଳର ସାମୂହିକ ବିକାଶ ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ଦରବାର ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଚେତନତା ପଦଯାତ୍ରାର ଶୁଭାରମ୍ଭ




ସଚେତନତା ପଦଯାତ୍ରା ବଲାଙ୍ଗୀର ସହର ପରିକ୍ରମା କରୁଛି।

## 'ଓଡ଼ିଆରେ ନାମଫଳକ ଲେଖା' ଅଭିଯାନ

ବଲାଙ୍ଗୀର,୪।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଡିଭିଜନାଲ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର 'ଓଡ଼ିଆରେ ନାମଫଳକ ଲେଖା ଅଭିଯାନ' ସଚେତନତା ପଦଯାତ୍ରାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ପରିସରରୁ ଏହି ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ଓ ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ପତାକା ଦେଖାଇ ଏହି ପଦଯାତ୍ରାର ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର କୁମାର ମାଝି ଅତିଥି ଭାବେ ଉପସ୍ଥିତ ଥିଲେ । ପଦଯାତ୍ରା ସହର ପରିକ୍ରମା କରିଥିଲା। ଜନସାଧାରଣ ଓ ବ୍ୟବସାୟୀଙ୍କୁ ଯେ କୌଣସି ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଲେଖିବା ପାଇଁ ସଚେତନ କରାଯାଇଥିଲା। ଏହି ଅଭିଯାନରେ ସହକାରୀ ଶ୍ରମ ଅଧିକାରୀ କେଶବ ବେହେରା, ରଜନୀକାନ୍ତ ଛତ୍ରିଆ, ବିଭୁଦତ୍ତ ମଲ୍ଲିକ, ସୁଶ୍ରୀ ଦୀପା ନେଟି, ପ୍ରେମରଞ୍ଜନ ରଣା, ଅଭୟ କୁମାର ମହାକୁର, ରାଜୀବ କୁମାର ମହାନ୍ତି, ଗ୍ରାମୀଣ ଶ୍ରମ ନିରୀକ୍ଷକ ଅଶୋକ କୁମାର ଡୁଙ୍ଗଡୁଙ୍ଗଙ୍କ ସହ ଶ୍ରମ ବିଭାଗ କର୍ମଚାରୀମାନେ ସାମିଲ ଥିଲେ।

# ଫାସଡ଼ ପୋଲ ତଳକୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍: ଜଣେ ମୃତ

ଲୋଇସିଂହା,୪।୪(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ଫାସଡସ୍ଥିତ ସୁକତେଲ ନଦୀ ପୋଲ ତଳକୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସିମେଣ୍ଟ ବୋଝେଇ ଟ୍ରକ(ନଂ ଓଡି୧୪ ଏଇ୫୬୫୬) ଖସି ପଡିଛି । ଏହି ଭୟଙ୍କର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଓଜାରୁମାଲ ଗ୍ରାମର ଗଣେଶ ନାଗ(୩୨) ଓ ଆହତ ହେଲେ ସମୀର ଖାଲକେ(୩୫) । ପୋଲିସ ଓ ଅଗ୍ନିଶମ ବାହିନୀ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇଛି। ଏନେଇ ଥାନା(ନଂ ୭୪।୨୬)ରେ ଏକ ମାମଲା ରୁଜୁ ହୋଇଛି । କେଉଁ ପରିସ୍ଥିତିରେ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେଲା, ଲୋଇସିଂହା ପୋଲିସ ତଦନ୍ତ ଚଳାଇଛି।



ପୋଲ ତଳକୁ ଖସି ପଡିଥିବା ସିମେଣ୍ଟ ବୋଝେଇ ଟ୍ରକ୍।

ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରୁ ନବରଙ୍ଗପୁର ଅଭିମୁଖେ ଉକ୍ତ ସିମେଣ୍ଟ ବୋଝେଇ ଟ୍ରକ ଯାଉଥିଲା। ଲୋଇସିଂହାଠାରୁ ମାତ୍ର ୬ କିମି ଦୂରରେ ଫାସଡ ସୁକତେଲ ନଦୀ ପୋଲ । ଉକ୍ତ ଟ୍ରକଟି ପୋଲ ପାଚେରିରେ ଧକ୍କା ହୋଇ ୫୦ ଫୁଟ ନଦୀ ତଳକୁ ଖସି ଓଲଟି ପଡିଥିଲା । ଫଳରେ ଟ୍ରକରେ ଥିବା ୨ ଜଣ ବ୍ୟକ୍ତି ଚାପି ହୋଇ ଯାଇଥିଲେ । ଖବର ପାଇ ଲୋଇସିଂହା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଲୋଇସିଂହା ଅଗ୍ନିଶମ ବାହିନୀ ଆହତଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଅତ୍ୟାଧୁନିକ କଟର ନ ଥିବାରୁ ଅନ୍ୟ ଜଣଙ୍କୁ ଉଦ୍ଧାର ପାଇଁ ବଲାଙ୍ଗୀର ଅଗ୍ନିଶମ ବାହିନୀକୁ ଆସିବାକୁ ପଡିଥିଲା। ଫଳରେ ଦୀର୍ଘ ସମୟ ଧରି ଗଣେଶ ଟ୍ରକ ତଳେ ଚାପି ହୋଇ ରହିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିଥିଲା । ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ବୁର୍ଡା ଠାରେ ଜିଲାର ପ୍ରମୁଖ ଲୋଇସିଂହା ଅଗ୍ନିଶମ କାର୍ଯ୍ୟାଳୟ ରହିଛି । ଅନେକ ସମୟରେ ଦୁର୍ଘଟଣା ନେଇ କଲ୍ ହେଉଛି। କିନ୍ତୁ ସରକାରଙ୍କ ତରଫରୁ ଅଦ୍ୟାବଧି ଅତ୍ୟାଧୁନିକ କଟର ଓ ଯନ୍ତ୍ରପାତି ଯୋଗାଣ ହୋଇ ନ ଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ଦେଖାଦେଉଛି । ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

**ଖଇରମାଲ ରାମଲୀଳା: ମହୀରାବଣ ବଧ**

ଅମରପାଲି,(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଇରମାଲରେ ଚାଲିଥିବା ଶ୍ରୀରାମ ଲୀଳା ମହୋତ୍ସବ ଚଳିତବର୍ଷ ୫୮ ବର୍ଷରେ ପହଞ୍ଚିଛି। ଶନିବାର ରାମଲୀଳାର ସପ୍ତମ ରଜନୀରେ ମହୀରାବଣ ବଧ ଦୃଶ୍ୟ ଅଭିନୀତ ହୋଇଥିଲା। ମହାଦେବ ଭୂମିକାରେ ସଞ୍ଜୀବ ପାତ୍ର, ପାର୍ବତୀ ସୁଦାମ ମହାକୁର, ରାମ ଭୂମିକାରେ ଚନ୍ଦ୍ରମଣି ବଗର୍ତ୍ତି, ଲକ୍ଷ୍ମଣ ସୌମିତ୍ରୀ ପଧାନ, ଦଶରଥ ସୁଦାମ କ୍ଷେତି, ସୁମନ୍ତ୍ର ଦଶରଥ ବଗର୍ତ୍ତି, କୈକେୟୀ ନେତ୍ରମଣୀ ବଗର୍ତ୍ତି, କୌଶଲ୍ୟା କ୍ଷମାନିଧି ବାଙ୍କ, ମନ୍ଥରା ଅନ୍ତର୍ଯାମୀ ପଧାନ, ବଶିଷ୍ଠ ରାତ୍ରମଣୀ ରଣା ଭୂମିକାରେ ଅଭିନୟ କରୁଛନ୍ତି। ଏହା ଦେଖିବାକୁ ପ୍ରତି ରଜନୀରେ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହେଉଛି।



# ପୁନଃ ଅବସ୍ଥାପିତ ଆଦେଶର ହାଇକୋର୍ଟଙ୍କ ସ୍ଥଗିତାଦେଶ

ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)

ହାଇକୋର୍ଟଙ୍କ ନିର୍ଦ୍ଦେଶ ତଥା ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବଙ୍କ ପରାମର୍ଶକ୍ରମେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ସରପଞ୍ଚ ଭାବେ ଗଣନାଥ ସାହୁ ମାର୍ଚ୍ଚ ୨୫ରେ ପୁନଃ ଅବସ୍ଥାପିତ ହୋଇଥିଲେ। ଏହି ଆଦେଶ ବିରୋଧରେ ପଞ୍ଚାୟତର ୭ ୱାର୍ଡ ସଭ୍ୟ ହାଇକୋର୍ଟରେ ରିଟ୍ ଅପିଲ କରିଥିଲେ। ଏହାର ବିଚାରକରି ହାଇକୋର୍ଟର ଦ୍ୱିତୀୟ ଖଣ୍ଡପୀଠ ହାଇକୋର୍ଟର ପ୍ରଥମ ଖଣ୍ଡପୀଠଙ୍କ ରାୟ ଓ ରାଜ୍ୟ ସରକାରଙ୍କ ପୁନଃ ଅବସ୍ଥାପିତ ନିର୍ଦ୍ଦେଶ ଉପରେ ଆସନ୍ତା ୩ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଏପ୍ରିଲ ୨୦ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟଙ୍କ ସ୍ଥଗିତାଦେଶ ଜାରି ହୋଇଛି। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଶନିବାର ପଞ୍ଚାୟତର ୱାର୍ଡ ସଭ୍ୟା କବିତା ସା, ତପସ୍ୱିନୀ ଭୁଏ, କୁମୁଦିନି ବାଘ, ସୁଶିଳା ସେଠ୍, ସଭ୍ୟ ମନରଞ୍ଜନ ଖମାରୀ, ଅଯୋଧ୍ୟା ଭୋଇ ଓ ବିଶ୍ୱାମିତ୍ର ସେଠ୍ ଜିଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ



ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପାଇକବାହାଲ ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତରଭା ବିଡିଓ ଏ ସମ୍ପର୍କରେ ଚିଠି କରିଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚ ପିଙ୍କି ସିକା ପୁଣି ପୂର୍ବ ଭଳି ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ମାମଲା କରୁଥିଲେ।

ସୂଚନା ଅନୁଯାୟୀ, ପଞ୍ଚାୟତର ଲଗାତର ତିନୋଟି ମାସିକ ବୈଠକ କରି ନ ଥିବା ଅଭିଯୋଗରେ ସରପଞ୍ଚ ଗଣନାଥ ସାହୁଙ୍କୁ ଗତ ୧୨।୯।୨୦୨୪ରେ ପୂର୍ବତନ ଜିଲାପାଳ ଅନ୍ୟା ଦାସ ପଦରୁ ବହିଷ୍କାର କରିଥିଲେ। ପଞ୍ଚାୟତର ନାଏବ ସରପଞ୍ଚ ସରପଞ୍ଚ ଦାୟିତ୍ୱରେ ରହିଥିଲେ। ସେହି ନିର୍ଦ୍ଦେଶକୁ ଗଣନାଥ ପ୍ରଥମେ ପଞ୍ଚାୟତିରାଜ ବିଭାଗ ଓ ପରେ ଓଡିଶା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାର କରି ଜିଲାପାଳଙ୍କ ଦ୍ୱାରା କରା ଯାଇଥିବା ବହିଷ୍କାର ଆଦେଶକୁ ଖାରଜ କରିଦେଇ ପଞ୍ଚାୟତିରାଜ ବିଭାଗ ୪ ସପ୍ତାହ

**ପାଇକବାହାଲ ସରପଞ୍ଚ ଦାୟିତ୍ୱରେ ରହିବେ ନାଏବ ସରପଞ୍ଚ**

ମଧ୍ୟରେ ଏହାର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପଞ୍ଚାୟତିରାଜ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଗଣନାଥ ପୁଣି ଥରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାର ବିଚାର କରି ହାଇକୋର୍ଟ ଗତ ୧୯।୩।୨୦୨୬ରେ ଗଣନାଥ ସାହୁଙ୍କୁ ସରପଞ୍ଚ ଭାବେ ପୁନଃ ଅବସ୍ଥାପିତ କରିବାକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ କରିଥିଲେ। ପଞ୍ଚାୟତିରାଜ ବିଭାଗ ଏକ ଘୋଷଣାନାମା ଜାରି କରି ଗଣନାଥଙ୍କୁ ସରପଞ୍ଚ ଭାବରେ ପୁନଃ ଅବସ୍ଥାପିତ କରିବାକୁ ସୁବର୍ଣ୍ଣପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ପୁଣି ସ୍ଥଗିତାଦେଶ ଜାରି ହୋଇଛି। ଫଳରେ ଏହି ପଞ୍ଚାୟତରେ ଗତ ଦେଢ ବର୍ଷ ହେଲା ସରପଞ୍ଚ ପଦବୀକୁ ନେଇ ଟଣା ଓଟରା ଲାଗି ରହିଛି।

# ୬ରେ ଏଏପିର ବୀରମହାରାଜପୁର ବନ୍ଦ ଡାକରା




ବୀରମହାରାଜପୁର ବନ୍ଦ ପାଇଁ ଆହୂତ ଖବରଦାତା ସମ୍ମିଳନୀରେ ଏଏପି ନେତୃବର୍ଗ।

ବୀରମହାରାଜପୁର,୪।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରୁ ଅବାଧରେ ଚାଲିଛି ବାଲି ଚୋରା ଚାଲାଣ। ମହାନଦୀ ଦୁର୍ଦ୍ଦୁରା ଘାଟ, କେଉଟପାଲି ଘାଟ, ହରିହର ଯୋର ବାଗବର, କୃଷ୍ଣପାଲି ଅଞ୍ଚଳରୁ ଚୋରା ଚାଲାଣ ଚାଲିଥିଲେ ହେଁ ଏହାକୁ ରୋକିବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଛି ଆମ ଆଦମୀ ପାର୍ଟି(ଏଏପି)। ଆସନ୍ତା ୬ତାରିଖ ସୋମବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆଠ ଘଣ୍ଟିଆ ବୀରମହାରାଜପୁର ବନ୍ଦ ପାଳନ କରାଯିବ

**ବାଲି, ଖଣି ଚୋରାଚାଲାଣ ବନ୍ଦ ଦାବି**

ବୋଲି ଦଳର ଜିଲା ସଭାପତି ପୃଥ୍ୱୀରାଜ ଜଗଦଲା କହିଛନ୍ତି। ବୀରମହାରାଜପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏ ନେଇ ଶନିବାର ଏଏପି ତରଫରୁ ଏକ ଖବରଦାତା ସମ୍ମିଳନୀ ଏହି ସୂଚନା ଦିଆଯାଇଛି। ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ ସୁରେଶ କଲତା, ରଞ୍ଜନ ମେହେର, ରାଜୁ ଲୁହା ଉପସ୍ଥିତ ଥିଲେ। ଦଳ ପକ୍ଷରୁ କୁହାଯାଇଛି ନଦୀ ଓ ଯୋରରୁ ବାଲି ଚୋରାଚାଲାଣ ଯୋଗୁ ଜଳସ୍ରୋତ କମି ଯାଇ ଅଞ୍ଚଳରେ ଥିବା ଅନେକ କୂପ, ନଳକୂପର ପାଣି ଶୁଖି ଯାଉଛି ଏବଂ ରାଜସ୍ୱହାନୀ ହେଉଛି। ଏହା ସହିତ ଜଙ୍ଗଲ କାଟି ଧଳା ପଥର ମଧ ଚୋରା ଚାଲାଣ କରାଯାଉଛି। ଏହି ବନ୍ଦରେ ସମସ୍ତ ସରକାରୀ, ବେସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ। ଏପରିକି ଯାନବାହାନ ଚଳାଚଳ ବନ୍ଦ ରହିବ। ବନ୍ଦକୁ ସଫଳ କରିବାକୁ ଦଳ ତରଫରୁ ନିବେଦନ କରାଯାଇଛି।

# ଶୈଶବ ଶିକ୍ଷାର ମୂଲ୍ୟବୋଧ ଉପରେ ଗୁରୁତ୍ୱ

## ଜିଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା



ଅତିଥି ବୃନ୍ଦ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ସୋନପୁର,୪।୪(ମତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ତରଫରୁ ଜିଲାସ୍ତରୀୟ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ତେବେ ବିଳମ୍ବରେ ଉତ୍ସ ଆୟୋଜନ ଓ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସୋନପୁର ଓ ବିନିକା ବ୍ଲକ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମନ ମିଶ୍ର, ପୂର୍ବତନ ପୌରପାଳ କଇରୁ ସ୍ୱାଇଁ ଓ ମଝିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନାୟକ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ପୂର୍ବରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥିମାନେ ତାଙ୍କ ମତ ରଖି ଶୈଶବ ଶିକ୍ଷାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟକୁ ନୂଆ କରି ଆସୁଥିବା ଶିଶୁ ଯେମିତି ଏହାକୁ ନିଜର ଘର ଭାବିବ ସେହି ଭଳି ପରିବେଶ ସୃଷ୍ଟି କରିବାକୁ କହିଥିଲେ। ବିଦ୍ୟାଳୟରେ ଡ୍ରପଆଉଟ ସଂଖ୍ୟା ଯେମିତି କମିବ ସେ ଦିଗରେ ଯତ୍ନଶୀଳ ହେବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ନୂଆ କରି ଆସିଥିବା ଶିଶୁ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ମାନଙ୍କ ଦ୍ୱାରା ଖଡ଼ି ଛୁଆଁ କରି ବିଦ୍ୟାଳୟରେ ପ୍ରବେଶ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ତିନୋଟି ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଘନଶ୍ୟାମ ମିଶ୍ର କଣ୍ଢେଇ ନାଚ ପରିବେଷଣ କରିଥିଲେ। ଏ ହିମାଂଶୁ ଭୂଷଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ସଚେତନତା ପାଇଁ ବାହାରିଲା ଶିକ୍ଷା ରଥ

**ବୀରମହାରାଜପୁରରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ**

ବୀରମହାରାଜପୁର,୪।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମଳପୁର ସ୍କୁଲର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ସମ୍ମାନିତ ଅତିଥି ଭାବେ ଏମ୍‌ପିନୋମିନିନଳିନୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରନା ଡୁଙ୍ଗ ଡୁଙ୍ଗ ଯୋଗଦେଇଥିଲେ। ଶିଶୁମାନେ ଠିକ୍ ସମୟରେ ପାଠ ପଢ଼ିବେ, ଜଣେ ବି ଛାତ୍ରୀ ଛାତ୍ର ଅଧାରୁ ପାଠ ଛାଡିବେ ନାହିଁ ସେ ଉପରେ ଧ୍ୟାନ ଦେବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ନୂତନ ଛାତ୍ରୀମାନଙ୍କୁ ଖାତା, ବହି ଓ ବ୍ୟାଗ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ସୁବଳ କର୍ଣ୍ଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସାଧନ କେନ୍ଦ୍ର ସଂଯୋଜକ ଦିଗାମ୍ବର ଶତପଥୀ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ମହାକୁଡ଼ଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି ରଥ ୮ତାରିଖ ପର୍ଯ୍ୟନ୍ତ ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ପରିକ୍ରମା କରିବ। ଏହି ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶିକ୍ଷା ବିଭାଗ ତରଫରୁ ସୂଚନା ଦିଆ ଯାଇ ନ ଥିଲା।

# ୯ ଘରୋଇ, ୩ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଜବତ

ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜନିତ କାରଣରୁ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଅଭାବ ଦେଖାଦେଇଛି। ଏହାର ପ୍ରଭାବ ସୁବର୍ଣ୍ଣପୁର ଜିଲାରେ ଦେଖିବାକୁ ମିଳିଛି। ହୋଟେଲ, ଉଠା ଦୋକାନୀ ଓ ଫାଷ୍ଟ ଫୁଡ୍ ଦୋକାନୀମାନେ ସମସ୍ୟାରେ ପଡିଛନ୍ତି। ଏଲ୍‌ପିଜି ରିଫିଲିଂ ପାଇଁ ଗ୍ରାହକଙ୍କୁ ବୁକିଂ କରି ଦୀର୍ଘ ଦିନ ଅପେକ୍ଷା କରିବାକୁ ପଡୁଛି। ତେବେ ଘରୋଇ ଗ୍ରାହକଙ୍କୁ ଗ୍ୟାସ ସିଲିଣ୍ଡର ମିଳୁ ନ ଥିବା ବେଳେ ଅସାଧୁ ବ୍ୟବସାୟୀମାନେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ କଳାବଜାରରେ ଚଢାଦରରେ ବିକ୍ରି କରୁଛନ୍ତି। ହୋଟେଲ, ଫାଷ୍ଟଫୁଡ୍ ଦୋକାନୀ ଘରୋଇ ଏଲ୍‌ପିଜି ଗ୍ୟାସ୍ ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ମିଳିବା ପରେ ବେଆଇନ ଭାବେ ସବ୍‌ସିଡିଯୁକ୍ତ ଘରୋଇ ଇନ୍ଧନ ଗ୍ୟାସ୍ ବ୍ୟବହାର କରୁଥିବା ହୋଟେଲ ଓ ଫାଷ୍ଟ ଫୁଡ୍ ଦୋକାନ ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ନୀରଦ ରଞ୍ଜନ ଦାସଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ମାଜିଷ୍ଟ୍ରେଟ୍ ତଥା ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଓ ପୋଲିସ ଟିମ୍ ଉପସ୍ଥିତିରେ ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାୟକଙ୍କ ନେତୃତ୍ୱରେ ଗଠିତ ଟିମ୍ ସୁବର୍ଣ୍ଣପୁର ସହର ଘୋଡାଘାଟପଡା ସ୍ଥିତ ଓଁ ଗଣପତି ହୋଟେଲ ଓ ରାଜ ଫୁଡ୍ କର୍ଣ୍ଣରରେ ଶନିବାର ଚଢାଉ କରିଥିଲେ। ବେଆଇନ ଭାବେ ବ୍ୟବହାର କରା ଯାଉଥିବା



ସୁବର୍ଣ୍ଣପୁର ସହର ର ଏକ ହୋଟେଲରୁ ମାଜିଷ୍ଟ୍ରେଟ୍, ପୋଲିସ ଟିମ୍ ଉପସ୍ଥିତିରେ ଯୋଗାଣ ବିଭାଗ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ କରୁଛି।

- **ହୋଟେଲ, ଫାଷ୍ଟଫୁଡ୍ ଦୋକାନରେ ଚଢାଉ**
- **ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ଅନୁଯାୟୀ ୨ ମାମଲା ରୁଜୁ**

୯ଟି ଘରୋଇ ଗ୍ୟାସ ସିଲିଣ୍ଡର ଓ ୩ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଗଣପତି ହୋଟେଲର ମାଲିକ ଯମେଶ ପାଣ୍ଡେଙ୍କ ନିକଟରୁ ଇଣ୍ଡେନ କମ୍ପାନୀର ୨ଟି ଓ ଏଚ୍‌ପି କମ୍ପାନୀର ୧ଟି ଖାଲି ଘରୋଇ ଏଲ୍‌ପିଜି ସିଲିଣ୍ଡର, ରାଜ ଫୁଡ କର୍ଣ୍ଣର ମାଲିକ ଇରାଦତ ଖାନଙ୍କ ନିକଟରୁ ୬ଟି ଘରୋଇ ଏଲପିଜି ସିଲିଣ୍ଡର, ୨ଟି ୧୯କିଲୋ ବିଶିଷ୍ଟ ବ୍ୟବସାୟିକ ସିଲିଣ୍ଡର ଓ ଗୋଟିଏ ୫କିଲୋ ବିଶିଷ୍ଟ ଘରୋଇ ସିଲିଣ୍ଡର ଯୋଗାଣ ବିଭାଗ ଜବତ କରିଛି। ଘରୋଇ ଓ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର କରୁଥିବା ହୋଟେଲ ଓ ଫାଷ୍ଟଫୁଡ ମାଲିକ ମାନେ କୌଣସି କାଗଜପତ୍ର ଦେଖାଇ ପାରି ନଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ କୋର୍ଟରେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ୧୯୫୫ ଅନୁଯାୟୀ ୩ଟି ପୃଥକ ମାମଲା ରୁଜୁ କରାଯାଇଛି। ଜବତ ଗ୍ୟାସ ସିଲିଣ୍ଡରଗୁଡିକୁ ସମ୍ପୃକ୍ତ କମ୍ପାନୀର ବିତରକଙ୍କୁ ଜିମା ଦିଆଯାଇଛି। ସୋନପୁର ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆ, ସୋନପୁର ଥାନାର ଏଏସଆଇ ସୁଶାନ୍ତ କୁମାର ମିଶ୍ର, ସଦର ସହକାରୀ ଯୋଗାଣ ଅଧିକାରୀ ରେବତୀସ ସିଂ ନାୟକ, ସୁବର୍ଣ୍ଣପୁର ପୌରପରିଷଦ ସହକାରୀ ଯୋଗାଣ ଅଧିକାରୀ ଜଗନ୍ନାଥ ଭୋଇ ଓ ସୋନପୁର ବ୍ଲକ ଯୋଗାଣ ନିରୀକ୍ଷକ ପ୍ରତ୍ୟାଷା ମିଶ୍ର ଏହି ଚଢାଉରେ ସାମିଲ ଥିଲେ। ବେଆଇନ ଭାବେ ଘରୋଇ ଏଲ୍‌ପିଜି ବ୍ୟବହାର କରୁଥିବା ଅନ୍ୟ ହୋଟେଲ ଓ ଜଳଖିଆ ଦୋକାନ ଗୁଡିକରେ ପର୍ଯ୍ୟାୟକ୍ରମେ ଏଭଳି ଚଢାଉ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଉଲୁଣ୍ଡା ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ



ଗୌଡ଼ଗାଁରେ ଅନୁଷ୍ଠିତ ଖଡିଛୁଆଁ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୁନି ପିଲାମାନେ।

ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗୌଡଗାଁ ୟୁପି ସ୍କୁଲରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ଅଜୟ ଲୁହାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବକୁ ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଲୋକଙ୍କୁ ସଚେତନ କରିବା ସହ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବିଇଓ ଅଜୟ ଲୁହା, ସରପଞ୍ଚ ଅଶୋକ ପଣ୍ଡା ଓ ଏବିଇଓ ମୁକେଶ ଭୋଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏହି ଅବସରରେ ନୂତନ ଭାବରେ ଆସିଥିବା କୁନି ଶିଶୁଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ଖଡ଼ି ଛୁଆଁଇ ଉତ୍ସାହିତ କରିଥିଲେ। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ କିଟ୍ ବଣ୍ଟନ କରାଯାଇ ଥିଲା। ପ୍ରଧାନ ଶିକ୍ଷକ ସନ୍ତୋଷ ଖୁରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିଆରସିସି ବିଶ୍ୱଜିତ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ।

# ୟୁନିଟ୍ ପରିଦର୍ଶନ କଲେ ସିଡିଏମ୍‌ଆଣ୍ଡପିଏଚ୍‌ଓ

**କିଡ୍‌ନୀ ଡାଏଲିସିସ୍ ୟୁନିଟ୍‌ରେ ଏସି ଅଚଳ ଘଟଣା**

**ନୂଆ ଏସି କିଣା ହେଲା, ରୋଗୀଙ୍କ କଷ୍ଟ ଦୂର ହେବ**

ସୋନପୁର,୪।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ କିଡ୍‌ନୀ ଡାଏଲିସିସ୍ ୟୁନିଟ୍‌ର ରୋଗୀଙ୍କ ପାଇଁ ଶନିବାର ନୂଆ ଏସି କିଣାଯାଇଛି। ରବିବାର ଏହା କାର୍ଯ୍ୟକ୍ଷମ ହେବ। ସିଡିଏମଆଣ୍ଡପିଏଚ୍‌ଓ ଡାକ୍ତର ଉଷାରାଣୀ ଦାଶଙ୍କ ତାଗିଦ୍ ପରେ ଡାଏଲିସିସ୍ ୟୁନିଟ୍ ପରିଚାଳନା ଦାୟିତ୍ୱରେ ଥିବା ପଞ୍ଜାବ ଚଣ୍ଡରଗଡର ରାହି କେୟାର ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା ନୂଆ ଏସି କିଣିଛି। ଡିଏଚ୍‌ଏଚ୍ ପରିସରରେ ଥିବା ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଛି କିଡ୍‌ନୀ ଡାଏଲିସିସ୍ ୟୁନିଟ୍। ଏଥିରେ ଲାଗିଥିବା ୨ଟି ଏସି ଗତ ୨ ବର୍ଷ ଧରି ଅଚଳ ହୋଇ ପଡିଥିଲା। ୟୁନିଟ୍ ପରିଚାଳନା ଦାୟିତ୍ୱରେ ଥିବା ବେସରକାରୀ ସଂସ୍ଥା କି ଡାକ୍ତରଖାନା କର୍ତ୍ତୃପକ୍ଷ ଏସି ସଜାଡି ନ ଥିଲେ। ଶନିବାର ଏ ସମ୍ପର୍କରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା।



ସିଡିଏମ୍‌ଆଣ୍ଡପିଏଚ୍‌ଓ, ଏଡିଏମଓ ମେଡିକାଲ ଓ ହସ୍ପିଟାଲ ମ୍ୟାନେଜର ୟୁନିଟ୍ ପରିଦର୍ଶନ ସହ ରୋଗୀଙ୍କ ସହିତ ଆଲୋଚନା କରୁଛନ୍ତି।

ପରିଚାଳନାଗତ ଓ ପ୍ରଶାସନିକ ଅବ୍ୟବସ୍ଥା ପାଇଁ ଡାକ୍ତରଖାନାରେ କିଭଳି ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି ତାହା ଦର୍ଶାଯାଇଥିଲା। ଏହି ୟୁନିଟ୍‌ରେ ୩ଟି ସିଫ୍ଟରେ ଦୈନିକ ୨୧ ଜଣଙ୍କର ଡାଏଲିସିସ୍ ହେଉଥିଲା ବେଳେ ପ୍ରଚଣ୍ଡ ତାତି ପାଇଁ ରୋଗୀଙ୍କ ଜୀବନ ଦୁର୍ବିସହ ହୋଇପଡିଥିଲା। ନିୟମ ଅନୁଯାୟୀ ୨୫ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ରୋଗୀଙ୍କ ଡାଏଲିସିସ୍ ହେବା କଥା। କିନ୍ତୁ ୟୁନିଟ୍ ପରିସରରେ ୧୨ଟି ୟୁପିଏସ୍ ଥିବା ବେଳେ ବିନା ଏସିରେ ଅଧିକ ତାପମାତ୍ରାରେ ରୋଗୀଙ୍କୁ ଚିକିତ୍ସିତ ହେବାକୁ ପଡୁଥିଲା। କିଡ୍‌ନୀ ରୋଗୀଙ୍କ ରକ୍ତ ପରିଷ୍କାର ପାଇଁ ପ୍ରାୟ ୩ ରୁ ୪ଘଣ୍ଟା ସମୟ ଲାଗିଥାଏ। ମାତ୍ର ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦିଆ ଯାଇନଥିଲା। ଖବର ପ୍ରକାଶ ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦାଶ ଶନିବାର ଏଡିଏମ୍‌ଓ ମେଡିକାଲ ତଥା ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାଶ ଓ ଡାକ୍ତରଖାନା ପରିଚାଳକ ବି କେ ସାଗରିକାଙ୍କ ସହିତ ୟୁନିଟ୍ ପରିଦର୍ଶନ କରିଥିଲେ। ରୋଗୀଙ୍କ ସହିତ କଥା ହେବା ସହ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କିଡ୍‌ନୀ ରୋଗୀଙ୍କ ପାଇଁ ଏସିର ଆବଶ୍ୟକତା ଅନୁଭବ କରି ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଦାଶ ରାହି କେୟାର ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡିଙ୍କ ସହିତ କଥା ହୋଇଥିଲେ। ୨୪ ଘଣ୍ଟା ଭିତରେ ଏସି ଲଗାଇବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା।

**ଧରିତ୍ରୀ ପ୍ରଭାବ**

**ରାବଣ ପୋଡ଼ି ମହୋତ୍ସବ**

ରେଢ଼ାଖୋଲ,(ସନ୍ତୋଷ ବଘାର): ରେଢ଼ାଖୋଲଠାରେ ରାମନବମୀ ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶନିବାର ରାବଣ ପୋଡି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରଥସାହିସ୍ଥିତ ରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ମିନିଷ୍ଟାଡିୟମଠାରେ ପହଞ୍ଚିଥିଲା। ଦେବୋତ୍ତର ବିଭାଗ ପକ୍ଷରୁ ଆୟୋଜିତ ରାବଣର ବିରାଟ ପୁତୁଳିକାରେ ଅଗ୍ନିସଂଯୋଗ କରାଯାଇଥିଲା। ସହରର ଶହ ଶହ ଲୋକ ଏକତ୍ରିତ ହୋଇ ରାବଣ ପୋଡିକୁ ଉପଭୋଗ କରିଥିଲେ। ଏହି ଉତ୍ସବରେ ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ, ତହସିଲଦାର ରାମଗୋବିନ୍ଦ ପରିଡା, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ମ୍ୟାନେଜର ରାଜେଶ ସାହୁ, ଅରୁଣ ପ୍ରଧାନ, ଦେବୋତ୍ତର ସଦସ୍ୟବୃନ୍ଦ ଯୋଗ ଦେଇଥିଲେ।

# ଶିକ୍ଷା ଡିଗ୍ରୀ ହାସଲ ନୁହେଁ, ସମାଜ ଗଠନର ମାଧ୍ୟମ

## ଆଇଆଇଏମ୍ ସମ୍ବଲପୁରର ୧୦ମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ଶିକ୍ଷା କେବଳ ଡିଗ୍ରୀ ହାସଲ କରିବା ନୁହେଁ, ବରଂ ଏହା ସମାଜ ଓ ଦେଶ ଗଠନରେ ନିଜର ଦାୟିତ୍ୱକୁ ବୁଝିବାର ଏକ ମାଧ୍ୟମ। ଶନିବାର ସମ୍ବଲପୁର ଆଇଆଇଏମ୍‌ର ୧୦ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହା କହିଛନ୍ତି। ଆଇଆଇଏମ୍ କୋଣାର୍କ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ବକ୍ତବ୍ୟ ରଖି ସେ ଆଇଆଇଏମ ସମ୍ବଲପୁରର ଶିକ୍ଷାଗତ ନବସୃଜନ ଓ ସାଂସ୍କୃତିକ ସମ୍ମିଶ୍ରଣ ତଥା ଶିକ୍ଷାଦାନ ଶୈଳୀ ଏବଂ ଏହାର ବୈଶ୍ୱିକ ମାନଦଣ୍ଡକୁ ପ୍ରଶଂସା କରିଥିଲେ। ଏମ୍‌ବିଏ, ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଓ ପିଏଚ୍‌ଡି ସମାପ୍ତ କରିଥିବା ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କମ୍ଭମପାଟି କହିଥିଲେ, କେବଳ ଚାକିରି ପଛରେ ନ ଗୋଡ଼ାଇ ସେମାନେ ନୂତନ ଉଦ୍ୟୋଗୀ ହୁଅନ୍ତୁ। କୋଭିଡ୍ ସମୟର ଆହ୍ୱାନ ଏବଂ ସେଥିରୁ ମିଳିଥିବା ଶିକ୍ଷା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଯୁକ୍ତି ବିଦ୍ୟାର ସଠିକ୍ ବ୍ୟବହାର କରି କିପରି ସମସ୍ୟାର ସମାଧାନ କରାଯାଇପାରିବ, ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ଆଇଆଇଏମ୍ ସମ୍ବଲପୁରର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଜଣେ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରୁଛନ୍ତି।

**୪୧୬ କୃତୀ ଛାତ୍ରୀଛାତ୍ର ପାଇଲେ ଡିଗ୍ରୀ**

ଓଡ଼ିଶାର ବିକାଶରେ ଆଇଆଇଏମ୍ ଭଳି ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ମତ ଦେଇଥିଲେ।

ଏହି ଅବସରରେ ରାଜ୍ୟପାଳ ଅନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମର ମୋଟ ୪୧୬ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ। ସେଥିମଧ୍ୟରେ ଏମ୍‌ବିଏ ବ୍ୟାଚରୁ ୩୧୪ ଜଣ, ଏକ୍‌ଜିକ୍ୟୁଟିଭ ଏମ୍‌ବିଏରୁ ୭୫, କାର୍ଯ୍ୟରତ ପେସାଦାରଙ୍କ ପାଇଁ ଉଦ୍ଦିଷ୍ଟ ଏମ୍‌ବିଏରୁ ୧୭ ଜଣ ଛାତ୍ରୀଛାତ୍ରୀଙ୍କ ସମେତ ୧୦ଜଣ ପିଏଚ୍‌ଡି ସ୍କଲାର ରହିଛନ୍ତି। ଚଳିତ ବ୍ୟାଚରେ ୭୬ ପ୍ରତିଶତ ମହିଳା ସ୍ନାତକ ରହିଥିବା ଅନୁଷ୍ଠାନର ଲିଙ୍ଗଗତ ବିବିଧତା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଶ୍ରୀଜନ ଚକ୍ରବର୍ତ୍ତୀ, ବର୍ଷା ସମୀର ମେହେର, ପ୍ରିୟଙ୍କା ରଥ, ଅଲୱିନ ଫ୍ରାନ୍ସିସ, ଚିରାଗ କୁନ୍ଦ୍ରା, ଏସ୍.କେ. ଆଫତାବୁଦ୍ଦିନ ମହମ୍ମଦ, ରାଜକିଶୋର କର ଓ ଆଲୋକ ଶୁକ୍ଲାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ମାନ୍ୟା ସିଂଙ୍କୁ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥିଭାବେ ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷା ପ୍ରତିଭା ମହାପାତ୍ର ଯୋଗଦେଇ ପରିବର୍ତ୍ତିତ ବିଶ୍ୱରେ ନିଜକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ କହିଥିଲେ, ଆଇଆଇଏମ୍ ସମ୍ବଲପୁର ଆଗାମୀ ଦୁଇବର୍ଷ ମଧ୍ୟରେ ଏହାର କ୍ୟାମ୍ପସ୍ ଭିତ୍ତିଭୂମିକୁ ଦ୍ୱିଗୁଣିତ କରିବା ସହ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ଶିକ୍ଷାକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର ଯୋଗୁ ଏହି ଅନୁଷ୍ଠାନ ଆଜି ହାଭର୍ଡ ବିଜିନେସ ସ୍କୁଲର ସମକକ୍ଷ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ସେ ବିଗତ ଦିନରେ ଅନୁଷ୍ଠାନର ୧୦ଟି ଅନନ୍ୟ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ସମାବର୍ତ୍ତନ ଉତ୍ସବ ପରିଚାଳନା କମିଟିର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ ଅନୁଷ୍ଠାନର ଏହି ଉଲ୍ଲେଖନୀୟ ଅଭିବୃଦ୍ଧି ଓ ଅନ୍ତର୍ଜାତୀୟ ମାନ୍ୟତା ଉପରେ ଆଲୋକପାତ କରିଥିଲେ।

## ୬ରୁ ଜିଏମ୍‌ୟୁରେ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା





ଖବରଦାତା ସମ୍ମିଳନୀରେ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଉଛନ୍ତି କୁଳପତି।

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ)ରେ ଚଳିତବର୍ଷ ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବ। ଆସନ୍ତା ୬ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରୀଡ଼ା ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଶେଷ ହୋଇଛି ବୋଲି କହିଛନ୍ତି କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ। କୁଳପତିଙ୍କ ସଭାକକ୍ଷରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇ କହିଛନ୍ତି, କ୍ରୀଡ଼ା ମହୋତ୍ସବ ଆୟୋଜନ ପାଇଁ ଜିଏମ୍‌ୟୁକୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାର ୧୪ ବିଶ୍ୱବିଦ୍ୟାଳୟର ୫୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଆଥଲେଟ୍ ଦୂତୀ ଚାନ୍ଦ ସ୍ୱତନ୍ତ୍ର ଅତିଥି, ସମ୍ମାନିତ ଅତିଥି ଭାବେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଜନସମ୍ପର୍କ ଅଧିକାରୀ ଡ଼ ଅତୁଲ କୁମାର ପ୍ରଧାନ କହିଛନ୍ତି, ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୮ଟି ସ୍ୱତନ୍ତ୍ର ୬ରୁ ୮ ଜଣିଆ କମିଟି ଗଠନ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖେଳସୂଚୀ ସ୍ଥିର କରାଯାଇଛି। ପ୍ରତ୍ୟହ ଦୁଇଟି ପର୍ଯ୍ୟାୟରେ ପ୍ରତିଯୋଗିତା ଆୟୋଜନ ହେବେ। ଥ୍ରୋଇଂ ଇଭେଣ୍ଟଗୁଡିକ ଜିଏମ୍‌ୟୁ କ୍ୟାମ୍ପସରେ ଅନୁଷ୍ଠିତ ହେବ ଓ ଅନ୍ୟ ସମସ୍ତ ଟ୍ରାକ୍ ଏଣ୍ଡ ଫିଲ୍ଡ ଇଭେଣ୍ଟଗୁଡ଼ିକ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, ଶାରୀରିକ ଶିକ୍ଷା ଅଧିକାରୀ ଦିବ୍ୟାନି ଶୁକ୍ଳା, ଲିଙ୍ଗରାଜ ହେବେର ଉପସ୍ଥିତ ଥିଲେ।

## ୫୦.୪୦ ଗ୍ରାମ ବ୍ରାଉନ୍ ସୁଗାର ଜବତ, ୫ ଗିରଫ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ପୁଣି ଜବତ ହେଲା ବ୍ରାଉନସୁଗାର। ଶନିବାର ଧନୁପାଲି ଥାନା ଡିୟର ପାର୍କ ନିକଟ ବିଏସ୍ଏନ୍ଏଲ କୋଠା ପାର୍ଶ୍ୱସ୍ଥ ଏକ ନିର୍ଜନ ସ୍ଥାନରେ ଚଢ଼ାଉ କରି ପୋଲିସ ପ୍ରାୟ ୫୦.୪୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି କାର୍ଯ୍ୟରେ ଲିପ୍ତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଧନୁପାଲି ଥାନା ଭାତ୍ରା ଗାନ୍ଧୀମନ୍ଦିର ଅଞ୍ଚଳର ସୁଦୀପ ମହାନନ୍ଦ, ଚାରବାଟିର ଯୋଗେଶ ଓରାମ, ରାମପାଲ ଓରାମ, ଧମା ଥାନା ଗୁଣ୍ଡେରପୁରର ପ୍ରେମାନନ୍ଦ ନାଗ ଓ ସଦର ଥାନା ଅନ୍ତର୍ଗତ କଣ୍ଟେପାଲିର ସୋମନାଥ ପ୍ରଧାନ। ସେମାନଙ୍କ ନିକଟରୁ ପୋଲିସ ବ୍ରାଉନ୍ ସୁଗାର ସହିତ ୪ଟି ମୋବାଇଲ୍ ଫୋନ, ଗୋଟିଏ ସ୍କୁଟି ଏବଂ ନଗଦ ୧୨,୪୦୦ ଟଙ୍କା ଜବତ କରିଛି। ଏନେଇ ଧନୁପାଲି ଥାନାରେ ଏକ ମାମଲା(ନଂ.୧୩୭/୨୦୨୬ରେ ଏକ ଅବକାରୀ ମାମଲା ରୁଜୁ ହୋଇଛି।

## ରିଲ୍ସ ପାଇଁ ବାଇକ୍ ଚୋରି କରି ଗିରଫ

କୁଚିଣ୍ଡା,୪।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ଯୁବକ ରିଲ୍ସ ନିଶାରେ ଏକ ଦାମୀ ବାଇକ ଚୋରି କରି ଗିରଫ ହୋଇଛନ୍ତି। ଗିରଫ ଯୁବକ କୁଚିଣ୍ଡା ଥାନା ନୂଆଗାଁର ଅନନ୍ତ ସେଉଲ(୨୦)। ଧିରଜ ପଟେଲଙ୍କ ରିପୋର୍ଟକ୍ରମେ ପୋଲିସ କୁଚିଣ୍ଡା ଥାନାରେ ଦଫା ୩୦୩(୨)ବିଏନ୍ଏସ (ନଂ.୬୭/୨୬)ମାମଲା ରୁଜୁ ହୋଇଛି। କୁଚିଣ୍ଡା ପୋଲିସ ଅଭିଯୁକ୍ତଙ୍କୁ ତାଙ୍କ ନୂଆଗାଁ ସ୍ଥିତ ଘରୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ପୋଲିସ ଚୋରି ହୋଇଥିବା ଦାମୀ କେଟିଏମ ବାଇକ (ନଂ.ଓଡି ୧୫ଆର ୯୫୨୨)କୁ ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ମହୁଲପାଲି ଥାନା ତୁରେଇନିକ୍ରିମାଲ ଗ୍ରାମର ଧିରଜ ପଟେଲ ଘରଭଡ଼ା ନେଇ କୁଚିଣ୍ଡାରେ ରହୁଥିଲେ। ବୁଧବାର ଭଡାଘର ସମୁଖରୁ ତାଙ୍କ ଦାମୀ କେଟିଏମ ବାଇକ ଚୋରି ହୋଇଥିଲା। ଏ ନେଇ ସେ କୁଚିଣ୍ଡା ଥାନାରେ ଏତଲା ଦେଇଥିଲେ। ଅଭିଯୁକ୍ତ ଯୁବକ ଜଣକ ରିଲସ ପାଇଁ ଦାମୀ ବାଇକ ଚୋରି କରିଥିବା ସ୍ୱୀକାର କରିଥିବା ପୋଲିସ କହିଛି।

**ସଂକ୍ଷେପରେ**

## ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ

ସମ୍ବଲପୁର,୪।୪(ବି.ଶଙ୍କର)

ସମ୍ବଲପୁର ଯୁଗ୍ମଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ଶନିବାର ପାଳିତ ହୋଇଛି। ପକ୍ଷ ପାଳନର ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଏବଂ ଡେପୁଟି ଜିଲାପାଳ ଅମୃତ ଲାଲ ଶୁଭାରମ୍ଭ କରିଥିଲେ। ଜିଲା ଶ୍ରମ ଅଧିକାରୀ ଓ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ ଅନୁଯାୟୀ, ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ଉଦ୍ଦେଶ୍ୟରେ ସଚେତନତା ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ମ୍ୟୁନିସିପାଲଟି ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରେଙ୍ଗାଲି,୪।୪(ଦେବବ୍ରତ ପଣ୍ଡା)

ରେଙ୍ଗାଲି ବ୍ଲକ ବୋମାଲୋଇ କ୍ଲଷ୍ଟର ବିଞ୍ଝିପାଲି-କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆଦିତ୍ୟ ଆଲୁମିନା ଲପଙ୍ଗାର ଜଗନ୍ନାଥ ପ୍ରସାଦ ନାୟକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ସିଏସଆର୍ ମୁଖ୍ୟ ରବି ନିବାସ, ପ୍ରଶାନ୍ତ କୁମାର ମିର୍ଦ୍ଧା, ଗଙ୍ଗାଧର ମିର୍ଦ୍ଧା, ଗୁନମନି ସାହୁ, ହରିବନସ ବାଙ୍କା ଅତିଥି ଭାବେ ଯୋଗ ଦେଇଥିଲେ। ସଭାକୁ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଦିତ୍ୟ ଆଲୁମିନିୟମ ପକ୍ଷରୁ ଛାତ୍ରଛାତ୍ରଙ୍କ ଉଦ୍ଦେଶ୍ୟରେ ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଥିଲା।

## ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ

ରେଙ୍ଗାଲି, ୪।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଶନିବାର ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ଜରାୟୁ କର୍କଟ ରୋକିବା ପାଇଁ ଏହି ଟିକାକରଣର ଶୁଭାରମ୍ଭ କରାଯାଇଛି। ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଶୁଭମ ସିଂହଙ୍କ ସହିତ ଫାର୍ମାଶିଷ୍ଟ ସୁରେନ୍ଦ୍ର ମୋହନ ବେହେରା, ଲଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ଆଲୋକ ଚନ୍ଦ୍ର ବେହେରା, ପିଏଚଇଓ ଯଦୁମଣି ଗଣିକ, ବିଡିଏମ ବୁଲୁ ପ୍ରଧାନ ଉପସ୍ଥିତ ଥିଲେ। ୧୪ରୁ ୧୫ବର୍ଷ ଭିତର କିଶୋରୀମାନେ ପ୍ରତ୍ୟେକ ଦିନ ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଟିକା ନେଇ ପାରିବେ।

# ଶିକ୍ଷାଲାଭ କରି ଦେଶ ଉନ୍ନତିରେ ଅଂଶୀଦାର ହୁଅ

ସମ୍ବଲପୁର,୪।୪(ବି.ଶଙ୍କର)

ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଶନିବାର ପୂର୍ବାହ୍ନରେ ସମ୍ବଲପୁର ସହରସ୍ଥିତ ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଛି। ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଲାଭ କରି ଦେଶର ଉନ୍ନତିରେ ଅଂଶୀଦାର ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ଗୁଣାତ୍ମକ ଶିକ୍ଷାଦାନ ଓ ଜିଲାରେ ଶତ ପ୍ରତିଶତ ସାକ୍ଷରତା ହାର ହାସଲ କରିବା ଆମର ଲକ୍ଷ୍ୟ ବୋଲି ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ କହିଥିଲେ। ସଭାରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ମିଶ୍ର ଶିଶୁବାଟିକାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ଖଡିଛୁଆଁ କରାଇବା ସହ ଶିକ୍ଷଣ କିଟ୍ ପ୍ରଦାନ କରିଥିଲେ। ଏଥିସହ ସେ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ସଚେତନ ଅଭିଯାନକୁ ଶୁଭାରମ୍ଭ କରିଥିଲେ। ନୂଆ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ସ୍ୱାଗତ ବକ୍ତବ୍ୟ ପ୍ରଦାନ ଏବଂ ଅନ୍ୟତମ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ଗୋଷ୍ଠୀ ଶିକ୍ଷାଧିକାରୀ କରଣ ଶର୍ମା ସୂଚନା ପ୍ରଦାନ କରିଥିଲେ। ଲେଡି ଲୁଇସ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ବୁଢାରଜା ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ଅସୀମ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକ, ଧନକଉଡା ବ୍ଲକର ସାଧନ କେନ୍ଦ୍ର ସଂଯୋଜକମାନେ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସ ଉତ୍ସବକୁ ପରିଚାଳନା କରିଥିଲେ।





ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ**

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଡେବ୍ରିଗଡ଼

**ସଫଳତାର ନୂଆ ଶିଖରରେ ଡେବ୍ରିଗଡ଼ ଇକୋଟୁରିଜମ**

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ସହ ରାଜସ୍ୱ ମଧ୍ୟ ବୃଦ୍ଧି ପାଉଛି। ରାଜସ୍ୱ ଓ ପର୍ଯ୍ୟଟକଙ୍କୁ ନେଇ ୨୦୨୫-୨୬ ବର୍ଷରେ ସଫଳତାର ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଅଭୟାରଣ୍ୟ ପକ୍ଷରୁ ୬.୦୨ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି, ଯାହା ଗତବର୍ଷର ୫.୦୧ କୋଟିର ରାଜସ୍ୱ ଆୟକୁ ଟପିଛି। ସେହିଭଳି ଚଳିତବର୍ଷ ଅଭୟାରଣ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୧.୪ ଲକ୍ଷ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ସେଥିମଧ୍ୟରେ ୫୦ପ୍ରତିଶତ ଓଡ଼ିଶାର ହୋଇଥିବାବେଳେ ଅବଶିଷ୍ଟ ଭାରତର ବିଭିନ୍ନ ରାଜ୍ୟ ସହିତ ଫ୍ରାନ୍ସ, ଇଟାଲୀ, ଆମେରିକା, ବ୍ରିଟେନ, ଫିନ୍‌ଲାଣ୍ଡ, କାନାଡା, ୱେଷ୍ଟଇଣ୍ଡିଜ, ସ୍ପେନ୍, ଆୟରଲାଣ୍ଡ ଓ ଜର୍ମାନୀ ଆଦି ଦେଶର ବୋଲି ଜଣାପଡ଼ିଛି। ଏହି ସଫଳତା ପଛରେ 'ନେଚର ହୋମ୍‌ଷ୍ଟେ' ଭାବେ ପରିଚିତ ଢୋଡ୍ରକୁସୁମ ହୋମ୍‌ଷ୍ଟେ ଏବଂ ଅଭିନବ ୨ କିମି ଦୀର୍ଘବିଶିଷ୍ଟ ବାର୍ଡିଂ ଟ୍ରେଲ ବା ପକ୍ଷୀ ନିରୀକ୍ଷଣ ପଥର ବିଶେଷ ଅବଦାନ ରହିଛି ବୋଲି ସୂଚନା ଦେଇଛନ୍ତି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ। ସେ ଅଭୟାରଣ୍ୟର ବିଗତ ଏକବର୍ଷର ସଫଳ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ଡେବ୍ରିଗଡ଼ କେବଳ ପର୍ଯ୍ୟଟନସ୍ଥଳୀ ହୋଇ ରହିନାହିଁ, ବରଂ ଏହା ସ୍ଥାନୀୟ ଜନଜାତିଙ୍କ ପାଇଁ ଜୀବିକାର ପ୍ରମୁଖ ଉତ୍ସ ସାଜିଛି। ଏଠାରେ ପ୍ରାୟ ୧୨୦ଟି ପରିବାର ଜଙ୍ଗଲ ସଫାରି, ନୌକା ଚାଳନା ଏବଂ ହୋମଷ୍ଟେ ପରିଚାଳନା ତଥା ଆଇଲ୍ୟାଣ୍ଡ କାଫେ ଭଳି ଅଭିନବ ପ୍ରୟାସ ସ୍ଥାନୀୟ ଲୋକଙ୍କ ଆର୍ଥିକ ସ୍ଥିତିରେ ବଡ଼ ପରିବର୍ତ୍ତନ ଆଣିଛି। କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମଧ୍ୟରେ ପାଖାପାଖି ୪୦ ପ୍ରତିଶତ ମହିଳା ନିୟୋଜିତ ହୋଇଛନ୍ତି।

ଢୋଡ୍ରକୁସୁମ ଗ୍ରୀନ୍ ଭିଲେଜର ହୋମଷ୍ଟେଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଆଦିବାସୀ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାଦ୍ୱାରା ପ୍ରାକୃତିକ ସମ୍ପଦ ଉପରେ ଚାପ ହ୍ରାସ ପାଇବା ସହ ସ୍ଥାନୀୟ ଯୁବପିଢ଼ି ନିଜ ଅଞ୍ଚଳରେ ହିଁ ସମ୍ମାନଜନକ ଜୀବିକା ଉପାର୍ଜନରେ ସଫଳ ହୋଇଛନ୍ତି। ତେବେ ଏହି ପର୍ଯ୍ୟଟନ ମଡେଲରେ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତ ଆର୍ଥିକ କାରବାର କ୍ୟାଶଲେସ୍ କରାଯାଉଛି ଏବଂ ଆଦାୟ ହେଉଥିବା ରାଜସ୍ୱର ଏକ ବଡ଼ ଅଂଶ ଗ୍ରାମର ବିକାଶ ଓ କର୍ମଚାରୀଙ୍କ ଦରମା ବାବଦରେ ଖର୍ଚ୍ଚ କରାଯାଉଛି ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ଦାସ।

ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଗ୍ଲାସ୍ ରୁଫିଙ୍ଗ୍ ଥିବା ଷ୍ଟାରଗେଜିଂ ରୁମ୍, ଆଇଲ୍ୟାଣ୍ଡ କାଫେ ଏବଂ ହୀରାକୁଦ କ୍ରୁଜ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି। ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ଧ୍ୟାନ ଦେଇ ପର୍ଯ୍ୟଟନ ନିୟମକୁ କଡ଼ାକଡ଼ି କରାଯାଇଛି, ଯେଉଁଥିପାଇଁ ଗୟଳ, କଳରାପତରିଆ ବାଘ ଏବଂ ବିରଳ ପ୍ରଜାତିର ପକ୍ଷୀଙ୍କୁ ପର୍ଯ୍ୟଟକମାନେ ସହଜରେ ଦେଖିବାକୁ ପାଉଛନ୍ତି। ଏହି ଗ୍ରୀଷ୍ମଋତୁ ଶେଷ ସୁଦ୍ଧା ୩୨ଟି ନୂତନ କଟେଜ୍, କ୍ୟାନୋପି ୱାକ୍ ଏବଂ ଅଧିକ ସଂଖ୍ୟକ ସଫାରି ଗାଡ଼ି ଓ ବୋଟ୍ ସାମିଲ କରିବାକୁ ବନ୍ୟପ୍ରାଣୀ ବିଭାଗ ଲକ୍ଷ୍ୟ ରଖିଛି। ଯଦ୍ୱାରା ଡେବ୍ରିଗଡ଼ ଅଭୟାରଣ୍ୟ ପର୍ଯ୍ୟଟନ ମାନଚିତ୍ରରେ ନିଜ ସ୍ଥାନ ସୁଦୃଢ଼ କରିପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ଅଭୟାରଣ୍ୟର ଏହି ସଫଳ ଉପଲବ୍ଧିକୁ ନେଇ ତାଙ୍କ ବାର୍ତ୍ତାରେ ରାଜ୍ୟର ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପି.କେ.ଝା ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବେ ସଂରକ୍ଷଣ ଓ ସାମାଜିକ ବିକାଶର ଏକ ମଡେଲ୍ ଭାବେ ଉଭା ହୋଇଛି। ସେଠାରେ ପର୍ଯ୍ୟଟକଙ୍କ ପାଇଁ ସୁବିଧା ସୁଯୋଗକୁ ବ୍ୟାପକ କରାଯାଉଛି। ବିଶେଷ କରି ପର୍ଯ୍ୟଟନ ସୁବିଧାକୁ ଅଧିକ ସୁଦୃଢ଼ କରିବା ସହ ଏଠାରେ ରାତ୍ରିଯାପନ ପାଇଁ ନୂତନ ବ୍ୟବସ୍ଥା ଓ ଅତିରିକ୍ତ ଭିତ୍ତିଭୂମିର ବିକାଶ କରାଯାଉଛି, ଯାହା ପର୍ଯ୍ୟଟକଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନମ କରିବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।



ଡେବ୍ରିଗଡ଼ରେ ଇକୋ ଟୁରିଜମ୍ ହୋମ୍ ଷ୍ଟେ।





ଡେବ୍ରିଗଡ଼ ଅଭୟାରଣ୍ୟରେ ହରିଣଙ୍କୁ ଦେଖୁଛନ୍ତି ପର୍ଯ୍ୟଟକ।

- ୬ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ଆୟ
- ୧ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ

## ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,୪।୪(ସନ୍ତୋଷ ବଘାର)

ରେଢ଼ାଖୋଲ ଥାନା ବେତଗଡ଼ ଗ୍ରାମର ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ଗ୍ରାମର ପୁରୁଷୋତ୍ତମ ପାତ୍ର (୨୦)। ପୁରୁଷୋତ୍ତମ ଦିନବେଳା ଗାଧୋଇବା ପାଇଁ ଗାଁ ପାଖ ଚେକଡ୍ୟାମକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ବୁଡି ଯାଇଥିଲେ। ପାଖରେ ଥିବା ଗାଁ ଲୋକ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜ୍ୟୋତି ବିହାର ପରିସରସ୍ଥ ଜଙ୍ଗଲରେ ନିଆଁ

ସମ୍ବଲପୁର,୪।୪(ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଜ୍ୟୋତିବିହାର ପରିସରସ୍ଥ ଜଙ୍ଗଲରେ ଶନିବାର ନିଆଁ ଲାଗି ଶତାଧିକ ଗଛ ପୋଡ଼ି ଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ରରେ ନିଆଁ ଲାଗି ଅନ୍ୟ ଆଡ଼କୁ ବ୍ୟାପିଥିଲା। ସେଠାରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବୁର୍ଲା ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ପରେ ଛାଡ଼ି ଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜ୍ୟୋତିବିହାର ପରିସରସ୍ଥ ଏହି ନିଛାଟିଆ ଜଙ୍ଗଲ ଅଞ୍ଚଳ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳି ପାଲଟିଛି। ସେମାନେ ହିଁ ନିଆଁ ଲଗାଇଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଠ ମାସ ପୂର୍ବରୁ 'ଆଲୋକ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୨ ହଜାର ଫଳ ଗଛ ଲଗାଯାଇଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ।

ଧରିତ୍ରୀ 52 Years
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୫/୨୦୨୬ Bhubaneswar, Sunday, April 5/2026





ଓଡ଼ିଆ ପକ୍ଷ ପାଳନ ଅବସରରେ ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଲାଙ୍କ ହାତଧରି ସିଲଟରେ ଖଡ଼ି ଛୁଆଁଇବା ସହ ମା' ବାପା ଲେଖି ବିଦ୍ୟାରମ୍ଭ କରୁଛନ୍ତି। (ଫଟୋ: ବିକାଶ ନାୟକ)

# କୌଣସି ବି ଶିଶୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷରେ କୁନି କୁନି ପିଲା ନୂଆକରି ବିଦ୍ୟାଳୟ ପ୍ରବେଶ କରିଛନ୍ତି। ପିଲାଙ୍କ ହାତ ଧରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖଡ଼ି ଛୁଆଁଇଛନ୍ତି। ଏନେଇ ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାଙ୍କୁ ଖଡ଼ି ଓ ସିଲଟରେ ମା' ବାପା ଶବ୍ଦ ଲେଖାଇ ବିଦ୍ୟାରମ୍ଭ କରିଛନ୍ତି। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିବା ସହ ମା'ଙ୍କ ନାଁ କ'ଣ? ବାପାଙ୍କ ନାଁ କ'ଣ? ମାମୁ ଘର କେଉଁଠି? କ'ଣ ଖାଇକି ଆସିଛ? ଇତ୍ୟାଦି ପଚାରିଥିଲେ। ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ ପିଲାଙ୍କ ମନରେ ଉତ୍ସାହ ବୃଦ୍ଧି କରିବା ସହ ବିଦ୍ୟାରମ୍ଭକୁ ସହଜ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଉପସ୍ଥିତ ପିଲା ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇ କହିଲେ, ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି। ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ମା'ବାପାମାନେ ଉତ୍ସାହିତ ହେଉଛନ୍ତି। ଖଡ଼ିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତବର୍ଷଠାରୁ ଏହି ପରମ୍ପରାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଚଳିତବର୍ଷ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣପତ୍ର ବଣ୍ଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ଏହି ଉତ୍ସବର ଆରମ୍ଭ କରାଯାଇଛି। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନ ରୁହେ, ସେମାନେ କିପରି ଆଗ୍ରହ ଓ ଶ୍ରଦ୍ଧାର ସହିତ ପାଠପଢ଼ିବେ, ସେଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରଙ୍କ ଲକ୍ଷ୍ୟ ହେଉଛି ଶତପ୍ରତିଶତ ନାମଲେଖା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ☞ପୃଷ୍ଠା-୨

### ଶିଶୁବାଟିକାରେ ମିଶିବ ଅଙ୍ଗନୱାଡି

ଶିଶୁବାଟିକାରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ମିଶିବ। ପର୍ଯ୍ୟାୟକ୍ରମେ ଏହି ପ୍ରକ୍ରିୟା ଚାଲିବ ବୋଲି ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଲେ, ପ୍ରାଥମିକ ଶିକ୍ଷାକୁ ଆହୁରି ସୁଦୃଢ଼ କରିବାକୁ ପ୍ରତି ଗାଁରେ ମଡେଲ ସ୍କୁଲ ଖୋଲିବ। ୫ ଏକର ଜାଗାରେ ଗୋଦାବରୀଶ ମିଶ୍ର ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ବିଦ୍ୟାଳୟଗୁଡ଼ିକ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଇରାନ୍ ଖସାଇଲା ୨ ଆମେରିକୀୟ ଯୁଦ୍ଧବିମାନ

**ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ନୂଆ ମୋଡ଼ ନେଇଛି। ୨୪ ଘଣ୍ଟା ମଧ୍ୟରେ ଇରାନର ପ୍ରତିରକ୍ଷା ବାହିନୀ ଆମେରିକାର ୨ଟି ଅତ୍ୟାଧୁନିକ ଯୁଦ୍ଧବିମାନ 'ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ' ଏବଂ 'ଏ-୧୦ ୱାର୍ଥୋଗ'କୁ ଖସାଇ ଦେଇଛି। ଏହି ୨ ଯୁଦ୍ଧବିମାନର କ୍ରୁ ସଦସ୍ୟଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଆମେରିକାର ୨ଟି 'ବ୍ଲାକ୍ ହକ୍' ହେଲିକପ୍ଟର ମଧ୍ୟ ଇରାନ ଆକ୍ରମଣର ଶିକାର ହୋଇଛି। ଏଫ୍-୧୫ଇ ବିମାନରେ ଥିବା ୨ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ଉଦ୍ଧାର ହୋଇଥିବାବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ସେହିପରି ଏ-୧୦ ବିମାନ ଆକ୍ରମଣ ଶିକାର ହେବା ପରେ କୁଏଟ୍ ଅଞ୍ଚଳରେ ଖସିପଡ଼ିଛି। କିନ୍ତୁ ଏହାର ପାଇଲଟ୍ ପାରାଚ୍ୟୁଟ୍‌ରେ ଓହ୍ଲାଇ ଜୀବନ ବଞ୍ଚାଇଥିବା ଜଣାପଡ଼ିଛି। ଏହି ଘଟଣାରୁ ଇରାନ ଆକାଶମାର୍ଗରେ ଆମେରିକାର ସମ୍ପୂର୍ଣ୍ଣ ଆଧିପତ୍ୟ ଥିବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଥିବା ଦାବିକୁ ଶକ୍ତ ଧକ୍କା ଲାଗିଛି। ୨୦୨୬ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଅତର୍କିତ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ସେତେବେଳେ ସାମରିକ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିପୁଣ ଏହି ଦୁଇ ସହଯୋଗୀ ଭାବି ନ ଥିଲେ ଯୁଦ୍ଧ ଏତେଦିନ ଲମ୍ବିବ ଓ ନିଜକୁ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ। ୫ ସପ୍ତାହର ଯୁଦ୍ଧ ଭିତରେ ଇରାନ୍ ନିଜ ସୁପ୍ରିମ ଲିଡରଙ୍କୁ ହରାଇବା ସହ ତେହରାନ୍‌କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଛି। କିନ୍ତୁ ସାମ୍ପ୍ରତିକ ଘଟଣାବଳୀକୁ ଦେଖିଲେ ମନେହେଉଛି, ସତେଯେପରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧର ଜାଲରେ ଫସିଯାଇଛନ୍ତି। ଟ୍ରମ୍ପ୍ ଏବେ ଚାହିଁଲେ ବି ଯୁଦ୍ଧ ବନ୍ଦ କରିପାରୁ ନାହାନ୍ତି। ତାଙ୍କ ଦେଶର ଯୁଦ୍ଧବିମାନଗୁଡ଼ିକୁ ଇରାନ୍‌ର ଅର୍ଦ୍ଧସାମରିକ ବଳ 'ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍' (ଆଇଆର୍‌ଜିସି) ଯେପରି ଖସାଇଚାଲିଛି, ସେଥିରୁ ଗୋଟିଏ କଥା ପ୍ରମାଣିତ ହୋଇଛି ଯେ, ଇରାନ୍‌ର ସାମରିକ ମେରୁଦଣ୍ଡ ମଜଭୁତ୍ ରହିଛି। ଇରାନୀୟ ତୈଳ ଲୋଭରେ ମାଡ଼ିଆସିଥିବା ଆମେରିକା ଏବେ ନିଜେ ତେହରାନ୍‌ର ଶିକାର ପାଲଟିଯାଇଥିବା କୁହାଯାଉଛି।**



ଇରାନ ପକ୍ଷରୁ ଜାରି କରାଯାଇଥିବା ଆମେରିକୀୟ ଯୁଦ୍ଧ ବିମାନର ଭଗ୍ନାବଶେଷ ।

**ଦୁବାଇ/ କାଏରୋ, ୪।୪ (ଏ.ପି./ ରଏଟର୍ସ/ ସିଏନ୍‌ଏନ୍)**

ଆମେରିକାର ବହୁରାଷ୍ଟ୍ରୀୟ ମିଡିଆ କମ୍ପାନୀ ସିଏନ୍‌ଏନ୍‌ରେ ଶନିବାର ପ୍ରକାଶିତ ରିପୋର୍ଟ ଅନୁସାରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି ୩୬ ଦିନ ମଧ୍ୟରେ ଇରାନ୍‌ରେ ୟୁଏସ୍ ଅନ୍ୟୁନ ୭ଟି ଏୟାରକ୍ରାଫ୍ଟ ହରାଇଲାଣି। ସେଥିରୁ କେବଳ ଶୁକ୍ରବାର ୨ଟି ଯୁଦ୍ଧବିମାନକୁ ଇରାନ୍ ଖସାଇଛି। ଗୋଟିଏ ଆମେରିକା ବାୟୁସେନାର ଏଫ୍-୧୫ ଓ ଅନ୍ୟଟି ଏ-୧୦। ଏହା ପୂର୍ବରୁ ମାର୍ଚ୍ଚ ୨ରେ କୁଏଟ୍‌ର ଏୟାର ଡିଫେନ୍ସ ଭୁଲ୍‌ବଶତଃ ୩ ଆମେରିକୀୟ ଏଫ୍-୧୫କୁ ଖସାଇଥିଲା। ମାର୍ଚ୍ଚ ୧୨ରେ ଏକ କେସି-୧୩୫ ରିଫୁଏଲିଂ ଟ୍ୟାଙ୍କର ଇରାକ୍‌ରେ ଖସିପଡ଼ିବାରୁ ସେଥିରେ ଥିବା ୬ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଗତ ୨୭ରେ ଏକ ଇ-୩ ସେଣ୍ଟ୍ରି ଏୟାରକ୍ରାଫ୍ଟକୁ ଇରାନ୍ ଆକ୍ରମଣ କରି ସାଉଦି ଆରବର ପ୍ରିନ୍ସ ସୁଲତାନ୍ ଏୟାରବେସ୍‌ରେ ଖସାଇ ଦେଇଥିଲା। ଅନ୍ୟ ଏକ ଘଟଣାକ୍ରମେ ଆମେରିକାର ଏକ ଏଫ୍-୩୫ ଫାଇଟର ଜେଟ୍‌କୁ ଗତ ସପ୍ତାହରେ ଇରାନ୍ ଟାର୍ଗେଟ କରି ମଧ୍ୟପ୍ରାଚ୍ୟରେ ଥିବା ଏକ ଆମେରିକୀୟ ବେସ୍‌ରେ ଜରୁରୀ ଅବତରଣ କରାଇବାକୁ ବାଧ୍ୟ କରିଥିଲା।

ଯୁଦ୍ଧରେ ଆମେରିକା ଓ ଇସ୍ରାଏଲ୍ ବ୍ୟୟବହୁଳ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବାବେଳେ ଇରାନ୍ ଏହାର ଜବାବ ଦେବାକୁ ଯାଇ ଜୋର୍ଡାନ୍, ଇରାକ୍ ଓ ଆମେରିକୀୟ ସେନାଘାଟି ରହିଥିବା ଅନ୍ୟ ଗଲ୍ଫ ରାଷ୍ଟ୍ରରେ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣ କରୁଛି। କିନ୍ତୁ ଇରାନୀୟ ଅସ୍ତ୍ରଶସ୍ତ୍ର ସେତେ ଦାମୀ ନୁହେଁ ବୋଲି କୁହାଯାଉଛି। ୨ ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ, ଇରାନ୍‌କୁ ଆମେରିକା ସମ୍ପୂର୍ଣ୍ଣ ଭାବେ ହରାଇସାରିଛି। ଏହା ପରେ ଶୁକ୍ରବାର ଆମେରିକାର ୨ଟି ଏୟାରକ୍ରାଫ୍ଟକୁ ଇରାନ୍ ଖସାଇଦେବା ଘଟଣା ଟ୍ରମ୍ପ୍‌ଙ୍କ ଦାବିକୁ ମିଛ ପ୍ରମାଣିତ କରିଛି ବୋଲି ତାଙ୍କ ଇରାନୀୟ ☞ପୃଷ୍ଠା-୨




# କୂଅରେ କାର୍ ଖସି ପରିବାରର ୯ ମୃତ

**ନାଶିକ୍,୪।୪**

ମହାରାଷ୍ଟ୍ରର ନାଶିକ ଜିଲାରେ ଏକ ଖୋଲା କୂଅ ମଧ୍ୟକୁ କାର୍ ଖସିପଡ଼ିବାରୁ ଗୋଟିଏ ପରିବାରର ୯ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ପିଲା ରହିଥିବା ପୋଲିସ ଶନିବାର କହିଛି। ଶୁକ୍ରବାର ରାତି ୧୦ଟା ବେଳେ ଡିଣ୍ଡୋରି ସହରର ଶିବାଜୀନଗର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପିଲାମାନଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଦୁଃଖ ପ୍ରକାଶ କରିବା ସହ ସର୍ବସାଧାରଣ ସ୍ଥାନରେ ରହିଥିବା ଖୋଲା କୂପଗୁଡ଼ିକର ସୁରକ୍ଷା ଅଡିଟ୍ ତୁରନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ପରିବାରର ଏହି ସଦସ୍ୟମାନେ ଉକ୍ତ ଅଞ୍ଚଳରେ ଥିବା ଏକ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବାବେଳେ ସେମାନଙ୍କ କାର୍ ରାସ୍ତା ପାର୍ଶ୍ୱରେ ଥିବା ଖୋଲା କୂଅ ମଧ୍ୟରେ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଏବଂ ଜରୁରୀ ସେବା କର୍ମଚାରୀମାନେ ପହଞ୍ଚି ମଧ୍ୟରାତ୍ର ସୁଦ୍ଧା ୨ଟି କ୍ରେନ୍ ସହାୟତାରେ କୂଅ ମଧ୍ୟରୁ କାର୍ ଓ ଲୋକମାନଙ୍କୁ ବାହାର କରିଥିଲେ। ମୃତକମାନେ ଡିଣ୍ଡୋରି ତାଲୁକା ଅନ୍ତର୍ଗତ ଇନ୍ଦୋର ଗ୍ରାମର ଦାର୍‌ଗୁଡେ ପରିବାରର ସଦସ୍ୟ ବୋଲି ପୋଲିସ କହିଛି।

**ଆଜିର ସମ୍ପାଦକୀୟ**
କେବଳ ଦର୍ଶକ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଖିଳ ଭାରତ ଦଳିତ ଅଧିକାର ଆନ୍ଦୋଳନ ପକ୍ଷରୁ ରାଜ୍ୟସ୍ତରୀୟ କନ୍‌ଭେନ୍‌ଶନ୍, ସ୍ଥାନ: ସିପିଆଇ ରାଜ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓପିଟିସିଏଲ୍ ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ୮ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ରେଡ କ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟଜ୍ୟୋତି କଳା କେନ୍ଦ୍ର ପକ୍ଷରୁ ୪ର୍ଥ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠ, କଣ୍ଟାବାଡ଼, ସମୟ: ସକାଳ ୮ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଐତିହ୍ୟ ଗଣଦୌଡ଼, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସକାଳ ୬ଟା।
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ଅମ୍ବିକା ସାହିତ୍ୟ ସଂସଦର ବସନ୍ତ ଆସର, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଅଡ଼ା, ସିମୁଳିଆ, ସମୟ: ସକାଳ ୯ଟା।
- ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍, ମାର୍କୋଣା, ସମୟ: ପୂର୍ବାହ୍ନ ୧୦ଟା।
- ଶିଳାନ୍ୟାସ ପର୍ବ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ଏସୋସିଏଶନ୍‌ର ବାର୍ଷିକ ସମ୍ମିଳନୀ, ସ୍ଥାନ: ସିଦ୍ଧିକଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବସ୍ତା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହାସିକ ଗଣଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ଭଦ୍ରକ ପୋଲିସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ରଘୁନାଥ କନଭେନସନ ହଲ୍, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଚଞ୍ଚଳା ଦେବୀ ସାରସ୍ୱତ ଉତ୍ସବ–୨୦୨୬, ସ୍ଥାନ: ପ୍ରତାପପୁର, ନାଳଗୁଣ୍ଡା, ଚାନ୍ଦବାଲି, ସମୟ: ସକାଳ ୯ଟା।
- ନବଗ୍ରହ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାଲୁସାହି, ବାସୁଦେବପୁର, ସମୟ: ସକାଳ ୯ଟା।
- ବେଳାଭୂମି ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ, ସ୍ଥାନ: ତେନ୍ତୁଳିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ରଘୁନାଥ ମହାତୋଙ୍କ ୧୪୮ତମ ଶହୀଦ ଦିବସ, ସ୍ଥାନ: ସାହାରପଡ଼ା ବ୍ଲକ୍ କରମ ତୀର୍ଥ ଧାନବେଣୀ: ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରିପଦା, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ସିଂହଟିଆ ବଡ଼ସାହି ବ୍ଲକ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୬ ଟା।

## ଢେଙ୍କାନାଳ

- ଓଡ଼ିଆ ପକ୍ଷ ଉପଲକ୍ଷେ ଐତିହ୍ୟ ଗଣଦୌଡ଼, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦ ।

## ଅନୁଗୋଳ

- ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆତିଥ୍ୟ ଗଣଦୌଡ଼', ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ସକାଳ ୬ଟା।

## ଜଗତ୍‌ସିଂହପୁର

- ୬୩ ତମ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ ଜନ ସଂଗୋଷ୍ଠୀ, ସ୍ଥାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା।
- ପାଟକୁରା ପ୍ରତିଭା ସମ୍ମାନ ସମାରୋହ, ବାରୁଣୀ ପଡିଆ, କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା ।
- ସରପଞ୍ଚ ବିଦ୍ୟାଧର ସ୍ୱାଇଁଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ପବ୍ଲିକ ସ୍କୁଲ, ବଡତେରଗାଁ, ମହାକାଳପଡା, ସମୟ: ଅପରାହ୍ନ ୩ଟା ।
- ପାୟଲ ମ୍ୟୁଜିକର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଇନ୍ଦୁପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୪ଟା।
- ଗାୟତ୍ରୀ ପରିବାର ପକ୍ଷରୁ ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରଜ୍ଞାପୁରାଣ କଥା ପ୍ରବଚନ, ଗାୟତ୍ରୀ ପୀଠ, ବାଲିସାହିପାଟଣା, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ଅଷ୍ଟମପ୍ରହରୀ ନାମଯଜ୍ଞ, କ୍ରିୟାଯୋଗ ଆଶ୍ରମ, ପଦ୍ମପୁର, ଶାରଳା ପୀଠ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- କୈବର୍ତ୍ତ ସମ୍ପ୍ରଦାୟ ପକ୍ଷରୁ ଚିଥିପର୍ବ ଓ ଘୋଡାନାଚ, ଦେଉଳ କ୍ଷେତ୍ରପାଳ ଠାକୁରାଣୀ ପୀଠ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ମହାବୀର ମନ୍ଦିର, ବବକରପୁର, ଅଳାଇଲୋ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଓଡିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ : ଯାଜପୁର ବରାହପୀଠରୁ ହକି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୬ଟା।
- ଯାଜପୁର ଜିଲା ଶୌଣ୍ଡିକ ସମାଜର ବାର୍ଷିକ ବନ୍ଧୁ ମିଳନ, ସ୍ଥାନ : ଧର୍ମଶାଳା ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଓଁକାର ସୋସିଆଲ ଅର୍ଗାନାଇଜେଶନର ଓଁକାର ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ କେନ୍ଦୁଆ, ନାଥପୁର, ସମୟ: ସନ୍ଧ୍ୟା ୭ଟା।
- ତରାପୁର ମା ହିଙ୍ଗୁଳାଙ୍କ ବାର୍ଷିକ ଯଜ୍ଞ ଓ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ତରାପୁର ମା' ହିଙ୍ଗୁଳା ମନ୍ଦିର ପରିସର, ସମୟ: ରାତି ୮ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଉଦ୍‌ଯାପନ ଦିବସ, ସ୍ଥାନ:କଣ୍ଟିଲୋ ଫକିର ଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା ।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଉଦ୍‌ଯାପନ, ସ୍ଥାନ:କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ଜନଗଣନା ପାଇଁ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: ନୟାଗଡ଼ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।
- ଜନଗଣନା ପାଇଁ ତାଲିମ ଶିବିରର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦଶମ ଦିବସରେ ସୀତା ଠାବ ପର୍ବ ପାଇଁ ପୂଜାର୍ଚ୍ଚନା , ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା ।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟାବେଶରେ ଯୁଦ୍ଧଯାତ୍ରା ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ନବଦିନ ସନ୍ଧ୍ୟାବେଶରେ ଯୁଦ୍ଧଯାତ୍ରା ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟାବେଶରେ ପ୍ରବଚନ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୮ଟା ।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦଶମ ଦିବସ ରାତ୍ରରେ ମୁଖା ରାମଲୀଳାରେ ସୀତା ଠାବ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ: କାଳୀପୂଜା ଛକ, ରାୟଗଡ଼ା, ସମୟ: ସକାଳ ୭ଟା।
- ଭାରତୀୟ ମଜଦୁର ସଂଘ ତରଫରୁ ବ୍ଲକସ୍ତରୀୟ ବୈଠକ, ସ୍ଥାନ: ମୁନିଖୋଲସ୍ଥିତ କନିକା ପରମେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ ଅଫିସ୍ ଭିଡିଓ କନଫରେନ୍ସ ହଲ, ରାମନାଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣ ଦୌଡ଼, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା।

## ସମ୍ବଲପୁର

- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଅଙ୍କୁରାରୋପଣ ଓ ରତ୍ନମୁଦ ଉତ୍ସବ, ସ୍ଥାନ : କଚେରୀ ଛକ ନିକଟସ୍ଥ ହନୁମାନ ବାଟିକା, ସମୟ : ସକାଳ ୮ଟା ୩୦ ।
- ପ୍ରୟାସ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଫ୍ରେଜର କ୍ଲବ, ସମୟ : ସକାଳ : ୮ଟା ୩୦ ।
- ଗୁଡିଆ ବାବାକି ଜୟ ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ଚାଉଁରପୁର ନାମଯଜ୍ଞ କମିଟି ପକ୍ଷରୁ ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ମଧ୍ୟାହ୍ନ ୧୨ଟା ।

## ବଲାଙ୍ଗୀର

- 'ନୀତି, ଅନୀତି ଓ ରାଜନୀତି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ଡୁଡୁକା ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ମହିଷାସୁର ଦରବାରର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଡୁଡୁକା,ଆଗଲପୁର ବ୍ଲକ, ସମୟ : ରାତି ୮ଟା ।

## ରାଉରକେଲା

- ନୃତ୍ୟ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ:ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ: ସେକ୍ଟର–୭, ସମୟ: ପୂର୍ବାହ୍ନ ୧୦ଟା ।
- ବସନ୍ତ କାବ୍ୟ ଉତ୍ସବ–୨୦୨୬, ସ୍ଥାନ: ଛେଣ୍ଡ, ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ।

## ସୁନ୍ଦରଗଡ଼

- ଐତିହ୍ୟ ଗଣ ଦୌଡ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ, ସମୟ: ସକାଳ ୬ଟା୩୦ ।

## ବରଗଡ଼

- ପଦ୍ମପୁର ମାରୱଡି ଯୁବାମଞ୍ଚ ତରଫରୁ ରକ୍ତଦାନ ଶିବିର ଓ ସପଥ ଗ୍ରହଣ ସମାରୋହ, ସ୍ଥାନ: ମାରୱଡି ଧର୍ମଶାଳା, ପଦ୍ମପୁର, ସମୟ:ସକାଳ ୮ଟା ୩୦ ।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଗ୍ରୀଞ୍ଜାଳ ବଜାର ପ୍ରାଙ୍ଗଣ, ସୋହେଲା,ସମୟ: ସକାଳ ୮ଟା ।
- ବାବା ସାହେବ ଡଃ ବି. ଆର୍ ଆମ୍ବେଡକରଙ୍କ ୧୩୫ତମ ଜନ୍ମବାର୍ଷିକୀ, ସ୍ଥାନ: ସମତା ଭବନ, ବରଗଡ଼, ସମୟ:ଅପରାହ୍ନ ୪ଟା ।
- ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ଲୌଡ଼ମାଳ, ପାଇକମାଳ, ସମୟ:ଅପରାହ୍ନ ୪ଟା ।
- ରେଲ ଉପଭୋକ୍ତା ସଂଘର ତ୍ରୈମାସିକ ସାଧାରଣ ବୈଠକ, ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ସନ୍ଧ୍ୟା ୫ଟା ।
- ରାମଲୀଳା ମହୋତ୍ସବ, ସ୍ଥାନ:ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୭ଟା ।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଜପାର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଧର୍ମଗଡ଼ ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ

- ଐତିହ୍ୟ ଗଣ ଦୌଡ଼, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୬ଟା ।
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଦଶମ ଦିବସ,ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ:ରାତି ୯ଟା ।

## ଦେବଗଡ଼

- ଓଡ଼ିଆପକ୍ଷ ୨୦୨୬ ପାଳନ ଅବସରରେ ଐତିହ୍ୟ ଗଣଦୌଡ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବସନ୍ତ ନିବାସ ପ୍ରଧାନପାଟ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା ୩୦ ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ବାମଣ୍ଡା କଳାକାର ସଂଘ ପକ୍ଷରୁ ନାଟକ ପରିବେଷଣ, ସ୍ଥାନ: ଦେବଗଡ଼ ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ତରଭା ବ୍ଲକ ରାଏକେଡାରେ ରାମଲୀଳାର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ପୁରାଣ ପଠନ ଓ ତ୍ରିନାଥ ମେଳା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।

## ନୂଆପଡ଼ା

- ବୋଲବମ କମିଟି ପକ୍ଷରୁ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁ, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୦୩ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୪ଟା ୪୫ ।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ନୂଆଁଗାଁ ପଞ୍ଚାୟତ ଲହୋଣ୍ଡୋପାଲି ଗାଁ, ସମୟ: ଅପରାହ୍ନ ୩ଟା ୩୦ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ଅପରାହ୍ନ ୪ଟା ।
- ଷୋହଳ ପ୍ରହର ଅଖଣ୍ଡ ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ଗୋଇଯୋର ଗାଁ, ସମୟ: ଅପରାହ୍ନ ୪ଟା ୩୦ ।
- ମାରାଗୁଡା ଲୋକ ମହୋତ୍ସବ ୫ମ ସନ୍ଧ୍ୟା ସାଂସ୍କୃତିକ ସଭା ଓ ଉଦ୍‌ଯାପନ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୭ଟା ୩୦ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ସନ୍ଧ୍ୟା ୭ଟା ୪୦ ।
- ମା'ବେଲାରାଣୀ ଯାତ୍ରା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତ ଖେଳପଡିଆ, ସମୟ: ରାତ୍ର ୧୦ଟା ।

## ଝାରସୁଗୁଡ଼ା

- ଶିବ ମନ୍ଦିର ପ୍ରତିଷ୍ଠା ସକାଶେ କଳସ ଯାତ୍ରା, ସ୍ଥାନ: ଦୟାଡେରା, ଲଖନପୁର, ସମୟ: ସକାଳ ୯ଟା ।

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ସଭା, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ଲଖନପୁର, ସମୟ: ଅପରାହ୍ନ ୩ଟା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଟା ଶିଖିଥିଲି ପଣେ
ଯେ ଦିନୁ ଧଇଲି ଟାଙ୍ଗୁଆ ହାତ
ସବୁ ପାସୋରିଲି କ୍ଷଣେ ।**

ବାହାହୋଇ ଯେତେବେଳେ ଝିଅ ଶାଶୁଘରକୁ ବୋହୂ ହୋଇ ଯାଏ, ସେତେବେଳେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଇଥାଏ । ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ିରହି ସେ ନିଜ ଅତୀତର ସୁମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ । ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ଅତୀତ ବା ପଛ କଥା ଭାବିବାକୁ ସମୟ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଛନକା ପଶିଲା ଛାତିରେ,
ମୁଁ ଅନ୍ଧୁଣୀ, ପୁଅ ମୋ ବିଦେଶୀ
ବୋହୂ ବାହାରକୁ ଉଠେ ରାତିରେ ।**

କେହି ପୁରୁଷ ସଦସ୍ୟ ଘରେ ନ ଥିଲେ ଘରଟା ନିରାପଦ ଲାଗି ନ ଥାଏ । ଏକ ଅଜଣା ଭୟ ମନକୁ ଶଙ୍କାଗ୍ରସ୍ତ କରିଦେଇଥାଏ । ବିଦେଶୀ ପୁଅର ଯୁବତୀ ପତ୍ନୀ ରାତିରେ ବାହାରକୁ ପାଦ କାଢ଼ିବା ଅନ୍ଧୁଣୀ ଶାଶୁ ପକ୍ଷେ ଦୁଶ୍ଚିନ୍ତାର କାରଣ ପାଲଟି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

## ଅବଶିଷ୍ଟାଂଶ

### ଇରାନ୍ ଖସାଇଲା...

ପ୍ରତିପକ୍ଷ ମସୌଦ ପେଜେସ୍କିଆନ୍ କହିଛନ୍ତି । ଇରାନୀୟ ସରକାରୀ ମିଡିଆ ଦାବି କରିଛି ଯେ, ଶୁକ୍ରବାର ପୃଥକ୍ ଭାବେ ଆମେରିକାର ଏକ ଏ–୧୦ ଆଟାକ୍ ଏୟାରକ୍ରାଫ୍ଟକୁ ଇରାନର ପ୍ରତିରକ୍ଷା ବଳ ଆକ୍ରମଣ କରିଥିଲା । ତାହା ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଖସିପଡ଼ିଛି । ତେବେ ଉକ୍ତ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି ନା ତାକୁ ଖସାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ ବୋଲି ଆମେରିକାର ଜଣେ ବରିଷ୍ଠ ଅଧିକାରୀ ଏକ ସମ୍ବେଦନଶୀଳ ସାମରିକ ସ୍ଥିତି ସମ୍ପର୍କରେ ଆଲୋଚନା ବେଳେ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ।

୨ଟି ଯାକ ଆମେରିକୀୟ ଯୁଦ୍ଧବିମାନକୁ ଏକ ନୂଆ ଅତ୍ୟାଧୁନିକ ଡିଫେନ୍ସ ସିଷ୍ଟମ୍ ଜରିଆରେ ଖସାଯାଇଥିବା ଇରାନ୍ ଦାବି କରିଛି । ଏହାକୁ ଇରାନ କର୍ତ୍ତୃପକ୍ଷ ଏକ ବଡ଼ ସଫଳତା ବୋଲି ଘୋଷଣା କରିବା ପରେ ତେହରାନ୍‌ରେ ନାଗରିକମାନେ ଉତ୍ସବ ମନାଉଥିବା ଦେଖିବାକୁ ମିଳିଛି । ଇରାନୀୟ ଅଧିକାରୀମାନେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଇରାନ୍‌ର ସାମରିକ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରୁଥିବାବେଳେ ଆମେରିକୀୟ ଏୟାରକ୍ରାଫ୍ଟଗୁଡ଼ିକୁ ଖସାଯିବା ଘଟଣାରୁ ମୁକାବିଲା ପାଇଁ ତେହରାନ୍ ଏବେ ବି ସକ୍ଷମ ବୋଲି ପ୍ରମାଣିତ ହୋଇଛି । ଇତିମଧ୍ୟରେ ୨ ଯୁଦ୍ଧବିମାନ ମଧ୍ୟରୁ ଗୋଟିଏର ଜଣେ କ୍ରିଉ ମେମ୍ବରଙ୍କୁ ଖୋଜି ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଆମେରିକା ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି । ତଲାସି ପାଇଁ ଆସିଥିବା ଏକ ୟୁଏସ୍ ବ୍ଲାକ୍ ହକ୍ ହେଲିକପ୍ଟରକୁ ମଧ୍ୟ ଇରାନ୍ ପକ୍ଷରୁ ଟାର୍ଗେଟ କରାଯାଇଥିଲା । ତେବେ ହେଲିକପ୍ଟରଟି ଖସିପଳାଇବାରେ ସକ୍ଷମ ହୋଇଥିବା ଆମେରିକୀୟ ଗଣମାଧ୍ୟମ ଦାବି କରିଛି । ଟ୍ରମ୍ପଙ୍କୁ ବିମାନ ଖସିବା ନେଇ ଅବଗତ କରାଯାଇଛି ।

ପ୍ରକାଶ ଯେ, ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ଅନ୍ୟୂନ ୨,୦୭୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୬,୫୦୦ ଜଣ ଆହତ ହୋଇଥିବା ଇରାନ୍ ପକ୍ଷରୁ ସୂଚନା ଦିଆଯାଇଛି । ଇରାନ୍‌ର ଅର୍ଦ୍ଧସରକାରୀ ନ୍ୟୁଜ୍ ଏଜେନ୍ସି ଫାର୍ସ ରିପୋର୍ଟ ଅନୁସାରେ ଆମେରିକା ପକ୍ଷରୁ ୪୮ ଘଣ୍ଟା ପାଇଁ ଅସ୍ତ୍ରବିରତି ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ତେହରାନ୍ ପ୍ରତ୍ୟାଖ୍ୟାନ କରିଦେଇଛି । ଆମେରିକାର ଛଳନାପୂର୍ଣ୍ଣ ଆଚରଣକୁ ଦେଖି କୂଟନୀତି ପ୍ରତି ୱାଶିଂଟନ୍‌ର ପ୍ରତିଶ୍ରୁତିବଦ୍ଧତା ଉପରେ ଇରାନ୍ ରାଷ୍ଟ୍ରପତି ପ୍ରଶ୍ନ କରିଛନ୍ତି । କେଉଁ ପକ୍ଷ ଆଲୋଚନା ପାଇଁ ଆଗ୍ରହୀ ଓ କିଏ ଆତଙ୍କବାଦକୁ ଆପଣାଇ ଆକ୍ରମଣ କରୁଛି ତାହା ବିଶ୍ୱ ସମୁଦାୟ ବିଚାର କରୁ ବୋଲି ସେ କହିଛନ୍ତି । ପେଜେସ୍କିଆନ୍ ଆହୁରି କହିଛନ୍ତି, ଇରାନ୍‌କୁ ପ୍ରସ୍ତର ଯୁଗକୁ ନେଇଯିବେ ବୋଲି ଟ୍ରମ୍ପଙ୍କ ଧମକ ପରେ ସେ ଫିନ୍‌ଲାଣ୍ଡ ରାଷ୍ଟ୍ରପତିଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି । ଟ୍ରମ୍ପଙ୍କ ଏଭଳି ଧମକକୁ ସେ ଏକ ବୃହତ୍ ଯୁଦ୍ଧ ଅପରାଧର ଆଖ୍ୟା ଦେଇଛନ୍ତି ।

ସେପଟେ ଉପସାଗରୀୟ ଅଞ୍ଚଳ (ଗଲ୍ଫ)ରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି । ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଆବୁଧାବିସ୍ଥିତ ଏକ ଗ୍ୟାସ୍ କମ୍ପ୍ଲେକ୍ସ ଉପରେ କ୍ଷେପଣାସ୍ତ୍ର ଭଗ୍ନାବଶେଷ ଖସିପଡ଼ିବାରୁ ଜଣେ ଇଜିପ୍ଟ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଆହତ ହୋଇଥିବା ସରକାରୀ ମିଡିଆ ଅଫିସ ସୂତ୍ରରୁ ପ୍ରକାଶ । କୁଏତ୍‌ର ଏକ ତୈଳ ବିଶୋଧନାଗାର ଉପରେ ଇରାନ୍ ଆକ୍ରମଣ କରିଛି । ବାହାରିନ୍‌ର ସିତ୍ରା ଅଞ୍ଚଳରେ ମଧ୍ୟ ଅନୁରୂପ ଘଟଣାରେ ୪ ଜଣ ଆହତ ହୋଇଥିବାବେଳେ ଅନେକ ଘର ଭାଙ୍ଗିଯାଇଛି ।

### କୌଣସି ବି ଶିଶୁ ଶିକ୍ଷାରୁ ...

ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରୁଛନ୍ତି । ଓଡିଶାର ପ୍ରତିଟି ଶିଶୁ ଆମର ଭବିଷ୍ୟତ । ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ । ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ । ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ଠିକ୍ ଭାବେ ନିରୂପଣ କରି ତା'ର ବିକାଶ ପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢ଼ିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ । ପିଲାଙ୍କ ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ସେମାନଙ୍କୁ ପ୍ରଶଂସା କରିଥିଲେ । ଛୋଟ ଛୋଟ ପିଲାମାନେ ଆଙ୍କିଥିବା ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଏନ. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଗ୍ରହସ୍ଥିତି ଉନ୍ନତ ଚିନ୍ତା ସହ ବହୁବିଧ ଯୋଜନାରମ୍ଭର ମାର୍ଗଦର୍ଶନ କରାଇବେ । ବିଶେଷତଃ ଆପଣଙ୍କର ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି । କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ । ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି ।

**ବୃଷ** – କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଉଥିବାରୁ ମାନସିକ କ୍ଷେତ୍ର ଗରମ ରହିପାରେ । ଫଳରେ କେତେକ ବ୍ୟତିକ୍ରମ ସଦୃଶ ନିଜ ପରିସରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିଯିବ । ସାଧାରଣ କଥାରେ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି । ଧନପ୍ରାପ୍ତି ସକାଶେ ଅନ୍ୟମାନଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ ।

**ମିଥୁନ** – ରାହୁଙ୍କ ପ୍ରଭାବରେ ମନ ଅଶାନ୍ତ ରହିବ ସିନା, କୌଣସି କାମ ସ୍ଥଗିତ ରହିବ ନାହିଁ । ଭଲ ସମ୍ପର୍କ ଥିବା ବନ୍ଧୁଟି ହଠାତ୍ ଭୁଲ୍ ବୁଝି ଅଭିମାନ କରିପାରନ୍ତି । ପରିସ୍ଥିତିର ତାଡ଼ନାରେ ଆକସ୍ମିକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ଆଶା କରିଥିବା ଦିଗରୁ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ସାଧନ ହେବ ।

**କର୍କଟ** – ଭାବପ୍ରବଣତାବଶତଃ କେତେକ ଭୁଲ୍ କରି ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ବନ୍ଧୁଙ୍କୁ ଆପ୍ୟାୟିତ କରିବା ସକାଶେ ବିଭିନ୍ନ ପ୍ରକାରର ମନଗଢ଼ା କଥା କହିପାରନ୍ତି । କଳା, ସାହିତ୍ୟ, ସଂସ୍କୃତି ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିଯୁକ୍ତ କରିପାରନ୍ତି ।

**ସିଂହ** – କେତୁଙ୍କ କୁପ୍ରଭାବରୁ ବିବାଦୀୟ ଚିନ୍ତା ମନରେ ସ୍ଥାନ ପାଇବ । ଆଲୋଚନା କାଳରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦୁଶ୍ଚିନ୍ତାର କାରଣ ହୋଇପାରେ । ସାମାଜିକ ଓ ଗଠନମୂଳକ କାମରେ, ସଭାସମିତିରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** – ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟ କ୍ଷେତ୍ରରେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ । ବହୁତ ସମୟ ଧରି ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ନିଜ ପରିସରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ ଯାହାକି ସମସ୍ୟା ଆନୟନ କରିବ । ଘରେ ବନ୍ଧୁମିଳନ ଓ ଆମୋଦପ୍ରମୋଦ ସକାଶେ ନୂତନ ଯୋଜନା କରିପାରନ୍ତି ।

**ତୁଳା** – ଆଜି କର୍ମାରମ୍ଭ ଓ ଯାତ୍ରା ପ୍ରଭୃତି ବିଶେଷ ପ୍ରତିକୂଳ ହେବନାହିଁ । କିନ୍ତୁ ସମସ୍ୟା ମଧ୍ୟରେ ବୁଡ଼ି ରହି ଆପଣଙ୍କ ଦୈନ୍ୟଯୁକ୍ତ କଥା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିପାରେ । ତଥାପି ଆଜି ପ୍ରଶାସନିକ କିମ୍ବା ରାଜନୈତିକ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ । ବନ୍ଧୁଙ୍କ ଗହଣରେ ମଉଜିଆ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ ।

**ବିଛା** – ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମାଧ୍ୟମରେ ଦିନଟି ଭଲରେ କଟିବ । ଏକ ଭିନ୍ନ ପରିସ୍ଥିତିରେ ଦୂରେଇ ଯାଇଥିବା ଲୋକ ପାଖେଇ ଆସିପାରନ୍ତି । ବନ୍ଧୁଙ୍କ ପାରିବାରିକ ବିଷୟ ଚିନ୍ତାକରି ଭାବ ପ୍ରବଣତାରେ ନିଜେ ଚିନ୍ତିତ ରହିପାରନ୍ତି । ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ସାମାନ୍ୟ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ ।

**ଧନୁ** – ଆଜି କୌଶଳ ପ୍ରୟୋଗ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ । ମାତ୍ର ମତାନ୍ତରଜନିତ ପରିବାରରେ ହଠାତ୍ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ । ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ । ଶାରୀରିକ ସୁସ୍ଥତା ରହିବା ସହ ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ ଉତ୍ତମ ରହିବ ।

**ମକର** – ଆର୍ଥିକ ଉନ୍ନତି ଘଟିବ, କିନ୍ତୁ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟିର ଆଶଙ୍କା ରହିଛି । ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇପାରେ । ନିଜ ପରିସରରେ ସାଙ୍ଗମାନେ କିମ୍ବା ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିବେ । ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ସମାଲୋଚିତ ହେବାକୁ ପଡ଼ିପାରେ ।

**କୁମ୍ଭ** – ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ କରିବେ । ସାଙ୍ଗଠନିକ କାମ, ପରିବହନ, ରାଜନୀତି, ଆଇନ ଓ ଆନୁଷ୍ଠାନିକ କାମରେ ଶୁଭ ଫଳ ମିଳିବ । କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ସମ୍ପର୍କୀୟମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁ ବିଚଳିତବୋଧ କରିପାରନ୍ତି ।

**ମୀନ** – ସମସ୍ୟା ବିଜଡ଼ିତ ରହିବା କାରଣରୁ ଆପଣ ଦୈହିକ ଓ ମାନସିକ ସ୍ତରରେ ଦିଗହରା ହୋଇପାରନ୍ତି । ଆଲୋଚନା ଭିତରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବନାହିଁ । ଶ୍ରମ ଓ ଭ୍ରମଣଜନିତ ସାମୟିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି । ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା କ୍ଷେତ୍ରରେ ବେଶ୍ ଆଦୃତ ହେବେ ।

ଆଜି ଏପ୍ରିଲ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ବାବୁ ଜଗଜ୍ଜୀବନରାମଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ରବିବାର । ରାଶି ନକ୍ଷତ୍ର–ବିଶାଖା/ତୁଳା, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୯।୪୬ ମଧ୍ୟେ, ଘ.୦୧।୨ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୪।୨୬ ଗତେ ଘ.୦୫।୫୮ ମଧ୍ୟେ ରାହୁକାଳ ।

# ଗଛ ଡାଳରେ ଚାପିହୋଇ ଜୀବନ ଗଲା

## ୨୦ ଫୁଟ ଉପରେ ଘଣ୍ଟାଏ ଝୁଲିରହିଲେ ଯୁବକ

**ଉଦଳା,୪।୪(ସନ୍ତୋଷ କୁମାର ବାଛିନି)**

ଗଛ ଉପରେ ଚଢ଼ି ଡାଳ କାଟୁଥିବା ବେଳେ ଲଦି ହୋଇଗଲା ଆଉ ଏକ ଗଛ। ଗଛ ଡାଳରେ ଚାପିହୋଇ ୨୦ ଫୁଟ ଉପରେ ୧ ଘଣ୍ଟା ଝୁଲିରହିଲେ ଯୁବକ। ଶେଷରେ ତାଙ୍କର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ କତୁରିଆ ଗ୍ରାମରେ ଶନିବାର ସକାଳେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଶାଣଦେଇ ଗ୍ରାମର କୁଅଁର ହାଁସଦା। ସୂଚନା ଅନୁଯାୟୀ, କୁଅଁର ସକାଳେ କତୁରିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଗଛ ଉପରକୁ ଚଢ଼ି ଡାଳ କାଟୁଥିବାବେଳେ ହଠାତ୍ ଉକ୍ତ ଗଛ ଉପରେ ଆଉଜି ହୋଇ ରହିଥିବା ଅନ୍ୟ ଏକ ଗଛ ଡାଳ କୁଅଁରଙ୍କ ଉପରେ ପଡ଼ିଯାଇଥିଲା। ୧ଘଣ୍ଟା ଧରି ଝୁଲନ୍ତା ଅବସ୍ଥାରେ ରହିବା ପରେ କପ୍ତିପଦା ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ବ୍ୟାଙ୍କକ୍‌ରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬ର ଶନିବାର ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟ ଅବସରରେ ତୀରଚାଳନା କରୁଛନ୍ତି ଓଡ଼ିଶାର ପାୟଲ ନାଗ।

# ପାୟଲ ନୂଆ ବିଶ୍ୱବିଜେତା

## ବିଶ୍ୱର ନଂ.୧ ଶୀତଲ୍ ଦେବୀଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଲେ

**ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)**

**ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬**

ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ନୂଆ ବିଶ୍ୱ ବିଜେତା ସାଜିଛନ୍ତି ଓଡ଼ିଶା (ବଲାଙ୍ଗୀର)ର ବିସ୍ମୟ ପ୍ରତିଭା ପାୟଲ ନାଗ। ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ର ଅନ୍ତିମ ଦିବସରେ ଅନୁଷ୍ଠିତ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ବିଶ୍ୱର ନମ୍ବର ୧ ଖେଳାଳି ଭାରତର ଶୀତଲ୍ ଦେବୀଙ୍କୁ ୧୩୯-୧୩୬ ପଏଣ୍ଟରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହ ନୂଆ ଇତିହାସ ରଚିଛନ୍ତି ପାୟଲ। ଶୁକ୍ରବାର ପାୟଲ ଏବଂ ଶୀତଲ୍ ଦେବୀ କମ୍ପାଉଣ୍ଡ ଟିମ୍ ଇଭେଣ୍ଟ ଫାଇନାଲରେ ମିଳିତ ଭାବେ ସ୍ୱର୍ଣ୍ଣପଦକ ଜିତିଥିଲେ। ପାୟଲଙ୍କର ଏଭଳି ପ୍ରଭାବୀ ପ୍ରଦର୍ଶନ ସାରା ବିଶ୍ୱର କ୍ରୀଡ଼ାବିତ୍ ଏବଂ କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ପାୟଲଙ୍କ ଏହି ପ୍ରଦର୍ଶନ ବଲାଙ୍ଗୀର ସମେତ ସାରା ରାଜ୍ୟ ଏଭଳି କି ସାରା ଦେଶର କ୍ରୀଡ଼ା ମହଲରେ ଖୁସିର ଲହରି ଖେଳାଇଦେଇଛି। ଉଭୟ ହାତ ଏବଂ ଗୋଡ଼ ନ ଥିବା ପାୟଲ ବିଶ୍ୱର ପ୍ରଥମ ପାରା ତୀରନ୍ଦାଜ ଭାବେ ଏହି ସଫଳତା ହାସଲ କରିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଯମୁନାବାହାଲ ଗାଁର ଏକ ଗରିବ ପରିବାରରେ ପାୟଲ ନାଗଙ୍କ ଜନ୍ମ। ୨୦୧୫ରେ ମାତ୍ର ୮ବର୍ଷ ବୟସରେ ପାୟଲ ତାଙ୍କ ମା' ଜନତା ନାଗ ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ଼ ରାଜଧାନୀ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ନିର୍ମାଣାଧୀନ କୋଠାରେ କାମ କଲାବେଳେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ଦୁଇ ଗୋଡ଼ ହରାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ପାଲଟି ଯାଇଥିଲେ। ଏହାପରେ ତାଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଥିଲା। ତାଙ୍କୁ ବଲାଙ୍ଗୀରସ୍ଥିତ ପାର୍ବତୀ ଗିରି ବାଲ୍ ନିକେତନକୁ ଆଣି ରଖାଯାଇଥିଲା। ବାଲ୍ ନିକେତନରେ ରହଣି ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ଚିତ୍ରକଳା ପ୍ରତିଭା ରହିଥିବା ଜଣାପଡ଼ିଥିଲା। ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ତତ୍କାଳୀନ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ☞ପୃଷ୍ଠା-୭

# ପୁରୀ ବିମାନବନ୍ଦରକୁ ଜଙ୍ଗଲ ଅନୁମୋଦନ

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ବାଟ ଖୋଲିଛି। ଏହି ମେଗା ପ୍ରକଳ୍ପ ନିମନ୍ତେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଷ୍ଟେଜ୍-୧ ଜଙ୍ଗଲ ଅନୁମୋଦନ ଦେଇଥିବା ଶନିବାର ଜଣାପଡ଼ିଛି। ପୁରୀ ବନଖଣ୍ଡ ଅନ୍ତର୍ଗତ ପ୍ରାୟ ୨୭.୮୮୭ ହେକ୍ଟର ଡିଷ୍ଟ୍ରିକ୍ଟ ଲେଭଲ କମିଟି (ଡିଏଲ୍‌ସି) ଜଙ୍ଗଲ ଜମିକୁ ବିମାନବନ୍ଦର କାର୍ଯ୍ୟରେ ବ୍ୟବହାର ପାଇଁ କେନ୍ଦ୍ର ସରକାର ସମ୍ମତି ଦେଇଛନ୍ତି। ଜଙ୍ଗଲ ପରାମର୍ଶଦାତା କମିଟିର ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଡିଏଲ୍‌ସି ଜଙ୍ଗଲ ଜମି ବଦଳରେ କାକଟପୁର ତହସିଲର ପ୍ରାୟ ୨୯.୩୯ ହେକ୍ଟର ଅଣ-ଜଙ୍ଗଲ ଜମିରେ ବନୀକରଣ କରାଯିବ। ଏହାସହ ପ୍ରାୟ ୬୦ ହେକ୍ଟର ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର କରାଯିବ। ଏହି ବିମାନବନ୍ଦର ନିର୍ମାଣ ହେଲେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଆଉ ଭୁବନେଶ୍ୱର ଉପରେ ନିର୍ଭର ନ କରି ସିଧାସଳଖ ପୁରୀରେ ଓହ୍ଲାଇ ପାରିବେ। ପର୍ଯ୍ୟଟନ ଶିଳ୍ପରେ ବଡ଼ ପରିବର୍ତ୍ତନ ଆସିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବ। ଷ୍ଟେଜ-୧ କ୍ଲିୟରାନ୍ସ ପରେ ପରବର୍ତ୍ତୀ ପଦକ୍ଷେପସ୍ୱରୂପ ରାଜ୍ୟ ସରକାରଙ୍କୁ କିଛି ସର୍ତ୍ତ ପୂରଣ କରିବାକୁ ପଡ଼ିବ। ସେଥିରେ ଜଙ୍ଗଲ ଜମିର ମୂଲ୍ୟ (ନେଟ୍ ପ୍ରେଜେଣ୍ଟ ଭାଲ୍ୟୁ) ପ୍ରଦାନ କରିବା ଏବଂ ପରିବେଶ ସୁରକ୍ଷା ପାଇଁ ନିର୍ଦ୍ଧାରିତ ପାଣ୍ଠି ଜମା କରିବା ଅନ୍ତର୍ଭୁକ୍ତ। ଏହି ସର୍ତ୍ତଗୁଡ଼ିକ ପୂରଣ ହେବା ପରେ ଷ୍ଟେଜ୍-୨ (ଚୂଡ଼ାନ୍ତ) ଅନୁମତି ମିଳିବ।

**ପୁରୀ,୪।୪(ଅଜିତ୍ କୁମାର ମହାନ୍ତି)**

୧,୧୬୪ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟରେ ୯୪୩ ଏକର ସରକାରୀ ଜମି ଥିବାବେଳେ ୨୨୧ ଏକର ଘରୋଇ ଜମି ରହିଛି। ପୂର୍ବରୁ କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ ବିଶେଷଜ୍ଞ ଟିମ୍‌ର ମତାମତ ଲୋଡ଼ିଥିଲେ ରାଜ୍ୟ ସରକାର। ପରେ ବନ୍ୟଜନ୍ତୁ ପ୍ରତିଷ୍ଠାନର ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ବନ୍ୟଜନ୍ତୁ ପ୍ରଜାତି, ଇରାୱାଡି ଡଲଫିନ୍, ପ୍ରବାସୀ ଜଳପକ୍ଷୀ, ଅଲିଭ୍ ରିଡ୍‌ଲେକୁ ନେଇ ଅନୁଶୀଳନ କରିଥିଲେ। ବିଶେଷଜ୍ଞ ଟିମ୍ ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଥିଲେ। ଉଭୟ ଜୈବବିବିଧତା ଓ ବନ୍ୟଜନ୍ତୁ ଅନୁଶୀଳନକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏବେ ଅନୁମତି ମିଳିବା ପରେ ପର୍ଯ୍ୟଟକ ଓ ସହରବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା

## ■ ୨୭.୮୮୭ ହେକ୍ଟର ଡିଏଲ୍‌ସି ଜଙ୍ଗଲ ଜମି ବ୍ୟବହାର ଲାଗି ଅନୁମତି

କହିଛନ୍ତି, ପୁରୀ ବିମାନବନ୍ଦରକୁ ନେଇ ୨ଟି ଆକ୍ଟିଭିଟି ଚାଲିଛି। ସେଥିମଧ୍ୟରେ ଷ୍ଟେଜ୍-୧ ଅନୁମତି ରହିଥିଲା, ଯାହା କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି। ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରହିଛି। ଏହି ସର୍ତ୍ତ ମୁତାବକ କାମ କରାଯାଇ ରିପୋର୍ଟ ଜାରି ହେବା ପରେ ଆଗକୁ ଆଉ ଅନୁମତି ମିଳିବ। ଦ୍ୱିତୀୟ ହେଉଛି ଲ୍ୟାଣ୍ଡ୍ ବା ଜମି ଅଧିଗ୍ରହଣ। ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଜାରି ରହିଛି। ଏହାଶେଷ ହେବା ପରେ ଷ୍ଟେଜ୍-୨ ଅନୁମତି ମଧ୍ୟ ମିଳିଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ମଧ୍ୟ ଜନଶୁଣାଣି ମାଧ୍ୟମରେ ଲୋକଙ୍କ ସହ ଆଲୋଚନା ଚାଲିଛି। ଅନୁମତି ଅନୁସାରେ ଜମି ନିର୍ଦ୍ଧାରଣ ହେବ। ଶୁଣାଣି ପରେ ଅନ୍ୟାନ୍ୟ କାର୍ଯ୍ୟ କରାଯାଇ କ୍ଷତିପୂରଣ ନିର୍ଦ୍ଧାରଣ କରାଯିବ। ସମସ୍ତ ସର୍ତ୍ତ ପୂରଣ ହେବା ପରେ ପରବର୍ତ୍ତୀ କାର୍ଯ୍ୟ କରାଯିବ ବୋଲି ଜିଲାପାଳ ପରିଡ଼ା କହିଛନ୍ତି।

ସାମାଜିକ କର୍ମୀ ହେକ୍ଟର ମିଶ୍ର କହିଛନ୍ତି, ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଅନୁମତି ମିଳିଛି। ପୂର୍ବାଞ୍ଚଳରେ ପ୍ରଥମ ଗ୍ରୀନ୍ ଫିଲ୍ଡ ହେବାକୁ ଯାଉଛି। ରାଜ୍ୟ ସରକାର, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଡିଜିସିଏକୁ ଧନ୍ୟବାଦ ଜଣାଇବା ସହ ପୁନର୍ବାର ଟେଣ୍ଡର ଡାକି ୨୦୨୮ରେ ଯେଉଁ କାମ ଶେଷ ହେବାକୁ ଥିଲା, ତାହାକୁ ଶୀଘ୍ରସାରି କାର୍ଯ୍ୟକ୍ଷମ କରିବାକୁ ମିଶ୍ର ମତବ୍ୟକ୍ତ କରିଛନ୍ତି। ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନର ଆବାହକ ସୁରେନ୍ଦ୍ର କୁମାର ତପସ୍ବୁ କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହା ଇନ୍ ପ୍ରିନ୍ସିପୁଲ୍ ଆପ୍ରୁଭାଲ। ଯେଉଁଥିରେ ଅନେକ ସର୍ତ୍ତ ରହିଛି। ଏହା ଫାଇନାଲ ଅନୁମତି ନୁହେଁ। ବିମାନବନ୍ଦର ହେଲେ ଅନେକ କ୍ଷତି ହେବ। ଅନେକ ଗଛ ସହ ଜୀବଜନ୍ତୁ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିବ। ସମସ୍ତ ଜଳଚର ପ୍ରାଣୀ ବେଶ୍ ପ୍ରଭାବିତ ହେବେ। ମନ୍ଦିର ପ୍ରତି ମଧ୍ୟ ବିପଦ ରହିଛି। ଅନ୍ତର୍ଜାତୀୟ ବିମାନବନ୍ଦର ହେଲେ ବଡ଼ ବଡ଼ ବିମାନ ଆସିବ, ଯାହାର ପ୍ରଭାବ ମନ୍ଦିର ଉପରେ ପଡ଼ିବ। ଭୁବନେଶ୍ୱରଠାରେ ଏକ ବିମାନବନ୍ଦର ଥିବାବେଳେ ପୁରୀରେ ବିମାନବନ୍ଦରର ଆବଶ୍ୟକ ନାହିଁ। ଏୟାରପୋର୍ଟ ନାମରେ ପୁରୀ ଜମିକୁ ଅକ୍ତିଆର କରିବାକୁ ଚେଷ୍ଟା କରାଯାଉଛି। ପୁରୀ ଏକ ବାତ୍ୟାପ୍ରବଣ ଅଞ୍ଚଳ। ଆଜିପର୍ଯ୍ୟନ୍ତ ଶାମୁକା ପ୍ରକଳ୍ପ ହୋଇପାରୁ ନାହିଁ। ତେଣୁ ଏୟାରପୋର୍ଟ ହେବା ସମ୍ଭବ ନୁହେଁ ବୋଲି ତପସ୍ବୁ କହିଛନ୍ତି।

# ଉଚ୍ଚଶିକ୍ଷା ନାମଲେଖା: ଏସ୍‌ଟି, ଏସ୍‌ସି, ଏସ୍‌ଇବିସିଙ୍କ ସଂରକ୍ଷଣ ବଢ଼ିଲା

## ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି

**ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)**

ଓଡ଼ିଶାର ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗମାନଙ୍କ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ନାମଲେଖା କ୍ଷେତ୍ରରେ ଏଣିକି ଅନୁସୂଚିତ ଜନଜାତଙ୍କୁ ୨୨.୫୦%, ଅନୁସୂଚିତ ଜାତିଙ୍କୁ ୧୬.୨୫% ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରୀଛାତ୍ରମାନଙ୍କ ଲାଗି ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳିବ। ଶନିବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। କ୍ୟାବିନେଟ୍ ବୈଠକରେ ୧୩ଟି ବିଭାଗରେ ମୋଟ୍ ୧୯ଟି ପ୍ରସ୍ତାବ ଆସିଥିବା ବେଳେ ସେଥିରୁ ୧୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଆଣିଥିବା ସଂରକ୍ଷଣ ☞ପୃଷ୍ଠା-୭

# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

**ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)**

## ଅଧିକ ୫ କେଜି ଚାଉଳ ପାଇବେ ହିତାଧିକାରୀ

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍)ର ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ। ହିତାଧିକାରୀମାନେ ଯେତିକି ଚାଉଳ ବର୍ତ୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍‌ଏପିୱାଇ)ରେ ସେମାନଙ୍କ କୋଟାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଶନିବାର କ୍ୟାବିନେଟ୍ ବୈଠକ ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟରେ ଖାଉଟିଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ହିତାଧିକାରୀ ଅତିରିକ୍ତ ଚାଉଳ କୋଟା ପାଇବେ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡ ପିଛା ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇବେ। ରାଜ୍ୟରେ ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୭ ଲକ୍ଷ ୯୭ ହଜାର ୫୭୨ ପରିବାରର ୩ କୋଟି ୨୨ ଲକ୍ଷ ୮୯ ହଜାର ୬୯୨ ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨ ଲକ୍ଷ ୯୮ ହଜାର ୭୨୫ ପରିବାରର ୫ ଲକ୍ଷ ୬୨ ହଜାର ୭୩୭ ହିତାଧିକାରୀ ଉପକୃତ ହେଉଛନ୍ତି। ଏହିପରି ଉଭୟ ଯୋଜନାରେ ସମୁଦାୟ ୧ କୋଟି ୯୬ ହଜାର ୨୯୭ ପରିବାରର ୩ କୋଟି ୨୮ ଲକ୍ଷ ୫୨ ହଜାର ୪୨୯ ଜଣ ହିତାଧିକାରୀ ☞ପୃଷ୍ଠା-୭

# ଏସ୍‌ଆଇଆର୍ ଦାୟିତ୍ୱରେ ଅବହେଳା: ବିଏଲ୍‌ଓ ନିଲମ୍ବିତ

**ପାରଳାଖେମୁଣ୍ଡି,୪।୪(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ପାରଳାଖେମୁଣ୍ଡି-୧୩୭ ବିଧାନସଭାର କାଶୀନଗର ବ୍ଲକ ଅନ୍ତର୍ଗତ ଭୋଟଗ୍ରହଣ କେନ୍ଦ୍ରର ବୁଥସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଅବହେଳା କରି ନିଲମ୍ବିତ ହୋଇଛନ୍ତି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶନିବାର ବିଏଲ୍‌ଓ ତଥା ସହକାରୀ ଶିକ୍ଷକ ରାମାନୁଜ ଦାସଙ୍କୁ ନିଲମ୍ବନ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୩୯/ଇଲେକ୍ସନ ପ୍ରକାରେ ଭୋଟଗ୍ରହଣ କେନ୍ଦ୍ର ନଂ.୧୧୦-ସିଧାମଡାଙ୍ଗାର ବୁଥସ୍ତରୀୟ ଅଧିକାରୀ ତଥା ସହକାରୀ ଶିକ୍ଷକ ଦାସ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୧ର ବ୍ୟବସ୍ଥା ଅନୁଯାୟୀ ଭୋଟର ତାଲିକାର ସଂଶୋଧନରେ ଅବହେଳା କରିଥିବାରୁ ତାଙ୍କ ପ୍ରତି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପତ୍ରରେ ଦର୍ଶାଯାଇଛି। ଶିକ୍ଷକ ଦାସ କୌଣସି ବୈଧ କାରଣ ନ ଦର୍ଶାଇ ନ୍ୟସ୍ତ ଦାୟିତ୍ୱକୁ ନିର୍ବାହ କରିବାରେ ବିଫଳ ହୋଇଛନ୍ତି।

# ଘରୋଇ ସ୍କୁଲ ମନମାନି କଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)**

## ଏନ୍‌ସିଇଆର୍‌ଟି ବହି ବିକ୍ରି ପ୍ରସଙ୍ଗ

ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ ପିଲାମାନେ ଏନ୍‌ସିଇଆର୍‌ଟି ବହି ପଢ଼ିବା ଆବଶ୍ୟକ, ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇପାରୁଛି। କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ଅଧିକ ଲାଭ ଆଶାରେ ନିଜସ୍ୱ ବହି ପଢ଼ିବାକୁ ପିଲାଙ୍କୁ ବାଧ୍ୟ କରୁଛନ୍ତି। ଏହା ଶିକ୍ଷାନୀତିର ନିୟମକୁ ଉଲ୍ଲଂଘନ କରୁଛି। ସମସ୍ତ ଘରୋଇ ସ୍କୁଲ ସରକାରୀ ନିୟମ ମାନିବା ଜରୁରୀ। ପିଲାଙ୍କୁ ଏନ୍‌ସିଇଆର୍‌ଟି ବହି ଦେବାକୁ ବାଧ୍ୟ। ଯଦି କୌଣସି ଘରୋଇ ସ୍କୁଲ ମନମାନି କରିବେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶନିବାର ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମନ୍ତ୍ରୀ ଗଣ୍ଡ ଏ ସଂକ୍ରାନ୍ତ ଅଭିଯୋଗକୁ ଉତ୍ଥାପନ କରି କହିଲେ, ବହି ବିକ୍ରି ନାଁରେ ଅଭିଭାବକଙ୍କଠାରୁ ଅଧିକ ଟଙ୍କା ନେଉଥିବା ଘରୋଇ ସ୍କୁଲଗୁଡ଼ିକ ଉପରେ ନଜର ରହିଛି। ଏଭଳି କିଛି ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଣିକି ଏଭଳି ମନମାନି ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛି ସେ ସୂଚନା ଦେଇଛନ୍ତି।

# ୱାଶିଂଟନ ଡିସି ମେୟର ଦୌଡ଼ରେ ତାମିଲନାଡୁ ଜନ୍ମିତ ରିନି ସମ୍ପଥ୍

**ୱାଶିଂଟନ,୪।୪(ପି.ଟି.)**

ୱାଶିଂଟନ ଡିସି ମେୟର ନିର୍ବାଚନ ପାଇଁ ଅନୁଷ୍ଠିତ ହେବାକୁ ଥିବା ପ୍ରାଇମେରି ନିମନ୍ତେ ବାଲଟ ପେପରରେ ପ୍ରଥମ ଦକ୍ଷିଣ ଏସୀୟ ଭାବେ ତାମିଲନାଡୁ ଜନ୍ମିତ ରିନି ସମ୍ପଥ୍‌ଙ୍କ ନାମ ରହିଛି। ଡେମୋକ୍ରାଟିକ୍ ପାର୍ଟିରୁ ଏହି ୩୧ ବର୍ଷୀୟା ସରକାରୀ ଠିକାଦାର ମୌଳିକ ନାଗରିକ ସେବା ଧାର୍ଯ୍ୟ କରିବା ଏବଂ ଏକ ନୂଆ ଡିସି ପ୍ରତିଶ୍ରୁତି ସହ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।



ରିନି ସମ୍ପଥ

ତାମିଲନାଡୁର ଥେନିରେ ଜନ୍ମିତ ରିନି ୭ ବର୍ଷ ବୟସରେ ଆମେରିକା ଯାଇ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ୱାଶିଂଟନ ଡିସିର ବାସିନ୍ଦା ରହିଆସିଛନ୍ତି। ୧୯୭୫ରେ ୱାଶିଂଟନ ଡିସି ମେୟର ପଦବୀ ସୃଷ୍ଟି ହେବା ପରେ ଏହା ଡେମୋକ୍ରାଟ ଅଧୀନରେ ରହିଆସିଛି। ଆଜି ପର୍ଯ୍ୟନ୍ତ କୌଣସି ରିପବ୍ଲିକାନ୍ ସେଠାରେ ମେୟର ହୋଇନାହାନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ବୋର୍ଡ ଅଫ୍ କମିଶନର୍ସ ୱାଶିଂଟନ ଡିସି ପ୍ରଶାସନ ଦାୟିତ୍ୱ ନେଉଥିଲା। ମେୟର ନିର୍ବାଚନ ପାଇଁ ଜୁନ୍ ୧୬ରେ ପ୍ରାଇମେରି ଅନୁଷ୍ଠିତ ହେବାକୁ ଥିବାବେଳେ ନଭେମ୍ବର ୩ରେ ନିର୍ବାଚନ ହେବ।



ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। – ଶ୍ରୀମା

# କେବଳ ଦର୍ଶକ



ଆକାର ପଟେଲ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ଦ୍ୱିତୀୟ ମାସରେ ପ୍ରବେଶ କରିଛି। ଏହା ଏକ ଲମ୍ବା ଯୁଦ୍ଧ ହେବାକୁ ଯାଉଛି ଏବଂ ଏ ସମ୍ପର୍କରେ ମୁଁ କିଛି ଟିପ୍ପଣୀ ଦେବା ପାଇଁ ଉଚିତ ମଣୁଛି। ପ୍ରଥମ କଥା ହେଉଛି, ଭବିଷ୍ୟତରେ ଘଟିବାକୁ ଥିବା ସ୍ଥିତିକୁ ଲକ୍ଷ୍ୟ କରି ସାରା ବିଶ୍ୱର ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନାଗରିକଙ୍କୁ ପ୍ରସ୍ତୁତ କରୁଛନ୍ତି। ଅଷ୍ଟ୍ରେଲିଆ ନାଗରିକଙ୍କୁ କାର୍ ବ୍ୟବହାର ନ କରିବାକୁ ଉତ୍ସାହିତ କରିବା ପାଇଁ ତାସମାନିଆ ଏବଂ ଭିକ୍ଟୋରିଆରେ ସାଧାରଣ ପରିବହନକୁ ଦେୟମୁକ୍ତ କରିଛି। ମିଶରରେ ରାତି ୯ଟାରେ ଦୋକାନ ଏବଂ ରେସ୍ତୋଁରା ବନ୍ଦ କରିବାକୁ ବାଧ୍ୟ କରାଯାଇଛି। ଫିଲିପାଇନ୍ସରେ ଏବେ ସପ୍ତାହରେ ଚାରି ଦିନ କର୍ମଦିବସ ରଖାଯାଇଛି ଏବଂ ପାକିସ୍ତାନ ମଧ୍ୟ ସେହି ବାଟ ଧରିଛି। ମ୍ୟାନ୍‌ମାରରେ ରାସ୍ତାରୁ କାର୍‌ଗୁଡ଼ିକୁ ଦୂରେଇ ରଖିବା ପାଇଁ ଏକ ଅଯୁଗ୍ମ-ଯୁଗ୍ମ ଦିବସ ବ୍ୟବସ୍ଥା ଲାଗୁ କରାଯାଇଛି। ସ୍ଲୋଭେନିଆରେ ଇନ୍ଧନ କ୍ରୟର ସୀମା ରଖାଯାଇଛି ୫୦ ଲିଟର ଏବଂ ନେପାଳ ଏଲ୍‌ପିଜି ସିଲିଣ୍ଡରରେ ଗ୍ୟାସ୍ ପରିମାଣ ହ୍ରାସ କରିଛି। ବାଂଲାଦେଶ ଏହାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ଯୋଜନାବଦ୍ଧ ଭାବେ ବ୍ଲାକ୍‌ଆଉଟ ଆରମ୍ଭ କରିଛି। ଦକ୍ଷିଣ ସୁଦାନ ମଧ୍ୟ ବିଦ୍ୟୁତ୍ ବ୍ୟବହାର ସୀମିତ କରୁଛି। ଶ୍ରୀଲଙ୍କା ବୁଧବାରକୁ ଏକ ସାଧାରଣ ଛୁଟିଦିନ ଘୋଷଣା କରିଛି। ଏଭଳି ଘଟଣାଗୁଡ଼ିକର ଏକ ଲମ୍ବା ତାଲିକା ରହିଛି। ହେଲେ ଭାରତରେ ଏପର୍ଯ୍ୟନ୍ତ ଏଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ ଦୁଇଟି କାରଣ ପାଇଁ। ପ୍ରଥମତଃ, ଜଣାପଡୁଛି ଆମ ସରକାର, ଯଦିଓ ସ୍ପଷ୍ଟ ଭାବେ କହିନାହାନ୍ତି, ତଥାପି ଭାବୁଛନ୍ତି ଯେ ଏଠାରେ ପ୍ରକୃତରେ କୌଣସି ସମସ୍ୟା ନାହିଁ। ଆମକୁ କୁହାଯାଇଛି ଯେ ଲୋକମାନେ ଯେଉଁ ଅଭାବ ଅନୁଭବ କରୁଛନ୍ତି ତାହା ଆଶଙ୍କାର ପରିଣାମ ଏବଂ ଯଦି ଭାରତୀୟଙ୍କ ଭିତରେ ଏହି ଅହେତୁକ ଆଶଙ୍କା କମିଯାଏ ତେବେ ସବୁକିଛି ସ୍ୱାଭାବିକ ହୋଇଯିବ। ଅନ୍ୟ କାରଣ ହେଉଛି, ଆମ ସରକାର ଆକଳନ କରୁଛନ୍ତି ଯେ ମଧ୍ୟପ୍ରାଚ୍ୟରୁ ଆମଦାନୀ ହେଉଥିବା ଇନ୍ଧନ, ଗ୍ୟାସ, ସାର ଓ ଅନ୍ୟ ଉତ୍ପାଦକ ସାମଗ୍ରୀ ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି। ଏଭଳି କହିବାର ମାନେ କିଛି ନାହିଁ, କାରଣ କେହି ଜାଣନ୍ତିନି ଯୁଦ୍ଧ କେତେଦିନ ଚାଲିବ। ଇରାନ ଯୁଦ୍ଧ ଜାରି ରହିଲେ ଆଗକୁ ସ୍ଥିତିରେ ପରିବର୍ତ୍ତନ ହେବା ଦେଖିବାକୁ ମିଳିବ। ତୈଳ ବ୍ୟବସାୟୀମାନେ କହିଛନ୍ତି, ଏହି ସପ୍ତାହରୁ ଅଭାବ ଆରମ୍ଭ ହୋଇଯିବ। ସେମାନଙ୍କ ମତରେ, ବର୍ତ୍ତମାନ ଯୁଦ୍ଧ ଆରମ୍ଭ ହେବା ସମୟରେ ପାଣିରେ ଥିବା ସବୁ ଜାହାଜ ଖାଲି କରିଦିଆଯାଇଛି ଏବଂ ନୂଆ ଜାହାଜ ଆସୁନାହିଁ।

ମୁଁ ଲକ୍ଷ୍ୟ କରିଥିବା ଦ୍ୱିତୀୟ କଥା ହେଉଛି, କଂଗ୍ରେସର ବିନା ଅନୁମୋଦନରେ ଏପରିକି ଯୁଦ୍ଧ ଘୋଷଣା ନ କରି ଆମେରିକା ଇରାନ ଉପରେ ଆକ୍ରମଣ କରିଛି। ଏହା କାହିଁକି ପ୍ରାସଙ୍ଗିକ? ଯେତେବେଳେ ଆମେରିକାର ସମ୍ବିଧାନ ଉପରେ ବିତର୍କ ହେଉଥିଲା, ସେତେବେଳେ ଏହାର ପ୍ରତିଷ୍ଠାତାମାନେ ଅନୁଭବ କରିଥିଲେ ଯେ ଜଣେ ବ୍ୟକ୍ତିଙ୍କର ଯୁଦ୍ଧ ଘୋଷଣା କରିବାର କ୍ଷମତା ତାଙ୍କୁ ଜଣେ ନିର୍ବାଚିତ ନେତା ନୁହେଁ ବରଂ ରାଜା କରିଦିଏ। କେବଳ ଆନୁଷ୍ଠାନିକ ଘୋଷଣା ପରେ ରାଷ୍ଟ୍ରପତି ଯୁଦ୍ଧ ପାଇଁ ନିର୍ଦ୍ଦେଶ ଦେଇ ତାହାକୁ ପରିଚାଳନା କରିପାରୁଥିଲେ। କଂଗ୍ରେସକୁ ଯୁଦ୍ଧ ଘୋଷଣା କରିବାର ଦାୟିତ୍ୱ ବହନ କରିବାକୁ ପଡ଼ିଥିଲା। ଇରାନ ଯୁଦ୍ଧରେ ଏହି ଅସହମତି ବା ବିଚ୍ୟୁତି ଗୁରୁତ୍ୱପୂର୍ଣ୍ଣ କ୍ଷମତାର ଅବକ୍ଷୟ ଘଟାଇଛି ଏବଂ ଆମେରିକା ରାଷ୍ଟ୍ରପତି ଓ ଜଣେ ରାଜାଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ଦର୍ଶାଇଦେଇଛି। ଆଶ୍ଚର୍ଯ୍ୟର କଥା, ଯେଉଁ ରକ୍ଷଣଶୀଳ ବ୍ୟକ୍ତିମାନେ ନିଜକୁ ସମ୍ବିଧାନର ସମର୍ଥକ କହି ଗର୍ବ କରନ୍ତି, ସେମାନେ ଏଭଳି ସ୍ଥିତି ସୃଷ୍ଟି କରିବାକୁ ଚାହିଁଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କୁ ଜଣେ ପାରଙ୍ଗମ ରାଷ୍ଟ୍ରପତି ଭାବେ କାହିଁକି ଅଧିକ ଗୁରୁତ୍ୱ ଦିଆଯାଉଛି ତାହାର ବି ଅନ୍ୟ କାରଣ ଅଛି। ସେ କହିଛନ୍ତି ଯୁଦ୍ଧ ଚାଲିବ। ସେ କହନ୍ତି, ଆଲୋଚନା ଠିକ୍ ଭାବେ ଆଗକୁ ବଢୁଛି ଏବଂ ପୁଣି କହନ୍ତି ଇରାନର ସମସ୍ତ ନେତାଙ୍କୁ ଆମେରିକା ହତ୍ୟା କରିଛି, ତେଣୁ ଆଲୋଚନା କରିବା ପାଇଁ କେହି ନାହାନ୍ତି। ସେ ଏକ ପୋଷ୍ଟରେ ଇରାନକୁ ହର୍ମୁଜ ଷ୍ଟ୍ରେଟ୍ ଖୋଲିବାକୁ ଦାବି କରିଛନ୍ତି। ହେଲେ ପରେ ଅନ୍ୟ ଏକ ଭାଷଣରେ କହିଛନ୍ତି, ଆମେରିକା ହର୍ମୁଜରୁ ହଟିଯିବ ଏବଂ ତାହାକୁ ଖୋଲିବା ଦାୟିତ୍ୱ ଅନ୍ୟ ଦେଶମାନଙ୍କର। ଆମେରିକାର ନାଗରିକମାନେ, ଗଣମାଧ୍ୟମ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଏହାକୁ ସମର୍ଥନ କରୁଥିବା ମନେହେଉଛି; ଯଦ୍ୱାରା ଟ୍ରମ୍ପ ଯାହା କରିଛନ୍ତି ତାହା ଜାରି ରଖିଛନ୍ତି।

ଏଥିରେ ଭାରତର ଭୂମିକା କ'ଣ ରହିଛି ତାହାକୁ ନେଇ ମୋର ତୃତୀୟ ମତ ରହିଛି। ଆମର ଅନେକ ହ୍ୱାଟ୍ସଆପ୍ ଗ୍ରୁପ ବିଶ୍ୱାସ କରନ୍ତି ଯେ ଜବାହରଲାଲ ନେହେରୁ ଆମର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଦସ୍ୟତା ହରାଇଥିଲେ। ଏହି ବିଶ୍ୱାସର ଆଧାର କ'ଣ ତାହା ସ୍ପଷ୍ଟ ନୁହେଁ। କିନ୍ତୁ ଆସନ୍ତୁ ଧରିନେବା ଯେ ୟୁଏନ୍‌ଏସ୍‌ସିରେ ଆମର ଏକ ସ୍ଥାୟୀ ସଦସ୍ୟ ପଦ ଥିଲା। ଏଥିରେ ରହି ଆମେ ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧର ସମାଧାନ କରିବା ପାଇଁ କ'ଣ କରିପାରିଥାଆନ୍ତୁ? ୟୁଏନ୍‌ଏସ୍‌ସିରେ ଥିବା ଦେଶମାନଙ୍କର ଭିଟୋ ଶକ୍ତି ଅଛି, ଯାହାର ଅର୍ଥ ହେଉଛି ସୁରକ୍ଷା ପରିଷଦରେ ଭୋଟ ପାଇଁ ଆସୁଥିବା ପ୍ରସଙ୍ଗଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର। ବ୍ରିଟେନର ସେହି ଶକ୍ତି ଅଛି, ହେଲେ କହୁଛି ଯେ ଏହି ଯୁଦ୍ଧରେ ଏହା ଜଡ଼ିତ ନୁହେଁ। ସଦସ୍ୟ ରହି ଏହା କ'ଣ କରିଛି ଏବଂ କ'ଣ କରିପାରିବ? ଏମିତି କିଛି ବି ନାହିଁ ଯାହା ସମ୍ପର୍କରେ ବିଚାର କରାଯାଇପାରିବ ନାହିଁ। ଏଣୁ ବିଶ୍ୱ ଏହି ମୁହୂର୍ତ୍ତରେ ୟୁଏନ୍‌ଏସ୍‌ସି ଆଡ଼କୁ କାହିଁକି ମୁହାଁଉନାହିଁ। ଭାରତ ସମେତ ଯେକୌଣସି ଦେଶ ଏହି ଯୁଦ୍ଧର ଅନ୍ତ ଘଟାଇପାରିବ କିମ୍ବା ଏହାର କ୍ଷତିକାରକ ପ୍ରଭାବକୁ ହ୍ରାସ କରିପାରିବ। ଏଥିପାଇଁ ପ୍ରଥମେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଏକତ୍ରିତ କରିବା ପାଇଁ ପଦକ୍ଷେପ ନିଆଯିବା ଉଚିତ। ଯେଉଁମାନେ ଏଥିରେ ଜଡ଼ିତ ହେବାକୁ ଚାହୁଁନାହାନ୍ତି, ସେମାନଙ୍କ ପାଖରେ ଭିଟୋ କ୍ଷମତା ଥାଉ କି ନ ଥାଉ ସେଥିରେ କୌଣସି ଫରକ ପଡ଼ିବ ନାହିଁ। ସେମାନେ କେବଳ ଦର୍ଶକ। ବିଶ୍ୱକୁ ନୂଆ ରୂପ ଦେବାରେ ଅନେକ କାର୍ଯ୍ୟକ୍ରମ ରହିଛି ଏବଂ ବିଶ୍ୱର କାର୍ଯ୍ୟଧାରାକୁ ସବୁଦିନ ପାଇଁ ପରିବର୍ତ୍ତନ କରିଦେବାର ବି କ୍ଷମତା ରହିଛି। ଇରାନ ଯୁଦ୍ଧ ଏପରି ଏକ ଉଦାହରଣ ଏବଂ ଆମେ ଏହାକୁ ପସନ୍ଦ କରୁ କି ନ କରୁ ଏବଂ ଚାହୁଁ କି ନ ଚାହୁଁ ଆମେରିକାର ରାଷ୍ଟ୍ରପତି-ରାଜା ଆମ ସମସ୍ତଙ୍କୁ ଏହି ନୂତନ ବାସ୍ତବତାରେ ପ୍ରବେଶ କରିବାକୁ ବାଧ୍ୟ କରିଛନ୍ତି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | 6 | 1 |
| | 3 | | | | 9 | | | |
| | | | | | | 8 | | |
| 3 | | | 9 | | 4 | | | |
| 6 | 2 | 7 | | 8 | | | 5 | 4 |
| | | | | | | 3 | 8 | |
| | 5 | | | | 1 | 6 | | |
| | | 9 | | | 2 | | | |
| | | | 3 | | 5 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 7 | 2 | 1 | 5 | 8 | 3 | 6 |
| 3 | 8 | 1 | 4 | 7 | 6 | 5 | 2 | 9 |
| 6 | 2 | 5 | 3 | 9 | 8 | 7 | 1 | 4 |
| 7 | 1 | 9 | 5 | 4 | 2 | 3 | 6 | 8 |
| 2 | 6 | 3 | 7 | 8 | 9 | 4 | 5 | 1 |
| 4 | 5 | 8 | 6 | 3 | 1 | 2 | 9 | 7 |
| 1 | 7 | 4 | 9 | 5 | 3 | 6 | 8 | 2 |
| 8 | 3 | 2 | 1 | 6 | 4 | 9 | 7 | 5 |
| 5 | 9 | 6 | 8 | 2 | 7 | 1 | 4 | 3 |

ଗତକାଲିର ଉତ୍ତର

# ମଣିମା ଶୁଣିମା ହେଉ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବାଲ୍ୟକାଳରେ ଶୁଣିଥିବା କାହାଣୀ ବେଳେବେଳେ ବିସ୍ମୃତିରୁ ବାହୁଡ଼ିଆସେ। ସେତେବେଳେ ଶିଶୁମନକୁ ଖୁବ୍ ପ୍ରଭାବିତ କରିଥିବା କାହାଣୀର ବିଲୋଳ ଚରିତ୍ର ଆଖି ଆଗରେ ଉଭାହୁଏ। ସାମ୍ପ୍ରତିକ ସମୟର ଲାଞ୍ଛିତ, ଅସତ୍ୟ ଅନାଚାର ଆଦି ଯାବତୀୟ ଯୁଗ ଯନ୍ତ୍ରଣାରେ ନିରନ୍ତର ଘାଣ୍ଟି ହେଉଥିବା ଲୋକଟିକୁ ଲାଗେ, ସତେଯେମିତି କାହାଣୀର ସେଇ କାଳ୍ପନିକ ଚରିତ୍ରଟି ଜୀବନ୍ୟାସ ପାଇ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି ଶୋଷିତ ଓ ନିଷ୍ପେଷିତଙ୍କ ଉଦ୍ଧାର ପାଇଁ। ତାକୁ ଆଶ୍ୱସ୍ତ ଲାଗେ, ସେ ଖୁସି ହୁଏ। ସେଇ ଦିବ୍ୟ ଚରିତ୍ରଟି ତା' ପାଇଁ ଅଚିହ୍ନା ଅଜଣା ହେଲେ ବି ତାକୁ କୋଳେଇ ଆଣି ଆଦରରେ ଆଲିଙ୍ଗନ କରିବାକୁ ତା' ମନରେ ଇଚ୍ଛା ଜାଗେ।

ଜଣେ ରାଜା ଥିଲେ ଯେ, ସମସ୍ତ ପ୍ରଜାକୁଳର ସୁଖଦୁଃଖ ବୁଝିବା ତାଙ୍କ ପକ୍ଷେ ସମ୍ଭବ ନ ହେବାରୁ ସେଥିପାଇଁ ସେ କେତେକ ଅଧସ୍ତନ ଅମାତ୍ୟ ଓ ସାମନ୍ତମାନଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ଧୀରେ ଧୀରେ ସ୍ୱେଚ୍ଛାଚାରୀ ଓ ଦୁର୍ନୀତିଗ୍ରସ୍ତ ହୋଇଗଲେ ଏବଂ ନାନାମତେ ଶୋଷଣ କରିଚାଲିଲେ ପ୍ରଜାମାନଙ୍କୁ। ରାଜାଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କର ସୁଯୋଗ ନ ଥିବାରୁ ସବୁ କିଛି ସହି ନେଇଥିଲେ ଅସହାୟ ପ୍ରଜାବୃନ୍ଦ। ଏମିତି ବହୁ ଦିନ ବିତିଗଲା। ପରେ ଦିନେ ଛଦ୍ମବେଶରେ ରାଜ୍ୟ ଭ୍ରମଣ କରୁଥିଲା ବେଳେ ପ୍ରକୃତ ସତ୍ୟ ସହ ସାମ୍ନାସାମ୍ନି ହୋଇଗଲା ରାଜାଙ୍କର। ପ୍ରଜାମାନଙ୍କଠୁଁ ତାଙ୍କର ଦୂରତା ହିଁ ଏସବୁ ବିଭ୍ରାଟର କାରଣ ବୋଲି ସେ ଜାଣିଲେ। ଏହାର ନିରାକରଣ ପାଇଁ ରାଜା ଏକ ଅଭିନବ ଯୋଜନା ପ୍ରସ୍ତୁତ କଲେ। ସେ ନିଜ ଶୟନକକ୍ଷରେ ଏକ ପ୍ରକାଣ୍ଡକାୟ ଘଣ୍ଟା ବାନ୍ଧିଲେ। ଘଣ୍ଟାରେ ବାନ୍ଧିଲେ ଲମ୍ବା ଦଉଡ଼ିଟିଏ, ଯାହାର ଅପର ମୁଣ୍ଡଟି ଓହଳିଥିଲା ରାଜନବରର ପ୍ରବେଶ ଦ୍ୱାରରେ। ଯେ କୌଣସି ସମୟରେ, ଯେ କେହି ପ୍ରଜା ସେଇ ଦଉଡ଼ିଟିକୁ ଟାଣି ଘଣ୍ଟା ବଜାଇ ନିଜ ଆପତ୍ତି ଅଭିଯୋଗ ତାଙ୍କ ଦୃଷ୍ଟିକୁ ଆଣିପାରିବାର ବ୍ୟବସ୍ଥା କରିଦେଲେ ସେ।

ରାଜାଙ୍କର ଏହି ଯୋଜନା ପ୍ରଜାଙ୍କୁ ନ୍ୟାୟନୀତିର ସୁଶାସନ ଦିଆଇଲା। ପ୍ରଜାମାନେ ନିର୍ଭୟରେ ଆଞ୍ଚଳିକ ପ୍ରଶାସକମାନଙ୍କ ଦୁର୍ନୀତି ଦୁରାଚାର ବିରୋଧରେ ରାଜାଙ୍କ ଆଗରେ ପ୍ରତ୍ୟକ୍ଷ ଭାବେ ଫେରାଦ ହୋଇପାରିଲେ। ରାଜା ଅଭିଯୋଗର ସତ୍ୟାସତ୍ୟ ନିରୂପଣ କଲେ ଓ ଆବଶ୍ୟକ ସ୍ଥଳେ ଦୁର୍ନୀତିଗ୍ରସ୍ତ ଓ ଅବହେଳାକାରୀ ସାମନ୍ତମାନଙ୍କୁ ପଦଚ୍ୟୁତ କରି ଦଣ୍ଡିତ କଲେ। ପ୍ରଜାମାନଙ୍କ ପ୍ରତ୍ୟକ୍ଷ ସେବାରେ ଆସିପାରିବାର ମୁଗ୍ଧ ଅନୁଭବ ନେଇ ନିଜ ରାଜପଣକୁ ସାର୍ଥକ ମନେକଲେ ରାଜା। ତାଙ୍କ ପ୍ରଜାସେବା ଯୋଜନାକୁ ଆଦର୍ଶ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଅନ୍ୟ ରାଜ୍ୟର ରାଜାମାନେ ନିଜ ପ୍ରଜାଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦେଇ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିଲେ। ଜଣେ ଆଦର୍ଶ ରାଜାଙ୍କ ରାଜଦର୍ଶନ ଚାରିଆଡ଼େ ସୁଶାସନ ପ୍ରତିଷ୍ଠା କରିପାରିଲା।

ଅବଶ୍ୟ ଏ କଥା ଭିନ୍ନ ଯେ, ଯେଉଁ ରାଜାମାନେ ରାଜକୀୟ ଉପଭୋଗକୁ ରାଜପଦର ସମୁଚିତ ଉପଯୋଗ ବୋଲି ଭାବୁଥିଲେ, ଯେଉଁମାନଙ୍କ ପାଇଁ ଶୟନ କକ୍ଷର ଘଣ୍ଟାବାଦନ ଅପେକ୍ଷା ରଙ୍ଗମହଲର ନୂପୁର ଧ୍ୱନି ଅଧିକ ଆକର୍ଷଣ ରଖୁଥିଲା, ସେମାନେ ଘଣ୍ଟାବାଦନକାରୀ ପ୍ରଜାର ଆପତ୍ତି ଶୁଣିବାକୁ ନିଜେ ସମୟ ଦେଇ ନ ପାରି ଖଞ୍ଜି ଦେଉଥିଲେ ବିଭିନ୍ନ ବର୍ଗର କର୍ମଚାରୀଗଣ। ଏସବୁ କର୍ମଚାରୀବୃନ୍ଦ ସ୍ଥାନୀୟ ଭିତ୍ତିରେ ପ୍ରଜାମାନଙ୍କ ସମସ୍ୟା କେମିତି ସମାଧାନ କରୁଥିଲେ, ତାହା ଜାଣିବାକୁ ରାଜାଙ୍କର ସମୟ ଥିଲା, ନା ଥିଲା ସାମାନ୍ୟତମ ସ୍ପୃହା। ବେଳେବେଳେ ରାଜାଙ୍କୁ ଦୁଃଖ ଜଣାଇବାକୁ ଦୌଡ଼ି ଆସିଥିବା ପ୍ରଜାଟି ପାଇଁ ଘଣ୍ଟାର ଦଉଡ଼ି ଟାଣି ଧ୍ୱନି ସୃଷ୍ଟି କରିବା ସହଜ ହେଉ ନ ଥିଲା। ପ୍ରବେଶ ଦ୍ୱାରର ଦ୍ୱାରପାଳକୁ ସନ୍ତୁଷ୍ଟ ନ କଲାଯାଏ ଘଣ୍ଟାର ଦଉଡ଼ି ଧରିବାକୁ ତାକୁ ସୁଯୋଗ ମିଳୁ ନଥିଲା। ତେବେ ସେଥିପାଇଁ ଦୁଃଖ ନ ଥିଲା ତା'ର। ଯାଉ ପଛେ କିଛି ଅର୍ଥ, ଥରେ ଘଣ୍ଟା ବାଜିଲେ ଯେଉଁ ରାଜକରୁଣା ଝରିପଡ଼ିବ, ତାହା ତୁଳନାରେ ଏ ଅର୍ଥ ତ ନିହାତି ମାମୁଲି! ତେବେ ସେଇ କରୁଣା ଓ କରୁଣାସମ୍ଭୂତ ଉପଲବ୍ଧି ସେଇ ପ୍ରଜାଗଣଙ୍କୁ ଦ୍ୱିତୀୟବାର ଘଣ୍ଟାଧ୍ୱନି କରିବାକୁ କେବେ ବି ଅନୁପ୍ରେରିତ କରୁ ନ ଥିଲା। ଏମିତି ଥିଲା ରାଜାଙ୍କ ଘଣ୍ଟା ଓ ସେଇ ଘଣ୍ଟା ସହ ଜଡ଼ିତ ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଓ ଆଶା ନିରାଶାର କାହାଣୀ!

ରାଜାମାନେ କେଉଁଦିନରୁ ନିଶ୍ଚିହ୍ନ ହୋଇଗଲେଣି। କେଉଁ ଦିନରୁ ରାଜତନ୍ତ୍ର ବିଲୟ ଲଭିଲାଣି। ଉଭେଇଗଲାଣି ରାଜକୀୟ ପ୍ରଥା ପରମ୍ପରାର ସାମନ୍ତବାଦୀ ଆଚରଣ ଓ ଉଚ୍ଚାରଣ। ମାତ୍ର ରାଜା ବୋଲାଉଥିବା ଏକାଳର ମନ୍ତ୍ରୀ, ଅମାତ୍ୟ ଓ ସାମନ୍ତଙ୍କ କାନରେ ସାଧାରଣ ପ୍ରଜାମାନେ ନିଜ ନିଜର ଦୁଃଖ ପକାଇ ତାହାର ପ୍ରତିକାର ଲୋଡ଼ିବାର ପ୍ରଥା ଏଯାଏ ବି ତିଷ୍ଠି ରହିଛି। ଏଇ ରାଜକର୍ତ୍ତାମାନଙ୍କୁ ଶୁଣାଇବା ପାଇଁ ଘଣ୍ଟାଧ୍ୱନି କରିବାର ଆକୁଳ ଉଦ୍ୟମ ଆଜିଯାଏଁ ଚାଲୁରହିଛି। କେବଳ ଯାହା ଗଣତନ୍ତ୍ରର ଗଣ୍ଡି ଭିତରେ ସତତ ପରିପୁଷ୍ଟ ଅମଲାତନ୍ତ୍ର ଏହି ଘଣ୍ଟାଧ୍ୱନିକୁ ଭିନ୍ନ ଲୟରେ ଓ ଭିନ୍ନ ତାଳରେ ଶୁଣାଇଚାଲିଛି, କେଉଁଠି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀବୃନ୍ଦଙ୍କ ଅଭିଯୋଗ ଶୁଣାଣିର ପ୍ରକୋଷ୍ଠ ମଧ୍ୟରେ ପ୍ରତିଧ୍ୱନିତ କୋଳାହଳ ମଧ୍ୟରେ ତ ଆଉ କେଉଁଠି ଜିଲାପାଳଙ୍କ କକ୍ଷ ମଧ୍ୟରେ!



ଅମଲାତନ୍ତ୍ରର ନାଗଫାଶରେ ମୁଖ୍ୟମନ୍ତ୍ରୀଙ୍କଠୁଁ ବିଭାଗୀୟ ମୁଖ୍ୟାଧିକାରୀଙ୍କ ଯାଏ, ପୁଣି ମୁଖ୍ୟ ସଚିବଙ୍କଠାରୁ ଜିଲାଧିପତିଙ୍କ ପର୍ଯ୍ୟନ୍ତ ସବୁ ରାଜକର୍ତ୍ତାଙ୍କୁ ଆପତ୍ତି ଅଭିଯୋଗ ଜଣାଇବା ସାଧାରଣ ମଣିଷଟି ପାଇଁ ଆଦୌ ସହଜ ନୁହେଁ। ଯଦି ବି କେହି ଭାଗ୍ୟବାନ୍ ପୁରୁଷ ଅବା ନାରୀ ଅପୂର୍ବ ଧୈର୍ଯ୍ୟ ପ୍ରଦର୍ଶନ କରି ଏମାନଙ୍କ ପାଖରେ ନିଜ ଦୁଃଖ ପେଶ୍ କରାଇବାରେ ସଫଳ ହୁଏ, ତଥାପି ଦୁଃଖମୋଚନର ଶେଷପର୍ବ ଯାଏ ବଞ୍ଚି ରହିବାକୁ ତା'ର ଧୈର୍ଯ୍ୟ ପାଖରେ ପ୍ରଶ୍ନଚିହ୍ନ ଲାଗିଯାଏ। ଗୋଟିଏ ତୈଳାକ୍ତ ଖମ୍ବରେ ଚଢ଼ି ଶୀର୍ଷରେ ପହଞ୍ଚିବାକୁ ବିଫଳ ପ୍ରୟାସ କରୁଥିବା ମାଙ୍କଡ଼ଟି ପରି ତା'ର ଦୁଃଖ ଅମଲାତନ୍ତ୍ରର ତୈଳାକ୍ତ ଖମ୍ବରେ ବାରମ୍ବାର ତଳୁ ଉପର ଓ ଉପରୁ ତଳ ହେଉଥିବ ସିନା, କେବେ ବି ନିରାକରଣର ଶୀର୍ଷରେ ପହଞ୍ଚିପାରିବ ନାହିଁ। ତେବେ ଯେଉଁଠି ଅମଲାତନ୍ତ୍ରରୁ ମୁକୁଳି ଆସି ମାନବୀୟ ଆବେଦନର ଆହ୍ୱାନରେ କେହି ରାଜକର୍ତ୍ତା ଦୁଃଖୀର ଦୁଃଖକୁ ନିଜ ଦୁଃଖ ବୋଲି ମନେକରନ୍ତି, ସେତେବେଳେ ମନେପଡ଼ନ୍ତି ସେଇ କାହାଣୀର ରାଜା; ଯିଏ ଘଣ୍ଟାବାଦନକାରୀର ଅଭିଯୋଗ ଶୁଣି ତତ୍‌କ୍ଷଣାତ୍ ତାହାର ପ୍ରତିକାର କରୁଥିଲେ। ଏ କଥା ବି ମନେପଡ଼େ ଯେ, ରାଜତନ୍ତ୍ର ହେଉ କି ଗଣତନ୍ତ୍ର ଅବା ଅମଲାତନ୍ତ୍ର; ନାଗରିକଙ୍କ ଘଣ୍ଟାଧ୍ୱନି ଶୁଣି ନିଜ ଭିତରେ ଅସ୍ଥିର ଅନୁଭବ କରୁଥିବା ଶାସକଙ୍କ ସଂଖ୍ୟା କମିଥାଇପାରେ, ହେଲେ ସମ୍ପୂର୍ଣ୍ଣ ଲୋପ ପାଇଯାଇ ନାହିଁ।

ଅଳ୍ପଦିନ ତଳେ ଏକ ଟିଭି କାର୍ଯ୍ୟକ୍ରମ ଦେଖୁଥିଲା ବେଳେ ସେମିତି ଜଣେ ଶାସକ ଆଖିରେ ପଡ଼ିଲେ। ଗୋଟିଏ ପ୍ରମୁଖ ଟିଭି ଚାନେଲର ଏକ ମାନବଧର୍ମୀ କାର୍ଯ୍ୟକ୍ରମ 'ଆପଣ ଏକା ନୁହଁନ୍ତି'ରେ ପ୍ରଦର୍ଶିତ ହୋଇଥିଲା ଦୁଇଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କ କାହାଣୀ। ଦୀର୍ଘ କୋଡ଼ିଏବର୍ଷ ହେଲା ନିଜର ଦୃଷ୍ଟିଶକ୍ତି ହରାଇ ନିଜ ବୃଦ୍ଧ ସ୍ୱାମୀଙ୍କ ଆଖିରେ ଦୁନିଆକୁ ଦେଖୁଥିବା ବୁଢ଼ୀଜଣକ ରହୁଥିଲେ କଞ୍ଚା କାନ୍ଥ ଉପରେ ପାଲଟଣା ଏକ ଭଙ୍ଗା କୁଡ଼ିଆରେ। ସରକାରଙ୍କ ବହୁବିଧ ଆବାସ ଯୋଜନା ଦୀର୍ଘ କୋଡ଼ିଏ ବର୍ଷ ଭିତରେ ତାଙ୍କ ପାଇଁ କେବେ ବି ଉପଲବ୍ଧ ହୋଇ ପାରୁ ନ ଥିଲା। ଘଟଣାଟି ଥିଲା ସୁବର୍ଣ୍ଣପୁର ଜିଲାର ଏକ ଜଙ୍ଗଲଘେରା ଗାଁର କଥା, ଯାହା କେଉଁ ସୂତ୍ରରୁ କେଜାଣି ଜିଲାପାଳ ନୃପରାଜ ସାହୁଙ୍କ କାନରେ ପଡ଼ିଥିଲା। ଜିଲାପାଳ ନିଜେ ଆସି ପହଞ୍ଚି ଯାଇଥିଲେ ସେଇ ଅସହାୟ ବୁଢ଼ୀବୁଢ଼ାଙ୍କ ପାଖରେ। ମୁଣ୍ଡ ନୁଆଁଇ ପାଲଟଣା ଘର ଭିତରକୁ ଯାଇ ଚକାମାଡ଼ି ବସି ଯାଇଥିଲେ ବୁଢ଼ୀବୁଢ଼ାଙ୍କ ପାଖରେ।

ଆଃ! କି ମୁଗ୍ଧ ଅନୁଭବ ସୃଷ୍ଟି ହେଉଥିଲା ଏଇ ଦିବ୍ୟ ଦୃଶ୍ୟଟି ଅବଲୋକନ କରୁଥିବା ଦର୍ଶକଙ୍କ ଚେତନାରେ। ଅତୀତରେ ଜଣେ ଜିଲାପାଳଙ୍କ ପଦବୀର ଔଦ୍ଧତ୍ୟରେ ଅତିଷ୍ଠ ହୋଇ ଏ ଲେଖକ ଦିନେ କେଉଁଠି ଲେଖିଥିଲା– ''ଏଇ ମଣିମାମାନେ ଏମିତି ଅଭିଶପ୍ତ ଯେ, ପଦରେ ଥିଲାବେଳେ ଏମାନେ କାହାକୁ ଚାହାନ୍ତି ନାହିଁ। ଆଉ ପଦବୀ ଚାଲିଗଲା ପରେ ଏମାନଙ୍କୁ ବି କେହି ଆଡ଼ଆଖିରେ ଚାହାନ୍ତି ନାହିଁ।'' ମାତ୍ର ସେଦିନ ଟିଭି ଦେଖିଲା ବେଳେ ଲାଗୁଥିଲା, ସବୁ ମଣିମାମାନେ ସମାନ ନୁହନ୍ତି। ଏମିତି କିଛି ମଣିମା ଥାଆନ୍ତି, ଯେଉଁମାନଙ୍କ ମାନବୀୟ ସମ୍ବେଦନା ଏତେ ଗଭୀର ଯେ ପଦବୀରୁ ଅବସର ନେବା ପରଠୁଁ ଜୀବନରୁ ଅବସର ନେବା ପର୍ଯ୍ୟନ୍ତ ଓ ତାହା ପରେ ମଧ୍ୟ ଏମାନେ ଲୋକସ୍ମୃତିରେ ବଞ୍ଚି ରହିବାର ଯୋଗ୍ୟତା ଅର୍ଜନ କରିଥାନ୍ତି ଚିରକାଳ; ଠିକ୍ ନୃପରାଜ ବାବୁଙ୍କ ପରି।

– ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ପିତୃ ଶବ୍ଦର ମହାନତା



ଅଲେଖ ଚନ୍ଦ୍ର ମିଶ୍ର

'ପିତୃ' ବା ତତ୍ସମ ଶବ୍ଦ ଯଥା ପିତା, ତାତ, ଜନକ, ବାପା, ବାପୁ, ବାବୁ, ପାପା, ନନା, ବାବା, ଡାଡି, ଡାଡ୍, ଡେ' ଏହିପରି ଏକାର୍ଥବୋଧକ ଯେତେ ସବୁ ଶବ୍ଦ ରହିଛି ସେ ସବୁର ବ୍ୟବହାର ଶୈଳୀ ସ୍ଥଳ ବିଶେଷରେ ଅଲଗା ଅଲଗା ହୋଇଥିଲେ ବି ସମସ୍ତଙ୍କର ମର୍ମ ଏକ ଏବଂ ତାହା ହେଉଛି ଜୈବିକ ଜନ୍ମଦାତା। କିନ୍ତୁ ସନ୍ତାନଟିକୁ ଯିଏ ଲାଳନପାଳନ କରେ, ଯିଏ ପୋଷ୍ୟ ଭାବରେ ଗ୍ରହଣ କରେ, ଯିଏ ଧର୍ମକୁ ସାକ୍ଷୀ ରଖି ଗ୍ରହଣ କରେ, ଶ୍ୱଶୁର, ସାବତ ବାପା, ଆଇନ ଗତ ବାପା, ଜୀବନ ବଞ୍ଚାଇଥିବା ଲୋକ ଏ ସମସ୍ତଙ୍କୁ ପିତାର ମାନ୍ୟତା ଦିଆ ଯାଇଥାଏ। ଏହା ଛଡ଼ା ପିତାଙ୍କର ପିତାଙ୍କୁ ଜେଜେବାପା (ପିତାମହ), ବଡ଼ ଭାଇଙ୍କୁ ବଡ଼ବାପା, ସାନ ଭାଇଙ୍କୁ ସାନବାପା ଏବଂ ଉଭୟଙ୍କୁ ଖୁଲ୍ୟତାତ କୁହଯାଏ। ଅତଏବ ଉଲ୍ଲିଖିତ ପ୍ରତ୍ୟେକଟି ଶବ୍ଦ ମୁଖ୍ୟତଃ ପାରିବାରିକ ହୋଇଥିଲେ ବି ଏହାର ପରିସର ଏତେ ବ୍ୟାପକ ଯେ ପରିବାର ଭିତରେ ସୀମିତ ନ ହୋଇ ତାହା ଦେଶ କାଳ ପାତ୍ର ଭିତ୍ତିରେ ଏକାଧିକ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ ଯଥା ଜନ୍ମଦାତା, ବ୍ରତୋପନୟନକର୍ତ୍ତା, ବିଦ୍ୟାଦାତା, ଅନ୍ନଦାତା ଭୟତ୍ରାତା ଏମାନେ ସମସ୍ତେ ପିତୃ ପଦବାଚ୍ୟ-ଚାଣକ୍ୟ ନୀତି।

ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ପାଶ୍ଚାତ୍ୟ ସଂସ୍କୃତିରେ ତତ୍ତୁଲ୍ୟ ଚିନ୍ତାଧାରା ଅନୁଭୂତ ହୁଏ। ଇଂଲିଶ ଭାଷାରେ ପିତାର ପ୍ରତିଶବ୍ଦ 'ଫାଦର' ଯାହାର ଅଭିଧାନିକ ଅର୍ଥ 'ପ୍ରୋଜେନିଟର୍ ଅର୍ ଏ ମେଲ୍ ମେମ୍ବର୍ ହୁ କଜେସ ପ୍ରେଗ୍ନାନ୍ସି'। କିନ୍ତୁ ଶବ୍ଦ ପ୍ରକରଣରେ 'FATHER' ଶବ୍ଦରେ ବ୍ୟବହୃତ ପ୍ରତିଟି ବର୍ଣ୍ଣ ଗୋଟିଏ ଗୋଟିଏ ସତନ୍ତ୍ର ସଙ୍କେତର ବାର୍ତ୍ତାବହ ବୋଲି କେତେକ ବ୍ୟାଖ୍ୟାକାର ମତ ଦିଅନ୍ତି ଯଥା, 'ଏଫ'(ଫ୍ରେଣ୍ଡ), 'ଏ' (ଆଡଭାଇଜର୍), 'ଟି'(ଟିଚର୍), 'ଏଚ' (ହେଭେନ), 'ଇ'(ଏକ୍‌ଜେମ୍ପ୍ଲାରି), 'ଆର୍'(ରେସ୍କ୍ୟୁଅର୍) ଯାହାର ଅର୍ଥ ଯଥାକ୍ରମେ ବନ୍ଧୁ, ଉପଦେଷ୍ଟା, ଶିକ୍ଷକ, ସ୍ୱର୍ଗ ବା ଈଶ୍ୱର, ଦୃଷ୍ଟାନ୍ତମୂଳକ ବା ଆଦର୍ଶ, ରକ୍ଷକ। ଆମ ସଂସ୍କୃତିରେ ପିତାଙ୍କୁ ଠିକ୍ ଏହି ସ୍ଥାନ ଦିଆ ଯାଇଛି ଯଥା 'ବନ୍ଧୁ', 'ଉପଦେଷ୍ଟା ଓ ଶିକ୍ଷକ', 'ସ୍ୱର୍ଗ ବା ଈଶ୍ୱର', 'ଦୃଷ୍ଟାନ୍ତମୂଳକ ବା ଆଦର୍ଶ', 'ରକ୍ଷକ'। ସର୍ବୋପରି ପୃଥିବୀରେ ଈଶ୍ୱରଙ୍କୁ ତ ବିଶ୍ୱପିତା ବା ଜଗତ ପିତା କୁହାଯାଏ। ଏହା ବ୍ୟତୀତ ସଚରାଚର କୌଣସି ଆବିଷ୍କାରକ, ଉଦ୍ଭାବକ, ପ୍ରତିଷ୍ଠାତା,



ନିର୍ମାତା, ମୁକ୍ତିଦାତା ଆଦିଙ୍କୁ ପିତାର ମାନ୍ୟତା ମିଳିଥାଏ ଯେପରି ଜାତିର ଜନକ, ଦେଶର ପିତା, ଆଧୁନିକ ବିଜ୍ଞାନର ଜନ୍ମଦାତା, (ପରାଧୀନତାରୁ) ମୁକ୍ତିଦାତା, କୌଣସି ଏକ ସଂସ୍ଥାର ପ୍ରତିଷ୍ଠାତା-ଜନକ (ଫାଉଣ୍ଡିଂ ଫାଦର୍),'ଗଡ ଫାଦର୍', 'ଫୋଷ୍ଟର୍ ଫାଦର୍' ଇତ୍ୟାଦି। ସେହିପରି ଧାର୍ମିକ ବା ଆଧ୍ୟାତ୍ମିକ କ୍ଷେତ୍ରରେ ପିତା ଶବ୍ଦର ପ୍ରଚଳନ ବହୁଳ ଭାବରେ ପରିଲକ୍ଷିତ ହୁଏ ଯଥା ପୋପ୍ ଓ ଚର୍ଚ୍ଚର ଚାପେଲଙ୍କୁ ଫାଦର୍, ମଠବାଡିର ମହନ୍ତ, ଆଖଡ଼ାର ଅଧ୍ୟକ୍ଷ, ମନ୍ଦିରର ପୂଜକ, ଯୋଗୀ, ସନ୍ନ୍ୟାସୀ, ବାବାଜି, ପ୍ରବଚକ,ବାବା, ପୁରୋହିତ, ପରିବ୍ରାଜକ ଏ ସମସ୍ତଙ୍କୁ ପିତା କିମ୍ବା ବାବା ସମ୍ବୋଧନ କରାଯାଏ। କୌଣସି ଅଞ୍ଚଳର ତ୍ୟାଗପୂତ ବ୍ୟକ୍ତିତ୍ୱ, ଭାଷାର ଜନ୍ମଦାତା ବା ପ୍ରଚାରକ, ଗଣ ସଂଗ୍ରାମର ଅଗ୍ରଦୂତ ଆଦିଙ୍କୁ ପିତା, ଅଭିଭାବକ, ମୁରବୀ ବୋଲି କୁହାଯାଇଥାଏ ଯେପରି 'ଫାଦର୍ ଅଫ ଦି ସିଟି', 'ଗଡ଼ଜାତର ମୁରବୀ,'ଭାଷାର ଜନ୍ମଦାତା', 'ଓଡ଼ିଆ ନାଟକର ଜନକ', ଇତ୍ୟାଦି ଇତ୍ୟାଦି।

ଏବେ ବ୍ୟକ୍ତିଗତ ଜୀବନରେ ପିତୃ କିମ୍ବା ତତ୍ତୁଲ୍ୟ ଶବ୍ଦ କିପରି ଅପରିହାର୍ଯ୍ୟ ସେ ବିଷୟରେ ଆଲୋଚନା କରାଯାଉ। ସନ୍ତାନଟିର ମୌଳିକ ପରିଚୟ ତା'ର ପିତା ଏବଂ ପିତାଙ୍କର ସାଙ୍ଗ୍ୟା ସନ୍ତାନଟିର ଉତ୍ତରାଧିକାର। ପିତାଙ୍କ ପରିଚୟ ବିନା ସନ୍ତାନର ସ୍ଥିତି କିପରି ଦୟନୀୟ ମହାବୀର କର୍ଣ୍ଣ ତା'ର ସାକ୍ଷୀ। ଝିଅଟିର ବାପଘର ତା'ର ଗର୍ବ ଓ ଗୌରବର ପ୍ରତୀକ। ସେଥିପାଇଁ କୁହଯାଏ, 'ପିତୃଦତ୍ତ କନ୍ୟା ଓ ରାଜଦତ୍ତ ବସୁମତୀ (ଭୂମି)କୁ କେହି ଅନ୍ୟଥା କରି ପାରେନାହିଁ'। ଆମ ସମାଜରେ ବାପା ଶବ୍ଦକୁ ଆଧାର କରି ଅନେକ ଲଘୁ ତଥା କଟୁ ମନ୍ତବ୍ୟ ଯୁଗ ଯୁଗରୁ ଗଢି ଆସିଛି, ଯାହାର କେତୋଟି ଦୃଷ୍ଟାନ୍ତ ହେଲା, ବାପ ଅଜା ଅମଳରୁ, ବାପ ଅଜା ଚଉଦ ପୁରୁଷ, ତୋ ବାପା ଅଜା କ'ଣ ଥାତି ରଖିଛନ୍ତି, ବାପ ଅଜା ଅମଳର ସାଲିଆନା କିମ୍ବା ଖାନଦାନୀ, ତୋ ବୋପାର କ'ଣ ଗଲା, କୋଉ ବାପ ଆସି ପିଠିରେ ପଡିବ, ମୋ ବାପା କିଏ ଜାଣିଛୁ ଟି, ବାପର ପୁଅ ତ କରି ଦେଖା ଇତ୍ୟାଦି ଇତ୍ୟାଦି। ବିଶ୍ୱରେ ପିତାଙ୍କ ବିଷୟରେ ସଂଖ୍ୟାତୀତ କାହାଣୀ ରହିଛି। ପ୍ରାଚୀନ ଓଡ଼ିଆ ଗଳ୍ପ ସାହିତ୍ୟରେ ଚାଟଶାଳୀରେ ପଢୁଥିବା ପିତୃପରିଚୟହୀନ ଶିଶୁର ମନସ୍ତତ୍ତ୍ୱ ଉପରେ ଆଧାରିତ ସେହିଭଳି ଏକ ଲୋକପ୍ରିୟ ବଚନିକା ହେଲା, ''ଅଣ ବାପୁଆର ଖଡି ଗଡ଼ିଗଲା କିଏ ଆଣି ଦେବ''।

ଏହିପରି ଭାବରେ ବିଶ୍ୱରେ ପିତୃ ବା ତତ୍ତୁଲ୍ୟ ଶବ୍ଦ ଯୁଗ ଯୁଗ ଧରି କେବଳ ମର୍ଯ୍ୟାଦାର ନିଦର୍ଶନ ହୋଇ ରହିନାହିଁ ବରଂ ଅପରିହାର୍ଯ୍ୟତାର ସଙ୍କେତ ହୋଇ ରହି ଯାଇଅଛି। କିନ୍ତୁ ପରିତାପର ବିଷୟ ଏବେ ସମାଜରେ ପିତାଙ୍କୁ ଗୌଣ କରି ଦିଆଯାଉଛି ଏବଂ ସ୍ଥଳ ବିଶେଷରେ ଅଣଦେଖା, ଅବହେଳା ଓ ଅତ୍ୟାଚାର କରାଯାଉଛି। ସମସ୍ତେ ଦିନେ ନା ଦିନେ ପିତା ହୁଅନ୍ତି। ସନ୍ତାନଟିଏ ନିଜ ପିତାଙ୍କୁ ଯେଉଁଭଳି ସମ୍ମାନ ଦିଏ ସେହିଭଳି ସମ୍ମାନ ତା'ର ସନ୍ତାନ ଦିନେ ତାକୁ ଦିଏ। ଏତିକି ବୁଝି ପାରିଲେ ଆଜିକାଲି ସମାଜରେ ଘଟୁଥିବା ଅନେକ ଅଘଟଣ ଏଡ଼େଇ ହୁଅନ୍ତା।

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ବହୁ ସମୟରେ ବ୍ୟକ୍ତି ସମ୍ମୁଖରେ ବୟସ ହାରମାନେ, ଯାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଜମ୍ମୁରେ। ୭୨ ବର୍ଷ ବୟସରେ ବିଦ୍ୟା କୌର ନିର୍ଭୟରେ କାର ଚଳାଇ ପାରୁଛନ୍ତି। ସେ ୧୯ ବର୍ଷ ବୟସରେ ବିବାହ କରିଥିଲେ। ପ୍ରଥମେ ଜଣେ ଶିକ୍ଷକ ଓ ପରେ ଏକ ସ୍କୁଲର ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଥିଲେ। ବୃତ୍ତିଗତ ଜୀବନରେ ରହି ଏହି ସମୟରେ ସେ ଡ୍ରାଇଭିଂ ସ୍ୱପ୍ନ ଦେଖିଥିଲେ। ୫୯ ବର୍ଷରେ ଏକ ଡ୍ରାଇଭିଂ ସ୍କୁଲରେ ପ୍ରଶିକ୍ଷଣ ନେବାକୁ ଯାଇଥିଲେ ବି ସେମାନେ ବୟସ ଦୃଷ୍ଟିରୁ ତାଙ୍କୁ ମନା କରିଦେଇଥିଲେ। ଫଳରେ ବିଦ୍ୟା ଏକ କାର୍ କିଣି ତାଙ୍କ ପଡ଼ୋଶୀଙ୍କୁ ଗାଡ଼ିଚାଳନା ଶିଖାଇବା ପାଇଁ ଅନୁରୋଧ କରିଥିଲେ ଏବଂ ସେ ତାଙ୍କ କଥା ରଖିଥିଲେ। ଗୋଟିଏ ମାସ ମଧ୍ୟରେ ବିଦ୍ୟା ଗାଡ଼ିଚଳାଇବା ଶିଖିଗଲେ। ସାହସର ସହିତ ରାସ୍ତାରେ ଚଳାଇବା ଆରମ୍ଭ କରିଦେଲେ। ଏବେ ୭୨ ବର୍ଷରେ ବି ଜମ୍ମୁର ଗହଳିପୂର୍ଣ୍ଣ ରାସ୍ତାରେ ଆତ୍ମବିଶ୍ୱାସର ସହ ଗାଡ଼ି ଚଳାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୭୭

- ସମ୍ବାଦପତ୍ରଗୁଡ଼ିକ ଉପରୁ ସବୁପ୍ରକାର କଟକଣା ଉଠାଇ ଦେବା ପାଇଁ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଲୋକ ସଭାରେ ଏକ ବିଲ୍ ଆଗତ କରିଛନ୍ତି।
- ଗୁଜରାଟର ଜନୈକ ପୂର୍ବତନ ମନ୍ତ୍ରୀ ତଥା ଅହମଦାବାଦର ପୂର୍ବତନ ମେୟର ଡ. ବାସୁଦେବ ତ୍ରିପାଠୀଙ୍କ ୫୪ ବର୍ଷ ବୟସରେ ପରଲୋକ।
- ବାଧ୍ୟତାମୂଳକ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ଦେବା ନେଇ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସଂସ୍କୃତିର ପ୍ରଚାର ପ୍ରସାର ହେଉ

ମହାଶୟ,

ଓଡ଼ିଶାର ସଂସ୍କୃତି ଓ ସଭ୍ୟତାରେ ପୋଷାକ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମେ ଏପ୍ରିଲ ୧ ରୁ ୧୪ ତାରିଖକୁ ଓଡ଼ିଆପକ୍ଷ ଅର୍ଥାତ୍ ଓଡ଼ିଆ ନବବର୍ଷ ରୂପେ ପାଳନ କରିବାକୁ ଉତ୍ସାହିତ ଅଛୁ। ଏପ୍ରିଲ ୩କୁ 'ଆମ ପୋଷାକ ଆମ ପରିଚୟ' ଭାବେ ଓଡ଼ିଶାର ଐତିହ୍ୟ, କଳାକୁ ଆମେ ସମ୍ମାନ କରିଛୁ ଏବଂ ଏହି ପୋଷାକର ଏକ ସ୍ୱତନ୍ତ୍ରତାକୁ ଦୃଷ୍ଟି ନିକ୍ଷେପ କରୁଛୁ। ଓଡ଼ିଶାର ପୋଷାକରେ ବହୁ ସ୍ୱତନ୍ତ୍ରତା ଏବଂ ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ପାରମ୍ପରିକ ପୋଷାକ ଯଥା ସମ୍ବଲପୁରରେ ସମ୍ବଲପୁରୀ ପାଟ, କଟକରେ ଖଣ୍ଡୁଆ ପାଟ, ବ୍ରହ୍ମପୁରରେ ବ୍ରହ୍ମପୁରୀ ପାଟ, କୋରାପୁଟରେ କୋଟପାଡ଼ ଶାଢ଼ି ରହିଛି। ଏହି ପୋଷାକର ବିଶେଷତା ହେଲା ଏହା ୦ହସ୍ତଶିଳ୍ପ ଦ୍ୱାରା ପ୍ରସ୍ତୁତ ହେଉଛି ଏବଂ ଏଥିରେ ବିଭିନ୍ନ ପ୍ରକାର ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଖରାଦିନେ ଏହା ଶରୀରକୁ ଶୀତଳ ପ୍ରଦାନ କରିବା ସହ ଶୀତଦିନେ ଶରୀରକୁ ଉଷୁମ ରଖେ। ଏଥିରେ ଆଦିବାସୀଙ୍କ ଜୀବନଶୈଳୀର ଚିତ୍ର ରହିଥାଏ। ଏହା କେବଳ ଶରୀର ଢାଙ୍କିବାର ଉପକରଣ ନୁହେଁ, ବରଂ ଆମ ସଂସ୍କୃତି, ପରମ୍ପରା, ଐତିହ୍ୟର ଜୀବନ୍ତ ଚିତ୍ର। ଆମେ ଏହି ସଂସ୍କୃତିର ପ୍ରଚାର ପ୍ରସାର କରିବା ଉଚିତ, ଯାହାଦ୍ୱାରା ଆମର ସଂସ୍କୃତି ନୂତନ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ।

– ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ବର୍ତ୍ତନା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ ।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ୍‌ରେ ତାଲା

ରାଉରକେଲା,୪।୪(ସଙ୍ଗୀତା ଜେନା)

ରାଉରକେଲା ତରକେରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ସମେତ ମୋଟ ୯ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପାଠପଢ଼ାରେ ସମସ୍ୟା ହେଉଥିବାରୁ ଏହାର ପ୍ରତିବାଦରେ ଶନିବାର ଛାତ୍ରୀଛାତ୍ର ଏବଂ ଅଭିଭାବକ ସ୍କୁଲରେ ତାଲା ପକେଇ ଗେଟ ସାମ୍ନାରେ ବସିଥିଲେ। ଖବର ପାଇ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ଖୁବଶୀଘ୍ର ଶିକ୍ଷକ ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ବିଶ୍ରା ବ୍ଲକ ଅନ୍ତର୍ଗତ ତରକେରା ଉଚ୍ଚ ପ୍ରାଥମିକ ସ୍କୁଲରେ ୨ ଜଣ ଶିକ୍ଷକ ୧୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ ଦାୟିତ୍ୱରେ ଥିଲେ। ଇତିମଧ୍ୟରେ ଜଣେ ଅବସର ଗ୍ରହଣ କରିଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନରେ ବାଧା ସୃଷ୍ଟି ହେଉଛି। ସ୍କୁଲରେ ନୂତନଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ବାରମ୍ବାର ଦାବି କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଶନିବାର ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ର ଏବଂ ଅଭିଭାବକ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ବିଶ୍ରା ବିଇଓ ସୁପ୍ରଭାତ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍କୁଲ ଗେଟ୍‌ରୁ ତାଲା ଖୋଲାଯାଇଥିଲା। ଏ ସମ୍ପର୍କରେ ବିଇଓ ବେହେରାଙ୍କୁ ପଚରାଯିବାରୁ ସେ କହିଲେ, ୪୫ହଜାର ନୂତନ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସ୍ତରରେ ଉକ୍ତ ନିଯୁକ୍ତି ହେବ। ଗ୍ରୀଷ୍ମକାଳୀନ ଛୁଟି ପରେ ପ୍ରକ୍ରିୟା ଆରମ୍ଭ ହେବ। ତରକେରା ସ୍କୁଲରେ ଖୁବ୍‌ଶୀଘ୍ର ଏକାଧିକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ବୋଲି ବେହେରା କହିଥିଲେ।



ଛାତ୍ରୀଛାତ୍ରମାନେ ଗେଟ ସମ୍ମୁଖରେ ବସିଛନ୍ତି।

## ମହୁଲ ବୋଝେଇ ପିକ୍‌ଅପ୍ ଜବତ: ୨ ଗିରଫ

ବଡ଼ଗାଁ,୪।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅବକାରୀ ବିଭାଗ ପଞ୍ଚରା ବଡମାଲ ନିକଟରୁ ଶନିବାର ଏକ ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରି ଗାଡ଼ି ମାଲିକ ଓ ଚାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଞ୍ଚରା ଗ୍ରାମର ପିକ୍‌ଅପ ଚାଳକ ଅମର ରଣା (୩୪), ମାଲିକ ମହେନ୍ଦ୍ର ସାହୁ (୬୧)। ଜିଲା ଅବକାରୀ ଅଧୀକ୍ଷକ ବିଶ୍ୱେଶ୍ୱର ବେଶ୍ରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଏଏସ୍‌ଆଇ ମୁକେଶ ପଟେଲ, କନଷ୍ଟେବଲ ସୁମନ୍ତ ନାଏକ, ତୁଷାର କିଷାନ ସଦଳବଳ ଚଡ଼ାଉ କରି ବଡମାଲ ନିକଟରୁ ଓଆର ୧୬ ଡି ୫୪୫୩ ମହୁଲ ବୋଝେଇ ପିକ୍‌ଅପ୍‌କୁ ଜବତ କରିଥିଲେ। ଭ୍ୟାନରେ ଥିବା ୧୩ କୁଇଣ୍ଟାଲ ୮୦ କେଜି ମହୁଲ ଜବତ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଅବକାରୀ ଏଏସ୍‌ଆଇଙ୍କଠାରୁ ଜଣାପଡିଛି।

## ବନ୍ଧମୁଣ୍ଡାରେ ଶୀତଳା ପୂଜା

ବନ୍ଧମୁଣ୍ଡା,୪।୪(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡି-ସେକ୍ଟର ଅନ୍ତର୍ଗତ ଗୁଣ୍ଡିଚାପଲ୍ଲୀରେ ଶୀତଳା ପୂଜା କମିଟି ପକ୍ଷରୁ ଶନିବାର ଶୀତଳା ପୂଜା ଆୟୋଜିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ରୀତି-ନୀତି ଅନୁଯାୟୀ ଏକ ଭବ୍ୟ ଶୋଭାଯାତ୍ରା ବାହାର କରାଯାଇଥିଲା; ଯେଉଁଥିରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇଥିଲେ। ଏହି ଯାତ୍ରା ଝୁମରତା ମାହାତୋ ଟୋଲିସ୍ଥିତ ପୋଖରୀରୁ ଆରମ୍ଭ ହୋଇ ଗୁଣ୍ଡିଚାପଲ୍ଲୀର ପୂଜା ସ୍ଥଳ ପର୍ଯ୍ୟନ୍ତ ପହଞ୍ଚିଥିଲା। ପୂଜା କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ମାତା ଶୀତଳାଙ୍କୁ ବିଧି-ବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରି ପରିବାରର ସୁଖ-ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ପୂଜା ପରେ ଆୟୋଜକ କମିଟିଙ୍କ ପକ୍ଷରୁ ଭକ୍ତମାନଙ୍କ ପାଇଁ ଖିଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା। ଉଲ୍ଲେଖନୀୟ ଯେ, ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ତୀବ୍ର ଉଷ୍ମତାରୁ ମୁକ୍ତି ଓ ଲୋକମାନଙ୍କ କଲ୍ୟାଣ କାମନାରେ ମାତା ଶୀତଳାଙ୍କ ପୂଜା କରାଯାଏ। ଏହି ପୂଜା ଆୟୋଜନକୁ ସଫଳ କରିବାରେ ସୁଧାକର ଓଝା, ସମୀର ଚନ୍ଦ ବେଡା, ସମ୍ଭୁ ବେହେରା, ସଞ୍ଜୟ ମନ୍ନା, ସଞ୍ଜୟ ପୈରା, ଶଙ୍କର ସାମଲ, ଗୌତମ ଦାସ, ତ୍ରିଲୋଚନ କରିକ, ବି.କେ. ପାଲ, ନିଖିଲ କରିକ, ଧୀରେନ ପ୍ରମାଣିକ, ବିଷ୍ଣୁ ତରାଇ, ମଧୁ ଦାସ, ଅଶୋକ ତରାଇ, ସୁପାରିୟା ତାନ୍ତୀ, ବଙ୍କି ସୁପକର, ଜଗଦୀଶ ବୋଧୁକ, ଜୟଦେବ ବୋଧୁକ, ମିହିର ମହାତୋ, ଗୋପାଳ ମୁଖାର୍ଜୀ ଓ ଏ.ଟି. ଦାସ ସହ ଅନ୍ୟାନ୍ୟ ସଦସ୍ୟଙ୍କ ମୁଖ୍ୟ ଭୂମିକା ରହିଥିଲା।

# ଡୁଡୁକା ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

ସୁନ୍ଦରଗଡ,୪।୪(ଜୟ ନାରାୟଣ ମେଣ୍ଡୁଲି)

### ଗ୍ରାମସଭା ନିଷ୍ପତ୍ତିରେ ଜାଲିଆତି ଦସ୍ତଖତ ଅଭିଯୋଗ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅଧୀନସ୍ଥ ଡୁଡୁକା ଗ୍ରାମରେ ଗ୍ରାମସଭା ନିଷ୍ପତ୍ତିକୁ ନେଇ ଗୁରୁତର ଜାଲିଆତି ହୋଇଥିବା ଅଭିଯୋଗ କରି ଶନିବାର ଗ୍ରାମର କେତେଜଣ ବ୍ୟକ୍ତି ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଜୟକୃଷ୍ଣ ମାଝୀଙ୍କ ସମେତ ପ୍ରାୟ ୪୦ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜକୁମାର ପଟ୍ଟନାୟକଙ୍କୁ ଭେଟି ଗ୍ରାମବାସୀଙ୍କ ଦସ୍ତଖତ ଜାଲିଆତି କରିଥିବା ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

# ମନମୋହିଲା ଓଡ଼ିଶୀ, ପାରମ୍ପରିକ ନୃତ୍ୟ

### ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ନଟରାଜ ନୃତ୍ୟ ପରିଷଦ ପକ୍ଷରୁ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ନଟରାଜ ନୃତ୍ୟ ମହୋତ୍ସବ-୨୦୨୬ ଶନିବାର ଆରମ୍ଭ ହୋଇଛି। ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆର୍‌ଏସ୍‌ଏସ୍ ରାଉରକେଲାର କାର୍ଯ୍ୟକାରୀ ସଭାପତି ହରିହର ରାଉତରାୟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଟ୍ୟକାର ତଥା ଏକତ୍ର ସଭାପତି ରାଜୀବ ପାଣି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୃତ୍ୟ ହେଉଛି ଆମ ସଭ୍ୟତା ସଂସ୍କୃତିର ଅବିଚ୍ଛିନ୍ନ ଅଙ୍ଗ, ଏଣୁ ଆଜିର ଯୁବ ସମାଜ ଶିକ୍ଷା ଓ ନୃତ୍ୟ ସହିତ ଜଡିତ ରହିବା ଆବଶ୍ୟକ ବୋଲି କହିଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି, ସତ୍ୟାନନ୍ଦ ବେହେରା, ସନ୍ତୋଷ ତନ୍ତୀ, ପ୍ରଫୁଲ୍ଲ କୁମାର ସୁନ୍ୟାନୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ମହୋତ୍ସବରେ କଟକ, ଭୁବନେଶ୍ୱର ନୃତ୍ୟଶିଳ୍ପୀମାନଙ୍କ ସମେତ ରାଉରକେଲାର ଆନ୍ତଃ ବିଦ୍ୟାଳୟସ୍ତରୀୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ପାରମ୍ପରିକ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ମହୋତ୍ସବର ପ୍ରଥମ ଦିବସ କାର୍ଯ୍ୟକ୍ରମ ପରିଷଦର ସମ୍ପାଦିକା ଜୟନ୍ତୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଝିଲିମା ମହାନ୍ତି ନୃତ୍ୟ ମହୋତ୍ସବ ପରିଚାଳନା କରିଥିଲେ। ମନୋଜ ନାୟକ, ଚିନ୍ମୟ ତ୍ରିପାଠୀ, ଅଞ୍ଜଳି ଜେନା ସହଯୋଗ କରିଥିଲେ। ପ୍ରବୀର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରି ଖଣିଯାନରେ ଏଲ୍‌ଏନ୍‌ଜି ପ୍ରଚଳନ ପାଇଁ ଚୁକ୍ତିନାମା

ରାଉରକେଲା,୪।୪(ବିପ୍ଳବ ରଞ୍ଜନ ଦାଶ)

ସ୍ଥାୟୀ ଖଣିଜ ଉତ୍ତୋଳନ ସହ କାର୍ବନ ପାଦଚିହ୍ନ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସେଲ୍, ଓଡ଼ିଶା ଖଣି ସମୂହ (ଓଜିଓଏମ) ଏହାର ଭାରି ଖଣିଯାନ (ଏଚ୍‌ଇଏମ୍‌ଏମ୍)ରେ ଏକ ବିକଳ୍ପ ଇନ୍ଧନ ଭାବେ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ବ୍ୟବହାରକୁ ଉପଯୋଗ କରିବା ପାଇଁ ଭାରତୀୟ ଗ୍ୟାସ ପ୍ରାଧିକରଣ ଲିମିଟେଡ୍ ସହିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି ଅବସରରେ ମାର୍ଚ୍ଚ ୩୧ ତାରିଖରେ ରାଉରକେଲା ସ୍ଥିତ ଖଣି ବିଭାଗରେ ସେଲ୍‌ର ଓଜିଓଏମ, ସିଏମଏଲଓ ଏବଂ ଗେଲ୍ ଗ୍ୟାସ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଆର୍‌ଏସ୍‌ପିର ଖଣି (ଓଜିଓଏମ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି. ସିଂହ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ବଲାଣୀ ଓର୍ ମାଇନ୍ସ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏବଂ ଓଜିଓଏମର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗେଲ୍ ମାର୍କେଟିଂ ବିଭାଗର ସିଜିଏମ ଏମ୍. ଜାଫର୍ ଖାନ, ସିଜିଡ଼ିର ଜିଏମ୍ ଆଶିଷ ମିତ୍ତଲ, ଜିଏମ୍ ଏବଂ ଓଆଇସି ରାଉରକେଲା ଜି. ଆର୍ଣ୍ଣୟା ଏବଂ ବରିଷ୍ଠ ମାର୍କେଟିଂ ଅଧିକାରୀ କାନି ବାଲାନ୍ ପ୍ରତିନିଧିତ୍ୱ କରିଥିଲେ।



ଆର୍‌ଏସ୍‌ପି ଓ ଗେଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଉଛି।


GOVERNMENT OF ODISHA, DEPARTMENT OF WATER RESOURCES

**Office of the Addl. Chief Engineer, Mechanical Circle, Bhubaneswar**

Email Address : semechcircle104@gmail.com

No.32001/3/2627

e-Procurement Notice - Bid Identification No. - ACEM/MDL-59/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters/Hydro mechanical gates.
4. Bid Identification No. : ACEM/MDL-59/2025-26
5. Estimated Cost : Rs.11,81,519/-
6. Period of Completion : 02 (Two) calendar months
7. Date & time of availability of bid documents in the Portal : From Dt.30.03.2026 (10.00 A.M.) to Dt.16.04.2026 (5.30 P.M.)
8. Last date/time for receipt of bid in the Portal : Dt.16.04.2026 (up to 5.30 P.M.)
9. Date and Place of opening of Bid : Dt.17.04.2026 (11.00 A.M. onwards in the O/o the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Addl. Chief Engineer, Mechanical Circle, Bhubaneswar

OIPR-32001/32405/1/26-27/0001



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୭ — ବିଜ୍ଞାପନ — ତା:୧୮।୦୩।୨୦୨୬

No. 13001/15/2627: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ ହରିହର ସାହୁ<br>ପିତା ୰ ହୃଷୀକେଶ ସାହୁ<br>ସା/ପୋ- କୁଣ୍ଢେଇ ଡିହ,<br>ଥାନା- ଗୁରୁଣ୍ଡିଆ,<br>ଜିଲ୍ଲା- ସୁନ୍ଦରଗଡ଼ | ଏଚ୍.ଆଇ.ଜି.- (ଏସ୍) - ୦୬<br>HIG (S) - 06<br>ମୈତ୍ରୀ ବିହାର, ପ୍ରଥମ ପର୍ଯ୍ୟାୟ<br>ସେଲ୍ଫ ଫାଇନାନ୍‌ସିଙ୍ଗ ହାଉସିଂ ପ୍ରକଳ୍ପ,<br>ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧- ପ୍ରଣତୀ ସାହୁ (ସ୍ତ୍ରୀ)<br>୨- ମଧୁସ୍ମିତା ସାହୁ - (ବି. ଝିଅ)<br>୩- ନିବେଦିତା ସାହୁ - (ଅ. ଝିଅ)<br>୪- ସୁସ୍ମିତା ସାହୁ - (ଅ. ଝିଅ)<br>୫- ଜ୍ଞାନେଶ୍ୱର ସାହୁ - (ଅ. ପୁଅ) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13001/13030/1/26-27/0007



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, Malkangiri**

Advt. No-4090/Malkangiri — Dated : 04.04.2026

TENDER CALL NOTICE

**No.10001/13/2627** : Sealed Tenders are invited from the interested firms / agencies / organization for **Agency for AMC of Pest Control Services including anti termite treatment at Govt. Health Institutions** and details of terms and conditions as available in Malkangiri district website i.e, https://Malkangiri.odisha.gov.in./. Interested firms / agencies / organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Malkangiri, District Head Quarter Hospital, PIN - 764045 on or before dt.04.05.2026 till 12 Noon through Regd. Post/ Speed Post/Courier only. The authority reserves all the rights to cancel or reject partially or all tender without assigning any reason thereof.

Sd./- Chief District Medical & Public Health Officer, Malkangiri

OIPR-10001/10086/1/26-27/0001



GOVERNMENT OF ODISHA
DEPARTMENT OF AGRICULTURE AND FARMERS' EMPOWERMENT
OFFICE OF THE SUPERINTENDING ENGINEER (AGRIL), SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM

No. 408 — Date.31.03.2026

**INVITATION FOR BIDS (IFB)**

e-procurement notice

**Bid identification number/Tender call notice No.-SE (A) S/Z-07 of 2025-26**

**No. 1001/5/2627:-** The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works (Including IE and PH works) under Southern Zone. The costs of the project are approximately 66 to 68 Lakhs (Excluding GST & LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **04.04.2026 at 11:00 hours to 17.04.2026 at 17:00 hours.** The bid will be opened on **21.04.2026 at 11:00 hours** and onwards in the O/o Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Superintending Engineer (Agril.) Southern Zone, Brahmapur

OIPR-1001/1043/1/26-27/0001



कार्यपालक अभियंता का कार्यालय
पथ निर्माण विभाग, पथ प्रमंडल, पाकुड़
email :- eercdpakur-jhr@nic.in, Phone & Fax No. 06435-220592

अल्पकालिन ई0-प्रोक्यूरमेन्ट सूचना

निविदा सूचना सं0- RCD /PAKUR/168/2026-27 दिनांक : 02-04-2026

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत रानीपुर चौक से गोपालपुर डांगापाड़ा भाया पुचाईबेड़ा पैनम रोड कुल लंबाई (0.00 से 21.80 कि0मी0) में राईडिंग क्वालिटी में सुधार (Improvement of Riding Quality) कार्य। (योजना मद) वित्तीय वर्ष 2026-27 |
| 2. | प्राक्कलित राशि (रू0) | रू0 11,44,21,090/-(रू0 ग्यारह करोड़ चौवालीस लाख इक्कीस हजार नब्बे) |
| 3. | कार्य पूर्ण करने की अवधि | 06 (छः) माह |
| 4. | ई0-निविदा प्राप्त करने की अंतिम तिथि एवं समय | 27.04.2026 के पूर्वाहन 12.00 बजे तक |
| 5. | ई0-निविदा का बेबसाईट पर प्रकाशन की तिथि एवं समय | 06.04.2026 के पूर्वाहन 10.30 बजे से |
| 6. | ई0-निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई-प्रोक्यूरमेन्ट अधिकारी का सम्पर्क नं0 | 06435-220592 |
| 8. | ई-प्रोक्यूरमेन्ट सेल का सम्पर्क सहायता नम्बर | 0651-2401010 |

विशेष जानकारी http://jharkhandtenders.gov.in पर देखी जा सकती है।

कार्यपालक अभियंता
पथ प्रमण्डल, पाकुड़

PR 376615 Road(26-27)#D



No.32001/13/2627

GOVERNMENT OF ODISHA
e-Procurement Notice, Superintending Engineer, M.I. Division, Angul
Bid Identification No.-18 OF 2026-27
e-mail ID : semidivisionangul@gmail.com
Letter No.823/Date : 02.04.2026

| | | |
|---|---|---|
| 1 | Number of Works | 03 (Three) numbers of Civil works |
| 2 | Approximate estimated cost | From 69.60 Lakh to 75.88 Lakh |
| 3 | Cost of Tender paper | Rs.10000/- (Non-Refundable) |
| 4 | Period of completion | 06 (Six) Calendar Months |
| 5 | Date & Time of availability of bid document in the portal | Dt.10.04.2026 at 10.00 A.M. to Dt.17.04.2026 up to 5.00 P.M. |
| 6 | Last date / Time for receipt of bid in the portal | Dt.17.04.2026 up to 5.00 P.M. |
| 7 | Date of opening of Technical bid documents for double cover bid | Dt.18.04.2026 at 10.00 A.M. |
| 8 | Date of opening of Financial bid documents for double cover bid | On dt.22.04.2026 at 10.00 A.M. in the Office of the Superintending Engineer, M.I. Division, Angul |
| 9 | Date of lottery if required | Dt.27.04.2026 at 11.00 A.M. |
| 10 | Name and address of the Office Inviting Bid | Superintending Engineer, Minor Irrigation Division, Angul, At/P.O. : Hakimpada, College Square, District : Angul, PIN-759143, Phone No. 06764-236522 Email ID : semidivisionangul@gmail.com |
| 11 | The bidders have to participate in ONLINE bidding only. Further details can be seen from the e-procurement portal | http://tendersorissa.gov.in |

Sd./- Superintending Engineer M.I. Division, Angul

OIPR-32001/32284/1/26-27/0002



**Directorate of Scheduled Castes & Scheduled Tribes RESEARCH AND TRAINING INSTITUTE (SCSTRTI)**

CRPF Square, Bhubaneswar - 751003, Odisha
Telephone No.-0674- 2563645 Email id: scstrti@yahoo.co.in
No. 702/SS-0003/26 — Dated: 02/04/2026

**Request for proposal (RFP)**

**No. 26001/2/2627:-** Sealed quotations are hereby invited from interested agencies/firms for providing manpower services at SCSTRTI, Bhubaneswar. The applications must be addressed to the Director, SCSTRTI, CRPF Square, Bhubaneswar - 751003 and submitted on or before 22.04.2026 by 05:30 PM. The detailed RFP document is available on the Government and office websites in www.odisha.gov.in, https://scstrti.in and https://stscodisha.gov.in.

Sd./- DIRECTOR

OIPR-26001/26002/1/26-27/0001



GOVERNMENT OF ODISHA — No.8001/3/2627
FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, BOLANGIR FOREST DIVISION - 767001
Tel: 06652-232948, Fax:- 06652232948,
e-mail: dfo-balalngir@gov.in, dfobalangir@gmail.com
Bid Identification No. DFO, BLG 05/2026-27 dated: 30.03.2026
Letter No. 3236/1F, Dated, Bolangir the 30th March-2026

NOTICE INVITING TENDER

| Sl. No. | Name of the Work | Procurement of Deer Mash for maintaining food supply chain in Harishankar Deer Park www.balangir.nic.in |
|---|---|---|
| 1 | Estimated Cost | Depending upon funds allocation |
| 2 | Period & time of completion | 15 days from the date of issue of orders |
| 3 | Date & time of availability of the bid document in the portal | 05.04.2026 to 15.04.2026 |
| 4 | Last date/Time for receipt of bids in the portal | Up to 5.00 PM of 15.04.2026 |
| 5 | Date & Time of bid opening | 11.30 hours on Dated. 16.04.2026 |
| 6 | Name & Address of the officer inviting Bid | Divisional Forest Officer, Bolangir Forest Division, Pin-767001 |

Others can be seen from Detailed Notice inviting Tenders, available in website: www.balangir.nic.in. Corrigendum if any, shall only be published in the above website.

Sd./- Divisional Forest Oficer Bolangir Forest Division

OIPR-8001/8061/1/26-27/0001



**OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, KHUNTI**

e-Procurement Notice

E_Tender Reference No. RCD/KHUNTI/136 — Date :- 02/04/2026

| | | |
|---|---|---|
| 1. | Name of the work | Construction of H.L. Bridge over Banai River at 8th KM of Khunti – Torpa – Kolebira Road. |
| 2. | Estimated Cost (Rs.) | Rs. 6,04,88,737.88 Rs. Six Crore Four Lakh Eighty Eight Thousand Seven Hundred thirty Seven and paise Eighty Eight Only. |
| 3. | Bid Security (Rs.) | Rs. 6,05,000.00 Rs. Six Lakh Five Thousand Only. |
| 4. | Cost of Document (Rs.) | Rs. 10,000.00 Rs. Ten Thousand Only. |
| 5. | Time of Completion | 24 Months |
| 6. | Last date / Time for receipt of bids | 04.05.2026 up to 12:00 Noon |
| 7. | Date of Publication of Tender on website | 09.04.2026 at 10:30 A.M. |
| 8. | Name & Address of office Inviting tender | Executive Engineer, Road Construction Department, Road Division, Khunti |
| 9. | Contact no. of Procurement Officer | 06528-221215 |
| 10. | Helpline number of e-Procurement Cell | 0651-2401010 |

Note :- Estimated cost of tender can be increased or decreased
Further details can be seen on website http://jharkhandtenders.gov.in

*Executive Engineer, R.C.D., Road Division, Khunti*

PR 376677 (Road) 26-27 (D)



**GOVERNMENT OF ODISHA OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**

(E-mail ID : eemirayagada@gmail.com)

NOTICE INVITING TENDER

e-Procurement Notice

e-Procurement Notice No. **SEMIDRGD-01/2026-27**
**Letter No.1297 Dated. 01.04.2026**

**No.32001/6/2627** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of 09 Nos. of New Check Dams in different Blocks of Rayagada District under MATY 3.0 for the year 2026-27
2. Total Number of works : 09 (Nine) Nos.
3. Estimated cost : Approximately varies from Rs.29.59 Lakh to Rs.46.55 Lakh
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10.00 A.M. of 07.04.2026 to 5.00 P.M. of 16.04.2026
7. Last date/time for receipt of bids in the portal : 5.00 P.M. on 16.04.2026
8. Date of opening of bid : At 11:00 A.M. on 17.04.2026 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersorissa.gov.in

Sd./- Superintending Engineer M.I. Division, Rayagada

OIPR-32001/32524/1/26-27/0001



**OFFICE OF THE COLLECTOR & DISTRICT MAGISTRATE, KHORDHA (ESTABLISHMENT SECTION)**

No. 6458 /Estt. Dated. 02.04.2026

TENDER CALL NOTICE

**No. 24001/2/2627:-** Sealed tenders are hereby invited in the prescribed format from reputed Registered Manpower Service Provider Agencies having registered office located within State of Odisha and possessing valid license, statutory clearance, GSTN registration, EPF Registration, ESI Registration and PAN No. for providing services of **79 Nos.** of Group-D manpower in different offices of Khordha district and **18 Nos.** of Group-D manpower at Registration offices of Khordha district as mentioned below for a period of one year from the date of commencement of agreement as would be indicated therein. The contract for supply of **97 (Ninety seven)** nos. of the Group-D personnel through outsourcing basis and the details of duties to be assigned are mentioned in the tender document.

The tender documents will be available at district website Khordha https://khordha.odisha.gov.in or in Establishment Section of Collectorate, Khordha on payment of **Rs.10,000/- (Ten thousand)** only as non-refundable deposit in shape of account payee demand draft from any of the Nationalised or scheduled commercial banks in favour of Collector, Khordha payable at Khordha. The approximate estimated cost of the tender is of **Rs. 1,46,66,400/-** per annum excluding applicable taxes, statutory dues and negotiated service charges. The period of submission of paper is **from 02.04.2026 to 24.04.2026 by 1.00 PM**. The Office is not responsible for any Postal delay. Incomplete application/ applications received beyond the deadline shall be rejected without assigning any notice.

The technical and financial bid will be opened in the Conference Hall of Collectorate, Khordha in presence of the selection Committee and the proprietor or authorized representatives of the Manpower Service Provider firm as per the following programme schedule.

i. **Date of opening of Technical Bid - 28.04.2026 at 09.00 AM**
ii. **Date of opening of Financial Bid - 06.05.2026 at 09.00 AM**

The bidders should have at least three years of experience in providing manpower particularly Group-D personnel to Government Department, Public Sector Companies/ Banks etc. Incomplete and conditional Tender shall be summarily rejected. The authority reserves the right to reject any or all the tenders, without assigning any reason thereof. The authority reserves the right to relax any of the provisions of the tender document in case of exigency.

The tender document of the bidders having criminal antecedents/previous unsatisfactory service reports/previously blacklisted, shall be summarily rejected.

Sd./- Collector, Khordha

OIPR-24001/24351/1/26-27/0001



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
ODISHA POWER TRANSMISSION CORPORATION LIMITED (A Government of Odisha Undertaking)
Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

TENDER ALERT — No. 4001/7/2627

**1)Tender Call Notice No. OTCN/CTC/CLE/15/2025-26:** Soil excavation, levelling and PCC work inside 33kV S/Y concrete work in S/Y periphery painting work of equipment structure foundations, earth pits and fencing foundations and other civil works inside 132/33kV Gird S/S, Choudwar under EHT (O&M) Circle, Cuttack.

**2)E-Tender Call Notice No. ETCN-31/2025-26:** Empanelment of reputed firms/travel agencies for providing hired light commercial vehicles at various units under EHT (O&M) Circle, Berhampur.

**3)Tender Call Notice No. 15/CHP/2025-26:** Engagement of 01(one) no. commercial registered light vehicle (Non AC 5 seater Bolero Camper or equivalent) to be used at TL SS & SD, Angul under EHT (O&M) Division, Chainpal.

**4)Tender Call Notice No. 01/2026-27:** Supply of 12 nos. of long range LED Dragon search light required for various GSSs with associated lines under EHT (O&M) Division, Dhenkanal.

**5)Tender Call Notice No. 01/2026-27:** Supply of various types of furniture to different Grid S/Ss and offices under EHT (O&M) Division, Bolangir.

**6)Tender Call Notice No. 02/2026-27:** Supply of LED flood/street lights to different Grid S/Ss and offices under EHT (O&M) Division, Bolangir.

For more details please visit OPTCL's website: **www.optcl.co.in.**

OIPR-4001/4011/1/26-27/0001 — FIPR-02/2026-27

/optcl.odisha /optcl_odisha



ମାଲଦାରେ ତୃଣମୂଳ କଂଗ୍ରେସର ନିର୍ବାଚନ ପ୍ରଚାର ବେଳେ କଳାକାରଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । (ଫଟୋ: ପି.ଟି.)

# ତ୍ରିଭାଷୀ ସୂତ୍ର ହିନ୍ଦୀ ଲଦିବା ପାଇଁ ପରିବର୍ତ୍ତିତ ବ୍ୟବସ୍ଥା: ଷ୍ଟାଲିନ୍

ଚେନ୍ନାଇ/ନୂଆଦିଲ୍ଲୀ,୪।୪(ପି.ଟି.)


ଏମ୍.କେ. ଷ୍ଟାଲିନ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ନୂଆ ପାଠ୍ୟକ୍ରମ ଜାରି କରିଥିବାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶନିବାର ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ତଥାକଥିତ ତ୍ରିଭାଷୀ ସୂତ୍ର ବାସ୍ତବରେ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳଗୁଡ଼ିକରେ ହିନ୍ଦୀର ପ୍ରସାର ପାଇଁ ଏକ ପରିବର୍ତ୍ତିତ ବ୍ୟବସ୍ଥା। ଶିକ୍ଷାବୋର୍ଡ ଦ୍ୱାରା ପ୍ରସ୍ତୁତ ପାଠ୍ୟକ୍ରମ ଢାଞ୍ଚା ଜାତୀୟ ଶିକ୍ଷାନୀତି,୨୦୨୦ ଅନୁଯାୟୀ ହୋଇଛି, ଯାହା ଏକ ସାଧାରଣ ଶିକ୍ଷା ସଂସ୍କାର ନ ଥିଲା ବୋଲି ଡିଏମ୍କେ ଅଧ୍ୟକ୍ଷ ଷ୍ଟାଲିନ୍ ଅଭିଯୋଗ କରିଛନ୍ତି। ଭାଷାକୁ ଜବରଦସ୍ତ ଲଦିଦେବା ପାଇଁ ଏହା ଏକ ମାପଚୁପ ଏବଂ ଗଭୀର ଚିନ୍ତାଜନକ ଉଦ୍ୟମ, ଯାହା ଆମର ଦୀର୍ଘଦିନର ଆଶଙ୍କାକୁ ସତ୍ୟ ପ୍ରମାଣିତ କରିଛି। ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ଆଳରେ ଭାଜପା ନେତୃତ୍ୱାଧୀନ ଏନ୍ଡିଏ ସରକାର ହିନ୍ଦୀ ଭାଷାକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେଇ ଭାରତର ସମୃଦ୍ଧ ତଥା ବିବିଧ ଭାଷା ଐତିହ୍ୟକୁ ବ୍ୟବସ୍ଥିତ ଭାବେ ଅବହେଳା କରିବା ସହ କେନ୍ଦ୍ରୀକରଣ ନୀତିକୁ ଜୋର୍‌ସୋରରେ ଆଗେଇ ନେଉଛନ୍ତି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହି ପରିବର୍ତ୍ତିତ ପାଠ୍ୟକ୍ରମ ଅର୍ଥ ହିନ୍ଦୀ ଶିକ୍ଷାକୁ ବାଧ୍ୟତାମୂଳକ କରିବା ବୋଲି ଷ୍ଟାଲିନ୍ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଷ୍ଟାଲିନ୍‌ଙ୍କ ତ୍ରିଭାଷୀ ସୂତ୍ର ସମାଲୋଚନାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିନ୍ଦା କରିଛନ୍ତି। ରାଜନୈତିକ ବିଫଳତାକୁ ଲୁଚାଇବା ପାଇଁ 'ଭାଷା ଲଦିଦେବା' ଅଭିଯୋଗ ଏକ କ୍ଲାନ୍ତ ପ୍ରୟାସ ବୋଲି ସେ କହିଛନ୍ତି। ହିନ୍ଦୀକୁ ବାଧ୍ୟତାମୂଳକ କରାଯାଉଛି କହି ଆପଣ ତାମିଲ ଭାଷାକୁ ରକ୍ଷା କରୁନାହାନ୍ତି, ବରଂ ପିଲାଙ୍କୁ ବହୁଭାଷୀ ବିଶ୍ୱନେତା ହେବା ସୁଯୋଗରୁ ବଞ୍ଚିତ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସଂକ୍ଷେପରେ

### ଇରାନ ତୈଳ ଜାହାଜ ଚାଇନା ମୁହାଁଇବା ପଛରେ ଦେୟ ସମସ୍ୟା ଅଭିଯୋଗକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ,୪।୪: ଇରାନରୁ ଅଶୋଧିତ ତୈଳ ଆମଦାନୀରେ ଦେୟ ପୈଠଜନିତ କୌଣସି ସମସ୍ୟା ନାହିଁ ବୋଲି ଭାରତ କହିଛି। ସେଠାରୁ ଭାରତୀୟ ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକ ଇରାନ ସମେତ ବିଭିନ୍ନ ଦେଶରୁ କ୍ରୁଡ୍ ଆମଦାନୀ ଜାରି ରଖିଥିବା ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇରାନରୁ ଅଶୋଧିତ ତୈଳ ଆଣି ଭାରତ ଆସୁଥିବା ଏକ ଜାହାଜ ମଝିରୁ ଚାଇନା ଆଡ଼କୁ ମୁହାଁଇବା ପଛରେ ଦେୟ ପୈଠ ସମସ୍ୟା ରହିଥିବା ଖବର ପ୍ରକାଶ ପାଇଥିଲା। ମନ୍ତ୍ରଣାଳୟ ଏହାକୁ ଖଣ୍ଡନ କରିଛି। ଯାତ୍ରା ସମୟରେ ପଣ୍ୟବାହୀ ଜାହାଜଗୁଡ଼ିକ ଗତିପଥ ପରିବର୍ତ୍ତନ କରିଥାନ୍ତି। କମ୍ ଖର୍ଚ୍ଚରେ ଅଧିକ ଲାଭ ପାଇବା ପାଇଁ ବାଣିଜ୍ୟିକ ପ୍ରକ୍ରିୟାକୁ ସର୍ବୋତ୍ତମ ଉପାୟରେ ପରିଚାଳନା କରିବା ଏକ ସାଧାରଣ ଉଦ୍ୟୋଗିକ କାର୍ଯ୍ୟଧାରା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ୟୁକ୍ରେନ୍ ଉପରେ ରୁଷିଆର ଡ୍ରୋନ୍ ଆକ୍ରମଣ: ୫ ମୃତ

କିଭ୍,୪।୪ : ୟୁକ୍ରେନ୍‌ର ନିକୋପୋଲ୍ ସହର ଅନ୍ତର୍ଗତ ଏକ ବଜାର ଉପରେ ଶନିବାର ସକାଳେ ରୁଷିଆ ଡ୍ରୋନ୍ ମାଡ଼ କରିବାରୁ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ରହିଥିବା ଆଞ୍ଚଳିକ ଗଭର୍ନର ଓଲେକ୍‌ସାଣ୍ଡର ଗାଞ୍ଜା ଗଣମାଧ୍ୟମକୁ କହିଛନ୍ତି। ୧୯ ଆହତଙ୍କ ମଧ୍ୟରୁ ଜଣେ ନାବାଳିକା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ନିକୋପୋଲ ରୁଷିଆ ଅଧିକୃତ ଅଞ୍ଚଳର ନିକଟତର ହୋଇଥିବାରୁ ଏହା କ୍ରମାଗତ ଭାବେ ଆକ୍ରମଣର ଶିକାର ହୋଇଆସୁଛି। ପୂର୍ବରୁ ରୁଷିଆ ରାତି ସମୟରେ ଆକ୍ରମଣ କରୁଥିଲାବେଳେ ଏବେ ଦିନବେଳା ଆକ୍ରମଣ ବୃଦ୍ଧି ପାଇଛି।

### ୬୦ ଫୁଟ୍ ଉଚ୍ଚର ଦୋଳି ଭୁଶୁଡ଼ି ୩୦ ଆହତ

ଲକ୍ଷ୍ନୌ,୪।୪ : ଉତ୍ତର ପ୍ରଦେଶର କୁଶିନଗର ଅନ୍ତର୍ଗତ ଖାଡ୍ଡା ଅଞ୍ଚଳରେ ଚୈତବରନି ମେଳା ଚାଲିଥିବାବେଳେ ୬୦ ଫୁଟ୍ ଉଚ୍ଚର ଏକ ଦୋଳି ଭୁଶୁଡ଼ି ୩୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୋଳିରେ ପ୍ରାୟ ୮୦ ଜଣ ବସିଥିବାରୁ ଏହା ଅଧିକ ଗହଳି ହୋଇଥିଲା। ୨ ଥର ବୁଲିବା ପରେ ଏକ ଶବ୍ଦ ହୋଇଥିଲା ଓ ଦୋଳି ଏହାର ବେସ୍‌ରୁ ଉପୁଡ଼ି ପଡ଼ିଥିଲା। ଫଳରେ ଦୋଳିରେ ବସିଥିବା ଲୋକମାନେ ଛିଟିକି ପଡ଼ିଥିଲେ ଓ କେତେଜଣ ଏହା ତଳେ ଚାପିହୋଇ ଯାଇଥିଲେ। ମେଳାରେ ଉପସ୍ଥିତ ପୋଲିସ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଆହତମାନଙ୍କୁ ୬ଟି ଆମ୍ବୁଲାନ୍ସ ସହାୟତାରେ ହସ୍ପିଟାଲ ପଠାଯିବା ପରେ ଗୁରୁତରଙ୍କୁ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଡିଲ୍ କର, ନଚେତ୍ ହର୍ମୁଜ୍ ଖୋଲ

## ୪୮ ଘଣ୍ଟିଆ ମହଲତ ଦେଲେ ଟ୍ରମ୍ପ୍

କାଏରୋ/ତେହରାନ୍/ୱାଶିଂଟନ୍, ୪।୪ (ଏ.ପି./ଅଲ୍‌ଜଜିରା)



ସମୟ ଯେତିକି ଗଡ଼ିଚାଲିଛି ମଧ୍ୟପ୍ରାଚ୍ୟ ଯୁଦ୍ଧର ମୋଡ଼ ସେତିକି ବଦଳିବାରେ ଲାଗିଛି। ଇରାନ୍ ପକ୍ଷରୁ ଇସ୍ରାଏଲ୍ ସମେତ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ସେନା ଘାଟିଗୁଡ଼ିକ ଉପରେ ଘନଘନ ଆକ୍ରମଣ ଜାରି ରହିଥିବାବେଳେ ଶୁକ୍ରବାର ୨ ୟୁଏସ୍ ଏୟାରକ୍ରାଫ୍ଟ ଖସିପଡ଼ିବା ଘଟଣା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବ୍ୟଥିତ କରିଛି। ଟ୍ରମ୍ପ୍ ଶନିବାର ଇରାନ୍‌କୁ ୪୮ ଘଣ୍ଟିଆ ମହଲତ ଦେଇ କହିଛନ୍ତି, ଏହି ଅବଧି ଭିତରେ ତେହରାନ୍ ଶାନ୍ତି ପାଇଁ ଡିଲ୍ କରୁ, ନଚେତ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଜାହାଜ ଚଳାଚଳ ପାଇଁ ଅବରୋଧ ମୁକ୍ତ କରୁ। ଅନ୍ୟଥା ଆମେରିକା ଯେଉଁ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ତାକୁ ସାମ୍ନା କରିବାକୁ ପଡ଼ିବ। ପୂର୍ବରୁ ସେ ଏଥିପାଇଁ ୧୦ ଦିନର ମହଲତ ଦେଇଥିଲେ। କିନ୍ତୁ ଏଥର ଆଉ ଅଧିକ ସମୟ ଦେବେ ନାହିଁ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି।

ଏହା ପୂର୍ବରୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚି କହିଥିଲେ, ପାକିସ୍ତାନ ମଧ୍ୟସ୍ଥତାରେ ଚାଲିଥିବା ଶାନ୍ତି ଆଲୋଚନାକୁ ତେହରାନ୍ ଅଗ୍ରାହ୍ୟ କରିନାହିଁ। ପାକିସ୍ତାନ ପ୍ରତି ଆମେ କୃତଜ୍ଞ। କିନ୍ତୁ ଆମେରିକା ଆମ ଉପରେ ଲଦି ଦେଇଥିବା ବେଆଇନ ଯୁଦ୍ଧର ଚୂଡ଼ାନ୍ତ ନିଷ୍କର୍ଷ ବାହାରିବା ଆବଶ୍ୟକ। କେବଳ ଏହି ବିଷୟକୁ ନେଇ ତେହରାନ୍ ଚିନ୍ତିତ ବୋଲି Xରେ ସେ ଉଲ୍ଲେଖ କରିଥିଲେ। ଏଥିସହ ଇରାନ୍‌ର ଆଭିମୁଖ୍ୟକୁ ଆମେରିକୀୟ ଗଣମାଧ୍ୟମ ଭୁଲ୍ ଭାବେ ଉପସ୍ଥାପନ କରୁଥିବା ସେ ଅଭିଯୋଗ ଆଣିଥିଲେ। ପାକିସ୍ତାନ ମଧ୍ୟ ଆମେରିକା-ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା ବନ୍ଦ ହୋଇଯାଇଥିବା ନେଇ ପ୍ରକାଶିତ ରିପୋର୍ଟକୁ ଖଣ୍ଡନ କରିଛି। ବୁଝାମଣା ଓ ବିଚାରବିମର୍ଶ ଜାରି ରହିଥିବା ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ତାହିର ଅନ୍ଦ୍ରାବି ଏକ ବିବୃତିରେ ସୂଚନା ଦେଇଛନ୍ତି।

ସେପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ନେଇ ଦେଶଗୁଡ଼ିକ ପକ୍ଷରୁ ଆଇନଗତ ପଦକ୍ଷେପ ଲାଗି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ କ୍ଷମତା ପ୍ରଦାନ ସଂକ୍ରାନ୍ତ ସଂକଳ୍ପନାମା ଶନିବାର ଅଣାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ ରୁଷିଆ ଓ ଚାଇନା ସମେତ ଫ୍ରାନ୍ସର ବିରୋଧ ଯୋଗୁ ଏହି ରିଜୋଲ୍ୟୁଶନ୍ ଉପରେ ମତଦାନକୁ ବାହାରିନ୍ ପକ୍ଷରୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।

### ତେହରାନ୍: ଆଲୋଚନାକୁ ଆଗ୍ରହ କିନ୍ତୁ ସତର୍କ

ଇରାନ୍‌ରେ ଖସିପଡ଼ିଥିବା ଆମେରିକୀୟ ଏଫ୍-୧୫ ଯୁଦ୍ଧବିମାନର କ୍ରିଉ ମେମ୍ବରଙ୍କୁ ଖୋଜି ବାହାର କରିବା ପାଇଁ ତେହରାନ୍ ଜନସାଧାରଣଙ୍କୁ ନିର୍ଦ୍ଦେଶ ଦେଇଛି। ଏପରି କି ଯିଏ କ୍ରିଉଙ୍କ ସମ୍ପର୍କରେ ସୂଚନା ଦେବେ ତାଙ୍କୁ ପୁରସ୍କାର ଦିଆଯିବ ବୋଲି ଇରାନ୍ ଘୋଷଣା କରିଛି।

# ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ଅନିୟମିତତା

## ଯାତ୍ରୀଙ୍କ ସୁରକ୍ଷା ସହ ସାଲିସ୍ : ସଂସଦୀୟ କମିଟି

ନୂଆଦିଲ୍ଲୀ,୪।୪ (ପି.ଟି.)

ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନାରେ ବଗିଗୁଡ଼ିକର ଜରୁରୀ ଯନ୍ତ୍ରାଂଶ ସ୍ଥାନରେ ପୁରୁଣା ଉପକରଣ ବ୍ୟବହାର କରାଯାଉଥିବା ନେଇ ଶୁକ୍ରବାର ସଂସଦର ପବ୍ଲିକ୍ ଆକାଉଣ୍ଟସ୍ କମିଟି (ପିଏସି) ପକ୍ଷରୁ ଅଭିଯୋଗ କରାଯାଇଛି। ଏହା କେବଳ ସମୟୋଚିତ ମରାମତି ନିୟମର ଉଲ୍ଲଂଘନ କରୁନାହିଁ, ଯାତ୍ରୀଙ୍କ ନିରାପତ୍ତାକୁ ମଧ୍ୟ ବିପନ୍ନ କରୁଛି। ଏହି ୱାର୍କଶପ୍‌ରେ ମରାମତି କରାଯାଇଥିବା ଅନେକ କୋଚ୍ ମରାମତିର ୧୦୦ ଦିନ ମଧ୍ୟରେ ଅକାମୀ ହୋଇଯିବା ପରେ ଏଭଳି ନିମ୍ନମାନର କାର୍ଯ୍ୟ ଧରାପଡ଼ିଥିଲା। ୱାର୍କଶପ୍‌ର କାର୍ଯ୍ୟଶୈଳୀ, ଯନ୍ତ୍ରପାତିକିଣା ଏବଂ କୋଚ ରକ୍ଷଣାବେକ୍ଷଣ ସମ୍ପର୍କିତ ତଥ୍ୟରେ ସଠିକତା ନ ଥିବା ଭଳି ଅନେକ ବିଚ୍ୟୁତି ପିଏସି ଜାଣିବାକୁ ପାଇଛି।

ପୂର୍ବତଟ ରେଲୱେ ଅଧୀନରେ ଆସୁଥିବା ମଞ୍ଚେଶ୍ୱରସ୍ଥିତ କ୍ୟାରେଜ୍ ରିପେୟାର ୱାର୍କଶପ୍ ୧୯୮୧ ନଭେମ୍ବରରେ ପ୍ରତିଷ୍ଠା କରାଯାଇଥିଲା। ପ୍ରାରମ୍ଭରେ ଏହା ମାସକୁ ୪୫ କୋଚ୍ ମରାମତି କରୁଥିବାବେଳେ ୨୦୧୬ରେ ମରାମତି କ୍ଷମତାକୁ ୧୫୦ କୋଚ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି) ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ବର୍ଷର ୱାର୍କଶପ୍ କାର୍ଯ୍ୟକାରିତାକୁ ଯାଞ୍ଚ କରି ରିପୋର୍ଟ ଦେଇଥିଲେ, ଯାହାକି ୨୦୨୫ରେ ସଂସଦରେ ଉପସ୍ଥାପିତ ହୋଇଥିଲା। ଉକ୍ତ ରିପୋର୍ଟକୁ ପିଏସି ବିସ୍ତୃତ ଭାବେ ଅନୁଧ୍ୟାନ କରିବା ପରେ ଉପରୋକ୍ତ ତ୍ରୁଟି ଜଣାପଡ଼ିଛି।

# ମ୍ୟାନ୍‌ମାର ସାମରିକ ଶାସକ ରାଷ୍ଟ୍ରପତି ନିର୍ବାଚିତ

ନାପିଦାଓ,୪।୪

ମ୍ୟାନ୍‌ମାରର ସାମରିକ ଶାସକ ମିନ୍ ଔଙ୍ଗ୍ ହ୍ଲାଇଙ୍ଗ୍ ଶୁକ୍ରବାର ଏକ ସଂସଦୀୟ ନିର୍ବାଚନରେ ଦେଶର ରାଷ୍ଟ୍ରପତି ହୋଇଛନ୍ତି। ସେନା ବିଦ୍ରୋହ ବଳରେ ଦେଶରୁ ଏକ ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ୍ କରିବାର ୫ ବର୍ଷ ପରେ ହ୍ଲାଇଙ୍ଗ୍‌ଙ୍କୁ ଆନୁଷ୍ଠାନିକ ଭାବେ ରାଜନୀତିକୁ ନିୟନ୍ତ୍ରଣ କରିବା କ୍ଷମତା ମିଳିଛି। ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ସରକାର ବିରୋଧରେ ୬୯ ବର୍ଷୀୟ ଜେନେରାଲ ହ୍ଲାଇଙ୍ଗ୍ ୨୦୨୧ରେ ସାମରିକ ବିଦ୍ରୋହ କରିଥିଲେ। ଗତ ଡିସେମ୍ବର ଓ ଜାନୁଆରୀରେ ଅନୁଷ୍ଠିତ ଏକପାଖିଆ ନିର୍ବାଚନରେ ସେନା ସମର୍ଥିତ ଦଳ ଐତିହାସିକ ବିଜୟ ଲାଭ କରିଥିଲା।

# ସ୍କୁଲ ଚୟନ ଅଧିକାର ଶିକ୍ଷାଧିକାରରେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୪।୪

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଜଣେ ପିଲାର ଶିକ୍ଷା ଗ୍ରହଣ କରିବାର ଅଧିକାର ରହିଛି, କିନ୍ତୁ ନାମଲେଖା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍କୁଲକୁ ଚୟନ କରିବା ଅଧିକାର ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ କାରିଆଙ୍କ ଖଣ୍ଡପୀଠ କହିଛନ୍ତି, ଶିକ୍ଷା ଅଧିକାର ଏକ ଲାଭଦାୟକ ଆଇନ, ଯାହା ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସ୍କୁଲକୁ ଜାତି ଓ ଜାତିଆଣ ଗୋଷ୍ଠୀ ପ୍ରତିବନ୍ଧକରୁ ମୁକ୍ତ କରି ଏକ ସାଧାରଣ ସ୍ଥାନରେ ପରିଣତ କରିବା ଲକ୍ଷ୍ୟରେ ପ୍ରଣୟନ କରାଯାଇଥିଲା। ତେବେ ଏଭଳି ଉଦ୍ଦେଶ୍ୟ ରଖିଥିବା ଶିକ୍ଷା ଅଧିକାରକୁ ନିର୍ଦ୍ଦିଷ୍ଟ ସ୍କୁଲ୍ ଚୟନ କରିବା ଅଧିକାରରେ ପରିଣତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ୨୦୨୪-୨୫ ଶିକ୍ଷା ବର୍ଷରେ ଜଣେ ମା' ତାଙ୍କ ଶିଶୁଙ୍କୁ ଏକ ଘରୋଇ ବିଦ୍ୟାଳୟରେ ଇଡବ୍ଲ୍ୟୁଏସ୍ ବର୍ଗରେ ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇବା ପାଇଁ କରିଥିବା ଆବେଦନ ଉପରେ ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

# ନୀରବ କିନ୍ତୁ ଭୟଭୀତ ନୁହେଁ: ରାଘବ ଚଡ୍ଢା


ରାଘବ ଚଡ୍ଢା

ନୂଆଦିଲ୍ଲୀ,୪।୪

ରାଜ୍ୟ ସଭାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଉପନେତା ପଦରୁ ଦଳ ପକ୍ଷରୁ ହଟାଯିବା ପରେ ରାଘବ ଚଡ୍ଢା ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। Xରେ ଏକ ଭିଡିଓ ଜାରି କରି ରାଘବ କହିଛନ୍ତି, ପାର୍ଲାମେଣ୍ଟରେ ତାଙ୍କୁ ଆଉ କହିବାକୁ ଦିଆଯିବ ନାହିଁ। ତାଙ୍କୁ ନୀରବ କରିଦିଆଯାଇଛି କିନ୍ତୁ ସେ ପରାଜିତ ହୋଇନାହାନ୍ତି। ଭିଡିଓ ମେସେଜ୍‌ରେ ରାଘବ ଆପ୍ ଉପରେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସେ ଯେତେବେଳେ ବି ସଂସଦରେ କହିବାକୁ ସୁଯୋଗ ପାଇଥାନ୍ତି ଲୋକଙ୍କ ପ୍ରସଙ୍ଗ ଉଠାଇଥାନ୍ତି। ସାଧାରଣତଃ ଯେଉଁ ପ୍ରସଙ୍ଗଗୁଡ଼ିକ ଉଠି ନ ଥାଏ, ସେ ତାକୁ ହିଁ ଉପସ୍ଥାପନ କରିଥାଆନ୍ତି। ଲୋକଙ୍କ ସହ ଜଡ଼ିତ ପ୍ରସଙ୍ଗ ଉଠାଇବା କ'ଣ ଏକ ଅପରାଧ କି ବୋଲି ପ୍ରଶ୍ନ କରିଛନ୍ତି। ଆପ୍ ନେତା ସୌରଭ ଭରଦ୍ୱାଜ ଏହାର ଜବାବ ରଖି କହିଛନ୍ତି, ରାଘବ କେବଳ ଛୋଟକାଟିଆ ପ୍ରସଙ୍ଗ ଉଠାଉଛନ୍ତି। ଏପରି କି ଅନେକ ବିବାଦୀୟ ପ୍ରସଙ୍ଗରେ ସେ ଦଳୀୟ ଆଭିମୁଖ୍ୟକୁ ସମର୍ଥନ କରୁନାହାନ୍ତି। ଦଳର ଆବାହକ ଅରବିନ୍ଦ କେଜ୍‌ରିୱାଲ ଓ ଅନ୍ୟ ନେତାମାନେ ଜେଲ ଯାଇଥିବାବେଳେ ରାଘବ ଲୁଚିଥିଲେ। କିଛି ଦିନ ହେଲା ଭାଜପା ତାଙ୍କୁ ସମର୍ଥନ କରୁଛି ବୋଲି ସୌରଭ ସମାଲୋଚନା କରିଛନ୍ତି।

## ଶାହାଙ୍କ ରୋଡ୍ ଶୋ'ରେ ଟିଏମ୍‌ସି କର୍ମୀ ଧସେଇ ପଶିବା ଘଟଣା

# ୪ ପୋଲିସ ଅଫିସର ନିଲମ୍ବିତ

କୋଲକାତା,୪।୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ନାମାଙ୍କନପତ୍ର ଦାଖଲ ବେଳେ ଆଇନଶୃଙ୍ଖଳା ବଜାୟ ରଖିବାରେ ବିଫଳ ହୋଇଥିବା କୋଲକାତାର ୪ ପୋଲିସ ଅଫିସରଙ୍କୁ ତୁରନ୍ତ ନିଲମ୍ବନ କରିବା ପାଇଁ ନିର୍ବାଚନ କମିଶନ (ଇସି) ଶନିବାର ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଶୁଭେନ୍ଦୁ ନାମାଙ୍କନପତ୍ର ଦାଖଲ କରିବା ପାଇଁ ରୋଡ୍ ଶୋ'ରେ ଆସିଥିବାବେଳେ ତାଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଅନ୍ୟ ନେତାମାନେ ରହିଥିଲେ। ଏହି ସମୟରେ ଟିଏମ୍‌ସିର କେତେଜଣ କର୍ମୀ ରୋଡ୍ ଶୋ' ମଧ୍ୟକୁ ଧସେଇ ପଶିଥିଲେ।

# ଭୂକମ୍ପରେ ପରିବାରର ୮ ମୃତ

## ଇରାନ ଯୁଦ୍ଧରୁ ବର୍ତ୍ତିବା ପାଇଁ ଆଫଗାନିସ୍ତାନ ଯାଇଥିଲେ

କାବୁଲ,୪।୪

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିଥିବାବେଳେ ଏଥିରୁ ବର୍ତ୍ତିବା ପାଇଁ ସେଠାର ଏକ ୯ ଜଣିଆ ପରିବାର ୧୫ ଦିନ ପୂର୍ବରୁ ଆଫଗାନିସ୍ତାନ ପଳାଇଆସିଥିଲେ। ହେଲେ ମୃତ୍ୟୁ ସେମାନଙ୍କ ପିଛା ଛାଡ଼ିଲା ନାହିଁ। ସେମାନେ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପକଣ୍ଠରେ ଏକ ତମ୍ବୁ ତଳେ ଆଶ୍ରୟ ନେଇଥିବାବେଳେ ଶୁକ୍ରବାର ରାତିରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ବର୍ଷା ଯୋଗୁ ଓଦା ଥିବା ପାଖ ଘରର କାନ୍ଥ ଭୂକମ୍ପ ପ୍ରଭାବରେ ଭୁଶୁଡ଼ି ତମ୍ବୁ ଉପରେ ପଡ଼ିବାରୁ ଏହା ତଳେ ଶୋଇଥିବା ପରିବାରର ୮ ଜଣଙ୍କ ଜୀବନ ଚାଲିଯାଇଛି। ମୃତକମାନେ ହେଲେ ମା'ବାପା, ୪ ଝିଅ ଏବଂ ୨ ପୁଅ। ଏକମାତ୍ର ସଦସ୍ୟ ୩ ବର୍ଷୀୟ ପୁଅ ଆରଶ ବଞ୍ଚିଯାଇଛନ୍ତି। ତାଙ୍କୁ ଆହତ ଅବସ୍ଥାରେ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇ କାବୁଲର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଲିବାନ୍ ସ୍ୱାସ୍ଥ୍ୟମନ୍ତ୍ରୀ ଶରାଫତ ଜମାନ ଶନିବାର ହସ୍ପିଟାଲ ଯାଇ ଉକ୍ତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି। ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଶିଶୁକୁ ଚିକିତ୍ସା କରାଯାଉଛି। ପରିବାରର ମୁଖ୍ୟ ୫୦ ବର୍ଷୀୟ ନଜିବୁଲ୍ଲା ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାର ପାଇଁ ଘର ବ୍ୟବସ୍ଥା କରି ନ ପାରି ତମ୍ବୁ ତଳେ ରହୁଥିଲେ। ବର୍ଷା ଏବଂ ଅଧିକ ଥଣ୍ଡା ପଡ଼ିଥିବାରୁ ବାହାରେ ନ ରହି ଘରେ ରାତିକ ପାଇଁ ଆଶ୍ରୟ ନେବାକୁ ପଡ଼ୋଶୀ ମୋହିବୁଲ୍ଲା ନିଆଜି ଡାକିଥିଲେ ମଧ୍ୟ ସେମାନେ ଯାଇ ନ ଥିଲେ। କାନ୍ଥ ପଡ଼ିବା ବେଳେ ସେମାନଙ୍କ ଚିତ୍କାର ଶୁଣି ପାଖରେ ରହୁଥିବା ଲୋକେ ଉଦ୍ଧାର ପାଇଁ ଧାଇଁ ଯାଇଥିଲେ। ମାଟି କାଦୁଅ ତଳୁ ସେମାନଙ୍କୁ ବାହାର କରାଯାଇ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ମୃତ ଘୋଷଣା କରାଯାଇଥିଲା।


କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଶନିବାର ଆଲାପୁଝାଠାରେ ଏକ ସାଧାରଣ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳୀୟ ଏମ୍‌ପି କେ.ସି. ବେଣୁଗୋପାଳ ଓ ଅନ୍ୟ ନେତାମାନେ ଯୋଗ ଦେଇଛନ୍ତି।

## କୋରାପୁଟ, ମାଲକାନଗିରି ଜିଲାରେ ମୃଦୁ ଭୂମିକମ୍ପ

କୋରାପୁଟ,୪।୪(ଅମିତାଭ ବେହେରା): କୋରାପୁଟ ଓ ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଶନିବାର ରାତି ପ୍ରାୟ ୧୧ଟା ୩୦ରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। କୋରାପୁଟ ସମେତ ଜୟପୁର, ପଟ୍ଟାଙ୍ଗି, ସୁନାବେଡା, ଲମତାପୁଟ ଓ ନନ୍ଦପୁର ଆଦି ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ସହ ପ୍ରାୟ ୨ରୁ ୩ ସେକେଣ୍ଡ ପାଇଁ ରିକ୍ଟର ସ୍କେଲରେ ୪.୪ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଭୂମିକମ୍ପ ଯୋଗୁ ଲୋକେ ଘରୁ ବାହାରକୁ ଚାଲି ଆସିଥିବା ଦେଖିବାକୁ ମିଳିଥିଲା। ଭୂମିକମ୍ପ ପ୍ରଭାବରେ କେତେକ ସ୍ଥାନରେ ଘର କାନ୍ଥ ଫାଟି ଯାଇଥିବା ସୂଚନା ମିଳିଛି।

# ଓଡ଼ିଆରେ ନାମଫଳକ ପାଇଁ ସଚେତନତା ପଦଯାତ୍ରା

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ନାମଫଳକ ପ୍ରଦର୍ଶନ ପାଇଁ ବ୍ୟାପକ ସଚେତନତା ଅଭିଯାନ ଓ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋୟର ପିଏମ୍‌ଜିଠାରୁ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ଏହି ପଦଯାତ୍ରାରେ ୨୦୦ରୁ ଅଧିକ ବ୍ୟକ୍ତି ସାମିଲ ହୋଇ ଓଡ଼ିଆ ଭାଷାର ପ୍ରସାର ପାଇଁ ସଂକଳ୍ପ ନେବା ସହ ଅନ୍ୟମାନଙ୍କୁ ସଚେତନ କରାଇଥିଲେ। ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରି କହିଲେ, ଶନିବାରରୁ ମଙ୍ଗଳବାର ପର୍ଯ୍ୟନ୍ତ ୪ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନ ପରିଦର୍ଶନ କରିବେ। ଓଡ଼ିଆରେ ନାମଫଳକ ସ୍ପଷ୍ଟ ଭାବେ ଲଗାଯାଇ ନ ଥିବା ପ୍ରତିଷ୍ଠାନରେ ବ୍ୟବସାୟୀମାନଙ୍କୁ ନିର୍ଭୁଲ୍ ଭାବେ ଓଡ଼ିଆ ନାମଫଳକ ଲେଖିବାକୁ ଅନୁରୋଧ କରାଯିବ। ଆମ ଭାଷା ଆମର ପରିଚୟ ଓ ଗର୍ବ ହୋଇଥିବାରୁ ପ୍ରତ୍ୟେକ ବ୍ୟବସାୟ ସ୍ଥଳରେ ଏହାର ବ୍ୟବହାରକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ର ଓ ଭାରତୀ ସିଆ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବନାନୀ ମହାପାତ୍ର, ଖୋର୍ଦ୍ଧା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ଅନୁଯାୟୀ ପ୍ରତ୍ୟେକ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ଭାଷାରେ ସ୍ପଷ୍ଟ ଓ ନିର୍ଭୁଲ୍ ଭାବେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଏହି ଆଇନର ଧାରା ୩୫ ଅନୁଯାୟୀ, କୌଣସି ପ୍ରତିଷ୍ଠାନ ନିୟମ ଉଲ୍ଲଂଘନ କଲେ ସେମାନଙ୍କୁ କଠୋର ଆର୍ଥିକ ଜରିମାନାର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମଥର ନିୟମ ଖିଲାପ ପାଇଁ ୫,୦୦୦ରୁ ୧୦,୦୦୦ ଟଙ୍କା ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୧୦,୦୦୦ ଟଙ୍କାରୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଏହି ସଚେତନତା ଅଭିଯାନ ମାଧ୍ୟମରେ ସହରର ବ୍ୟବସାୟୀଙ୍କୁ ଆଇନ ସମ୍ପର୍କରେ ଅବଗତ କରାଯିବା ସହ ଓଡ଼ିଆ ଭାଷାର ମର୍ଯ୍ୟାଦା ରକ୍ଷା ପାଇଁ ଆହ୍ୱାନ ଦିଆଯାଇଛି।


ସଚେତନତା ପଦଯାତ୍ରାକୁ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

## ସମସ୍ତ ଅନୁଷ୍ଠାନକୁ ଓଡ଼ିଆରେ ନାମଫଳକ ଲେଖିବାକୁ ଆହ୍ୱାନ ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୪।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆରେ ସ୍ପଷ୍ଟ ଭାବେ ନାମ ଫଳକ ଲେଖିବାକୁ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏଥିସହ ପ୍ରତ୍ୟେକ ଦିନ ଆମେ ଓଡ଼ିଆତ୍ୱ ଆଧାରିତ ବିଷୟବସ୍ତୁକୁ ସମର୍ପିତ କରୁଛୁ। ଏହି ପରିପ୍ରେକ୍ଷୀରେ ଶନିବାର ପାଳନ ହୋଇଛି 'ଓଡ଼ିଆରେ ନାମଫଳକ ଲେଖା ଅଭିଯାନ' ସଚେତନତା ପଦଯାତ୍ରା। ସାରା ରାଜ୍ୟରେ ଶ୍ରମ ଓ କର୍ମଚରୀ ରାଜ୍ୟ ବୀମା ବିଭାଗ ଏହାର ନେତୃତ୍ୱ ନେଉଛି। ଓଡ଼ିଆରେ ନାମ ଫଳକ ଲେଖିବାକୁ ସମସ୍ତେ ସଚେତନ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଆହ୍ୱାନ ଦେଇଛନ୍ତି। ତେଣୁ ସମସ୍ତେ ଏହାକୁ ପାଳନ କରିବାକୁ ସଂସ୍କୃତି ମନ୍ତ୍ରୀ ଅନୁରୋଧ କରିଛନ୍ତି। ସବୁ କଥାକୁ ଆମେ ନାଲିଆଖି ଦେଖେଇ କାଗଜରେ ନାଲିଗାର ପକାଇ କରିବା ନାହିଁ। ଯେ ପର୍ଯ୍ୟନ୍ତ ଆମର ଏହି ସଚେତନତା ଜନ ଆନ୍ଦୋଳନରେ ପରିଣତ ନ ହୋଇଛି ବା ସମାଜରେ ସହଯୋଗ ନ ମିଳିଛି, ସେପର୍ଯ୍ୟନ୍ତ ଏପରି ଅଭିଯାନ ଜାରି ରହିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି।


ସୂର୍ଯ୍ୟବଂଶୀ ସୂରଜ

# ପରଲୋକରେ ଚନ୍ଦ୍ରିକା ପଣ୍ଡା

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)



ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଶ୍ରମିକ କ୍ଷତିପୂରଣ କମିଶନର ଚନ୍ଦ୍ରିକା ପଣ୍ଡାଙ୍କର ମାର୍ଚ୍ଚ ୨୫ରେ ପରଲୋକ ହୋଇଯାଇଛି। କିଛିଦିନ ଧରି ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଇଂ. ହୃଷୀକେଶ ପଣ୍ଡା, କନ୍ୟା ଡ. ମୈତ୍ରେୟୀ ପଣ୍ଡା, ବସୁଧା ପଣ୍ଡା, ଜ୍ୱାଇଁ ଡ. ମୃତ୍ୟୁଞ୍ଜୟ ଦାଶ ଓ ଇଂ. ଶିବ ପ୍ରସାଦ ରଥ ଏବଂ ଦୁଇ ନାତି ଉପସ୍ଥିତ ଥିଲେ। ଚନ୍ଦ୍ରିକା ତାଙ୍କ ଚାକିରିକାଳରେ ରାଜ୍ୟର ଶ୍ରମ ବିଭାଗର ବିଭିନ୍ନ ପଦ ପଦବୀରେ ରହିଥିଲେ। ଶେଷରେ ଶ୍ରମିକ କ୍ଷତିପୂରଣ କମିଶନର ଭାବେ ଚାକିରିରୁ ଅବସର ନେଇଥିଲେ। ଶ୍ରମିକଙ୍କ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ, ବିଧବା ସ୍ତ୍ରୀଙ୍କୁ ଭତ୍ତା ବ୍ୟବସ୍ଥା ସମେତ ନ୍ୟାୟ ପ୍ରଦାନ ପାଇଁ ପଦକ୍ଷେପ ନେଇଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟ ଶ୍ରମ କାର୍ଯ୍ୟାଳୟରେ ବହୁବର୍ଷ ଧରି କାର୍ଯ୍ୟରତ ପଣ୍ଡା ଜଣେ କର୍ତ୍ତବ୍ୟନିଷ୍ଠ ଓ ସଚ୍ଚୋଟ ଅଧିକାରୀ ଭାବେ ଖ୍ୟାତ ଥିଲେ। ସେ ମଧ୍ୟ ଓଡ଼ିଶା ଟେକ୍ସଟ୍ ବୁକ୍ ପ୍ରେସ୍‌ରେ କର୍ମଚାରୀ ମଙ୍ଗଳ ବିଭାଗର ଦାୟିତ୍ୱ ତୁଲାଇଥିଲେ। ଏଥିସହ ଚନ୍ଦ୍ରିକା ଜଣେ ସାରସ୍ୱତ ସାଧକ ଥିଲେ। ଅବସର ପରେ ସେ ଶିଶୁ ସାହିତ୍ୟରେ ଅଧିକାଂଶ ସମୟ ଦେଉଥିଲେ। ତାଙ୍କର ଅନେକ ଲେଖା ବିଭିନ୍ନ ଶିଶୁ ପତ୍ରିକାରେ ସ୍ଥାନ ପାଇଥିବାବେଳେ ଝୁମୁକା ସମ୍ମାନ ସମେତ ଅନେକ ପୁରସ୍କାର ପାଇଛନ୍ତି।




# କୁରୁମୁରି-ରାଜଖରିଆର ରାସ୍ତା ପାଇଁ ୪୪୭ କୋଟି ମଞ୍ଜୁର

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

**ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ**

ଓଡ଼ିଶାର କୁରୁମୁରି ଏବଂ ରାଜଖରିଆର ରାସ୍ତା ପାଇଁ କେନ୍ଦ୍ର ସରକାର ୪୪୭ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକାରୀ ତାଙ୍କ 'X'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର କୁରୁମୁରି ଏବଂ ରାଜଖରିଆର ସେକ୍ସନର ଉନ୍ନତୀକରଣ କରିବା ଲାଗି ସେ ୪୪୭.୧୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଓ ନୂଆପଡ଼ା ଜିଲାର ଏନ୍‌ଏଚ୍-୩୫୩ ଏବଂ ଏନ୍‌ଏଚ୍-୫୯ର ମୋଟ୍ ୧୦୩.୫୨ କି.ମି. ରାସ୍ତାର ଉନ୍ନତୀକରଣ ହେବ। ଏନ୍‌ଏଚ୍-୩୫୩ ଏବଂ ଏନ୍‌ଏଚ୍-୫୯ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ ରାଜ୍ୟ କରିଡରକୁ ସଂଯୋଗ କରାଉଛି। ଏହାଦ୍ୱାରା ଛତିଶଗଡ଼ର ରାୟପୁର ଏବଂ ମହାସମୁନ୍ଦ ରିଜନ୍ ସହ ଓଡ଼ିଶାକୁ ସଂଯୋଗ ହେଉଛି। ଏହା ସହ ବ୍ରହ୍ମପୁର ଏବଂ ଗୋପାଳପୁର ପୋର୍ଟଆଡ଼କୁ ମଧ୍ୟ ଏହି ରାସ୍ତା ପ୍ରଶସ୍ତୀକରଣ ହେବ। ଏହି ପ୍ରକଳ୍ପ ବହୁଳ ଭାବେ ଆଞ୍ଚଳିକ ଏବଂ ଆନ୍ତଃ ରାଜ୍ୟ ସଂଯୋଗୀକରଣକୁ ସୁଦୃଢ଼ କରିବ। ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲାକୁ ଯାତାୟାତ ମଧ୍ୟ ସହଜ ହେବ। ଏହି ପ୍ରକଳ୍ପ ଦ୍ୱାରା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଞ୍ଚଳ ଏବଂ ଅନ୍ୟ ହିଲ୍ ଷ୍ଟେଶନଗୁଡ଼ିକୁ ଯିବା ଆସିବା ଆହୁରି ସୁଗମ ହେବା ସହ ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥନୀତିକୁ ବଳ ଦେବ ବୋଲି ଗଡକରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଧନ୍ୟବାଦ ଦଣାଇଛନ୍ତି। ସେ ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରି କହିଛନ୍ତି, ଏହି ନିବେଶ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡରକୁ ସୁଦୃଢ କରିବ। ରାଜ୍ୟର ମୁଖ୍ୟ ଜିଲାଗୁଡିକ ମଧ୍ୟରେ ସଂଯୋଗ ସ୍ଥାପନା ହେଇପାରିବ ବୋଲି ସେ କହିଛନ୍ତି।


ନୀତିନ ଗଡକାରୀ

## ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟରେ କୁଳପତି ସହ ୧୪ଶହ ପଦବୀ ପୂରଣ ହେବ

ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେଉଛନ୍ତି। ଏଣିକି ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ସ୍ଥିତି ସୁଧୁରିବ। ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି ସହିତ ଖାଲିଥିବା ପଦରେ ଅଧ୍ୟାପକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତ କରାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ସ୍ଥାୟୀ କୁଳପତି ନିଯୁକ୍ତି କରାଯିବ। ଖାଲି ପଡ଼ିଥିବା ପ୍ରାୟ ୧୪୦୦ ଅଧ୍ୟାପକ ପଦ ପୂରଣ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିଯୁକ୍ତି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ନିୟମକୁ ଅନୁସରଣ କରାଯାଉଛି। ନିୟମିତ ସଂରକ୍ଷଣ ସହିତ ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ରହିବ। ମାତ୍ର ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବନାହିଁ। ସେହିପରି ଅଣଶିକ୍ଷକ ପଦରେ ନିଯୁକ୍ତି ଦେବା ପାଇଁ ରାଜ୍ୟ ପ୍ରବରଣ ମଣ୍ଡଳୀ (ଓଏସ୍‌ଏସ୍‌ବି)କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଏସ୍‌ବି ପକ୍ଷରୁ ପ୍ରାୟ ୮୦୦ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବଶିଷ୍ଟ ଅଣଶିକ୍ଷକ ପଦ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

## ୪ ଦିନ ଯାଏ କାଳବୈଶାଖୀ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଗତ କିଛିଦିନ ହେବ ପ୍ରବଳ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଛି ଜନଜୀବନ। ଦିନବେଳା ଅଗ୍ନିବର୍ଷା ହେଉଥିବାବେଳେ ସନ୍ଧ୍ୟା ହେଲେ କାଳବୈଶାଖୀ ଚିନ୍ତା ବଢ଼ାଉଛି। ରାଜ୍ୟରେ ଆହୁରି ୨୪ ଘଣ୍ଟା ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏଥିସହ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ୪୦.୨ ଡିଗ୍ରୀ ସହିତ ତାଳଚେର ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ଝାରସୁଗୁଡା ଓ ପାରଳାଖେମୁଣ୍ଡିରେ ୪୦ ଡିଗ୍ରୀ ରହିଥିଲା। ସେହିପରି ଅନୁଗୋଳରେ ୩୯.୭ ଡିଗ୍ରୀ, ଭଦ୍ରକ ୩୯.୩, ବାରିପଦା, ସୁନ୍ଦରଗଡ଼ ଓ ବରଗଡ଼ରେ ୩୯ ଏବଂ ଭୁବନେଶ୍ୱରରେ ୩୮.୮ ଡିଗ୍ରୀ ରେକର୍ଡ ହୋଇଛି। ଅପରପକ୍ଷେ ଶନିବାର କଟକ, କେନ୍ଦ୍ରାପଡ଼ା ଜିଲାର ରାଜନଗର, ଯାଜପୁର ଜିଲାର ଚଣ୍ଡିଖୋଲ ସମେତ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିଲା। ରବିବାର ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି।

# ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କୁ ଲାଭ ଦେବାକୁ ଯୋଜନା: ଶ୍ରୀକାନ୍ତ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

**ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ବାଦ୍‌ଦେବା ନେଇ ତେଜିଲା ବିରୋଧ**

- ଏକାଠି ହେଲେ ବିରୋଧୀ, ପୂର୍ବତଟ ରେଳପଥ ଘେରିବେ
- ଖୋର୍ଦ୍ଧା ଡିଭିଜନର କିଛି କ୍ଷତି ହେବନାହିଁ: ମନ୍ତ୍ରୀ

ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପୂର୍ବତଟ ରେଳପଥରୁ କାଢି ଦକ୍ଷିଣତଟ ରେଳପଥରେ ସାମିଲ କରିବା ନେଇ ଭାରତ ସରକାରଙ୍କ ନିଷ୍ପତ୍ତି ନିନ୍ଦନୀୟ। ପୂର୍ବତଟ ରେଳପଥରୁ ୱାଲ୍‌ଟିଅର ଡିଭିଜନକୁ ଅଲଗା କରି ଦକ୍ଷିଣତଟ ରେଳପଥରେ ସାମିଲ କରାଯିବା ଯୋଗୁ ଓଡ଼ିଶାର ବ୍ୟାପକ କ୍ଷତି ହେଲା। ଦେଶର ୧୯ଟି ଜୋନ୍‌ରେ ଏକ ନମ୍ବର ସ୍ଥାନରେ ରହିଥିବା ପୂର୍ବତଟ ରେଳପଥ ଏବେ ତଳକୁ ଖସି ୧୦ ନମ୍ବର ସ୍ଥାନକୁ ଆସିଲା। ୨୫ବର୍ଷ ଭିତରେ ପୂର୍ବତଟ ରେଳପଥ ଅଧୀନରେ ଥିବା ୱାଲ୍‌ଟିୟର ଡିଭିଜନ୍ ୩ଲକ୍ଷ କୋଟିର ଲାଭ ଭାରତୀୟ ରେଳକୁ ଦେଇଥିଲା, ତାକୁ ଏବେ ହତ୍ୟା କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିରୁ ଲାଗୁଛି ଭାରତୀୟ ରେଳକୁ ରାଜ୍ୟ କେନ୍ଦ୍ରିକ କରିବାର ପ୍ରୟାସ ଆରମ୍ଭ ହୋଇଛି। ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କୁ ଲାଭ ଦେବା ଲାଗି ଏପରି ଯୋଜନା ନିନ୍ଦନୀୟ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ପଲାସା-ଇଚ୍ଛାପୁରମ ରେଳ ସେକ୍ସନକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣତଟ ରେଳପଥକୁ ସ୍ଥାନାନ୍ତରଣକୁ ନେଇ ବିରୋଧ ତେଜିବା ସହ ରାଜନୀତି ଆରମ୍ଭ ହୋଇଛି। ରେଳ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଏକଜୁଟ୍ ହୋଇଛନ୍ତି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ରାଜ୍ୟର ୧୦ ବିରୋଧୀ ଦଳର ମିଳିତ ବୈଠକରେ ଶ୍ରୀକାନ୍ତ ଏହି ପ୍ରସଙ୍ଗକୁ ନେଇ ସିଧା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଥିସହ ଅନ୍ୟ ଦଳର ନେତୃବୃନ୍ଦ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବାବେଳେ ଏହା ବିରୋଧରେ ବଡ଼ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି।

ନେତୃବୃନ୍ଦଙ୍କ ଅଭିଯୋଗ ହେଲା, ୨୦୧୯ରେ କେନ୍ଦ୍ର ସରକାର ଦକ୍ଷିଣତଟ ରେଳପଥ ଜୋନ୍ ଗଠନ ନେଇ ଘୋଷଣା କରିଥିଲେ। ଗତ ୨ ତାରିଖରେ ରେଳ ବୋର୍ଡ ପଲାସା-ଇଚ୍ଛାପୁରମ୍ (ପ୍ରାୟ ୫୦ କି.ମି.) ରେଳ ସେକ୍ସନକୁ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନରୁ ଦକ୍ଷିଣତଟ ରେଳପଥର ବିଶାଖାପାଟଣା ଡିଭିଜନକୁ ସ୍ଥାନାନ୍ତର କରିବା ପାଇଁ ନୋଟିସ ଜାରି କରିଛନ୍ତି। ଏହି ବିଭାଗ ହାୱଡ଼ା-ଚେନ୍ନାଇ ମୁଖ୍ୟ ରେଳପଥର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେବେ ଏହି ସ୍ଥାନାନ୍ତରଣ ଫଳରେ ପୂର୍ବତଟ ରେଳପଥର ଆକାର କମିବା ସହ ରାଜସ୍ୱ ହ୍ରାସ ହେବ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଭାରତୀୟ ରେଳପଥକୁ ରାଜ୍ୟଭିତ୍ତିକ କରିବା ପାଇଁ ଯୋଜନା କରିବା ନିନ୍ଦନୀୟ। ଏହାକୁ ବିରୋଧ କରି ପୂର୍ବତଟ ରେଳପଥ ଜୋନ୍ ଅଫିସ ସମ୍ମୁଖରେ ଖୁବ୍‌ଶୀଘ୍ର ଗଣଧାରଣା ଦିଆଯିବ ବୋଲି ମିଳିତ ବିରୋଧୀ ଦଳ ଘୋଷଣା କରିଛି। ଏଥିସହିତ ଦକ୍ଷିଣ-ପୂର୍ବ ଏବଂ ଦକ୍ଷିଣ ପୂର୍ବ-କେନ୍ଦ୍ରୀୟ ରେଳପଥ ସହିତ ଥିବା ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାର ରେଳ ସେକ୍ସନଗୁଡ଼ିକୁ ପୂର୍ବତଟ ରେଳପଥ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବା, ରାଉରକେଲାରେ ନୂତନ ରେଳ ଡିଭିଜନ ତୁରନ୍ତ ଘୋଷଣା କରିବା ଏବଂ ପାଲାସା-ଇଚ୍ଛାପୁରମ ବିଭାଗ ସ୍ଥାନାନ୍ତରଣ ପାଇଁ ଓଡ଼ିଶାକୁ ଯଥୋଚିତ କ୍ଷତିପୂରଣ ଘୋଷଣା ପାଇଁ ଦାବି କରାଯାଇଛି। ବୈଠକରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ବିଜେଡିର ବରିଷ୍ଠ ନେତା ଲେନିନ ମହାନ୍ତି, ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ କୁମାର ସିଂଦେଓ, ଜୟନ୍ତ ଦାସ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ବଦ୍ରି ନାରାୟଣ ଦାଶ, ସିପିଆଇ(ଏମଏଲ)-ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି, ଯାହା କରାଯାଇଛି ସେଥିରେ ସମସ୍ତଙ୍କ ସୁବିଧା ହେବ। ସେହି ସେକ୍ସନ ଯେହେତୁ ଆନ୍ଧ୍ର ପ୍ରଦେଶରେ ୱାଲ୍‌ଟିୟର ଡିଭିଜନ ଅଧୀନରେ ଥିଲା ସେଥିଲାଗି ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଖୋର୍ଦ୍ଧା ଡିଭିଜନର କିଛି କ୍ଷତି ହେବନାହିଁ। ବରଂ ଓଡିଶା ପାଇଁ ଅଧିକ ସୁବିଧା ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭାଜପା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଓଡିଶାର କ୍ଷତିକୁ ଟିକେ ହେଲେ ବରଦାସ୍ତ କରାଯିବ ନାହିଁ।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ଥିବା ବିଭିନ୍ନ ଅତ୍ୟାଧୁନିକ ଲାବରେଟୋରି, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ, ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନ, ବ୍ୟୁଟି ଆଣ୍ଡ୍ ୱେଲ୍‌ନେସ୍ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଦିଗରେ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବାରୁ ସେ ଖୁସି ପ୍ରକାଶ କରିଥିଲେ। ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ତାଙ୍କ ସହ ଉପସ୍ଥିତ ଥିଲେ।

ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଡ. ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ।


ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରୁଛନ୍ତି।

୩ୟ ପୃଷ୍ଠାରୁ...

## ପାୟଲ ନୂଆ...

ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଉତ୍ସାହିତ କରି ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ଏକ ଭିନ୍ନ ପାୟଲର ଆବିର୍ଭାବ ହୋଇଥିଲା। କୋଚ୍ ଅଭିଲାଷା ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାୟଲ ବ୍ୟାଙ୍କକ୍‌ଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ୨୦୨୬ ଖେଳିବାକୁ ଯାଇ ବିଶ୍ୱବିଜୟୀ ହୋଇଛନ୍ତି। ପାୟଲ ବିଶ୍ୱ ଚାମ୍ପିୟନ ହୋଇ ଦେଶ ପାଇଁ ନୂଆ କୀର୍ତ୍ତିମାନ ସ୍ଥାପନ କରିଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ପାୟଲଙ୍କ ସଫଳତାରେ ବଲାଙ୍ଗୀର ପାର୍ବତୀ ଗିରି ବାଲ୍ ନିକେତନରେ ଉତ୍ସବର ମାହୋଲ ଦେଖାଦେଇଛି।

## ଉଚ୍ଚଶିକ୍ଷା ନାମଲେଖା...

ବ୍ୟବସ୍ଥାକୁ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ, ସେମାନଙ୍କ ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିୟରିଂ, ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେଶନ, ମେଡିସିନ, ସର୍ଜରି, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁଷଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନ୍ସ, ଆର୍କିଟେକ୍ଟର, ପ୍ଲାନିଂ, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ। ଏହାସହ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ସମୟରେ ବିଜ୍ଞପ୍ତି ପ୍ରକାଶିତ ଅନ୍ୟ ଯେକୌଣସି ପାଠ୍ୟକ୍ରମଗୁଡ଼ିକରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ସାର୍ଟିଫିକେଟ, ଡିପ୍ଲୋମା ଓ ଡିଗ୍ରୀ ପ୍ରଦାନ କରାଯାଉଥିବା କ୍ଷେତ୍ରରେ ମଧ୍ୟ ଏହି ନୂତନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨%ରୁ ଅଧିକ ରହିଥିଲେ ସୁଦ୍ଧା ଦୀର୍ଘଦିନ ଧରି ରାଜ୍ୟର ବୈଷୟିକ, ବୃତ୍ତିଗତ, ମେଡିକାଲ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ସେମାନଙ୍କ ପାଇଁ ସଂରକ୍ଷଣ ମାତ୍ର ୧୨% ଥିଲା। ସେହିପରି ଅନୁସୂଚିତ ଜାତିଙ୍କ ସଂଖ୍ୟା ରାଜ୍ୟରେ ୧୭%ରୁ ଅଧିକ ଥିଲେ ମଧ୍ୟ ସେମାନଙ୍କ ପାଇଁ ମାତ୍ର ୮% ସଂରକ୍ଷଣ ଥିଲା। ସେହିପରି ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗମାନଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନ ଥିଲା। ସାମାଜିକ ନ୍ୟାୟ ପ୍ରଦାନ ଓ ସଶକ୍ତୀକରଣ କ୍ଷେତ୍ରରେ ଏହି ପାର୍ଥକ୍ୟ ସମସ୍ୟା ସୃଷ୍ଟି କରୁଥିଲା। ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ମୁଖ୍ୟସ୍ରୋତରୁ ବାହାରେ ଥିବା ଏହି ବର୍ଗର ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ଅଧିକାରର ସୁରକ୍ଷା ପାଇଁ ଅନେକ ଆନ୍ଦୋଳନ, ଦାବି ଓ ସଚେତନତା ସୃଷ୍ଟି ହୋଇଥିଲେ ମଧ ତାଙ୍କର ସଂଖ୍ୟା ଅନୁପାତରେ ସଂରକ୍ଷଣ ପାଇଁ କୌଣସି ସରକାର ଏପରି ପଦକ୍ଷେପ ନେଉ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ଖୁସିର ବିଷୟ ଏସ୍‌ଟି, ଏସ୍‌ସି ଏବଂ ପଛୁଆ ବର୍ଗ ପିଲାମାନଙ୍କର ଶିକ୍ଷାଗତ ଅଧିକାର ଓ ସଶକ୍ତୀକରଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହି ପଦକ୍ଷେପ ଏକ ବଳିଷ୍ଠ ମାଧ୍ୟମ ହେବ। ଅଣ୍ଡର ଗ୍ରାଜୁଏଟ ଏବଂ ପୋଷ୍ଟ ଗ୍ରାଜୁଏଟକୁ ମିଶାଇ ରାଜ୍ୟର ସମୁଦାୟ ମେଡିକାଲ ସିଟ୍ ସଂଖ୍ୟା ୨୪୨୧। ଏହି ନୂତନ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବାପରେ ଏଥିମଧ୍ୟରୁ ଅନୁସୂଚିତ ଜନଜାତି(ଏସ୍‌ଟି)ଙ୍କ ସିଟ୍ ସଂଖ୍ୟା ୨୯୦ରୁ ବୃଦ୍ଧି ପାଇ ୫୪୫ରେ ପହଞ୍ଚିବ। ଅନୁସୂଚିତ ଜାତି(ଏସ୍‌ସି)ଙ୍କ ପାଇଁ ସିଟ୍ ସଂଖ୍ୟା ୧୯୩ରୁ ବୃଦ୍ଧି ପାଇ ୩୯୩ ହେବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ସିଟ୍ ସଂଖ୍ୟାରେ କିଛି ସଂରକ୍ଷଣ ନ ଥିଲା, ସେମାନଙ୍କ ପାଇଁ ଏବେ ୨୭୨ଟି ସିଟ୍ ସଂରକ୍ଷିତ ରହିବ। ସେହିପରି ସମୁଦାୟ ଇଞ୍ଜିନିୟରିଂ ସିଟ୍ ସଂଖ୍ୟା ୪୪,୫୭୯ ମଧ୍ୟରୁ ଏସ୍‌ଟିଙ୍କ ପାଇଁ ଆସନ ସଂଖ୍ୟା ୫୩୪୯ରୁ ବୃଦ୍ଧି ପାଇ ୧୦,୦୩୦ ହେବ। ଏସ୍‌ସିଙ୍କ ପାଇଁ ୩୫,୬୬ଟି ଆସନ ସଂରକ୍ଷଣ ରହୁଥିବା ବେଳେ ଏହା ବର୍ତ୍ତମାନ ୭୨୬୬କୁ ବୃଦ୍ଧି ହେବ। ସେହିପରି ଏସ୍‌ଇବିସିଙ୍କ ପାଇଁ ୫୦୧୫ଟି ସିଟ୍ ସଂରକ୍ଷଣ ରହିବ। ପୂର୍ବରୁ ଏସ୍‌ଇବିସିଙ୍କ ପାଇଁ ଇଞ୍ଜିନିୟରିଂରେ ସଂରକ୍ଷଣ ବ୍ୟବସ୍ଥା ନ ଥିଲା।

## ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ...

ଉପକୃତ ହେଉଛନ୍ତି। ଏହି ସମସ୍ତ ହିତାଧିକାରୀ ବର୍ତ୍ତମାନ ଏମ୍‌ଏପିଓ୍ୱାଇରେ ସୁବିଧା ପାଇବେ। ଏ ସମ୍ବନ୍ଧୀୟ ମାସିକ ହାରାହାରି ୧.୬୪ ଲକ୍ଷ ମେଟ୍ରିକ ଟନ୍ ହିସାବରେ ବାର୍ଷିକ ହାରାହାରି ୧୯.୭୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ହିତାଧିକାରୀଙ୍କୁ ଏମ୍‌ଏପିଓ୍ୱାଇ ମାଧ୍ୟମରେ ଦେୟମୁକ୍ତ ଚାଉଳ ବଣ୍ଟନ କରାଯିବ। ଏହି ବାବଦରେ ଆକଳନ କରାଯାଇଥିବା ମାସିକ ହାରିହାରି ୭୩୪ କୋଟି ଟଙ୍କା ଖର୍ଚ୍ଚ ହେବ। ବାର୍ଷିକ ହାରାହାରି ୮୮୧୩ କୋଟି ଟଙ୍କା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ କରାଯିବାର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି। ଏହାଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# କଣ୍ଟେଣ୍ଟ କ୍ରିଏଟିଂ

## ବଢୁଛି କ୍ୟାରିୟର ଅପ୍ସନ

ଇଣ୍ଟରନେଟ୍ ମିଡିଆ ବର୍ତ୍ତମାନ ଅଧିକାଂଶ ବିଶେଷକରି ଜେନ୍-ଜୀଙ୍କ ପାଇଁ କେବଳ ପାଠପଢ଼ା ଅବା ମନୋରଞ୍ଜନ ନୁହେଁ ବରଂ ନିଜ ଚିନ୍ତାଧାରା, ଟାଲେଣ୍ଟ ଏବଂ ପରିଚୟକୁ ଲୋକଲୋଚନକୁ ଆଣିବାର ଏକ ପ୍ରମୁଖ ତଥା ସଶକ୍ତ ମାଧ୍ୟମ ପାଲଟିଛି। ତେଣୁ କାହା ଅଧୀନରେ କାମ କରିବା ଅପେକ୍ଷା ସ୍ୱତନ୍ତ୍ର ଭାବେ ଅଧିକ ରୋଜଗାର କରିବା ଲାଗି ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର ହେବା ସେମାନଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିବାରେ ଲାଗିଛି ...



ଦିନଥିଲା, ନିଜ ରୁଚି ପାଇଁ କେହି କେହି ବିଭିନ୍ନ କଳାତ୍ମକ ଅବା ରଚନାତ୍ମକ କାର୍ଯ୍ୟ କରୁଥିଲେ। ହେଲେ ବର୍ତ୍ତମାନ ସେହି ରୁଚି ହିଁ ଅନେକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। କାରଣ ଏହିଭଳି ନୂଆ ନୂଆ କଣ୍ଟେଣ୍ଟର ଦର୍ଶକ ସଂଖ୍ୟା ସାରା ଦେଶରେ ଲଗାତର ବୃଦ୍ଧି ପାଉଛି। ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ସମଗ୍ର ପୃଥିବୀରେ ଆମ ଦେଶ ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଶନ୍ କ୍ଷେତ୍ରରେ ବେଶ୍ ଆଗକୁ ବଢୁଛି। ଆଉ ଦିନକୁ ଦିନ ଡିଜିଟାଲ୍ କଣ୍ଟେଣ୍ଟର ବଢୁଥିବା ଡିମାଣ୍ଡକୁ ଦେଖି ଏହା ଯୁବପିଢ଼ିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ ମଧ୍ୟ ପାଲଟିବାରେ ଲାଗିଛି।

**ବଢୁଛି କ୍ୟାରିୟର ଅପ୍ସନ:** ଆମ ଦେଶର ସମୁଦାୟ ଜନସଂଖ୍ୟା ୧୪୭ କୋଟି ହୋଇଥିବା ବେଳେ ପ୍ରାୟ ୧୦୦ କୋଟି ଲୋକଙ୍କ ପାଖରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ସୁବିଧା ରହିଛି, ଯାହାଙ୍କ ମଧ୍ୟରୁ ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରତିଦିନ ଡିଜିଟାଲ୍ କଣ୍ଟେଣ୍ଟ ଦେଖୁଥା'ନ୍ତି। ତେଣୁ ଅନେକ କ୍ରିଏଟର ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବି କରୁଛନ୍ତି, ଯେଉଁଥିପାଇଁ ଅଧିକାଂଶ ଯୁବତୀଯୁବକ ଏହାକୁ ଏକ ଫୁଲ୍‌ଟାଇମ୍ କ୍ୟାରିୟର ଅପ୍ସନ ଭାବେ ବାଛିବାକୁ ବି ପଛାଉନାହାନ୍ତି। ଚଳିତବର୍ଷ ବଜେଟ ଅଧିବେଶନରେ ମଧ୍ୟ ଏହି ଇଣ୍ଡଷ୍ଟ୍ରିକୁ ବୃଦ୍ଧି କରିବା ଲାଗି ଅଧିକ ଗୁରୁତ୍ୱ ଦିଆଯାଇଛି। ତେଣୁ ଅନୁମାନ କରାଯାଉଛି ଯେ, ଆଗାମୀ ଚାରି ବର୍ଷ ମଧ୍ୟରେ ଅର୍ଥାତ୍ ୨୦୩୦ ସୁଦ୍ଧା ଏ କ୍ଷେତ୍ରରେ ପ୍ରାୟ ୨୦ଲକ୍ଷ ଅଧିକ ଫୁଲ୍‌ଟାଇମ୍ କଣ୍ଟେଣ୍ଟ କ୍ରିଏଟରଙ୍କ ଡିମାଣ୍ଡ ବଢ଼ିବ।

କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ବଡ଼ ପ୍ଲାଟ୍‌ଫର୍ମ, ଅପ୍ଟିମାଇଜେସନ୍ ଏବଂ ରୋଜଗାର ଯୋଗାଇ ଦେବାଲାଗି ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ନିଜସ୍ୱ ବଡ଼ ପ୍ଲାଟଫର୍ମ ନାହିଁ। ତେଣୁ ମୁମ୍ବାଇସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି ସହାୟତାରେ ଆଗାମୀ ସମୟରେ ୧୫ ହଜାର ସେକେଣ୍ଡାରୀ ସ୍କୁଲ୍ ଏବଂ ୫୦୦ କଲେଜରେ କଣ୍ଟେଣ୍ଟ କ୍ରିଏଟର୍ ଲ୍ୟାବ୍ ସ୍ଥାପନା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ, ଡିଜିଟାଲ୍ ଏବଂ କ୍ରିଏଟିଭ୍ ଟେକ୍‌ନିକ୍‌ର ପ୍ରଶିକ୍ଷଣ ଯୋଗାଇ ଦିଆଯିବାର ଯୋଜନା ରହିଛି। ଏଥିପାଇଁ ସରକାରଙ୍କ ତରଫରୁ ୨୫୦ କୋଟି ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି।







**କେଉଁ କଣ୍ଟେଣ୍ଟର ଅଧିକ ଚାହିଦା ରହିଛି:** ବର୍ତ୍ତମାନ ଡେଲି ଲାଇଫ୍, ଟ୍ରାଭେଲ୍, ବ୍ୟୁଟି ଆଣ୍ଡ ଫ୍ୟାଶନ୍, ଆର୍ଟ ଆଣ୍ଡ କ୍ରାଫ୍ଟ, ଏଜୁକେଶନ୍ ବା ଟ୍ୟୁଟରିଆଲ୍, ହେଲ୍‌ଥ୍ ଆଣ୍ଡ ଫିଟ୍‌ନେସ୍, ପୋଡ୍‌କାଷ୍ଟ, କୁକିଂ, ଗେମିଂ, ସିଙ୍ଗିଙ୍ଗ୍, ଡାନ୍ସିଂ, ଷ୍ଟୋରିଟେଲିଂ, ଗାର୍ଡେନିଂ, କାର୍ଟୁନ୍, ମ୍ୟୁଜିକ୍ ଭଳି ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ତେବେ ୟୁଟ୍ୟୁବ୍‌ର ଗ୍ଲୋବାଲ୍ କଲ୍‌ଚର ଆଣ୍ଡ ଟ୍ରେଣ୍ଡ୍‌ସ ରିପୋର୍ଟ-୨୦୨୫ ଅନୁଯାୟୀ ଭାରତରେ ପର୍ସନାଲ୍, ଏଣ୍ଟରଟେନ୍‌ମେଣ୍ଟ ଏବଂ ହେଲ୍‌ଥ ଭଳି ତିନୋଟି କଣ୍ଟେଣ୍ଟର ସର୍ବାଧିକ ଦର୍ଶକ ଅଛନ୍ତି।

**ଆବଶ୍ୟକ ନାହିଁ କୌଣସି ଡିଗ୍ରୀ:** ବର୍ତ୍ତମାନ ସମସ୍ତଙ୍କର କିଛି ନୂଆ କରି ରୋଜଗାର କରିବାର ଲକ୍ଷ୍ୟ ରହିଛି। ଏଥିପାଇଁ କୌଣସି ବୟସ ସୀମା କିମ୍ବା ଡିଗ୍ରୀର ଆବଶ୍ୟକତା ନ ଥିବାରୁ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏଥିପାଇଁ ନିଜ ଭିତରେ ଆଗ୍ରହ, ଧୈର୍ଯ୍ୟ ଏବଂ ରୁଚି ଥିବା ଦରକାର।

**ରୋଜଗାରର ବଳିଷ୍ଠ ମାଧ୍ୟମ:** ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟର ଡିମାଣ୍ଡ ଏତେ ଅଧିକ ଯେ କେହି କେହି ପର୍ସନାଲ୍ ଚ୍ୟାନେଲ୍‌ରେ ବିଭିନ୍ନ କଣ୍ଟେଣ୍ଟ ପୋଷ୍ଟ କରି ହେଉ ଅବା ଅନ୍ୟ କେହି ବିଭିନ୍ନ ଡିଜିଟାଲ୍ କଣ୍ଟେଣ୍ଟ ପ୍ରସ୍ତୁତ କରୁଥିବା କମ୍ପାନୀ ଅଧୀନରେ କାର୍ଯ୍ୟକରି ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ଏହା ବ୍ୟତୀତ ଆଫିଲିଏଟ୍ ମାର୍କେଟିଂ, ସ୍ପନ୍ସର୍ଡ କଣ୍ଟେଣ୍ଟ ଏବଂ ଡିଜିଟାଲ୍ ପ୍ରଡକ୍ଟ ବିକ୍ରି ଆଦି କାର୍ଯ୍ୟ ଦ୍ୱାରା ମଧ୍ୟ ଅନେକେ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି।

**ରହିଛି ଭରପୂର କ୍ୟାରିୟର ଅପ୍ସନ:** ଏଥିରେ ଯେ ଜଣେ କେବଳ ପର୍ସନାଲ୍ କଣ୍ଟେଣ୍ଟ କ୍ରିଏଟର ଭାବେ କାମ କରିପାରିବ ତା' ନୁହେଁ, ବରଂ ବିଭିନ୍ନ ଡିଜିଟାଲ୍ କଣ୍ଟେଣ୍ଟ ପ୍ରସ୍ତୁତ କରୁଥିବା କମ୍ପାନୀ ଅଧୀନରେ କ୍ୟାମେରା ପର୍ସନ, ଭିଜୁଆଲ୍ ଏଡିଟର୍, କଣ୍ଟେଣ୍ଟ ରାଇଟର୍, ପୋଡ୍‌କାଷ୍ଟର, ବ୍ରାଣ୍ଡ କୋଲାବରେଟର୍, କଣ୍ଟେଣ୍ଟ ଷ୍ଟ୍ରାଟେଜିଷ୍ଟ, କଣ୍ଟେଣ୍ଟ ମ୍ୟାନେଜର୍ ଭଳି ବିଭିନ୍ନ ଦିଗରେ କ୍ୟାରିୟର କରିପାରିବେ।

- ପୌର୍ଣ୍ଣମାସୀ

### କ'ଣ କୁହନ୍ତି ଏମାନେ...



**ସନ୍ତୋଷ କୁମାର କାଣ୍ଡି**(କଣ୍ଟେଣ୍ଟ କ୍ରିଏଟର୍)- ବର୍ତ୍ତମାନ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର୍ ଭାବେ କାର୍ଯ୍ୟକରି ଭଲ ରୋଜଗାର କରିବା ସହ ସମାଜରେ ନିଜର ଏକ ପରିଚୟ ସୃଷ୍ଟି କରିବାର ବେଷ୍ଟ ପ୍ଲାଟଫର୍ମ ସାଜିଛି ସୋସିଆଲ୍ ମିଡିଆ। ନିଜ ଅନୁଭୂତି କହିବି-ଜଣେ ଆର୍ଟିଷ୍ଟ ହେବାର ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରେ ଅଡିଶନ୍ ଦେଇ ବିଫଳ ହୋଇଥିଲି। ହେଲେ ଯେବେଠୁ ସୋସିଆଲ୍ ମିଡିଆରେ ନିଜର ଭିଡିଓ କରି ପୋଷ୍ଟ କରିବା ଆରମ୍ଭ କଲି ନା କେବଳ ଏହା ରୋଜଗାରର ଏକ ବାଟ ଦେଖାଇଲା ବରଂ ଲୋକେ ମୋତେ ଚିହ୍ନିଲେ ଏବଂ ବଡ ପରଦାରୁ ବି ଅଫର ଆସିବା ମୋ ପାଇଁ ସୌଭାଗ୍ୟର କଥା ହୋଇପାରିଲା। ୫ବର୍ଷ ହେବ ନିଜେ ଏହି ଫିଲ୍ଡରେ କାମ କରୁଛି ଏବଂ ବର୍ତ୍ତମାନ ସୁଦ୍ଧା ନିଜ ଟିମ୍‌ରେ ୧୦ ଜଣଙ୍କୁ ସାମିଲ୍ କରିପାରିଥିବାରୁ ଖୁସି ଲାଗୁଛି। ମୋ ମତରେ ଆକ୍ଟିଂ ଲାଇନ୍‌ରେ କାମ କରିବାକୁ ଇଚ୍ଛୁକ ଯୁବପିଢି କୌଣସି ସଂସ୍ଥାରେ ଅଡିଶନ୍ ଦେବା ଅପେକ୍ଷା କଣ୍ଟେଣ୍ଟ କ୍ରିଏଟର ଭାବେ ନିଜସ୍ୱ ଟ୍ୟାଲେଣ୍ଟ ଦେଖାଇପାରିଲେ ଏହା ଅଧିକ ଲୋକାଦୃତ ହେବା ସହ ଲାଇଭ୍ ଅଡିଶନ୍ ଭଳି କାମ କରିବ। ତେଣୁ ଫୁଲ୍‌ଟାଇମ୍ ହେଉ ଅବା ପାର୍ଟଟାଇମ୍ ଇନ୍‌କମ୍ ପାଇଁ ରୁଚି ଥିବା ବିଭିନ୍ନ କ୍ଷେତ୍ରରେ କଣ୍ଟେଣ୍ଟ କ୍ରିଏଟର ଭାବେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ।



**ପୂର୍ଣ୍ଣିମା ବରାଳ**(ଗେମର୍, ଷ୍ଟ୍ରିମର୍)- ପିଲାବେଳୁ ଗେମିଂରେ ବହୁତ ଆଗ୍ରହ ଥିଲା। ତେଣୁ ଏହି ପ୍ୟାଶନ୍‌କୁ ପ୍ରଫେଶନ୍‌ରେ ପରିଣତ କରିବାର ଇଚ୍ଛା ଏବେ ମୋତେ ଜଣେ ଗେମର୍ ଭାବେ ପରିଚୟ ଦେଇପାରିଛି। ଗେମିଂ କ୍ଷେତ୍ରରେ ଭଲ ଭଲ କଣ୍ଟେଣ୍ଟ, ଲାଇଭ୍ ଷ୍ଟ୍ରିମିଂ ଆଦି କରି ବର୍ତ୍ତମାନ କେବଳ ପୁଅମାନେ ନୁହନ୍ତି ଝିଅମାନେ ବି ବହୁତ ଭଲ ଇନ୍‌କମ୍ କରୁଛନ୍ତି। ଯେକୌଣସି କ୍ଷେତ୍ରରେ ଦୃଢ ଇଚ୍ଛା, କିଛି ନୂଆ କରିବାର ନିଶା ଏବଂ ଲଗାତର୍ ଉଦ୍ୟମ କଲେ ଜଣେ ସଫଳ ହୋଇପାରିବ ସେଥିରେ ସନ୍ଦେହ ନାହିଁ। ବିଶେଷ କରି ଯେଉଁ ଝିଅମାନେ ବାହାରକୁ ଯାଇ କାମ ନ କରିପାରୁଛନ୍ତି ସେମାନଙ୍କ ପାଇଁ ଘରେ ରହି ନିଜ ରୁଚି ଥିବା ଦିଗରେ କଣ୍ଟେଣ୍ଟ କ୍ରିଏଟର ଭାବେ କାର୍ଯ୍ୟ କରିବା ଏକ ଭଲ କ୍ୟାରିୟର ଅପ୍ସନ ଓ ଇନ୍‌କମ୍ ସୋର୍ସ ହୋଇପାରିବ ବୋଲି ମୋର ବିଶ୍ୱାସ।



### ଏ ସପ୍ତାହର ପ୍ରଶ୍ନ ?

୧- ଷ୍ଟକ୍‌ହୋମ୍ ୱାଟର ପ୍ରାଇଜ୍ ୨୦୨୬ର ବିଜେତା ............................ ?
୨- କଟନ୍ କର୍ପୋରେଟ୍ ଅଫ୍ ଇଣ୍ଡିଆ ............ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି ?
୩- ୱାର୍ଲ୍ଡ ହାପିନେସ୍ ରିପୋର୍ଟ ୨୦୨୬ ଅନୁଯାୟୀ ଭାରତର ର୍‍ୟାଙ୍କ୍ ......... ?
୪- ପାନାମା କେନାଲ୍ ...... ଏବଂ ......... ମହାସାଗରକୁ ସଂଯୋଗ କରିଥାଏ ?
୫- ନ୍ୟାଶନାଲ୍ ବାୟୋଡାଇଭର୍ସିଟି ଅଥରିଟି ...... ଦ୍ୱାରା କାର୍ଯ୍ୟକରୀ ହେଉଛି ?

### ଗତ ଥରର ଉତ୍ତର

୧ ନୂଆଦିଲ୍ଲୀ
୨ ନୀଳଗିରି ପର୍ବତ
୩ ମାର୍ଚ୍ଚ ୧୬ ତାରଖ
୪ ସାହିତ୍ୟ କ୍ଷେତ୍ର
୫ ଠେକୁଆ

### ଉତ୍ତରଦାତା



ଅନ୍ନଦା ପ୍ରସନ୍ନ ପଟ୍ଟନାୟକ
କଟକ



ଗଣେଶ ବେହେରା
ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

### ଟପ୍ ଟେନ୍ ୧୦

**ସବୁଠୁ ଲୋକପ୍ରିୟ କଫି ବ୍ରାଣ୍ଡ**



୧..................ଷ୍ଟାରବକ୍ସ
୨.................. କିଉରିଗ୍ ଡ. ପିପର୍
୩.................. ନେସ୍କାଫେ
୪.................. ପିଟ୍ସ କଫି
୫.................. ଗ୍ଲୋରିଆ ଜିନ୍ସ କଫିଜ୍
୬.................. ଟିମ୍ ହର୍ଟନ୍ସ
୭.................. କୋଷ୍ଟା କଫି
୮.................. ଫଲ୍‌ଗର୍ସ
୯.................. ଲାଭାଜା
୧୦.................. ଡଙ୍କିନ୍

### ୟୁଥ୍ ଆଲର୍ଟ

# ହେବନାହିଁ ହାର୍ଟ ଆଟାକ୍

ବର୍ତ୍ତମାନ ଯୁବାବସ୍ଥାରେ ଅନେକଙ୍କର ହୃଦ୍‌ଘାତ ବା ହାର୍ଟ ଆଟାକ୍‌ରେ ଜୀବନ ଚାଲିଯିବା ଏକ ଚିନ୍ତାର ବିଷୟ ପାଲଟିଛି। ହେଲେ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ହୃଦ୍‌ଘାତଜନିତ ଅକାଳ ମୃତ୍ୟୁକୁ ରୋକାଯାଇପାରିବ। ଜାଣି ରଖନ୍ତୁ ସେ ସମ୍ପର୍କରେ...



- ଯୁବାବସ୍ଥାରେ ହୃଦ୍‌ଘାତର ମୁଖ୍ୟ କାରଣ ହେଉଛି ପରିବର୍ତ୍ତିତ ଜୀବନଶୈଳୀ ଏବଂ ଅସନ୍ତୁଳିତ ଖାଦ୍ୟାଭ୍ୟାସ। ତେଣୁ ସବୁବେଳେ ସବୁଜ ପନିପରିବା, ଫଳ, ଗଜାମୁଗ, ବୁଟ ଏବଂ ଓମେଗା ୩ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ହାଇ କ୍ୟାଲୋରିଯୁକ୍ତ ଖାଦ୍ୟ, ଫାଷ୍ଟ ଫୁଡ୍, ଜଙ୍କ୍‌ଫୁଡ୍, ପ୍ରୋସେସ୍ଡ ଫୁଡ୍, ଅଧିକ ଲୁଣଥିବା ଖାଦ୍ୟ ଏବଂ ଛଣାଛଣି ଜାତୀୟ ଖାଦ୍ୟ ଯଥାସମ୍ଭବ କମ୍ ଖାଆନ୍ତୁ।
- ଧୂମପାନ, ଆଲ୍‌କହଲ୍ ପିଇବା, ସିଗାରେଟ୍ ଟାଣିବା, ତମାଖୁ ଖାଇବା ଭଳି କୌଣସି ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତୁରନ୍ତ ଛାଡ଼ନ୍ତୁ। ଏହାମଧ୍ୟ ହୃଦ୍‌ଘାତର ଅନ୍ୟତମ ପ୍ରମୁଖ କାରଣ।
- ପାଠପଢ଼ା, ଜବ୍ ଆଦି ପାଇଁ ଦୀର୍ଘ ସମୟ ବସି ରହିବା ଦ୍ୱାରା ଶାରୀରିକ ପରିଶ୍ରମ ହୋଇ ନ ଥାଏ, ଯଦ୍ୱାରା ଫ୍ୟାଟ୍ ଓ କୋଲେଷ୍ଟରଲ୍ ବଢ଼ିବା ସହ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ଲାଗି ପ୍ରତିଦିନ ଚାଲିବା ସହ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରିବାକୁ ଭୁଲନ୍ତୁ ନାହିଁ।
- ସର୍ବୋପରି ନିଜକୁ ସବୁବେଳେ ଷ୍ଟ୍ରେସ୍ ଫ୍ରି ରଖନ୍ତୁ ଏବଂ ପ୍ରତିଦିନ ୭-୮ଘଣ୍ଟା ଭଲ ଭାବେ ଶୁଅନ୍ତୁ।
- ମଝିରେ ମଝିରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବ୍ଲଡ୍‌ସୁଗାର, ବ୍ଲଡ୍‌ପ୍ରେସର ଏବଂ କୋଲେଷ୍ଟରଲ୍ ଚେକ୍ କରନ୍ତୁ ଏବଂ ଏହାକୁ ସର୍ବଦା ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ।

### ଜାଣନ୍ତୁ ଦୁନିଆ

# ସୁଇସାଇଡ୍ ଫରେଷ୍ଟ

ଜାପାନର ରାଜଧାନୀ ଟୋକିଓଠାରୁ ଅଳ୍ପ ଦୂରରେ ଅବସ୍ଥିତ ମାଉଣ୍ଟ ଫୁଜିର ଉତ୍ତର-ପଶ୍ଚିମରେ ରହିଛି ଏକ ୩୫ବର୍ଗ କି.ମି. ବ୍ୟାପ୍ତ ଘଞ୍ଚ ଜଙ୍ଗଲ ଓକିଗହାରା। ଯାହା ଭିତରକୁ ଥରେ ଗଲେ କେହି ଫେରି ଆସୁ ନ ଥିବାରୁ ଏହାକୁ ସୁଇସାଇଡ୍ ଫରେଷ୍ଟ ବୋଲି କୁହାଯାଇଥାଏ। ଜାଣନ୍ତୁ ଏ ସମ୍ପର୍କରେ କିଛି ରୋଚକ ତଥ୍ୟ...

- କୁହାଯାଏ, ଏହି ଜଙ୍ଗଲ ଭିତର ଏତେ ଘଞ୍ଚ ଯେ, ଯଦି କେହି ଅଜାଣରେ ଏହା ଭିତରକୁ ଚାଲିଯାଆନ୍ତି, ତେବେ ସେଠାରୁ ଫେରିବା ଏକ ପ୍ରକାରର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏଠାକୁ ଆସିବା ପରେ ଲୋକେ ଆତ୍ମହତ୍ୟା କରିଦିଅନ୍ତି, ଯେଉଁଥିପାଇଁ ଏହାକୁ ସୁଇସାଇଡ୍ ଫରେଷ୍ଟ ବା ସୁଇସାଇଡ୍ ପଏଣ୍ଟ ବୋଲି କୁହାଯାଏ।
- ଏହି ଜଙ୍ଗଲ ପ୍ରାକୃତିକ ଶୋଭାରେ ଖୁବ୍ ସୁନ୍ଦର। ଏହା ମଧ୍ୟରେ ପ୍ରାୟ ୩୦୦ ବର୍ଷ ପୁରୁଣା ଗଛ ରହିଛି। ଅଧିକ ଘଞ୍ଚ ହୋଇଥିବାରୁ ଏହି ଜଙ୍ଗଲକୁ ଗଛର ସାଗର ବି କୁହାଯାଏ।
- ଆତ୍ମହତ୍ୟା ପାଇଁ ଏହା ଦୁନିଆର ସବୁଠୁ ଚର୍ଚ୍ଚିତ ସ୍ଥାନ। କେବଳ ୨୦୦୩ ମସିହାରେ ଏଠାରେ ୧୦୫ ଜଣ ଲୋକ ଆତ୍ମହତ୍ୟା କରିଥିବା ଏକ ରିପୋର୍ଟ ଅନୁଯାୟୀ ଜଣାପଡ଼ିଥିଲା। ଏକ ପୁରାତନ କାହାଣୀ ଅନୁଯାୟୀ, ଦୀର୍ଘ ବର୍ଷ ତଳେ ନିଜ ଭରଣପୋଷଣ ପାଇଁ ଅସମର୍ଥ କିଛି ଲୋକଙ୍କୁ ଏହି ଜଙ୍ଗଲରେ ଛାଡ଼ିଦିଆଯାଇଥିଲା। ସେଠାରେ ସେମାନେ ଭୋକ ଉପାସରେ ମୃତ୍ୟୁବରଣ କରିଥିଲେ। ସେବେଠୁ ସେମାନଙ୍କ ପ୍ରେତାତ୍ମା ଏବଂ ଆତ୍ମହତ୍ୟା କରୁଥିବା ଲୋକମାନଙ୍କ ଭୂତ ସେହି ଜଙ୍ଗଲରେ ରହି ଆସୁଛନ୍ତି। ଆଉ ସେହି ଭୂତ ହିଁ ଅନ୍ୟମାନଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ଜାପାନର ଜ୍ୟୋତିଷମାନେ ମତ ଦିଅନ୍ତି।



- ଆଶ୍ଚର୍ଯ୍ୟର କଥା ଯେ, ଏହି ଜଙ୍ଗଲ ଭିତରକୁ ଗଲେ କମ୍ପାସ୍, ମୋବାଇଲ୍ ଫୋନ୍ ଭଳି କୌଣସି ଗେଜେଟ୍ସ କାମ କରି ନ ଥାଏ।
- ଏହି ଜଙ୍ଗଲକୁ ପ୍ରବେଶ କରିବା ରାସ୍ତାରେ ଲଗାଯାଇଥିବା ଏକ ବୋର୍ଡରେ ଲେଖାଯାଇଛି- ଧ୍ୟାନର ସହ ନିଜ ପିଲା, ପରିବାର ଏବଂ ନିଜ ଜୀବନ ବିଷୟରେ ଚିନ୍ତା କରନ୍ତୁ, ଯାହାକି ତୁମକୁ ମାତାପିତାଙ୍କ ଦ୍ୱାରା ମିଳିଥିବା ସବୁଠୁ ଅମୂଲ୍ୟ ଉପହାର।



ବିଏସ୍‌ଇ ସେନ୍‌ସେକ୍ସ
୭୩,୩୧୯.୫୫(+୧୮୫.୨୩)



୧ ଡଲାର = ୯୨.୬୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୯.୦୩ ଡଲାର

# ଇରାନ୍‌ରୁ ତୈଳ ଆମଦାନୀରେ ଅସୁବିଧା ନାହିଁ



**ନୂଆଦିଲ୍ଲୀ , ୪।୪**

ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତିରେ ଏବେ ଇରାନ୍‌ରୁ ତୈଳ ଆମଦାନୀ କରିବା ନେଇ କୌଣସି ସମସ୍ୟା ନାହିଁ ବୋଲି କେନ୍ଦ୍ର ସରକାର ଶନିବାର ସ୍ପଷ୍ଟ କରିଛନ୍ତି। ଇରାନ୍ ଉପରେ ଆମେରିକା ଆର୍ଥିକ କଟକଣା ଲାଗୁକରିବା ପରେ ମେ'୨୦୧୯ରୁ ଭାରତ ଇରାନ୍‌ରୁ ତୈଳ ଆମଦାନୀ କରିବା ବନ୍ଦ କରିଦେଇଥିଲା। କିନ୍ତୁ ଯୁଦ୍ଧ ପରିପ୍ରେକ୍ଷୀରେ ଗତ ମାସରେ ଆମେରିକା କଟକଣା ପ୍ରତ୍ୟାହାର କରିବା ପରେ ବର୍ତ୍ତମାନ ଇରାନ୍‌ରୁ ଭାରତ ତୈଳ ଆମଦାନୀ କରିବା ନେଇ କୌଣସି ସମସ୍ୟା ନାହିଁ। ଇରାନ୍‌ରୁ ତୈଳ ଆମଦାନୀ କରିବାକୁ ନେଇ ପେମେଣ୍ଟ ସମସ୍ୟା ରହିଛି ବୋଲି ଯାହା କୁହାଯାଇଥିଲା ତାହାକୁ ପେଟ୍ରୋଲିୟମ ମନ୍ତ୍ରଣାଳୟ ଖଣ୍ଡନକରିବା ସହ ଭାରତୀୟ ରିଫାଇନେରି କମ୍ପାନୀ ଇରାନ୍‌ରୁ ତୈଳ ଓ ଗ୍ୟାସ୍ ଆମଦାନୀକୁ ନିଶ୍ଚିତ କରିଛନ୍ତି ବୋଲି କହିଛି। ଆଗାମୀ ଦିନ ପାଇଁ ଭାରତର ଆବଶ୍ୟକତା ଅନୁସାରେ ଇରାନ୍‌ରୁ ତୈଳ ଆମଦାନୀ କରାଯିବ ବୋଲି ମନ୍ତ୍ରଣାଳୟ କହିଛି। ଇରାନ୍‌ରୁ ୪୪,୦୦୦ ଟନ୍ ଏଲ୍‌ପିଜି ନେଇ ଆସିଥିବା କଣ୍ଟେନର ଗତ ବୁଧବାର ମାଙ୍ଗାଲୋର ବନ୍ଦରରେ ପହଞ୍ଚିସାରିଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି।

ଉଲ୍ଲେଖଯୋଗ୍ୟ, ଇରାନ୍‌ରୁ ତୈଳ ନେଇ ଆସିଥିବା ଏକ ଜାହାଜ ପେମେଣ୍ଟଜନିତ ସମସ୍ୟାକୁ ନେଇ ଭାଡିନାରରୁ ଚାଇନା ପଳାଇଥିବା କେତେକ ମହଲରେ ଦାବି କରାଯାଇଥିଲା। କିନ୍ତୁ ସେଭଳି କିଛି ସମସ୍ୟା ଉପୁଜିନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତର ନିଜର ତୈଳ ଓ ଗ୍ୟାସ୍ ଆବଶ୍ୟକତା ପୂରଣ କରିବାକୁ ୪୦ଟି ଦେଶରୁ ଆମଦାନୀ କରୁଥିବାବେଳେ ଇରାନ୍‌ରୁ ମଧ ପେଟ୍ରୋଲିୟମଜାତ ଦ୍ରବ୍ୟ ଆମଦାନୀ ଲାଗି ଭାରତୀୟ ରିଫାଇନେରିଗୁଡ଼ିକ ପାଇଁ କୌଣସି ସମସ୍ୟା ନ ଥିବା କେନ୍ଦ୍ର ସରକାର କହିଛନ୍ତି।

# ପ୍ରକୃତ ଉଦ୍ୟୋଗୀ କେବଳ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରନ୍ତି ନାହିଁ



ଭାଲଚନ୍ଦ୍ର ମହାନ୍ତି

**ଭାଲଚନ୍ଦ୍ର ମହାନ୍ତି ଜଣେ ପ୍ରଥମ ପିଢ଼ିର ଓଡ଼ିଆ ଉଦ୍ୟୋଗୀ ଏବଂ ଓରିକ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ। ୧୯୯୦ ମସିହାରେ କମ୍ପାନୀ ପ୍ରତିଷ୍ଠା ହେବା ପରଠାରୁ ସେ କଟକର ଏକ କ୍ଷୁଦ୍ର ୟୁନିଟ୍‌କୁ ବହୁ କୋଟି ଟଙ୍କାର ଉତ୍ପାଦନ ପାୱାରହାଉସରେ ପରିଣତ କରିଛନ୍ତି। ତାଙ୍କ ନେତୃତ୍ୱରେ, ଓରିକ୍ଲିନ ବିଶ୍ୱବ୍ୟାପୀ ବିଶାଳ ହିନ୍ଦୁସ୍ତାନ ୟୁନିଲିଭରର ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଂଶୀଦାର ପାଲଟିଛି, ଯାହା ସର୍ଫ ଏକ୍ସେଲ୍ ଇଜି ୱାଶ୍, ଏବଂ ଆକ୍ଟିଭ ହ୍ୱିଲ ଭଳି ଘରୋଇ ସାମଗ୍ରୀ ଉତ୍ପାଦନ କରୁଛି। ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ପ୍ରତି ତାଙ୍କର କାର୍ଯ୍ୟଦକ୍ଷତା ଏବଂ ପ୍ରତିବଦ୍ଧତା ପାଇଁ ସେ ଜଣାଶୁଣା। ଏହାସହ ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଓତପ୍ରୋତଃ ଭାବେ ଜଡିତ। ଭାଲଚନ୍ଦ୍ରଙ୍କ ସମଗ୍ର ଯାତ୍ରା ସମ୍ପର୍କରେ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର– ଓରିକ୍ଲିନ୍ ପ୍ରାଇଭେଟ ଲିମିଟେଡ ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ)ର ମାନ୍ୟତାପ୍ରାପ୍ତ ଯୋଗାଣକାରୀମାନଙ୍କଠାରୁ କଞ୍ଚାମାଲ ନେଇଥାଏ। ତେଣୁ କୌଣସି ବଡ଼ ଏଫ୍‌ଏମ୍‌ସିଜି କ୍ଲାଏଣ୍ଟର ନିର୍ଦ୍ଧାରିତ ସମୟରେ ଡେଲିଭରି ତଥା ଯୋଗାଣ ଶୃଙ୍ଖଳକୁ ନିର୍ବିଘ୍ନ କିପରି ପରିଚାଳନା କରିଥା'ନ୍ତି?**

ଉ– ଓରିକ୍ଲିନ୍ ପାଖରେ ଏଚ୍‌ୟୁଏଲ୍ ଅନୁମୋଦିତ ବିକ୍ରେତାଙ୍କ ସହିତ ସମାନ ନିୟମ ଏବଂ ସର୍ତ୍ତାବଳୀ ସହିତ ଇନ୍‌ପୁଟ୍ ସଂଗ୍ରହ କରିବାର ଏକକାଳୀନ ବିକଳ୍ପ ଅଛି। ଓରିକ୍ଲିନ୍ ଏବଂ ଏଚ୍‌ୟୁଏଲ୍ ମଧ୍ୟରେ ପ୍ରିନ୍ସିପାଲ ଟୁ ପ୍ରିନ୍ସିପାଲ ବ୍ୟବସ୍ଥା ରହିଛି। ଉଭୟଙ୍କ ମଧ୍ୟରେ ସମ୍ପର୍କ ୩ ଦଶନ୍ଧିରୁ ଅଧିକ ପୁରୁଣା ଏବଂ ଏହା ସୁରୁଖୁରୁରେ କାର୍ଯ୍ୟ କରୁଛି।

**ପ୍ର– ଅନ୍ୟ ବ୍ରାଣ୍ଡ ଭଳି ଓରିକ୍ଲିନ୍ ମଧ ଲିକ୍ୱିଡ୍ ଡିଟରଜେଣ୍ଟ କିମ୍ବା ବିଶେଷ ଶିଳ୍ପଭିତ୍ତିକ ସଫେଇ ଉତ୍ପାଦରେ ବ୍ୟବସାୟ ବିସ୍ତାର କରିବାର କୌଣସି ଯୋଜନା ଅଛି କି?**

ଉ– ବର୍ତ୍ତମାନ ଓରିକ୍ଲିନ୍ ସର୍ଫ ଏକ୍ସେଲ, ସନ୍‌ଲାଇଟ, ହ୍ୱିଲ ଏବଂ ଡୋମେକ୍ସ ଭଳି ବ୍ରାଣ୍ଡ ଉତ୍ପାଦନ କରୁଛି। ଏଚ୍‌ୟୁଏଲ୍ ଏବଂ ଲିକ୍ୱିଡ୍ ଡିଟରଜେଣ୍ଟ ସମେତ ହୋମ୍ କେୟାର ବର୍ଗରେ ଅନ୍ୟାନ୍ୟ ବଡ଼ ଜାତୀୟ ତଥା ବହୁରାଷ୍ଟ୍ରୀୟ ବ୍ରାଣ୍ଡ ସହିତ ଆଲୋଚନା ଚାଲିଛି।

**ପ୍ର–ବିଶ୍ୱସ୍ତରୀୟ ଇଏସ୍‌ଜି ମାନଦଣ୍ଡ ସହିତ ସମନ୍ୱୟ ରଖିବା ପାଇଁ ଆପଣଙ୍କର କଟକ ୟୁନିଟ୍‌ରେ କେଉଁ ନିର୍ଦ୍ଦିଷ୍ଟ ପରିବେଶ ଅନୁକୂଳ ଉତ୍ପାଦନ ପ୍ରକ୍ରିୟା କିମ୍ବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରୋଟୋକଲ କାର୍ଯ୍ୟକାରୀ କରାଯାଇଛି?**

ଉ– ଓରିକ୍ଲିନ୍ ହେଉଛି ଏକ ସମ୍ପୂର୍ଣ୍ଣ ଏସ୍‌ଏଚ୍‌ଇ ଅନୁପାଳନକାରୀ ସଂଗଠନ। ଏହା ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧:୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧:୨୦୧୮ ଇତ୍ୟାଦି ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରମାଣପତ୍ର ସଂସ୍ଥାଗୁଡ଼ିକରୁ ସ୍ୱୀକୃତିପ୍ରାପ୍ତ।

**ପ୍ର–ଆପଣ ସମ୍ପ୍ରତି ୮୮ କୋଟି ଟଙ୍କାର ସସ୍, ଜାମ୍ ଏବଂ ଜେଲି ଉତ୍ପାଦନ ପାଇଁ ଏକ ପ୍ରକଳ୍ପ ପାଇଁ ଅନୁମୋଦନ ପାଇଛନ୍ତି। କେତେ ଦିନ ମଧ୍ୟରେ ଟାଙ୍ଗୀ–ଚୌଦ୍ୱାରରେ ଏହି ସୁବିଧା କାର୍ଯ୍ୟକ୍ଷମ ହେବ?**

ଉ– କିଛି ଟେକ୍ନୋଲୋଜି ତଥା ବାଣିଜ୍ୟିକ ତ୍ରୁଟି ଯୋଗୁ ସସ୍, ଜାମ୍ ଏବଂ ଜେଲି ଉତ୍ପାଦନ ପ୍ରକଳ୍ପକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହାର ସମ୍ପ୍ରସାରିତ ଶାଖାରେ ଥିବା ଗୋଷ୍ଠୀଟି ୪୫୦୦ ଟନ୍ ପର ମ କ୍ଷମତା ବିଶିଷ୍ଟ ବିସ୍କୁଟ ଏବଂ ବେକେରି ଉତ୍ପାଦ ଉତ୍ପାଦନ ପାଇଁ ଓରିବେକ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିଛି। ପୂର୍ବ ଭାରତର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସିଦ୍ଧ ବ୍ରାଣ୍ଡଗୁଡ଼ିକ ସହିତ ଉତ୍ପାଦନ ଚୁକ୍ତି ପ୍ରକ୍ରିୟା ଚାଲିଛି। ପ୍ରକଳ୍ପଟି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି।

**ପ୍ର–ଜଣେ ଉଦ୍ୟୋଗୀ ଭାବରେ ଆପଣ ଏହି ବ୍ୟବସାୟ କ୍ଷେତ୍ରରେ କାହିଁକି ପ୍ରବେଶ କରିବାକୁ ଚିନ୍ତା କଲେ। ଏହି ଉଦ୍ୟୋଗରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ପିଢ଼ିଙ୍କୁ କ'ଣ ପରାମର୍ଶ ଦେବେ?**

ଉ– ଉଦ୍ୟୋଗୀ ନିଜେ ଏକ ପ୍ରତିଷ୍ଠାନ, ଯଦି ଈଶ୍ୱରୀୟ କୃପା ନ ଥାଏ, ତେବେ କେହି ଅନ୍ୟର ସେବା କରିବାର ସୁଯୋଗ ପାଇପାରିବେ ନାହିଁ। ଜଣେ ପ୍ରକୃତ ଉଦ୍ୟୋଗୀ କେବଳ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରନ୍ତି ନାହିଁ ବରଂ ଦେଶର ସାମାଜିକ–ଆର୍ଥିକ ବିକାଶରେ ଯୋଗଦାନ ମଧ ଦିଅନ୍ତି। ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ୩ଡି ଅର୍ଥାତ୍ ଡ୍ରିମ୍ (ସ୍ୱପ୍ନ), ଡିଟରମିନେଶନ(ଦୃଢ଼ ନିଷ୍ଠା) ଏବଂ (ଡେଡିକେଶନ) ସମର୍ପଣ ମନୋଭାବ ରହିବା ଆବଶ୍ୟକ।

# ଟାଟା ଟ୍ରଷ୍ଟ ବିବାଦ : ଇସ୍ତଫା ଦେଲେ ଭେନୁ ଶ୍ରୀନିବାସନ

**ନୂଆଦିଲ୍ଲୀ , ୪।୪**



ଭେନୁ ଶ୍ରୀନିବାସନ

ଟାଟା ଟ୍ରଷ୍ଟ ବୋର୍ଡ ସଦସ୍ୟତାକୁ ନେଇ ଉଠିଥିବା ବିବାଦ ଏବେ ନୂଆ ମୋଡ଼ ନେଇଛି। ଟାଟା ଟ୍ରଷ୍ଟରେ ସାମିଲ ଥିବା ଭେନୁ ଶ୍ରୀନିବାସନ ଶନିବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ୭ଟି ଟାଟା ଗ୍ରୁପ୍‌ର ଉପାଧ୍ୟକ୍ଷ ରହିଥିବା ଶ୍ରୀନିବାସନ ବାଇ ହୀରାବାଈ ଟ୍ରଷ୍ଟରୁ ଇସ୍ତଫା ଦେଇଛନ୍ତି। ଜଣେ ଅଣ ପାର୍ସୀ ଭାବେ ଟାଟା ଟ୍ରଷ୍ଟରେ ସଦସ୍ୟ ହେବାକୁ ତାଙ୍କର ଯୋଗ୍ୟତା ନାହିଁ ବୋଲି ଚ୍ୟାଲେଞ୍ଜ କରାଯିବା ପରେ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିବା କୁହାଯାଇଛି। ଟାଟା ଟ୍ରଷ୍ଟର ପୂର୍ବତନ ଟ୍ରଷ୍ଟି ମେହଲି ମିସ୍ତ୍ରି ଏଭଳି ଅଭିଯୋଗ ଉଠାଇ ଟ୍ରଷ୍ଟ ବୋର୍ଡରେ ଭେନୁ ଶ୍ରୀନିବାସନ ଏବଂ ବିଜୟ ସିଂଙ୍କ ସଦସ୍ୟତାକୁ ଚ୍ୟାଲେଞ୍ଜ କରିବା ସହ ମହାରାଷ୍ଟ୍ର ଚାରିଟି କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଟାଟା ଟ୍ରଷ୍ଟରେ ସଦସ୍ୟ ହେବାକୁ ହେଲେ ଜଣେ ବ୍ୟକ୍ତି ପାର୍ସୀ ଜୋରାଷ୍ଟ୍ରିଆନ୍ ଧର୍ମରେ ବିଶ୍ୱାସ ରଖିବା ସହ ମୁମ୍ବାଇର ସ୍ଥାୟୀ ବାସିନ୍ଦା ହେବା ବାଧ୍ୟତାମୂଳକ। କିନ୍ତୁ ଏହି ୨ ବ୍ୟକ୍ତି ଏହାକୁ ପୂରଣ କରୁ ନ ଥିବାରୁ ସେମାନେ ଟ୍ରଷ୍ଟରେ ସଦସ୍ୟ ରହିପାରିବେ ନାହିଁ ବୋଲି ମେହିଲ ଯୁକ୍ତି ରଖିଥିଲେ। ଏହାପରେ ଶ୍ରୀନିବାସନ ବାଇ ହୀରାବାଈ ଚାରିଟେବୁଲ ଟ୍ରଷ୍ଟରୁ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପାର୍ସୀ ସମ୍ପ୍ରଦାୟ କଲ୍ୟାଣ ନିମନ୍ତେ ୧୯୨୩ରେ ଗୁଜରାଟରେ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା।

# ରେକର୍ଡ ସ୍ତରରୁ ସୁନା ୫୦ ହଜାର, ରୁପା ୨ ଲକ୍ଷ ଶସ୍ତା

**ନୂଆଦିଲ୍ଲୀ , ୪।୪**

ଇରାନ୍–ଆମେରିକା ଯୁଦ୍ଧ ୫ମ ସପ୍ତାହରେ ପହଞ୍ଚିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ରହିଥିଲାବେଳେ ପେଟ୍ରୋଲିୟମଜାତ ସାମଗ୍ରୀର ଅଭାବକୁ ନେଇ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଛି। ଏହାକୁ ନେଇ କେତେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ମଧ ପୂର୍ବ ତୁଳନାରେ ବୃଦ୍ଧି ଘଟିଛି। କିନ୍ତୁ ଏହା ମଧ୍ୟରେ ସୁନା ଏବଂ ରୁପା ଭଳି ଦୁଇ ମୂଲ୍ୟବାନ୍ ଧାତୁ ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ବର୍ତ୍ତମାନ ସୁଦ୍ଧା ସୁନା ମୂଲ୍ୟ ଏହାର ସର୍ବୋଚ୍ଚ ସ୍ତର ମୂଲ୍ୟ ତୁଳନାରେ ୫୦ ହଜାର ଟଙ୍କା ହ୍ରାସ ପାଇଥିଲାବେଳେ ରୁପା ମୂଲ୍ୟରେ ଅନ୍ୟୁନ ୨ ଲକ୍ଷ ଟଙ୍କା ହ୍ରାସ ଘଟିଥିବା ଜଣାପଡ଼ିଛି। ଚଳିତ ସପ୍ତାହର ଶେଷ କାରବାର ସୁଦ୍ଧା ସୁନା ମୂଲ୍ୟ ୨.୨ ପ୍ରତିଶତ ଏବଂ ରୁପା ମୂଲ୍ୟରେ ୩.୮ ପ୍ରତିଶତ ହ୍ରାସ ଘଟିଛି। ଗତ କିଛିଦିନ ମଧ୍ୟରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ହୋଇଥିଲେ ହେଁ ହାରାହାରି ଭାବେ ମୂଲ୍ୟରେ ୨.୨ ପ୍ରତିଶତ ହ୍ରାସ ଘଟିଥିବା କୁହାଯାଇଛି। ଶେଷ କାରବାର ଦିବସ ସୁଦ୍ଧା ଅନ୍ତର୍ଜାତୀୟ କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୨.୨୯ ପ୍ରତିଶତ ହ୍ରାସରେ ପ୍ରତି ଆଉନ୍ସ ମୂଲ୍ୟ ୪୭୦୨ ଡଲାର ରହିଥିଲାବେଳେ ରୁପା ମୂଲ୍ୟ ୩.୮୨ ପ୍ରତିଶତ ହ୍ରାସ ଘଟି ପ୍ରତି ଆଉନ୍ସ ମୂଲ୍ୟ ୭୩. ୧୭ ଡଲାର ରହିଥିବା ଜଣାପଡ଼ିଛି। ପୂର୍ବ ତୁଳନାରେ ବର୍ତ୍ତମାନ ସୁନା ଏବଂ ରୁପାର ଚାହିଦା ହ୍ରାସ ପାଇଥିବାରୁ ମୂଲ୍ୟ କ୍ରମଶଃ ହ୍ରାସ ପାଉଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ବେଳେ ନିବେଶକମାନେ ଶେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାରକରି ସୁନାରେ ନିବେଶ କରିବାକୁ ଉଚିତ ମଣିଥିଲେ। କିନ୍ତୁ ଏବେ ଯୁଦ୍ଧବିରତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ସୁନାରେ ନିବେଶ କରିବା ଆଗ୍ରହ କମିଛି ବୋଲି ସେମାନେ କହିଛନ୍ତି।

# ବରଗଡ଼ରେ ଖୋଲିଲା ଚାନ୍ଦି ଭଣ୍ଡାର ଷ୍ଟୋର

## ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି



ଚାନ୍ଦି ଭଣ୍ଡାର ବରଗଡ଼ ଷ୍ଟୋରକୁ ଉଦ୍‌ଘାଟନ କରାଯାଉଛି।

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରୁପା ଗହଣା ବ୍ରାଣ୍ଡ ଚାନ୍ଦି ଭଣ୍ଡାରର ନୂଆ ଷ୍ଟୋର ବରଗଡ଼ ସହରସ୍ଥିତ ଭଟଲି ଛକ ନିକଟରେ ଖୋଲିଛି। ଏହାକୁ ମିଶାଇ ଓଡ଼ିଶାରେ ଚାନ୍ଦିଭଣ୍ଡାରର ମୋଟ ଷ୍ଟୋର ସଂଖ୍ୟା ୨୮ରେ ପହଞ୍ଚିଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାନିକ ହଂସ ଶନିବାର ଷ୍ଟୋରର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚାନ୍ଦି ଭଣ୍ଡାର ଷ୍ଟୋର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ହଂସ କହିଥିଲେ, ଚାନ୍ଦି ଭଣ୍ଡାର ବ୍ରାଣ୍ଡର ୧୨ବର୍ଷର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ରୁପା କାରିଗରି ଏବଂ ଶୁଦ୍ଧତା ଓ ଡିଜାଇନ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନକୁ ମଜଭୁତ କରିଛି। ୨୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏହି ଷ୍ଟୋର ଗ୍ରାହକଙ୍କ ପାଇଁ ଷ୍ଟର୍ଲିଂ ରୁପାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି । ୯୨.୫% ଶୁଦ୍ଧ ରୁପା ବାସନରୁ ଆରମ୍ଭକରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ ରହିଛି। ସ୍ୱତନ୍ତ୍ର ଲଞ୍ଚ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି ଏବଂ ଏହା ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ବୋଲି ସୂଚନା ରହିଛି। ସୂଚନା ଥାଉକି, ୨୦୧୩ ମସିହାରୁ ଏହି ଷ୍ଟୋର ଓଡ଼ିଶାରେ ସ୍ଥାପନ ହୋଇଥିଲା। ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଥିବାବେଳେ ଇତିମଧ୍ୟରେ ଚାନ୍ଦି ଭଣ୍ଡାରର ଷ୍ଟୋର ସଂଖ୍ୟା ୩୦ରେ ପହଞ୍ଚିଛି। ଫ୍ରି କ୍ଲିନ୍ ସର୍ଭିସ୍, ଏକ୍ସଚେଞ୍ଜ ଅଫର, ଟ୍ରାଏ ବିଫୋର ବାଏ ଭଳି ସେବା ଚାନ୍ଦି ଭଣ୍ଡାର ଗ୍ରାହକଙ୍କୁ ଯୋଗାଇଦେଉଛି।

# ଟିପିସିଓଡିଏଲ୍‌ର ଉତ୍ସବମୟ ଓଡ଼ିଆ ପକ୍ଷ ପାଳନ



**ଭୁବନେଶ୍ୱର, ୪।୪**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡ଼ିଶା ଦିବସ ଉତ୍ସାହ ଓ ଉଲ୍ଲାସର ସହ ପାଳନ ହୋଇଯାଇଛି। ଏହି ଅବସରରେ ରାଜ୍ୟର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ ଓ ପାରମ୍ପରାକୁ ସ୍ମରଣ କରାଯିବା ସହ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନରେ ବଦାନ୍ୟତା ପ୍ରତିପାଦନ କରିଥିବା ନେତୃତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାବ୍ୟତୀତ ଟିପିସିଓଡିଏଲ୍ ପକ୍ଷରୁ ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଓ ପାରମ୍ପରା ପ୍ରତି ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି , ଓଡ଼ିଶା ଦିବସ ପାଳନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ। ଏହା ଆମକୁ ସେହି ମହାନ୍ ମହାପୁରୁଷ ଓ ନେତୃତ୍ୱର ସାହସ, ଦୃଷ୍ଟିକୋଣ ଓ ଦୃଢ଼ ସଙ୍କଳ୍ପକୁ ସ୍ମରଣ କରାଏ, ଯେଉଁମାନେ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବାକୁ ଯୋଗଦାନ କରିଥିଲେ। ସିଇଓ ଅରଭିନ୍ଦ ସିଂହଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଇଫ୍‌କୋର ଟିକସ ଦେୟ ପୂର୍ବ ଲାଭ ୪୧୦୬ କୋଟି

**ମୁମ୍ବାଇ,୪।୪**

ଭାରତୀୟ କିଷାନ ଫର୍ଟିଲାଇଜର କୋଅପରେଟିଭ ଲିମିଟେଡ୍ (ଇଫ୍‌କୋ) ୨୦୨୫–୨୬ ଆର୍ଥିକ ବର୍ଷରେ ଟିକସ ଦେୟ ପୂର୍ବରୁ ୪୧୦୬ କୋଟିରୁ ଅଧିକ ଲାଭ ହାସଲକରିଛି। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାଣି ଏହି ଅବସରରେ କହିଛନ୍ତି, ଇଫ୍‌କୋ ଉତ୍ପାଦନ ଓ ବିକ୍ରୟରେ ମଧ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ଆର୍ଥିକ ବର୍ଷରେ ୧୧୮.୭୫ ଲକ୍ଷ ମେଟ୍ରିକ ଟନ୍ ସାର ବିକ୍ରୟ ହେବା ସହ ଜାତୀୟ ସ୍ତରରେ ୧୧୯.୬୮ ଲକ୍ଷ ମେଟ୍ରିକ ଟନ ସାର ଯୋଗାଣ କରାଯାଇଛି। ୨୦୨୫–୨୬ ଆର୍ଥିକ ବର୍ଷରେ ନାନୋ ସାରର ଲୋକପ୍ରିୟତା ବୃଦ୍ଧି ପାଇଛି। ୩୦.୧ ଲକ୍ଷ ବୋତଲରୁ ଅଧିକ ନାନୋ ସାର ବିକ୍ରୟ ହୋଇଛି। ୧ ନଭେମ୍ବର ୨୦୨୫ରୁ ଠିକା କର୍ମଚାରୀଙ୍କ ପାଇଁ ସର୍ବନିମ୍ନ ମାସିକ ଦରମା ୨୦,୦୦୦ ଟଙ୍କା କରାଯାଇଛି। ଇଫ୍‌କୋର କାର୍ଯ୍ୟକଳାପ ଭାରତ ସହ ୪୦ରୁ ଅଧିକ ଦେଶରେ ପ୍ରସାରିତ ହୋଇଥିଲାବେଳେ ବ୍ରାଜିଲରେ ନାନୋ ସାର ଉତ୍ପାଦନ ପାଇଁ ଉଦ୍ୟମ ଚାଲିଛି ବୋଲି ସଂଘାଣି କହିଛନ୍ତି ।

# ପିଏନ୍‌ବି ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ



ରମେଶ କୁମାର ସାମଲ

**ଭୁବନେଶ୍ୱର, ୪।୪**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ଭାବେ ରମେଶ କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ପଶ୍ଚିମବଙ୍ଗ ସମେତ ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବହୁ ଅଭିଜ୍ଞତା ହାସଲ କରିଛନ୍ତି। କେନ୍ଦୁଝର ଜିଲା ଶାଳବଣି ପଞ୍ଚାୟତ ନିବାସୀ ସାମଲ ୨୦୦୦ ମସିହାରେ ପ୍ରୋବେସନାରି ଅଫିସର ଭାବେ ବ୍ୟାଙ୍କିଙ୍ଗ୍ ସେବାରେ ଯୋଗ ଦେଇଥିଲେ। ତାଙ୍କର ୨୬ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ୧୫ ବର୍ଷରୁ ଅଧିକ ସମୟ ଧରି ଶାଖା ଏବଂ ୫ ବର୍ଷ ଟ୍ରେଜେରି ବିଭାଗରେ କାର୍ଯ୍ୟ କରିଛନ୍ତି। ନିକଟରେ ସେ ଉପ ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇବା ପରେ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ଟାଟା ଷ୍ଟିଲ୍ ଉପରେ ୧୭୫୫ କୋଟିର ଡିମାଣ୍ଡ ନୋଟିସ

**ନୂଆଦିଲ୍ଲୀ , ୪।୪**

ବେଆଇନ ଭାବେ ଆବଶ୍ୟକଠାରୁ ଅଧିକ ଖଣି ଖନନ କରିଥିବାରୁ ଟାଟା ଷ୍ଟିଲ୍‌କୁ ଝାଡ଼ଖଣ୍ଡର ରାମଗଡ଼ ଜିଲା ଖଣି କାର୍ଯ୍ୟାଳୟ ୧୭୫୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ ଜାରି କରିଛି। କମ୍ପାନୀକୁ ଯେତିକି ପରିମାଣର କୋଇଲା ଖଣିରେ ଖନନ କରିବାକୁ ଅନୁମତି ଦିଆଯାଇଥିଲା କମ୍ପାନୀ ତା'ଠାରୁ ଅଧିକ ଖନନକରି ୧.୬୨ କୋଟି ଟନ୍‌ର କୋଇଲା ଉତ୍ତୋଳନ କରଥିବା ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଟାଟା ଷ୍ଟିଲ୍ ବିରୋଧରେ ଅଣାଯାଇଥିବା ଅଭିଯୋଗ ଅନୁସାରେ ଝାଡ଼ଖଣ୍ଡର ୱେଷ୍ଟ ବୋକାରୋ କୋଇଲା ଖଣିରେ କୋଇଲା ଖନନ ପାଇଁ କମ୍ପାନୀକୁ ଅନୁମତି ମିଳିଥିଲା। ୨୦୦୦–୨୦୦୧ରୁ ୨୦୦୬–୦୭ ଆର୍ଥିକ ବର୍ଷ ମଧ୍ୟରେ ଟାଟା ଷ୍ଟିଲ୍ ଉପରୋକ୍ତ ପରିମାଣର ଅଧିକ କୋଇଲା ଉତ୍ପାଦନ କରିଥିବା ଜଣାପଡ଼ିବା ପରେ ରାମଗଡ଼ ଜିଲା ଖଣି ଅଧିକାରୀ କମ୍ପାନୀକୁ ୧୭୫୫ କୋଟି ଟଙ୍କା ପୈଠ କରିବାକୁ ଡିମାଣ୍ଡ ନୋଟିସ ପଠାଇଛନ୍ତି। ବେଆଇନ ଖଣି ଖନନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ୨୦୧୭ରେ ଦେଇଥିବା ରାୟ ଆଧାରରେ ଟାଟା ଷ୍ଟିଲ୍‌କୁ ନୋଟିସ ଜାରି କରାଯାଇଥିବା କୁହାଯାଇଛି। ଖଣି ଲିଜ୍ ପାଇଥିବା

## ବେଆଇନ ଖଣି ଖନନ

କୌଣସି କମ୍ପାନୀ ଅନୁମତିପ୍ରାପ୍ତ ଲିଜ୍ ତୁଳନାରେ ଅଧିକ ଜମିରେ ଖଣି ଖନନ କଲେ ତାହାକୁ ୧୯୫୭ ଖଣି ଓ ଖଣିଜ ଦ୍ରବ୍ୟ ଆଇନ ଧାରା ୨୧(୫) ଅନୁସାରେ ବେଆଇନ କୁହାଯିବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଖଣି ଲିଜ୍ ପାଇବା ସମୟରେ କମ୍ପାନୀକୁ ଖନନ ଅଞ୍ଚଳ, ପରିବେଶଗତ ସ୍ୱୀକୃତି ଏବଂ ଜଙ୍ଗଲଜନିତ ସ୍ୱୀକୃତି ଆଦିକୁ ନେଇ ସୂଚାଇଥାଏ। କମ୍ପାନୀ ଯଦି ଏହାକୁ ଉଲ୍ଲଂଘନକରି ଅଧିକ ଜମିରେ ଖନନ କରେ ତେବେ ତାହାକୁ ବେଆଇନ କୁହାଯିବା ସହ ଅତିରିକ୍ତ ଖନନ ପାଇଁ ପେନାଲ୍ଟି ଭାବେ କମ୍ପାନୀକୁ ଉକ୍ତ ଖଣିଜ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ ଆଧାର କରି ଟାଟା ଷ୍ଟିଲ୍‌କୁ ନୋଟିସ ଜାରି କରାଯାଇଛି।

# ନୂଆ ରଙ୍ଗ ସହ ହଣ୍ଟର ୩୫୦ର ନୂଆ ଭାରିଆଣ୍ଟ



**ଲକ୍ଷ୍ନୌ , ୪।୪**

ବୈଶ୍ୱିକ ସ୍ତରରେ ମଧ୍ୟମ ଶ୍ରେଣୀର ମୋଟର ସାଇକେଲ ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ରହିଥିବା ରୟାଲ ଏନ୍‌ଫିଲ୍ଡ ଏହାର ହଣ୍ଟର–୩୫୦ ପୋର୍ଟଫୋଲିଓ ସମ୍ପ୍ରସାରଣ ନେଇ ଘୋଷଣା କରିଛି। ଭିନ୍ନ ଏବଂ ରୁଚିସମ୍ପନ୍ନ ରଙ୍ଗରେ ପ୍ରସ୍ତୁତ ନୂଆ ଭାରିଆଣ୍ଟ ହଣ୍ଟରର ବଜାର ପ୍ରବେଶ ନେଇ କମ୍ପାନୀ ଘୋଷଣା କରିଛି। ବର୍ତ୍ତମାନ ଟାର୍‌ମାକ୍ ବ୍ଲାକ୍ ରଙ୍ଗରେ ହଣ୍ଟର–୩୫୦ ବେସ୍ ପ୍ରିମିୟମ ଭାରିଆଣ୍ଟ ସହ ମୁମ୍ବାଇ ୟେଲୋ ଓ ମୁନ୍‌ସଟ୍ ହ୍ୱାଇଟ୍ ରଙ୍ଗରେ ଉପଲବ୍ଧ ହେବ। ଏହି ୩ଟି ନୂଆ ଭର୍ସନ ହଣ୍ଟରର ବଜାର ପ୍ରବେଶ ଲକ୍ଷ୍ନୌରେ ହୋଇଛି। ୨୦୨୨ରେ ଲଞ୍ଚ ହୋଇଥିବା ହଣ୍ଟର ମୋଟରସାଇକେଲ ଦେଶର ପ୍ରତ୍ୟେକ ଭାଗରେ ଆଦୃତ ହୋଇସାରିଥିଲାବେଳେ ଗ୍ରାହକ ମହଲରେ ଏହାକୁ ଆହୁରି ରୁଚିସମ୍ପନ୍ନ କରିବାକୁ କମ୍ପାନୀ ଉଦ୍ୟମ ଜାରି ରଖିଛି। କେବଳ ସହର କିମ୍ବା ମେଟ୍ରୋ ଅଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ ହଣ୍ଟରର ଚାହିଦା ଗ୍ରାହକ ମହଲରେ ବୃଦ୍ଧି ପାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୪।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସରଲାକାନୀ ଓରାମପଡ଼ାରେ ଜଣେ ବୃଦ୍ଧଙ୍କୁ ମୁଥ ମାରିହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ମାଳିଆ ମୁଣ୍ଡା(୬୦)। ଏ ନେଇ ତାଙ୍କ ପୁଅ କଳାକାହ୍ନୁ ମୁଣ୍ଡା ଶନିବାର ଧନୁପାଲି ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା ଆଧାରରେ ଏକ ମାମଲା(ନଂ.୧୩୬/୨୬) ରୁଜୁ କରି ପୋଲିସ ସେହି ପଡ଼ାର ଚାନ୍ଦ ଓରାମ(୩୦)ଙ୍କୁ ଗିରଫ କରିଛି। ଏତଲା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ମାଳିଆ ମୁଣ୍ଡା ତାଙ୍କ ଘର ବାରଣ୍ଡାରେ ଶୋଇଥିଲେ। ବିଳମ୍ବିତ ରାତିରେ ସେହିପଡ଼ାର ଚାନ୍ଦ ଓରାମ ଅନ୍ୟ ୨ଜଣଙ୍କ ସହ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଚାନ୍ଦ ଓରାମ ତାଙ୍କ ଛାତି ଓ ମୁଣ୍ଡକୁ ମୁଥ ଓ ଗୋଇଠା ମାରିଥିଲେ। ମାଳିଆ ରକ୍ତବାନ୍ତି କରି ଚେତାଶୂନ୍ୟ ହୋଇ ପଡ଼ିଥିଲେ। ମାଳିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ସତ୍ୟାସତ୍ୟ ଯାଞ୍ଚ ପୂର୍ବକ ତଦନ୍ତ ଜାରି ରହିଥିବା ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ କହିଛନ୍ତି।

## ବାଣ ବିସ୍ଫୋରଣରେ ୬ ଗୁରୁତର ଘଟଣା

# ଜଣେ ମୃତ, ୪ ଗିରଫ

**ନୂଆଗାଁ, ୪।୪ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗ୍ରାମରେ ଶୁକ୍ରବାର ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ୬ ଜଣଙ୍କ ମଧ୍ୟରୁ ଜଣଙ୍କ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁବରଣ କରିଥିବା ଯୁବକ ହେଲେ ମୀନାଗାଡ଼ିଆ ଗ୍ରାମର ବାପି ନାୟକ। ଅନ୍ୟ ୪ଜଣ ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଜଣେ ନୟାଗଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରଡା ଗ୍ରାମର ହାଡିବନ୍ଧୁ ସେଠୀଙ୍କ ସ୍ତ୍ରୀ କୁନି ଦେଈ, ପଡ଼ୋଶୀ ରମେଶ ସେଠୀ, ଖୋର୍ଦ୍ଧା ଥାନା ଅନ୍ତର୍ଗତ ଡାକ୍ତରସାହିର ନିର୍ମଳ ପ୍ରସାଦ ରାମ (୩୩) ଏବଂ ତେଲେଙ୍ଗାସାହିର ବଳଦେବ ଦୋରା (୩୦)।



ପ୍ରକାଶ ଯେ, ନୂଆଗାଁ ଥାନା କୋରଡ଼ା ଗ୍ରାମରେ ହାଡ଼ିବନ୍ଧୁ ବାଣ ବ୍ୟବସାୟ କରୁଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧକରି ଆସୁଥିଲେ। ହେଲେ ସେ ଏହାକୁ ଖାତିର ନ କରି ନିଜ ଘର ବାରିପଟେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଶୁକ୍ରବାର ବିସ୍ଫୋରଣ ପରେ ନୂଆଗାଁ ପୋଲିସ ଏକ ମାମଲା(ନଂ. ୬୭/୨୬) ରୁଜୁକରି ତଦନ୍ତ ଚଳାଇଛି। ଏଥିସହ ହାଡ଼ିବନ୍ଧୁ କେଉଁଠାରୁ ବାରୁଦ ଆଣି ବାଣ ପ୍ରସ୍ତୁତ କରୁଥିଲେ, ତାକୁ ନେଇ ପୋଲିସ ଅଟକଙ୍କୁ ପଚରାଉଚରାରେ ଖୋର୍ଦ୍ଧା ଥାନା ଅନ୍ତର୍ଗତ ଡାକ୍ତରସାହିର ନିର୍ମଳ ପ୍ରସାଦ ରାମ ଏବଂ ତେଲେଙ୍ଗାସାହିର ବଳଦେବ ଦୋରା ବାରୁଦ ଯୋଗାଉଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ମଧ୍ୟ ଗିରଫ କରିଛି। ସେମାନଙ୍କଠାରୁ ୫୦ କେଜିରୁ ଊର୍ଦ୍ଧ୍ୱ ବାରୁଦ, ବାଣ ଏବଂ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଏମାନଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ଗ୍ରାମ୍ୟ ଜଙ୍ଗଲରୁ ମଣିଷ ଖପୁରି, ହାଡ଼ ଜବତ

**ପାଟଣା,୪।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଦାମାହୁଦା ପଞ୍ଚାୟତ ଅନ୍ତର୍ଗତ ସୁନାପଶି ଗ୍ରାମ ହୁଡ଼ିର ଶାଳ ଜଙ୍ଗଲରୁ ଶନିବାର ପୋଲିସ ମଣିଷ ଖପୁରି ଓ କଙ୍କାଳର ହାଡ଼କୁ ଜବତ କରିଛି। ଖପୁରି ଓ ହାଡ ପାଖରେ ପଡ଼ିଥିବା ଶାଢ଼ି ଗ୍ରାମର ନିଖୋଜ ଥିବା ଜଣେ ମହିଳାଙ୍କର ବୋଲି ଅନୁମାନ କରାଯାଉଛି। ଏ ନେଇ ମହିଳାଙ୍କ ଝିଅ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଲୋକ ଶୁକ୍ରବାର ହୁଡ଼ିକୁ କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ଖପୁରି ଓ ଶାଢ଼ି ଦେଖି ତାହା ମାର୍ଚ୍ଚ ୧୨ରୁ ଗ୍ରାମର ନିଖୋଜ ଥିବା ସାଲଗେ ମାଝୀ(୬୨)ଙ୍କ ବୋଲି ଅନୁମାନକରି ତାଙ୍କ ଝିଅ ଘୁମି ମାଝୀ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ମାଜିଷ୍ଟ୍ରେଟ୍ ଭାବେ ସାହାରପଡ଼ା ଅତିରିକ୍ତ ତହସିଲଦାର ଚରଣ କୁମାର ନାଏକ, ସାଇଣ୍ଟିଫିକ୍ ଟିମ୍‌ର ମୁଖ୍ୟ ଲଗ୍ନା ବେବର୍ତ୍ତା, ଡା. ଶୁଭେନ୍ଦୁ ସାଗର ନାଏକ, ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ମାମଲାର ଆଇଓ ଏଏସ୍ଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ଖପୁରି, ହାଡ଼, ଏକ ବ୍ୟାଗ୍, ଶାଢ଼ି, ଝିଅର ଡ୍ରେସ୍ ଆଦି ଜବତ କରିଥିଲେ। ଏସବୁକୁ ପୋଲିସ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଇଥିବା ବେଳେ ସେଠାରୁ ଫୋରେନସିକ ଲାବରେଟୋରି ଭୁବନେଶ୍ୱରକୁ ପଠାଯିବା ସହ ଡିଏନ୍ଏ ଟେଷ୍ଟ ପାଇଁ ପଠାଯାଇପାରେ ବୋଲି ଡା. ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି। ଅନ୍ୟପକ୍ଷେ ଖପୁରି ପାଖରେ ପଡ଼ିଥିବା ଶାଢ଼ି ଓ ଘୁମିଙ୍କର ଡ୍ରେସ୍‌କୁ ଦେଖି ଜବତ ଖପୁରି ଓ ହାଡ଼ ତାଙ୍କ ମାଆ ସାଲଗେ ମାଝୀଙ୍କର ବୋଲି ସନ୍ଦେହକରି ଘୁମି ଶୁକ୍ରବାର ସନ୍ଧ୍ୟାରେ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପ୍ରାଥମିକ ଭାବେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬)ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ସାହୁ କହିଛନ୍ତି।

# Classified Everyday

**0674-2580101, 9692975378**



**MATRIMONIAL**

## BRIDE WANTED

Handsome Karan Boy, 1995, 5'8'', MBA serving manager MNC, Banglore. ''SUNASANSAR'' 9937512659. D-39

Odia Brahmin bride wanted for groom continuing PHD in USA. Contact: 7008808250. D-32

Suitable Karan/ Khandayat bride for dental surgeon. 1993 born, currently working with FORTIS OP JINDAL HOSPITAL, Raigarh, Chhattisgarh. Contact: 9938820147. D-305

ବାହାହବା ପାଇଁ ଓକିଲ ଝିଅ ଦରକାର। N6- 44, I.R.C. Santosh Das, 8280582509. D-3794



**REAL ESTATE**

## SALE

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH- 16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-03

ରାମଦାସପୁର ଶିଳ୍ପାଞ୍ଚଳରେ **Sai International School** ଓ **NDRF Colony** ନିକଟରେ ମେନରୋଡ଼କୁ ଲାଗିକିଥିବା ଗୋବିନ୍ଦପୁର ମୌଜାର ୩୦ଗୁଣ୍ଠ ଘରବାଡ଼ି ଜାଗା ବିକ୍ରୟହେବ। **Contact: 8420459038, 7735999946 (Broker excuses).** D-19

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

**Sharing/ Outright Lands are available for Apartment/ Duplex Projects around Bhubaneswar. Contact: 8984071303/ 8984349324/ 7008521277 / 9776905277.** D-21

## SALE

ପୁରୁଣା 5ଜଣିଆ ଲେଦର ସୋଫାସେଟ୍ ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। Mob.- 9820915727. D-304




Four bed-ed working women hostel with attached toilet/ bathroom available on Janpath Saheed Nagar, Bhubaneswar. Contact: N.K. Mohanty, 7609861226, 7077703443. D-17

WITH 3 BEDROOMS, 2 TOILETS, SEMI MODULAR KITCHEN, 1 BALCONY (FOR FAMILY), Spring City, Tower C-005 (Tulip), Flat no. 204, Kantabada, Bhubaneswar. Mob- 9958433850/ 9582911473 / 8249246656. D-25




All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Newly open spa positively health benefits (Expert therapist). Kalpana - 8984846329. D-76957

All types of physiotherapy and massage contact 9556924059 / 7656969134. D-06

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ମୁଁ, ଶ୍ରୀମତୀ ନୀଳିମା ରାୟ, ସା- କଲ୍ୟାଣୀ, ୟୁନିଟ୍- ୮, ଗଭର୍ନର ହାଉସ ନିକଟ ଥାନା କ୍ୟାପିଟାଲ, ଭୁବନେଶ୍ୱର, ପିନ୍- ୭୫୧୦୦୧, ଧଉଳି ଥାନାରେ ତା୦୪.୦୪.୨୦୨୬ରିଖରେ କରିଥିବା ଅଭିଯୋଗ ଅନୁଯାୟୀ ଆପଣଙ୍କ ଗୋଚରାର୍ଥେ ଜଣାଉଅଛିକି ଗତ ତା୨୧।୦୩।୨୦୨୬ରିଖରେ ମୁଁ ମୋର ଖାରବେଳ ନଗର ଘରୁ ମୋ ନାମରେ ରେଜିଷ୍ଟ୍ରି ହୋଇଥିବା କବଲା ନଂ.- ୪୫୦୯ ଯାହା ୧୯ ଅଗଷ୍ଟ ୧୯୯୭ରେ ରାଜ କିଶୋର ରାଉତଙ୍କଠାରୁ କୃଷ୍ଣପୁର ମୌଜାରୁ କିଣିଥିଲି। ଯାହାର ଖାତା ନଂ.- ୧୬୫/୧୫ ଏବଂ ପ୍ଲଟ୍- ୨୬୨, ୨୭୫, ୨୬୩, ୩୫୫, ୩୫୬ ଥିଲା। ବାଟରେ ଆସିବା ସମୟରେ ଧଉଳି ଛକ ନିକଟରେ ଏହି କବଲା ସହିତ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ କେଉଁଆଡ଼େ ହଜିଯାଇଛି। ଯେଉଁ ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ନିମ୍ନ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ। ମୋ. ୯୪୩୮୭୦୧୬୨୮। ଧ-୪୦

I, Ranu Rani Amant, W/o.- Susant Behera, Qtr. No.- 753, Nalco Angul, P.O./P.S.- Nalco Nagar, Dist.- Angul, Odisha-759145 declare that my Registered Sale Deed vide No.-1049/2025 which has been lost/misplaced on 28.03.2026 at about 10.00AM during shifting of house from Girang to Nalco Nagar. The same could not be traced out. In this regards I lodged a lost report No.-14 at Nalco Nagar Police Station, dated 30.03.2026. Any body found please contact 9439933198. D-76958

## AFFIDAVIT

By virtue of an affidavit sworn before the Executive Magistrate, Panposh, At- Uditnagar, I, MANISHA SAHU, W/o.- Ram Krishna Sahu & D/o.- Manuel Soreng, R/o. At- North Camp, Tisco Quarry Siding, near Birsa Munda School, Pradhanpalli, Bandhposh, Rourkela-15, P.S.- Chhend, Dist.- Sundargarh, Odisha, PIN- 769015 declare that, after marriage I have changed my name from MANISHA SORENG to MANISHA SAHU. Henceforth I shall be known as MANISHA SAHU, W/o.- Ram Krishna Sahu for all purposes. D-37

I, ANUPAMA MOHANTY, aged about 56 years, W/o.- Samarjit Pattanayak, resident At- Bidyadharpur, Barik Sahi, P.O.- Nayabazar, P.S.- CRRI, Dist.- Cuttack - 753004, Odisha declare by this Affidavit No.- 729, dtd.- 04.04.2026, that now onwards I shall be known as ANUPAMA PATTANAYAK for all future purposes. D-30

I, MOIZ SALEH, S/o.- Late Nana Bhai Saleh, permanent resident of At- Bharat Machinary, Padma Bazar, P.O.- Dhenkanal R.S, P.S.- Dhenkanal, Dist.- Dhenkanal-759013, Odisha declare by this Affidavit No.- 2784, Dated- 03.04.2026, that now onwards I shall be known as MOIZ BHAI SALEH for all future purposes. D-31

By virtue of an Affidavit sworn before the Executive Magistrate, Bhubaneswar vide CF. No. 21, dtd.- 02.04.2026. I, Rabindra Nayak, aged about 47 years, S/o.- Bhagaban Nayak, resident of At- Juania, P.O.- Gobindapur, Kutchery, Juania, Dist.- Kendrapara, Odisha, PIN- 755061 declare that my wife's name has been changed from DIPTIMAYEE SWAIN to DIPTIMAYEE NAYAK. She shall be known as DIPTIMAYEE NAYAK for all future purposes.
Rabindra Nayak
D-29

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## LEGAL NOTICE

IR No.- 177, dtd.- 12.03.2026

ମାନ୍ୟବର ଅତିରିକ୍ତ କମିଶନର, ଡଃ ଆଶୁତୋଷ ସାମଲ, OAS (SAG)
ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଚତୁର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟଆଇନର ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନଂ.- ୭୬୫/୨୦୨୩

ଶୈଳେନ୍ଦ୍ର କୁମାର ରାଉତରାୟ .........ବାଦୀ
ବନାମ
ସେଟେଲମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .........ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.୪ - ଗଗନ ବିହାରୀ ଜେନା (ମୃତ), ପିତା: ୰ ଈଶ୍ୱର ଚନ୍ଦ୍ର ଜେନାଙ୍କ ବଦଳରେ ନିମ୍ନୋକ୍ତ ଉତ୍ତରାଧିକାରୀମାନଙ୍କ ନାମ ଓ ଠିକଣା ଦିଆଗଲା: (i)- କବିତା ଜେନା, ସ୍ୱାମୀ: ୰ ଗଗନ ବିହାରୀ ଜେନା, (ii)- ସାଇ ଜେନା, ପିତା: ୰ ଗଗନ ବିହାରୀ ଜେନା, (iii)- ଶ୍ରଦ୍ଧା ଜେନା, ପିତା: ୰ଗଗନ ବିହାରୀ ଜେନା, ଏମାନଙ୍କର ସା/ପୋ: ଅନ୍ଧାରୁଆ, ଥାନା: ଚନ୍ଦକା, ପିନ୍: ୭୫୧୦୦୩, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ.୫- ଲଳିତ ମୋହନ ମହାନ୍ତି ଓରଫ ଲଳିତ ମହାନ୍ତି, ପିତା: ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସା: ପ୍ଲଟ୍ ନଂ.- ୧୫୬୯/୨୬୨୨, ୪ବି, ଭକ୍ତମଧୁ ନଗର, ଜାଗମରା, ପୋ: ଜାଗମରା, ଥାନା: ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ୪ (i), (ii), (iii) ଓ ୫ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀ ନଂ.୪, ୫ଙ୍କୁ ବାରମ୍ବାର ନୋଟିସ ଜାରିକଲେ ମଧ୍ୟ, ନୋଟିସ ଜାରି ନହୋଇ ଫେରସ୍ତ ହୋଇଅଛି। ଯେହେତୁ ପ୍ରତିବାଦୀ ନ୪ମ୍ବର ମୃତ, ତେଣୁ ପ୍ରତିବାଦୀ ନଂ.୪ଙ୍କ ସମସ୍ତ ଉତ୍ତରାଧିକାରୀ ୪ (i), (ii), (iii) ରୂପେ ରହିଛନ୍ତି। ଏତଦ୍ୱାରା ପ୍ରତିବାଦୀ ୪ (i), (ii), (iii) ଓ ପ୍ରତିବାଦୀ ନଂ.୫ଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା.୧୭।୦୪।୨୦୨୬ରିଖରେ ଘ.୧୧:୩୦ମି. ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିପାରିବେ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍ କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩୪ର, ମୌଜା: ଅନ୍ଧାରୁଆ

ସାବକ ଖାତା- ୬୮, ସାବକ ମ୍ୟୁଟେସନ୍- ୬୨୧/୯୨୩, ସାବକ ପ୍ଲଟ୍- ୨୧୧୪, ସାବକ ମ୍ୟୁଟେସନ୍: ୨୧୧୪/୫୦୭୩, ଏରିଆ- ଏ୨.୩୭୫ ସ୍ୱଧ ଏ୦.୦୭୦ଡି., ମ୍ୟୁଟେସନ୍ ପ୍ଲଟ୍ ଏରିଆ ଏ୦.୦୭୦ଡି., ହାଲ୍ ଖାତା- ୨୧୬୦, ହାଲ୍ ମ୍ୟୁଟେସନ୍ ଖାତା: ୨୮୭୦/୧୨୧୦, ହାଲ୍ ମ୍ୟୁଟେସନ୍ ଖାତା: ୨୮୭୦/୧୨୧୧, ହାଲ୍ ପ୍ଲଟ୍- ୬୪୩୨, ହାଲ୍ ମ୍ୟୁଟେସନ୍ ପ୍ଲଟ୍- ୬୪୩୨/୧୦୨୯୮, ହାଲ୍ ମ୍ୟୁଟେସନ୍ ପ୍ଲଟ୍- ୬୪୩୨/୧୦୨୯୯, ଏରିଆ- ୦୭୫ଡି., ଏରିଆ ଏ୦.୦୩୯, ଏରିଆ ଏ୦.୦୩୬।

ବି.ଦ୍ର.: ହାଲ୍ ପ୍ଲଟ୍ ନଂ.୬୪୩୨ର ହାଲ୍ ଏରିଆ ଏ୦.୦୭୫ଡି. ଥିଲେ ମଧ୍ୟ ସ୍କେଚ୍ ମାପ/ନକ୍ସା ମାପରେ ଏହାର ଏରିଆ ଏ୦.୦୭୦ଡି. ହେଉଅଛି।

ଏଣୁ ଉପରୋକ୍ତ ମାମଲାର ଉପରବର୍ଣ୍ଣିତ ପ୍ରତିବାଦୀସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ତାରିଖ: ୨୦।୦୨।୨୦୨୬ — ସ୍ୱା./- କୋର୍ଟ ଅଧିକାରୀ
ଧ-୩୮

### ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଚନ୍ଦ୍ରିକା ପଣ୍ଡା**

ଅବସରପ୍ରାପ୍ତ ଶ୍ରମିକ କ୍ଷତିପୂରଣ କମିଶନର, ଓଡ଼ିଶା ସରକାର
୩୦.୦୬.୧୯୪୮ - ୨୫.୦୩.୨୦୨୬

ଯଶ କୀର୍ତ୍ତି ସେବାପଣ, ସ୍ନେହ ଶ୍ରଦ୍ଧା କେତେ ଦାନ, ହସ ହସ ମୁହଁ ତୁମ, ମନେପଡେ ସବୁଦିନ ସୁନ୍ଦର ହଜିଗଲା କାହିଁ କେଉଁଠାରେ, କାଳର ସେ ନିୟମରେ, ବନ୍ଧାହୋଇ ରହିଗଲୁ ଖାଲି, ଖୋଜିବାକୁ ବାଟ ନାହିଁ ବୋଲି ଆଖି ଲୁହ ଆଖୁଳାଏ, ଦେଲୁ ଶ୍ରଦ୍ଧାଞ୍ଜଳି।
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ଆମ ମାନଙ୍କ ପାଇଁ ଚିର ସ୍ମରଣୀୟ ହେଇ ରହିବ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକ ସନ୍ତପ୍ତ :** ବସୁଧା, ଅର୍ପିତା, ଆଦ୍ୟା, ମୈତ୍ରେୟି, ଶିବ, ଦେବ, ସରିତା, ମୃତ୍ୟୁଞ୍ଜୟ ଓ
**ପଣ୍ଡା ପରିବାର ବର୍ଗ**
ଧ-୭୫୮୬୯

**ଧରିତ୍ରୀ DHARITRI**

## Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

0199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## କେସିଙ୍ଗା ରେଲ୍‌ୱେ ଷ୍ଟେଶନରୁ ୪୦ ଲକ୍ଷ ଜବତ ଘଟଣା

# ୨ ଜଣଙ୍କୁ ପଚରାଉଚରା, ପରେ ଛାଡ଼ି ଦିଆଗଲା

**ଟିଟିଲାଗଡ଼,୪।୪(ଶରତ ମିଶ୍ର)** କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନରେ ଜଣେ ଯୁବକଙ୍କଠାରୁ ଶୁକ୍ରବାର ଟିଟିଲାଗଡ ରେଲୱେ ପୋଲିସ ୪୦ ଲକ୍ଷ ଟଙ୍କା ଜବତ କରିଥିଲା। ଯୁବକ ଜଣକ ଗୋଟିଏ ବ୍ୟାଗରେ ଏହି ଟଙ୍କା ନେଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଳବାଇ ପୋଲିସ ଉକ୍ତ ଷ୍ଟେଶନରେ ଛାନ୍‌ଭିନ୍ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ତେବେ ଯୁବକ ଜଣକ କେସିଙ୍ଗା ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ନେଇ ରାୟପୁର ଯାଉଥିବା କହିଥିଲେ। ପରେ ସମ୍ବଲପୁରରୁ ଇନକମ ଟ୍ୟାକ୍ସ ବିଭାଗର ୩ ଜଣିଆ ଦଳ ଟିଟିଲାଗଡ ଆସି ଘଟଣାର ଖୋଳତାଡ କରିଥିଲେ। ଏହି ଘଟଣାରେ ଧରାପଡ଼ିଥିବା ଯୁବକ ପ୍ରଭାତ ସାମୁଏଲଙ୍କୁ ଶନିବାର ଇନକମ୍ ଟ୍ୟାକ୍ସ କମିଶନର ପଚରାଉଚରା କରି ଛାଡି ଦେଇଥିବା ଜଣାପଡ଼ିଛି। ସେ କେସିଙ୍ଗାର ବ୍ୟବସାୟୀ ଅଜୟ ସୋନିଙ୍କଠାରୁ ଟଙ୍କା ଆଣିଥିବା ନେଇ ସୂଚନା ଦେବା ପରେ ତାଙ୍କୁ ମଧ୍ୟ ଇନ୍‌କମ୍ ଟ୍ୟାକ୍ସ କମିଶନର ପଚରାଉଚରା କରିଥିଲେ। କିନ୍ତୁ ପରେ ଏନେଇ ତଦନ୍ତ କରାଯାଇ ଅଜୟଙ୍କୁ ମଧ୍ୟ ଛାଡ଼ି ଦିଆଯାଇଛି।

## ଶ୍ରୀରାମ ନବମୀ ଯାତ୍ରା ଶୋଭାଯାତ୍ରାରେ ଯୁବକଙ୍କୁ ହତ୍ୟା ଉଦ୍ୟମ: ୪ ଜେଲ ଗଲେ

**ଦିଗପହଣ୍ଡି,୪।୪(ଅଶେଷ ନାଥ ମିଶ୍ର)-** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମରେ ଶୁକ୍ରବାର ରାତିରେ ଶ୍ରୀରାମ ନବମୀ ଯାତ୍ରା ଉଦ୍‌ଯାପନ ଶୋଭାଯାତ୍ରା ଚାଲିଥିବା ବେଳେ ଗ୍ରାମର ଦିପୁନ ପଣ୍ଡା ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମର ସନ୍ତୋଷ ଗୌଡ଼ ଦିପୁନଙ୍କୁ ବିଶୃଙ୍ଖଳା ନ କରିବା ପାଇଁ ତାଗିଦ୍ କରିବାରୁ ପରବର୍ତ୍ତୀ ସମୟରେ ଦିପୁନ ଓ ତାଙ୍କ ୩ ସହଯୋଗୀ ସନ୍ତୋଷଙ୍କୁ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ପରେ ପୋଲିସ ଏଥିରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦିପୁନ ପଣ୍ଡା, ଅଜିତ ସେଠୀ, କୁନା ଓରଫ ହରେଶ ସେଠୀ ଓ ଜିତୁ ପ୍ରଧାନ। ଖବରରୁ ଜଣାପଡିଛି, ଏହି ଉଦ୍‌ଯାପନୀ ଶୋଭାଯାତ୍ରା ବେଳେ ସେଠାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦିପୁନଙ୍କୁ ସନ୍ତୋଷ ବାରଣ କରି ତାଗିଦ କରିଥିଲେ। ଦିପୁନ ସେଠାରୁ ଫେରି ଯାଇଥିଲେ। କିଛି ସମୟ ପରେ ସେ ଏବଂ ତାଙ୍କ ୩ ସହଯୋଗୀ ଅଜିତ , କୁନା ଓରଫ ହରେଶ ଓ ଜିତୁଙ୍କୁ ସେଠାକୁ ଧରି ଆସି ସନ୍ତୋଷଙ୍କୁ ଗାଳିଗୁଲଜ କରିଥିଲେ। ସନ୍ତୋଷ ଏହାର ପ୍ରତିବାଦ କରିବାରୁ ଦିପୁନ ଏକ ବ୍ଲେଡ୍‌ରେ ସନ୍ତୋଷଙ୍କ ମୁଣ୍ଡ ଓ ମୁହଁକୁ ବାରମ୍ବାର କାଟି ଦେଇଥିଲେ। ଦିପୁନଙ୍କ ସହଯୋଗୀ ଅଜିତ, କୁନା ଓରଫ ହରେଶ ଓ ଜିତୁ ସଂଘବଦ୍ଧ ଭାବେ ସନ୍ତୋଷଙ୍କୁ ଚାପୁଡ଼ା, ମୁଥ ମାରି ତଳେ ପକାଇ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିବା ସହ ଗୋଇଠା ମାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ଫେରିବା ପରେ ଶନିବାର ସେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି କିଶୋର ସାମଲ ଏତଲାକୁ ଭିତ୍ତିକରି ନଂ.୧୪୩/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଦିପୁନଙ୍କ ନିକଟରୁ ତେଜ୍ କମ୍ପାନୀର ବ୍ଲେଡକୁ ପୋଲିସ ଜବତ କରିଛି।

## ସଂକ୍ଷେପରେ

### ଖୁରୁଦଗୁମାରେ ପାନୀୟ ଜଳ ସମସ୍ୟା

**ବୋଡ଼େନ, ୪।୪ (ଟିକେଶ୍ୱର ନାଗ):** ପ୍ରାୟ ୩ ବର୍ଷ ହେବ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିଲେ ମଧ ଲୋକେ ପାଣି ମୁନ୍ଦାଏ ପାଉନାହାନ୍ତି। ଏଭଳି ଘଟିଣା ବୋଡ଼େନ ବ୍ଲକ ଲର୍କା ପଞ୍ଚାୟତ ଖୁରୁଦଗୁମା ଗାଁରେ ଦେଖିବାକୁ ମିଳିଛି। ଏହି ଗାଁରେ ପ୍ରାୟ ୯୦ ପରିବାର ବସବାସ କରନ୍ତି। ଗାଁକୁ ପାଇପ୍ ଯୋଗେ ଜଳ ଯୋଗାଣ କରିବାକୁ ପଲେନବସା ଗାଁରେ ଓଭରହେଡ୍ ଟାଙ୍କି ବସାଯାଇଛି। ଏପରି କି ଗାଁକୁ ପାଇପ୍ ବିଛାଯାଇ ଘରକୁ ଘର ଷ୍ଟାଣ୍ଡ ପୋଷ୍ଟ ଲଗାଯାଇଛି। ହେଲେ ଜଳଯୋଗାଣ ହୋଇପାରି ନାହିଁ। ଅନ୍ୟପଟେ ଗାଁରେ ଗୋଟିଏ ନଳକୂପ ଥିଲେ ହେଁ ସେଥିରୁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଛି। ହେଲେ ବିକଳ୍ପ କିଛି ନ ଥିବାରୁ ଲୋକେ ଫ୍ଲୋରାଇଡ୍ ପାଣି ପିଇବାକୁ ବାଧ ହେଉଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଆସୁଥିଲେ ବି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ବିକ୍ଷୋଭ

**ରୁପ୍ରାରୋଡ,୪।୪(ସଞ୍ଜୀବ ଦାସ):** ବିଭିନ୍ନ ଦାବି ନେଇ ଶନିବାର ନର୍ଲା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ନର୍ଲା ବ୍ଲକକୁ ଦୁର୍ନୀତି ମୁକ୍ତ କରିବା, ରାସ୍ତା ନ ଥିବା ଗାଁକୁ ଯଥାଶୀଘ୍ର ରାସ୍ତା ବ୍ୟବସ୍ଥା, ପ୍ରତି ବିଦ୍ୟାଳୟରେ ପାଣି ବ୍ୟବସ୍ଥା, ବିଦ୍ୟୁତ ସମସ୍ୟାର ସମାଧାନ, ନର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ଗୃହ ନିର୍ମାଣ, ନର୍ଲାରୋଡ ରେଳ ଫାଟକରେ ଖରା ଦିନ ପାଇଁ ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା ଆଦି ସମସ୍ୟା ସମାଧାନ ନେଇ ବିଡ଼ିଓ ବିପିନ ବିହାରୀ ଦୀପଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ନର୍ଲାର ତିନୋଟି ମଣ୍ଡଳର ସଭାପତି ଶିବ ପ୍ରସାଦ ରଣା, ଚିତ୍ରସେନ ଶବର ଏବଂ ଗୁଣନିଧି ସାହୁଙ୍କ ସମେତ ମନ୍ମଥ ଚାନ୍ଦ, ଚିରଞ୍ଜିବି ଗୌଡ଼ିଆ, ସଞ୍ଜୟ ନାଏକ, ଚିତ୍ତରଞ୍ଜନ ରଣା ପ୍ରମୁଖ ସାମିଲ ଥିଲେ।

### ସୀତା ଚୋରି ନାଟକ ମଞ୍ଚସ୍ଥ

**ରିଷିଡ଼ା,୪।୪(ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ା ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନୁଷ୍ଠିତ ରାମଲୀଳାର ଅଷ୍ଟମ ରଜନୀରେ ସୀତା ଚୋରି ନାଟକ ମଞ୍ଚସ୍ଥ ହୋଇଥିଲା। ଖୋଲା ରଙ୍ଗମଞ୍ଚରେ କଳାକାରଙ୍କ ନାଟ୍ୟ ଅଭିନୟ ବେଶ୍ ଆକର୍ଷଣୀୟ ଥିଲା। ରାମଲୀଳା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଏଠାରେ ଶ୍ରୀରାମ ନବମୀଠାରୁ ୧୪ ଦିନ ପର୍ଯ୍ୟନ୍ତ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥାଏ। ସାଂସ୍କୃତିକ ସଂସଦ ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, ସହ ସମ୍ପାଦକ ପ୍ରଦୀପ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

### ମହାବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ

**ଖଡ଼ିଆଳ,୪।୪ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ବିୟୁଟି ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ରୀଛାତ୍ର ତଥା ସହକର୍ମୀ ଭାବରେ ଅବସରପ୍ରାପ୍ତ ପ୍ରାଧାପକ ଅଶ୍ୱିନୀ କୁମାର ପାଢ଼ୀ, ପ୍ରାଧ୍ୟାପକ ଡ. ପଦ୍ମଲୋଚନ ବର୍ମା, ଅଧ୍ୟାପିକା ମୀନା ଗୁଜୁରାତି ଯୋଗଦେଇ ମହାବିଦ୍ୟାଳୟର ଜାତୀୟ ମୂଲ୍ୟାୟନ ଓ ନବୀକରଣ ନିମନ୍ତେ ଆଲୋଚନା କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧାପକ ସୁନୀଲ କୁମାର ପାଢୀ, ଯୁକ୍ତ ୨ ଅଧକ୍ଷ ଡ. ରଣବୀର ସିଂହ, ଅଧାପକ ଡ. ସରୋଜ କୁମାର ପଣ୍ଡା ପ୍ରମୁଖ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ବିଷୟରେ ମତ ରଖିଥିଲେ। ସମସ୍ତ ଅଧାପକ, ଅଧ୍ୟାପିକା, ସହକର୍ମୀ, ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ପ୍ରଗତି ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

# ରୋଗୀ ସେବା ନୁହେଁ, ଶିକ୍ଷାଦାନରେ ସୀମିତ

**ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ**




**ଭବାନୀପାଟଣା, ୪।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଫର୍ଦ୍ଦ ଯୋଡ଼ିଥିଲା ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ। ଭବାନୀପାଟଣାସ୍ଥିତ ଭଙ୍ଗାବାରିରେ ପ୍ରାୟ ୪୮୧ କୋଟି ଟଙ୍କା ବ୍ୟୟରେ ୨୦୨୩ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଗୁଣାତ୍ମକ ସେବା ଯୋଗାଇବ ବୋଲି ଜିଲାବାସୀ ଭାବିଥିଲେ। ହେଲେ ଏହା ଏବେ ଆଶାରେ ରହିଯାଇଛି। ଏଠାରେ ରୋଗୀସେବା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ କେବଳ ଶିକ୍ଷାଦାନରେ ସବୁକିଛି ସୀମିତ ରହିଛି।

କେବଳ କଳାହାଣ୍ଡି ନୁହେଁ, ପଡ଼ୋଶୀ ନବରଙ୍ଗପୁର ଓ ଛତିଶଗଡ଼ ରାଜ୍ୟ ପାଇଁ ଆଶା ଭରସାର କେନ୍ଦ୍ର ପାଲଟିବ ଏହି କଲେଜ ଓ ହସ୍ପିଟାଲ। ଏଭଳି ଆଶା ଦେଖାଇଥିଲେ ରାଜ୍ୟ ସରକାର। କିନ୍ତୁ ଏହା ଅଧୁରା ରହିଛି। କାରଣ ଅଦ୍ୟାବଧି ମେଡିକାଲ କଲେଜ ଓ ହସ୍ପିଟାଲ କୋଠା କାମ ସମ୍ପୂର୍ଣ୍ଣ ହୋଇନାହିଁ । ଅଧପନ୍ତରିଆ କୋଠାରେ କେବଳ ମେଡିକାଲ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦିଆଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱତନ୍ତ୍ର କୋଠାରେ ୧୦୦ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ବିଭିନ୍ନ ବିଭାଗରେ ରୋଗୀସେବା ଆରମ୍ଭ ହୋଇଛି। ତଥାପି ଜିଲା ମୁଖ୍ୟ ଚିକିତ୍ସାଳୟ ଉପରୁ ଚାପ କମୁ ନାହିଁ। କାରଣ ସହରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଭଙ୍ଗାବାରିସ୍ଥିତ ମେଡିକାଲ କଲେଜ ଓ ହସ୍ପିଟଲର ଦୂରତା ପ୍ରାୟ ୭କିମି ଦୂର। ମେଡିକାଲ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ନିମନ୍ତେ ୮୩ଜଣ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ନିୟୋଜିତ ଅଛନ୍ତି। ସେମାନେ ଅଧିକାଂଶ ସମୟ ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସରେ ଶିକ୍ଷାଦାନ ନିମନ୍ତେ ରହୁଛନ୍ତି। ଫଳରେ ଅସ୍ଥାୟୀ ମେଡିକାଲ କଲେଜ କ୍ୟାମ୍ପସରେ ରୋଗୀସେବା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଅଦ୍ୟାବଧି ନିଓନାଟାଲ ଇଣ୍ଟେନ୍ସିଭ କେୟାର ୟୁନିଟ (ଏନ୍‌ଆଇସିୟୁ) ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ସ୍ୱଳ୍ପ ସୁବିଧା ସମ୍ପନ୍ନ ଏନ୍‌ଆଇସିୟୁ ଶିଶୁଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବିଫଳ ହେଉଛି। ଫଳରେ ଗୁରୁତର ଶିଶୁଙ୍କୁ ବୁର୍ଲା କିମ୍ବା ଭୁବନେଶ୍ୱର ପଠାଯାଉଛି। ୫ରୁ ୭ଘଣ୍ଟାର ଦୀର୍ଘଯାତ୍ରା ଅନେକ ନିଷ୍ପାପ ଶିଶୁଙ୍କୁ ମରଣ ମୁହଁକୁ ଠେଲି ଦେଉଛି। ଏବେ ବି ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାଲିଛି। ଏଠାକୁ ଦୈନିକ ୩,୦୦୦ରୁ ଅଧିକ ରୋଗୀ ଆସୁଥିବାବେଳେ ସମସ୍ତଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା କଷ୍ଟକର ହେଉଛି। ବଡ଼ ଅପରେଶନ ଏବଂ ଆଇସିୟୁ ସେବା ପାଇଁ ରୋଗୀଙ୍କୁ ବାହାରକୁ ଯିବାକୁ ପଡୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରକାଶ ଯେ, ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଛାତ୍ରୀଛାତ୍ରଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଢୁଛି। ୪୩ ଏକର ପରିମିତ କ୍ୟାମ୍ପସରେ ସ୍ମାର୍ଟ କ୍ଲାସରୁମ ଏବଂ ହାଇଟେକ ଲ୍ୟାବ ରହିଛି । ଏଠାରେ ପ୍ରତିବର୍ଷ ୧୦୦ ଜଣ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ଏହା କେବଳ ଏକ ପାଠପଢ଼ା କେନ୍ଦ୍ର ଭାବେ ସୀମିତ ନ ରହି ସଞ୍ଜିବନୀ କେନ୍ଦ୍ର ହେବା ଜରୁରି। ଏଠାରେ ବେଶି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ କରାଇ ତୁରନ୍ତ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଇବାକୁ ସାଧାରଣରେ ଦାବି ହେଉଛି।

# ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା



ସଚେତନତା ପଦଯାତ୍ରାର ଶୁଭାରମ୍ଭ କରାଯାଉଛି।

**ନୂଆପଡ଼ା,୪।୪ (ମକାରୁ ବେମାଲ)**

ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଶନିବାର ନୂଆପଡ଼ାରେ ଓଡିଆ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶନୀ ସାହୁ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହର ପରିକ୍ରମା କରି ମୁଖ୍ୟାଳୟଠାରେ ସମାପନ ହୋଇଥିଲା। ପଦଯାତ୍ରା ସମୟରେ ପ୍ଲାକାର୍ଡ, ବ୍ୟାନର ଓ ସ୍ଲୋଗାନ ମାଧ୍ୟମରେ ସମସ୍ତ ଦୋକାନ ଓ ବାଣିଜିକ ପ୍ରତିଷ୍ଠାନରେ ଓଡିଆ ଭାଷାରେ ନାମ ଫଳକ ପ୍ରଦର୍ଶନ କରିବା ସହ ଦୈନନ୍ଦିନ ଓଡିଆ ଭାଷାର ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ନିଜ ଜନ୍ମ ମାଟିର ଭାଷା ପ୍ରତି ଗର୍ବବୋଧ ସୃଷ୍ଟି କରିବା ସହ ଓଡିଆ ଭାଷାର ସୁରକ୍ଷା ଓ ପ୍ରଚାର ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ଏହି ପଦଯାତ୍ରାରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ନୂଆପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# କୁରୁକୁଟି ମୌଜାରେ ଜମି ବିବାଦ ଅସମାହିତ

**ଥୁଆମୂଳ ରାମପୁର, ୪।୪ (ଦୁର୍ଗା କୀର୍ତ୍ତି)**



ଲୋକଙ୍କ ସହ ଆଲୋଚନା ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଜିଲାପାଳ, ଏସ୍‌ପିଙ୍କ ବୁଝାଶୁଝା ସତ୍ତ୍ୱେ ହଟିଲେନି ଆନ୍ଦୋଳନକାରୀ**

ଥୁଆମୂଳ ରାମପୁର ବ୍ଲକ କୁରୁକୁଟି ମୌଜାରେ ପ୍ରସ୍ତାବିତ ଥଇଥାନ କଲୋନି ନିର୍ମାଣକୁ ନେଇ ଚାଲିଥିବା ଆନ୍ଦୋଳନ ଶନିବାର ୧୩ ଦିନରେ ପହଞ୍ଚିଛି। ଗତମାସ ୨୨ ତାରିଖରୁ ଆନ୍ଦୋଳନର ଆରମ୍ଭ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଏହାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି। ଶୁକ୍ରବାର କୁରୁକୁଟି ମୌଜାରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ା, ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ବ୍ଲକ ଅଧକ୍ଷ ଦୟାନିଧି ମାଝୀ, ସ୍ଥାନୀୟ ସରପଞ୍ଚ ସୁଜାତା ମାଝୀଙ୍କ ସମେତ ବହୁ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ବିସ୍ଥାପିତଙ୍କ ଥଇଥାନ ଓ କଲୋନୀ ନିର୍ମାଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବୁଝାଶୁଝା କରାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ବେଳେ ଖଣ୍ଡୁଆଲମାଳି ସ୍ଥାୟୀ ସୁରକ୍ଷା ସମିତି ଓ ସ୍ଥାନୀୟ ବାସିନ୍ଦା ପୁନର୍ବାର ଗ୍ରାମସଭା ସମ୍ପର୍କରେ ମତ ରଖିଥିଲେ। ବିନା ଗ୍ରାମସଭା ସହମତିରେ ପ୍ରଶାସନର କୌଣସି ପଦକ୍ଷେପକୁ ସେମାନେ ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଥମେ ସ୍ଥାନୀୟ ଭୂମିହୀନଙ୍କୁ ଜମି ପ୍ରଦାନ ଓ ପରେ ଜନହିତକର କାର୍ଯ୍ୟ ପାଇଁ ଜମି ବିନିଯୋଗ କରିବାକୁ ଦାବି ହୋଇଛି। ସିଜିମାଳୀ ବିସ୍ଥାପିତଙ୍କ ପାଇଁ କୁରୁକୁଟି ମୌଜାର ଥୁଆଗୁଡ଼ା ଗ୍ରାମ ନିକଟରେ ଇଡ୍‌କୋ ଅଧୀନରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଏବେ ମଧ ଠପ ହୋଇପଡ଼ିଛି। ଟ୍ରକ୍, ଜେସିବି ଓ ଅନ୍ୟାନ୍ୟ ସରଞ୍ଜାମ ଅଚଳ ହୋଇ ପଡ଼ିଥିବା ବେଳେ ପୋଲିସ ମୁତୟନ ଯୋଗୁ ଅଞ୍ଚଳରେ ଏକପ୍ରକାର ଚାପା ଉତ୍ତେଜନା ଲାଗିରହିଛି। ଜିଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କ ଗସ୍ତ ପରେ ମଧ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଜଳ, ଜଙ୍ଗଲ ଓ ଜମି ପାଇଁ ଆଦିବାସୀଙ୍କ ଏହି ସଂଗ୍ରାମ ଆଗକୁ କେଉଁ ରୂପ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଜିଲା ମହିଳା କ୍ରିକେଟ ଦଳ ଗଠନ ପାଇଁ ଚୟନ ଶିବିର

**ଭବାନୀପାଟଣା,୪।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଆସନ୍ତା ୮ ତାରିଖ ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଜିଲା ସିନିୟର ମହିଳା କ୍ରିକେଟ ଦଳ ଗଠନ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହେବ। ଏ ନେଇ ଜିଲାର ଇଚ୍ଛୁକ ମହିଳା କ୍ରିକେଟ ଖେଳାଳି ନିଜର ଆଧାର କାର୍ଡ ଓ ଡିଜିଟାଲ ଜନ୍ମ ପ୍ରମାଣପତ୍ର ସହିତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଜିଲା କ୍ରୀଡ଼ାସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ମନୋନୀତ ଖେଳାଳିମାନେ ଆଗାମୀ ଆନ୍ତଃ ଜିଲା ସିନିୟର ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଚୟନ ଶିବିରରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କୁ କୌଣସି ଗସ୍ତ ଖର୍ଚ୍ଚ ଓ ଦୈନିକ ଭତ୍ତା କ୍ରୀଡା ସଂସ୍ଥା ତରଫରୁ ପ୍ରଦାନ କରାଯିବ ନାହିଁ।

# ଓଡ଼ିଆ ପକ୍ଷରେ ସଙ୍ଗୀତ, ତର୍କ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର।

**ଖଡ଼ିଆଳ,୪।୪ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ସଙ୍ଗୀତରେ ଝନିତା ପଟେଲ, ନିରୁପମା ନାଗ, ଶୁଭଲକ୍ଷ୍ମୀ ମହାପାତ୍ର ଏବଂ ବକ୍ତୃତାରେ ସୁବାସ ଚନ୍ଦ୍ର ବାଗ, ଝନିତା ପଟେଲ, ହରିପ୍ରିୟା ସଗରିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ହରିବନ୍ଧୁ ହଂସ ପରିଚାଳନା କରିଥିଲେ। ବିଚାରକ ଭାବେ ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଅଭିଷେକ ରଥ, ବିଭାଗୀୟ ମୁଖ୍ୟ ଡ. ସୁରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧକ୍ଷ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଭୈରବୀ ନକ୍‌ଆଉଟ କ୍ରିକେଟ: ପୁନିଗୁଡ଼ା ଚାମ୍ପିୟନ

**ଲାଞ୍ଜିଗଡ଼,୪।୪(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ଅନ୍ତର୍ଗତ ପୁନିଗୁଡ଼ା ଗ୍ରାମ ଖେଳପଡ଼ିଆରେ ମା' ଭୈରବୀ ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଡ଼ଙ୍ଗାଯୋର ଓ ପୁନିଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୁନିଗୁଡ଼ା ଦଳ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ଡଙ୍ଗାଯୋର ଦଳ ୧୨ ଓଭରରେ ୮ଉଇକେଟ ହରାଇ ୧୦୩ ରନ କରି ପରାଜିତ ହୋଇଥିଲା। ଫଳରେ ପୁନିଗୁଡା ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଲାଞ୍ଜିଗଡ଼ ଆବାହକ ମୁଲୁ ମାଝୀ ମୁଖ୍ୟ ଅତିଥି ଓ ୱାର୍ଡ଼ମେମ୍ବର ପ୍ରତିନିଧି ଟଙ୍କଧର ବିଭାର, ସୁଶୀଲ ବିଭାର, ପ୍ରଦୀପ ମାଝୀ, ପାଗୁ ମାଝୀ, ରାଧବ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ବାବୁରାମ ମାଝୀ ଓ ବଳରାମ ହରପାଲ ଖେଳ ପରିଚାଳନା କରିଥିଲେ।



# ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଆହ୍ୱାନ

**ଭବାନୀପାଟଣା,୪।୪(ଉତ୍ତମ କୁମାର ଦାଶ)**



ଭବାନୀପାଟଣାରେ ଜଣେ ଛାତ୍ରଙ୍କୁ ଖଡ଼ି ଛୁଆଁଉଛନ୍ତି ଜିଲାପାଳ।



ନୂଆପଡ଼ାରେ ପୂଜାର୍ଚ୍ଚନା କରି ଖଡ଼ିଛୁଆଁ ଆରମ୍ଭ କରାଯାଉଛି।

ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଥୁଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜିଲା ସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ଜିଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ସମାବେଶରେ ଜିଲାପାଳ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଭବାନୀପାଟଣା ବିଡ଼ିଓ ଚନ୍ଦନ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଜିଲା ପରିଷଦ ସଭ୍ୟ ଦୟାନିଧି ନାଏକ ପ୍ରମୁଖ ଯୋଗଦେଇଥିଲେ ।

**ନୂଆପଡ଼ା(ମକାରୁ ବେମାଲ):** ସ୍ଥାନୀୟ ପିଏମ୍‌ଶ୍ରୀ ନ୍ୟାଶନାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ଖଡ଼ିଛୁଆଁ କରାଯାଇ ଶିକ୍ଷା ଜୀବନର ଶୁଭାରମ୍ଭ କରାଯାଇଥିଲା। ପରେ ଶିଶୁମାନଙ୍କୁ ପାଠ୍ୟପୁସ୍ତକ, ବ୍ୟାଗ ଓ ଅନ୍ୟାନ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାଏକ, ଗୋଷ୍ଠୀ ଶିକ୍ଷାଧିକାରୀ ଗୀତାରାଣୀ ଯୋଶୀ, ଶିକ୍ଷାବିତ୍ ଡ. ଶିବପ୍ରସାଦ ବେହେରା, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜକ ହେମନ୍ତ କୁମାର ଭୋଇ, ଶୁଭେନ୍ଦୁ କୁମାର ପାଢ଼ୀ, କମଳ କୁମ୍ଭାର ପ୍ରମୁଖ ସମ୍ମାନିତ ଭାବରେ ଯୋଗଦେଇଥିଲେ।

**ଜୁନାଗଡ଼ (ସୁନୀଲ କୁମାର ସିଂହ):** ଜୁନାଗଡ଼ ପିଏମ୍‌ଶ୍ରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଳିତ ହୋଇଯାଇଛି। ଏହି ଅବସରରେ ନବପ୍ରବେଶ କରୁଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ପୂର୍ବକ ଖଡ଼ି ଛୁଆଁଯାଇ ତାଙ୍କର ଶିକ୍ଷାଜୀବନର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଚେୟାରମ୍ୟାନ ସବିତା ମେହେର ମୁଖ୍ୟ ଅତିଥି ଓ ପୂର୍ବତନ ବ୍ଲକ ଅଧକ୍ଷ ତଥା ଭାଜପା ନେତା ମନୋଜ ମେହେର, ଜୁନାଗଡ଼ ଓକିଲ ସଂଘ ସଭାପତି ହିମାଂଶୁ ଶେଖର ବରାଡ଼, ପୁରାତନ ଛାତ୍ର ସଂସଦ ସଭାପତି ତଥା ଓଡିଶା ସାମ୍ବାଦିକ ୟୁନିଅନ ଉପସଭାପତି ସନ୍ତୋଷ କୁମାର ସିଂହଦେଓ, ଜୁନାଗଡ଼ ଏନ୍‌ଏସି ପୂର୍ବତନ ଅଧକ୍ଷ ମୁକେଶ ଅଗ୍ରୱାଲ, ଶିକ୍ଷକ ସଂଘ ସଭାପତି ଶାନ୍ତନୁ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

**ଥୁଆମୂଳ ରାମପୁର, ୪।୪ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ହେମନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ପଣ୍ଡିତ ରତିକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ୧୪ ଜଣ ଶିଶୁଙ୍କୁ ଖଡ଼ିଛୁଆଁ କରାଯାଇ ଅକ୍ଷର ଶିକ୍ଷାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରୁ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା।

**ବିଭିନ୍ନ ସ୍ଥାନରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ**

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କର୍ଲାମୁଣ୍ଡା ବ୍ଲକ୍ ସଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଅରୁଣ କୁମାର ବର୍ଗେ ମୁଖ୍ୟ ଅତିଥି ଓ ବ୍ଲକ୍ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ସା, ଗୋପମଣୀ ସାହୁ, ସାମାଜିକ କର୍ମୀ ଦୀନବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଖଡ଼ିଛୁଆଁ ନୀତି ପାଳନ କରିବା ସହ ଶିଶୁମାନଙ୍କୁ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶିକ୍ଷା ସଚେତନତା ରଥକୁ ଶୁଭାରମ୍ଭ କରାଯାଇଥିଲା। ଏହି ରଥ ବ୍ଲକର ବିଭିନ୍ନ ଗ୍ରାମ ବୁଲି ସଚେତନତା ସୃଷ୍ଟିକରିବ।

**ରୁପ୍ରାରୋଡ଼ (ସଞ୍ଜୀବ ଦାସ):** ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ତୁଳାପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନର୍ଲା ବିଡିଓ ବିପିନ ବିହାରୀ ଦୀପ ଯୋଗଦାନ କରି ପିଲାଙ୍କ ଖଡ଼ିଛୁଆଁ କାର୍ଯ୍ୟ ଏବଂ ଶିକ୍ଷାରଥ ଉଦ୍‌ଘାଟନ କରିଥିଲେ। ଏବିଇଓ ଗୋବର୍ଦ୍ଧନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମନମୋହନ ନାୟକ, ତୁଳାପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସୁନାନି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୮ ଜଣ ପିଲାଙ୍କର ଖଡ଼ିଛୁଆଁ ହୋଇଥିଲା। ସିଆର୍‌ସିସି ଫିରୋଜ ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

**ଲାଞ୍ଜିଗଡ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ ଶନିବାର ଅନୁଷ୍ଠିତ ହୋଇଯାଇଅଛି। ବିଇଓ ରୁଷିଆ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା କମଳା ପାତ୍ର ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ବିଡିଓ ଶଶାଙ୍କ ପାତ୍ର ମୁଖ୍ୟ ବକ୍ତା ଓ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ଏବିଇଓ ସୁଢଳଦେବ ମୁଣ୍ଡ ଓ ଭାରତ ଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନଙ୍କ ଉପସ୍ଥିତିରେ ବିଇଓ ମେହେର ୨୫ ଶିଶୁଙ୍କୁ ଖଡ଼ି ଛୁଆଁ କରାଇଥିଲେ। ଏହାସହ ଶିଶୁଙ୍କୁ ବ୍ୟାଗ ଓ ଖାତା, କଲମ, ପେନସିଲ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବ୍ଲକ ଶିକ୍ଷା ରଥର ଶୁଭାରମ୍ଭ କରାଯାଇଥିଲା।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଅତାବିରା,୪।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରାରୁ ବାବେବିରା ରାସ୍ତାରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାବେବିରା ଗ୍ରାମର ରାହୁଲ ସ୍ୱାଇଁ (୩୨)। ଅପରାହ୍ନ ୫ଟାରେ ବାବେବିରା ରାସ୍ତାର ଏକ ପେଟ୍ରୋଲ ପମ୍ପରେ ରାହୁଲ ବାଇକ୍‌ରେ ତେଲ ପକାଇ ପମ୍ପରୁ ବାହାରିଥିଲେ। ଏହି ସମୟରେ ଏକ ନମ୍ବର ବିହୀନ ବାଇକ୍‌ରେ ପଛପଟୁ ଜଣେ ବ୍ୟକ୍ତି ରାହୁଲଙ୍କ ଗାଡ଼ି ସହ ଧକ୍କା ହୋଇଥିଲେ। ଫଳରେ ବାଇକ ଆରୋହୀ ରାହୁଲ ଛିଟିକି ପଡ଼ିଥିଲେ। ତାଙ୍କୁ ଅତାବିରା ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜିଲ୍ଲା ହୋମିଓପାଥିକ ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲ୍ଲା ହୋମିଓପାଥିକ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମହାନ୍ତିଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡା. ବିଷ୍ଣୁପ୍ରିୟା ମେହେରଙ୍କ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ହୋମିଓପାଥିକ ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ତପନ ଘରାଇ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଡା. ଜ୍ଞାନାନନ୍ଦ ସାହୁ, ଡା. ଫାଲଗୁନି ବଡ଼େଇ, ଡା. ଅଶୋକ, ଡା. ପ୍ରଫୁଲ୍ଲ ମାଝୀ, ଡା. ସସ୍ମିତା ପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ବରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ହୋମିଓପାଥିକ ଚିକିତ୍ସାଧିକାରୀ, ଆୟୁଷ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡା. ଶିଶ୍ରୀ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ନୂତନ ଜିଲ୍ଲା ହୋମିଓପାଥିକ ଚିକିତ୍ସାଧିକାରୀ ଭାବେ ଡା. ସୁବୋଧ କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଡା. ଆଶୋକ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଗିରଫ



**ପଦ୍ମପୁର,୪।୪(ପ୍ରଦୀପ୍ତ ଦାଶ):** ଛତିଶଗଡ଼ ଅଞ୍ଚଳକୁ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଜଗଦଳପୁର ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗ୍ରାମର ଅନିଲ ଠେଲା ଓ ରାଜେନ୍ଦ୍ର ପଲେଇ। ଜଗଦଲପୁର ପୋଲିସ ଅବକାରୀ ଧରପଗଡ଼ ପାଇଁ ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ଯୁବକଙ୍କୁ କାବୁ କରି ଜଗଦଳପୁର ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେମାନଙ୍କଠାରୁ ୧୩ କେଜି ୫୦୦ଗ୍ରାମ ଗଞ୍ଜେଇ ସହିତ ଦୁଇଟି ବାଇକ୍ (ଓଡି୧୭ଏଜେ-୬୭୫୪ ଓଡି୧୭ଡେ-୯୭୭୫)ସହିତ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଏ ସମ୍ପର୍କରେ ଜଗଦଲପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ଦାଗାଲଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ.୫୪/୨୬)ରେ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାର ପଦ୍ମପୁର ଥାନା ଏଏସଆଇ ଅନ୍ତର୍ଯାମୀ ବେହେରା ତଦନ୍ତ କରୁଛନ୍ତି ।

### ଷ୍ଟାର୍ଟ ଅପ୍ ଇନୋଭେଶନ କାର୍ଯ୍ୟକ୍ରମ

**ପାଇକମାଲ,୪।୪(ବଡ଼ ଶତପଥୀ):** ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଷ୍ଟାର୍ଟ ଅପ ଇନୋଭେଶନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ଗିରୀଶ ଚନ୍ଦ୍ର ମାଝୀ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ବିଜୟ ମେହେର, ସୁମିତାବ ନାୟକ, ପୁଷ୍ପକାନ୍ତ ସାହୁ ଉପସ୍ଥିତ ଥିଲେ। ଏଥିରେ ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଓ ପୁଷ୍ପକାନ୍ତ ସାହୁ ଷ୍ଟାର୍ଟ ଅପ ଇନୋଭେଶନ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ପୁଷ୍ପକାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଷ୍ଟାର୍ଟଅପ ଇନୋଭେଶନ ଉପରେ ଉପସ୍ଥାପନ କରିଥିଲେ। ଛାତ୍ରୀ କଳ୍ପିନ ତ୍ରିପାଠୀ ପ୍ରଥମ, ଦ୍ୱିତୀୟରେ ହେମନ୍ତ ସୁନା ଓ ତୃତୀୟରେ ପ୍ରଗତିକ ମହାନ୍ତି ଓ ବିଷ୍ଣୁପ୍ରିୟା ରଣାଙ୍କୁ ମଞ୍ଚାସୀନ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବିଜୟ ମେହେର ଧନ୍ୟବାଦ ଦେଇଥିଲେ।

# ଜିରାନଦୀ ଜଳ ପ୍ରଦୂଷିତ, ପ୍ରତିକାର ନାହିଁ

■ ନଦୀରେ ମିଶୁଛି ସହରରୁ ନିଷ୍କାସିତ ନର୍ଦ୍ଦମା ପାଣି

■ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**



ଜିରାନଦୀରେ ପଶୁଥିବା ନର୍ଦ୍ଦମା ପାଣି।

ବରଗଡ଼ର ଜୀବନ ରେଖା କୁହାଯାଉଥିବା ଜୀରାନଦୀ ଜଳ ପ୍ରଦୂଷିତ ହେଉଛି। କେବଳ ସେତିକି ନୁହେଁ, ଜବରଦଖଲ ଯୋଗୁ ଦିନକୁ ଦିନ ନଦୀ ସଙ୍କୁଚିତ ହୋଇପଡୁଛି। ଗୋଟିଏ ପଟେ ବରଗଡ଼ ସହର ରାସ୍ତାପାର୍ଶ୍ୱରେ କୁଢ଼କୁଢ଼ ମଇଳା ଆବର୍ଜନା ପଡ଼ିଥିବାବେଳେ ଅନ୍ୟପଟେ ନଦୀଜଳ ପ୍ରଦୂଷିତ ଏବଂ ନଦୀ ସଙ୍କୁଚିତ ହେବାକୁ ନେଇ ସ୍ଥାନୀୟ ସଚେତନ ନାଗରିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଶାସନର ନାକତଳେ ଏଭଳି ପ୍ରଦୂଷଣ ବଢ଼ି ଚାଲିଛି। ସହରବାସୀ ନାନା ରୋଗରେ ଆକ୍ରାନ୍ତ ହେବା ସହିତ ସଂକ୍ରାମକ ରୋଗ ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି। ଅଥଚ ସେଥିପ୍ରତି ଉଭୟ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କ ନୀରବତା ସହରବାସୀଙ୍କୁ ଚକିତ କରିଥିବାବେଳେ ବିକଶିତ ବରଗଡ଼ ଆଶା ଓ ଆଶଙ୍କାରେ ରହିଯାଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜୀରାନଦୀ କୂଳରେ ବରଗଡ଼ ମ୍ୟୁନିସିପାଲିଟି ଏବଂ ବରଗଡ଼ ବ୍ଲକ ଅନ୍ତର୍ଗତ ଅନେକ ୱାର୍ଡ ରହିଛି। ସେହି ୱାର୍ଡବାସୀ ଏହି ନଦୀର ପାଣି ଉପରେ ମୁଖ୍ୟତଃ ନିର୍ଭର କରି ଆସୁଛନ୍ତି। ଲୋକେ ନଦୀପାଣିରେ ସ୍ନାନ କରୁଥିବାବେଳେ ଏହି ନଦୀରୁ ବରଗଡ଼ ସହର ସମେତ ବିଭିନ୍ନ ଗ୍ରାମକୁ ପାଇପ୍ ଜଳ ଯୋଗାଇ ଦିଆଯାଉଛି। ଅପରପକ୍ଷେ ସହରରୁ ନିଷ୍କାସିତ ନର୍ଦ୍ଦମା ପାଣି ମଧ୍ୟ ଜୀରାନଦୀକୁ ଯାଇ ମିଶୁଛି। ଏପରି କି ନଦୀରେ କୁଢ଼କୁଢ଼ ମଇଳା, ଆବର୍ଜନା ପଡ଼ି ରହୁଛି। ଏହାର ପ୍ରତିକାର ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଜୀରାନଦୀ ବଞ୍ଚାଅ ଆନ୍ଦୋଳନ ହୋଇଥିବାବେଳେ ନଦୀଜଳ ପ୍ରଦୂଷଣର ପ୍ରତିକାର ପାଇଁ ସରକାରୀ ସ୍ତରରେ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ସେତିକିରେ ହିଁ ତାହା ସୀମିତ ରହି ଯାଇଛି।

ଜୀରାନଦୀର ସୁରକ୍ଷା ତଥା ନଦୀଜଳର ପ୍ରତିକାର ପାଇଁ ଦାବି ଜୋର୍ ଧରିଲେ ବିଭାଗୀୟ ଅଧିକାରୀମାନେ ଚିରାଚରିତ ଢଙ୍ଗରେ କ୍ଷେତ୍ର ପରିଦର୍ଶନ କରିଥାନ୍ତି। ନଦୀର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନିଆଯିବ ବୋଲି ସହରବାସୀଙ୍କୁ ଆଶ୍ୱାସନା ଦେଇ ଆସୁଛନ୍ତି। ଏପରିକି ସହରରୁ ନିଷ୍କାସିତ ନର୍ଦ୍ଦମା ପାଣିକୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ଦ୍ୱାରା ସଫା କରାଯିବା ପରେ ନଦୀକୁ ଛଡ଼ାଯିବ ବୋଲି ବହୁପୂର୍ବରୁ ବିଭାଗୀୟ ଅଧିକାରୀମାନେ କହି ଆସୁଛନ୍ତି। ମାତ୍ର ତାହା ଧର୍ମକୁ ଆଖିଠାର ଭଳି ହେଉଛି ଏବଂ ନଦୀପାଣି ପ୍ରଦୂଷିତ ହେବାରେ ଲାଗିଛି। ସ୍ଥାନୀୟ ଲୋକେ ମଧ୍ୟ ସେହି ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହୋଇ ଆସୁଛନ୍ତି। ଏଭଳି ସ୍ଥିତିରେ ନଦୀକୁ ପଶୁଥିବା ନର୍ଦ୍ଦମା ପାଣିର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ସହିତ ନଦୀକୁ ଜବରଦଖଲମୁକ୍ତ କରିବା ଦିଗରେ ଉଭୟ ରାଜନୈତିକ, ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ପରିମଳ ବିପର୍ଯ୍ୟସ୍ତ, ବଢ଼ିଲା ଅସନ୍ତୋଷ



ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । କିଛିଦିନ ହେଲା ଆଗଭଳି ସଫେଇ ଗାଡ଼ି ସହର ଗଳିକନ୍ଦିରେ ବୁଲୁ ନାହିଁ। ଅନ୍ୟପକ୍ଷରେ ସହରସାରା ରାସ୍ତାପାର୍ଶ୍ୱରେ କୁଢକୁଢ ମଇଳା ଆବର୍ଜନା ପଡ଼ିରହିଛି। ପୌରାଞ୍ଚଳରେ ଭୁଶୁଡ଼ି ପଡିଥିବା ଏଭଳି ପରିମଳ ବ୍ୟବସ୍ଥାକୁ ନେଇ ସହରରେ ଅସନ୍ତୋଷ ଦେଖାଯାଇଛି। ଏହି କ୍ରମରେ ଶନିବାର ବରଗଡ଼ ସଚେତନ ନାଗରିକମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ସହରର ରାସ୍ତା, ବଜାର ପ୍ରତ୍ୟେକ ଗଳିକନ୍ଦିରେ ଆବର୍ଜନା ଗଦା ହୋଇ ପଡ଼ି ରହିଛି। ଏହାଦ୍ୱାରା ମଶା, ମାଛି ସମେତ ରୋଗ ବାହକ ଜୀବାଣୁ ଉପଦ୍ରବ ହେଉଛନ୍ତି ଏବଂ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଭବାନୀ ସାହୁ, ପୂର୍ବତନ ଉପ ନଗରପାଳ ଭରତ ମହାନ୍ତି, ମକରଧ୍ୱଜ ମେହେର, ମୁକୁନ୍ଦ ତାଣ୍ଡି, ବସୁଦେବ ଦାଶ, ଗଙ୍ଗା ପୂଝାରୀ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ପୁରୋହିତ, ଅଲିମ ରିଜଭି ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ବିଭ୍ରାଟ, ବିଭାଗୀୟ ଅଫିସ ଘେରିଲେ ଚାଷୀ

**ସୋହେଲା,୪।୪(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଘେଁସ ଅଞ୍ଚଳରେ ଉତ୍କଟ ବିଦ୍ୟୁତ ସମସ୍ୟାକୁ ନେଇ ଶନିବାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଜୁଳି ବିଭ୍ରାଟ ଯୋଗୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବା ପ୍ରତିବାଦରେ ଶହ ଶହ ଚାଷୀ ଘେଁସ ସ୍ଥିତ ବିଦ୍ୟୁତ୍ ସେକ୍ସନାଲ ଅଫିସ ଘେରାଉ କରିଥିଲେ। ପୂର୍ବରୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ବିଭାଗ ଅଧିକାରୀମାନେ ଶୁଣୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରି ଚାଷୀମାନେ ଆନ୍ଦୋଳନ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରି ଆଗାମୀ ୩ରୁ ୪ ଦିନ ମଧ୍ୟରେ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ଧାରଣାରୁ ଓହରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଛାତ୍ରୀଛାତ୍ର ଦେଶ ଗଠନରେ ବ୍ରତୀ ହୁଅନ୍ତୁ

**ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

**ପଦ୍ମପୁର,୪।୪(ପ୍ରଦୀପ୍ତ ଦାଶ)**




ବାର୍ଷିକ ଉତ୍ସବରେ ଏମ୍‌ପି ପ୍ରଦୀପ ପୁରୋହିତ ଅଭିଭାଷଣ ଦେଉଛନ୍ତି।

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷଠାରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ର ପ୍ରତ୍ୟୁଷ କୁମାର ମିଶ୍ରଙ୍କ ପ୍ରାରମ୍ଭିକ ସଙ୍ଗୀତ ଗାନ ପରିବେଶକୁ ଭକ୍ତିମୟ କରିଥିଲା। ଅଧ୍ୟାପକ ପ୍ରଭାତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଚୟନ' ଉନ୍ମୋଚିତ ହେବା ସହ ଅଧ୍ୟାପକ ପ୍ରମୋଦ କୁମାର ତ୍ରିପାଠୀ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇ ନାରୀ ସଶକ୍ତୀକରଣ ଏବଂ ସାମ୍ପ୍ରତିକ ସମାଜରେ ଶିକ୍ଷାର ଅପରିହାର୍ଯ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ଉପ-ଜିଲାପାଳ ହେମସାଗର ଭୋଇ ଯୋଗଦେଇ ଶୃଙ୍ଖଳିତ ଛାତ୍ର ଜୀବନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ସନାତନ ପ୍ରଧାନ ଯୋଗଦେଇ ଜୀବନ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ପ୍ରାସଙ୍ଗିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଶିଶୁମାନଙ୍କୁ ଖଡ଼ି ଛୁଆଁଇଲେ ଜିଲାପାଳ

**ବରଗଡ଼,୪।୪(ପ୍ରେମାନନ୍ଦ ଖମାରୀ)**



ପ୍ରବେଶ ଉତ୍ସବରେ ବରଗଡ଼ ଜିଲାପାଳ କୁନିପିଲାଙ୍କୁ ଖଡି ଛୁଆଁଉଛନ୍ତି।

ଚଳିତ ଶିକ୍ଷାବର୍ଷରେ ନୂତନ ଛାତ୍ରୀଛାତ୍ରମାନଙ୍କ ନାମଲେଖା ଓ ଖଡ଼ିଛୁଆଁ ପାଇଁ ଶନିବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଅମ୍ବାପାଲିଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ପୌରାଧକ୍ଷା କଳ୍ପନା ମାଝୀ, ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ର ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଅମୃତା ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, କାଉନ୍‌ସିଲର ଦୀପାଞ୍ଜଳି ବାଗ, ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ, ଅମ୍ବାପାଲି ହାଇସ୍କୁଲ ଆଲୁମ୍ନି ସଭାପତି ସୁରେଶ ମହାପାତ୍ର ଯୋଗଦେଇଥିଲେ। ବରଗଡ଼ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅତିଥିବୃନ୍ଦ ନୂତନଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଖଡି ଛୁଆଁଇ ଥିଲେ ଓ ଶିକ୍ଷଣ ଉପକରଣ ବଣ୍ଟନ କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ସଚେତନତା ରଥକୁ ଜିଲାପାଳ ଗୋୟଲ ଏବଂ ଅତିଥିବୃନ୍ଦ ଶୁଭାରମ୍ଭ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ବରଗଡ଼ ବ୍ଲକର ସମସ୍ତ ସିଆର୍‌ସିସିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମୂହିକଭାବେ ଖଡ଼ି ଛୁଇଁଥିଲେ।

## ସ୍ୱର୍ଣ୍ଣ, ରୌପ୍ୟ ପଦକ ବିଜେତା ମଳୟଙ୍କୁ ସମ୍ବର୍ଦ୍ଧନା



ଜନ୍ମମାଟିରେ ମଳୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ଅତାବିରା, ୪।୪(ଯୁଧିଷ୍ଠିର ମହାପାତ୍ର)**

ଭୁବନେଶ୍ୱରଠାରେ ସର୍ବ ଭାରତୀୟ ୨୦ବର୍ଷରୁ କମ୍ ୪୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ବିଜେତା ଓ ଚଣ୍ଡିଗଡରେ ହୋଇଥିବା ୪୦୦ ମିଟର ରିଲେରେ ରୌପ୍ୟ ପଦକ ବିଜେତା ମଳୟ ବାରିକଙ୍କୁ ଅତାବିରା ମାଟିରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଅପରାହ୍ନ ୫ଟାରେ ସ୍ଥାନୀୟ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବାଇକ୍ ଶୋଭାଯାତ୍ରାରେ ଲାଦରପାଲି ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ରାତ୍ରି ସାଢେ ୭ଟାରେ ପୂଜାର୍ଚ୍ଚନା ପରେ କଲ୍ୟାଣ ମଣ୍ଡପଠାରେ ଜନକଲ୍ୟାଣ କୁଳତା ସମାଜର ଆୟୋଜନରେ ଅରୁଣ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏବିଡିଓ ଗିରିନ୍ଦ୍ର ସାହୁ, ଅବସରପ୍ରାପ୍ତ ସୈନିକ ସଂଘ, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ, କୃଷକ ସଂଗଠନ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭାରତ ମାତା ସେବା ନ୍ୟାସ, ସାମ୍ବାଦିକ ସଂଘ, ଟ୍ରକ୍ ମାଲିକ ସଂଘ ପକ୍ଷରୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ମଳୟଙ୍କ ନିଜ ଗ୍ରାମ ବାବେବିରା, ତାଙ୍କର ବାପା ମଧୁସୂଦନ ବାରିକ ଜଣେ ଶିକ୍ଷକ ଏବଂ ମାଆ ଗିରିଜା ପ୍ରଧାନ ମଧ୍ୟ ଜଣେ ଖେଳ ଶିକ୍ଷୟିତ୍ରୀ। ମଳୟ ରାଉରକେଲା ସ୍ପୋର୍ଟସ ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି।

## ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

**ଅତାବିରା,୪।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ବ୍ଲକ ଶିକ୍ଷା ସଚେତନତା ରଥକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତାବିରା ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଶନିବାର ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ଏ.ବି.ଇ.ଓ. କାର୍ତ୍ତିକ ବାଗ, ସି.ଆର୍.ସି.ସି. ନୃପ ଭୋଇ, ନନ୍ଦିଘୋଷ ଭୁଏ,ରଞ୍ଜନ ବାଗ,କୃତାର୍ଥ ଚନ୍ଦ୍ର ଭୁଏ ଏବଂ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏହି ରଥ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ରୁ ବାହାରି ପ୍ରଥମେ ଖଇରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପହଞ୍ଚିଥିଲା। ସେଠାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମେହେର ଏବଂ ସମସ୍ତ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ରଥକୁ ସ୍ୱାଗତ କରିଥିଲେ।

## ନାଁ ଲେଖାଇଲେ ୧୭ ଛାତ୍ରୀଛାତ୍ର

**ପାଇକମାଲ,୪।୪(ବଡ଼ ଶତପଥୀ)**

ପାଇକମାଲ ବ୍ଲକ ଡୁଙ୍ଗୁରିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ' ଅତ୍ୟନ୍ତ ଉତ୍ସାହର ସହିତ ଶନିବାର ପାଳିତ ହୋଇଯାଇଛି। ବିଦ୍ୟାଳୟକୁ ନୂତନ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଲ ବ୍ଲକ ଅଧକ୍ଷା ଭାବନା ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାସାଗର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶିଶୁମାନଙ୍କର 'ଖଡ଼ିଛୁଆଁ' ସମ୍ପନ୍ନ ହୋଇଥିଲା। ଏହି ଅବସରରେ ୧୭ଜଣ ନୂତନ ଛାତ୍ରୀଛାତ୍ର ବିଦ୍ୟାଳୟରେ ନାମ ଲେଖାଇ ଶିକ୍ଷା ଜୀବନର ଶୁଭାରମ୍ଭ କରିଥିଲେ।

## ସୋହେଲାରେ ବ୍ଲକସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ସୋହେଲା,୪।୪(ଅଶ୍ୱିନୀ କୁମାର ପାତ୍ର)**

ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ସ୍ଥାନୀୟ ବାଳକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସୋହେଲା ବିଇଓ ସନୋଜ କୁମାର ସେଟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୋହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କରିସ୍ମା ବେସ୍ରା, ସମ୍ମାନିତ ଅତିଥି ଭାବରେ ତହସିଲଦାର ଶୁଭରଞ୍ଜନ ନାୟକ, ଭଟଲି ବିଧାୟକ ପ୍ରତିନିଧି ଭାବେ ଅଶ୍ୱିନୀ ପାତ୍ର ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସରସ୍ୱତୀଙ୍କ ପୂଜାର୍ଚ୍ଚନା ସହ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ କୃପାସିନ୍ଧୁ ପାଣ୍ଡେ ସ୍ୱାଗତ ଭାଷଣ, ଏବିଇଓ ତଥା ବିଆର୍‌ସିସି ମନୋହର ଉଟୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏବିଇଓ ମୋତିଲାଲ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି କେଦାରନାଥ ସାହୁ ମଞ୍ଚ ସଂଯୋଜନା କରିଥିଲେ। ସାରା ବ୍ଲକରେ ପରିକ୍ରମା କରିବାକୁ ଥିବା ଶିକ୍ଷା ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ




**ବରପାଲି,୪।୪(ଚିତ୍ତରଞ୍ଜନ ସାହୁ)**

ବରପାଲି ସମଲେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବରପାଲି ବ୍ଲକ ଚେୟାରମ୍ୟାନ ରୀନା ଥଇତ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲୋକନାଥ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମହରା ଓ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନା ମଞ୍ଚାସୀନ ଥିଲେ। ସି.ଆର.ସି.ସି ରବିନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସି.ଆର.ସି.ସି ଅନିଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖା ବୟସ ତଥା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶିକ୍ଷା ସଚେତନତା ରଥକୁ ବ୍ଲକ ଚେୟାରମ୍ୟାନ ରୀନା ଥଇତ ସବୁଜ ପତାକା ଦେଖାଇ ରଥ ଗଡିବାର ଶୁଭ ସଙ୍କେତ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ଲହୁଣୀପଡା,୪।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ଗ୍ରାମର ଜଣେ ଯୁବକ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୟ କୁମାର ମୁଣ୍ଡା (୨୯)। ସୂଚନାରୁ ପ୍ରକାଶ ଯେ, ଚୋରଧରା ଗ୍ରାମର ସଞ୍ଜୟ କୁମାର ମୁଣ୍ଡା ନିଜ ଘରେ ଲାଗିଥିବା ପାଣିପମ୍ପକୁ ଖୋଲୁଥିବା ବେଳେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ପରିବାର ଲୋକେ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଶନିବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଚିକିତ୍ସାଧୀନ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ଲହୁଣୀପଡ଼ା, ୪।୪(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଚମ୍ପାଝରଣଠାରେ ଶୁକ୍ରବାର ଅସୁସ୍ଥ ହୋଇ ପଡ଼ିଥିବା ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ଚାନ୍ଦିପୋଷ ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛି। ମୃତ ବ୍ୟକ୍ତିଙ୍କ ବୟସ ୫୦/୫୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ବ୍ୟକ୍ତି ଜଣକ କିଛିଦିନ ହେବ ଏ ଅଞ୍ଚଳରେ ବୁଲାବୁଲି କରୁଥିଲେ ବୋଲି ଶୁଣିବାକୁ ମିଳୁଛି।

### ସାଇବର ଠକେଇ: ଆକାଉଣ୍ଟରୁ ଚାଲିଗଲା ୧୯ ହଜାର ୬୦ ଟଙ୍କା

**ବାଲିଶଙ୍କରା,୪।୪(ହୃଦାନନ୍ଦ ବାରିକ):** ତଳସରା ଥାନା ଅନ୍ତର୍ଗତ କହ୍ନେଇଘରା ଗ୍ରାମର ଭାରତୀ ସାଏ ( ୨୩) ସାଇବର ଠକେଇର ଶିକାର ହୋଇଛନ୍ତି। ଭାରତୀଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ନରେ ଜଣେ ଆଶାକର୍ମୀ ତାଙ୍କୁ ଫୋନ କରି ତୁମ ଆକାଉଣ୍ଟକୁ ମାତୃ ମଙ୍ଗଳ ଯୋଜନାରେ ଟଙ୍କା ଆସିବ, ତେଣୁ ତୁମର ଆକାଉଣ୍ଟ ନମ୍ବର ଦିଅ ବୋଲି କହିଥିଲେ। ଆଶାକର୍ମୀଙ୍କ କଥାରେ ବିଶ୍ୱାସ କରି ଭାରତୀ ଆକାଉଣ୍ଟ ନମ୍ବର ଦେଲେ। କିଛି ସମୟ ପରେ ଅନ୍ୟ ଏକ ନମ୍ବରରେ ଫୋନ ଆସିଲା ଓ ସମସ୍ତ ତଥ୍ୟ ମାଗିଥିଲେ। ଭାରତୀ ସମସ୍ତ ତଥ୍ୟ ଦେଇଥିଲେ। ପରେ ଆକାଉଣ୍ଟ ଚେକ କରି ଦେଖନ୍ତି ଆକାଉଣ୍ଟରୁ ଟଙ୍କା ଖାଲି ହୋଇଯାଇଛି। ଆକାଉଣ୍ଟରୁ ୧୯ ହଜାର ୬୦ ଟଙ୍କା କଟି ଥିବା ଦେଖି ଭାରତୀ ଆଶାକର୍ମୀଙ୍କୁ ଫୋନ କରିଥିଲେ। ହେଲେ ଆଶାକର୍ମୀ ଫୋନକୁ ଉଠାଇ ନ ଥିଲେ। ପରେ ସନ୍ଦେହ ହେବାରୁ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ଏଥିରେ ଆଶାକର୍ମୀଙ୍କ ସମ୍ପୃକ୍ତି ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଛି।

# ଇଂଲିଶ ଶିକ୍ଷା ମୁହାଁ ନ ହୋଇ ଓଡ଼ିଆରେ ପାଠପଢ଼ିବାକୁ ଆହ୍ୱାନ

## ଜିଲା ଓ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ, ଖଡିଛୁଆଁ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୪।୪(ଜୟ ନାରାୟଣ ମେଣ୍ଟୁଲି)**


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଉଛି।

ଜିଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ କିରେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରମା ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ଜିଲା ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରଙ୍କ ଏ ସୁନ୍ଦର ପ୍ରୟାସ ଶିକ୍ଷା କ୍ଷେତ୍ରରେ ନିଶ୍ଚୟ ପରିବର୍ତ୍ତନ ଆଣିବ ବୋଲି ଆଶା ପୋଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଗୁଣାତ୍ମକ ଶିକ୍ଷା ସମସ୍ତ ପିଲାମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାର ବଦ୍ଧ ପରିକର। ବର୍ତ୍ତମାନ ସମସ୍ତ ସରକାରୀ ବିଦ୍ୟାଳୟରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଆମେ ଇଂଲିଶ ଶିକ୍ଷା ମୁହାଁ ନ ହୋଇ ଓଡ଼ିଆରେ ପାଠ ପଢ଼ିଲେ ପିଲାମାନଙ୍କୁ ନିଶ୍ଚୟ ସହଜ ଓ ବୋଧଗମ୍ୟ ହୋଇପାରିବ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ଅତିରିକ୍ତ ଜିଲାପାଳ, ସୁନ୍ଦରଗଡ (ସାଧାରଣ) ସୁରଜ କୁମାର ପଟ୍ଟନାୟକ ଅତୀତ ଶିକ୍ଷା ବ୍ୟବସ୍ଥା ଓ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ ପୌରପାଳିକାର ପୌରାଧ୍ୟକ୍ଷା ତନୟା ମିଶ୍ର ପିଲାମାନେ ଆଗାମୀ ଦିନର ଭବିଷ୍ୟତ । ଶିକ୍ଷୟିତ୍ରୀ, ଶିକ୍ଷକ ମାନେ ପ୍ରଚେଷ୍ଟା କଲେ ପିଲାମାନେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ। ଏକ ସୁନ୍ଦର ରାଷ୍ଟ୍ର ଗଠନରେ, ଉତ୍ତମ ନାଗରିକର ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଓ ସାରଙ୍ଗଧର ବରିହା, ସୁନ୍ଦରଗଡ଼ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନେହେରୁଲାଲ ପଟେଲ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସୁଆର ଉପସ୍ଥିତ ଥିଲେ। ଏହି ଅବସରରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନୂତନ କରି ଆସିଥିବା ୧୦ ଜଣ ଶିଶୁ ବାଟିକା ଓ ୨ ଜଣ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଉପବାଚସ୍ପତି ଶିକ୍ଷା ସାମଗ୍ରୀ ଏବଂ ନୂତନ କରି ମୁଦ୍ରିତ ହୋଇଥିବା ନବମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରିଥିଲେ। ସମସ୍ତ ଅତିଥିମାନଙ୍କ ଗହଣରେ ୧୨ ଜଣ ନୂଆଁ କରି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଖଡିଛୁଆଁ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଉପବାଚସ୍ପତି ଭୋଇ ଏବଂ ସମସ୍ତ ଅତିଥିମାନେ ଶିକ୍ଷା ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ସଚେତନତାର ବାର୍ତ୍ତାନେଇ ସାରା ଜିଲା ପରିଭ୍ରମଣ କରିବ। ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସେହି ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ପଟେଲ, କାବେରୀ ପ୍ରିୟଦର୍ଶନୀ, ବିନିତା ପଟେଲ, ବବିତା ପଧାନ ଏବଂ ରଞ୍ଜିତା ପଟେଲ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗଣବଳାତ୍କାର ପୀଡ଼ିତା ନିଦ ବଟିକା ଖାଇ ଗୁରୁତର

**ସୁନ୍ଦରଗଡ଼,୪।୪(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲାର ଏକ ଶିଶୁଯତ୍ନକାରୀ ଆଶ୍ରମରେ ରହୁଥିବା ଜଣେ ଗଣବଳାତ୍କାରର ଶିକାର ହୋଇଥିବା ପୀଡ଼ିତା ମାତ୍ରାଧିକ ନିଦା ବଟିକା ଖାଇ ଗୁରୁତର ଅବସ୍ଥାରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୨୦୨୦ରେ ବୀରମିତ୍ରପୁର ଥାନା ଅଞ୍ଚଳର ଏହି ପୀଡ଼ିତା ସେତେବେଳର ନାବାଳିକା ଜଣକ ଗଣବଳାତ୍କାରର ଶିକାର ହୋଇ ଏହି ଆଶ୍ରମରେ ରହି ଆସୁଛନ୍ତି। ସେତେବେଳେ ନାବାଳିକା ପୀଡ଼ିତା ଜଣକ ଏହି ଘଟଣାରେ ବୀରମିତ୍ରପୁର ଥାନାର ତତ୍କାଳୀନ ଆଇଆଇସିଙ୍କ ସମେତ ତାଙ୍କ ପ୍ରେମିକ ଓ ସାବତ ବାପାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ହେଲେ ସେତେବେଳେ କେବଳ ତତ୍କାଳୀନ ଆଇଆଇସିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଓ ପୋଲିସ ମହାନିର୍ଦ୍ଦେଶକ ତତ୍କାଳୀନ ଆଇଆଇସିଙ୍କୁ ପ୍ରଥମେ ନିଲମ୍ବିତ କରି ପରେ ଚାକିରିରୁ ବରଖାସ୍ତ କରିଥିଲେ। ଏହାପରେ ଆଶ୍ରମରେ ରହୁଥିବା ଏହି ପୀଡ଼ିତା ଜଣକ ଏବେ ସାବାଳିକା ହୋଇଥିବା ଓ ଆଶ୍ରମରେ ଆଉ ରହିବାକୁ ଚାହୁଁ ନାହାନ୍ତି। ପୀଡ଼ିତାଙ୍କ ମା' ମଧ୍ୟ ତାଙ୍କୁ ଘରକୁ ନେବାକୁ ରାଜି ହେଉ ନାହାନ୍ତି। ଏଭଳି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଶ୍ରମରେ ରହୁଥିବା ପୀଡ଼ିତା ପ୍ରତିଦିନ ରାତିରେ ଗୋଟିଏ ଲେଖାଏ ନିଦ ବଟିକା ଖାଉଥିଲେ। ମାତ୍ର ଘଟଣା ଦିନ ଗୁରୁବାର ରାତି ପ୍ରାୟ ୮ଟା ବେଳେ ତାଙ୍କ ଦାୟିତ୍ୱରେ ଥିବା ଆଶ୍ରମର କର୍ମଚାରୀ ପିଇବା ପାଇଁ ପାଣି ଆଣିବାକୁ ଗଲାବେଳେ ପୀଡ଼ିତା ଜଣକ ଏକକାଳୀନ ୨୫ଟି ନିଦ ବଟିକା ଖାଇଦେବାରୁ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସଙ୍ଗେ ସଙ୍ଗେ ଆଶ୍ରମର କର୍ମଚାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ତାଙ୍କୁ ପ୍ରଥମେ ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଆଇସିୟୁ ସୁବିଧା ନ ମିଳିବାରୁ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ମଧ୍ୟ ଆଇସିୟୁର ସୁବିଧା ନ ହେବାରୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ନେଇ ଭର୍ତ୍ତି କରାଯାଇଛି। ଏହି ଗଣ ବଳାତ୍କାର ମାମଲା ଏବେ କ୍ରାଇମବ୍ରାଞ୍ଚ ହାତରେ ରହିଛି। କ୍ରାଇମବ୍ରାଞ୍ଚ ପୋଲିସ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ପୀଡ଼ିତାଙ୍କ ସାବତ ବାପାଙ୍କୁ ଗତ ୭/୨/୨୦୨୬ରେ ଓ ପ୍ରେମିକଙ୍କୁ ଏପ୍ରିଲ ୧ତାରିଖରେ ଗିରଫ କରି ସୁନ୍ଦରଗଡ ସ୍ୱତନ୍ତ୍ର ପକ୍ସୋ କୋର୍ଟକୁ ଚାଲାଣ କରିଥିଲା। କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ଜଲ ହାଜତକୁ ପଠାଇ ଦେଇଛି।

# ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ପ୍ରଦାନରେ ପାତରଅନ୍ତର

## କ୍ଷୋଭ ପ୍ରକାଶ କଲେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ

**ସୁନ୍ଦରଗଡ,୪।୪(ଜୟ ନାରାୟଣ ମେଣ୍ଟୁଲି)**


ବିଧାୟକ ସିଂହ ଖବରଦାତା ସମ୍ମିଳନୀରେ ନିଜର କ୍ଷୋଭ ପ୍ରକାଶ କରୁଛନ୍ତି।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକବର୍ଷ ବଜେଟରେ ୧୪୭ କୋଟି ଟଙ୍କାର ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ଯୋଜନା ପାଇଁ ବ୍ୟୟ ବରାଦ କରିଥିଲେ। ଏଥିରେ ପ୍ରତି ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ବିକାଶ ପାଇଁ ବିଧାୟକଙ୍କ ଅନୁରୋଧ କ୍ରମେ ୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା। ହେଲେ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଗତ ବର୍ଷ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବଗୁଡିକ ପ୍ରଦାନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଖୁବ୍ କମ୍ ଦିନରେ ସମସ୍ତ ପ୍ରସ୍ତାବଗୁଡିକୁ ଅନୁଧ୍ୟାନ କରି ମଞ୍ଜୁର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିରୋଧୀ ଦଳ ବିଧାୟକଙ୍କ ନିର୍ବାଚନମଣ୍ଡଳୀରେ ପ୍ରସ୍ତାବିତ ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ବିଧାୟକ ଯୋଗେଶ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି। ବିଧାୟକ ସିଂହ କହିଛନ୍ତି, ଏବେ ସାରା ରାଜ୍ୟରେ ଦେଖିବାକୁ ମିଳୁଛି କେବଳ ଶାସକ ଭାଜପା ଦଳର ବିଧାୟକ ମାନଙ୍କ ପ୍ରସ୍ତାବଗୁଡିକୁ ମଞ୍ଜୁରି ମିଳୁଛି ଏବଂ ବିରୋଧୀ ଦଳର ବିଧାୟକମାନଙ୍କ ପ୍ରସ୍ତାବ ଅଟକି ରହିଛି। ସେହିଭଳି ଏବେ ସୁନ୍ଦରଗଡ ଜିଲାରେ କେବଳ ତଳସରା ଏବଂ ରଘୁନାଥପାଲି ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ଯୋଜନାଗୁଡିକ ମଞ୍ଜୁର ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡ ସଦର, ରାଜଗାଙ୍ଗପୁର, ରାଉରକେଲା, ବଣେଇ ଏବଂ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ବିରୋଧୀ ଦଳର ବିଧାୟକ ଥିବା ହେତୁ ଏ ପର୍ଯ୍ୟନ୍ତ ମଞ୍ଜୁର ପ୍ରଦାନରେ ପାତର ଅନ୍ତର କରାଯାଉଥିବାରୁ ବିଧାୟକ ଯୋଗେଶ କ୍ଷୋଭ ପ୍ରକାଶ କରିଛନ୍ତି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ

**ବଣାଇଁ, ୪।୪(ପ୍ରଦୀପ ତ୍ରିପାଠୀ):** ବଣାଇଁ ଥାନା ଅନ୍ତର୍ଗତ ବାବୁନୂଆଗାଁରେ ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ଗିରଫ ହୋଇ ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ଅଭିଯୁକ୍ତ ହେଲେ ଅଜୟ ସିଂ(୪୫)। ଏନେଇ ବଣାଇଁ ଥାନାରେ ଏକ ହତ୍ୟା ମାମଲା ନଂ. ୯୩/୨୬ ରୁଜୁ ହୋଇଛି। ଥାନା ସବ୍‌ଇନ୍ସପେକ୍ଟର ଆଦିତ୍ୟ ନାରାୟଣ ବେହେରା ଘଟଣାର ତଦନ୍ତ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶର ଅଜୟ ସ୍ତ୍ରୀ ସୋନିଆ ସିଂ(୨୭) ଓ ୪ଟି ପିଲାଙ୍କୁ ଧରି ବାବୁନୂଆଗାଁରେ ତମ୍ବୁ ପକାଇ ରହି ସାମଗ୍ରୀ ବିକ୍ରି କରୁଥିଲେ। ଗୁରୁବାର ରାତିରେ କୌଣସି କଥାକୁ କେନ୍ଦ୍ରକରି ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଜୟ ସୋନିଆଙ୍କୁ ମାଡ ମାରିଥିଲେ। ଏଥିରେ ସେ ଗୁରୁତର ହୋଇପଡିବାରୁ ଅଜୟ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସୋନିଆଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ସୋନିଆଙ୍କ ଘର ବରଗଡ ଜିଲା ସୋହେଲାରେ। ପରିବାର ଲୋକେ ପହଞ୍ଚିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଛି। ଏହି ଦମ୍ପତିଙ୍କ ଆଠ ମାସରୁ ଆଠ ବର୍ଷ ପର୍ଯ୍ୟନ୍ତ ଚାରିଟି ସନ୍ତାନ ଅଛନ୍ତି। ଚାରି ଗୋଟି ସନ୍ତାନଙ୍କୁ ରାଉରକେଲା ବିଶ୍ରା ଠାରେ ଥିବା ଅନାଥାଶ୍ରମ 'ଦିଶା'ରେ ଲାଳନ ପାଳନ ପାଇଁ ଛାଡିଥିବା ବିଷୟ ତଦନ୍ତକାରୀ ଅଧିକାରୀ ଆଦିତ୍ୟ ନାରାୟଣ ବେହେରା ପ୍ରକାଶ କରିଛନ୍ତି ।

# ହରିହର ହାଇସ୍କୁଲରେ ବ୍ଲକସ୍ତରୀୟ ଖଡ଼ିଛୁଆଁ,ପ୍ରବେଶ ଉତ୍ସବ


ପ୍ରବେଶ ଉତ୍ସବରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର।

**କୁଆଁରମୁଣ୍ଡା,୪।୪(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ କୁଆଁରମୁଣ୍ଡା ପିଏମଶ୍ରୀ ହରିହର ହାଇସ୍କୁଲରେ ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ମହାପାତ୍ର ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଏହି ଉତ୍ସବକୁ ଉଦ୍‌ଘାଟନ କରିବା ସହ ସ୍କୁଲରେ ନୂତନ ଭାବେ ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କୁ ଫୁଲ,ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ବିଇଓ ମହାପାତ୍ର ନିଜେ ନୂତନ ବିଦ୍ୟାର୍ଥୀଙ୍କୁ ସରସ୍ୱତୀଙ୍କ ନିକଟରେ ବସାଇ ସେମାନଙ୍କ ସିଲଟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଲେଖାଇ ପ୍ରାରମ୍ଭିକ ବିଦ୍ୟା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏବିଇଓ ତପସ୍ୱିନୀ ମହାନନ୍ଦିଆ, ହରିହର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ସ୍କୁଲ ଏସ୍‌ଏମ୍‌ସି ସଭାପତି ଲୋକନାଥ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଉରକେଲାରୁ ଆସିଥିବା ଶିକ୍ଷା ସଚେତନତା ରଥ କୁଆଁରମୁଣ୍ଡା ପିଏମଶ୍ରୀ ହରିହର ହାଇସ୍କୁଲରେ ପହଞ୍ଚିବା କ୍ଷଣି କୁଆଁରମୁଣ୍ଡା ବିଡିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ ଓ ବିଇଓ ମହାପାତ୍ରଙ୍କ ସମେତ ଉପସ୍ଥିତ ଅତିଥିମାନେ ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ବିଦ୍ୟାର୍ଥୀଙ୍କ ସହ ସେମାନଙ୍କ ମାତା ପିତାଙ୍କୁ ଏହି ଅବସରରେ ସ୍କୁଲ ପକ୍ଷରୁ ଅଭିନନ୍ଦନ ଓ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ନରୋତ୍ତମ ସ୍ୱାଇଁ ଓ ଗୋବିନ୍ଦ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷକ ବିରେନ ଦିଲ୍ଲା, ଗଗନ ବାରିକ, ବିଶ୍ୱଭୂଷଣ ସେଠୀ, ମହେନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା, ଅମିତା ଦାସ, ମାଳତୀ ବେହେରା, ମୀନା ଲାକ୍ରା, ବିଶାଖା ପଟେଲ, ସରିତା ସୋରେଙ୍ଗ, ରଶ୍ମି ଜୟପୁର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିବାରେ ସହାୟତା କରିଥିଲେ।

# ଗୋମାଂସ ଜବତ, ୨ ଗିରଫ

**ବାଲିଶଙ୍କରା,୪।୪(ହୃଦାନନ୍ଦ ବାରିକ)**

ତଳସରା ଥାନା ଅନ୍ତର୍ଗତ କୁରେଇ ପଞ୍ଚାୟତର କୁରେଇ ଲମଟି ମୁଣ୍ଡାପଡ଼ାରୁ ଶନିବାର ପୋଲିସ ଗୋମାଂସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଲମଟି ମୁଣ୍ଡାପଡାର ଜ୍ୟୋତି ପ୍ରକାଶ ଭେଙ୍ଗରା ଓ ଜେଣ୍ଡାର ଭେଙ୍ଗରା। ଅନ୍ୟ ୬ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ତଳସରା ପୋଲିସ କେସ୍ ନମ୍ବର ୯୨/୨୬ ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ସୂଚନା ଅନୁଯାୟୀ, କୁରେଇ ମୁଣ୍ଡାପଡାର ଭକ୍ତ ପ୍ରକାଶ ଏକ୍କାଙ୍କ କ୍ଷେତରେ ଗୋଟିଏ ଗାଈକୁ କଟାଯାଉଥିବା ସମୟରେ ଗ୍ରାମର ଧନେଶ୍ୱର ମାଝି, ବେଚନ ମାଝି, ମନେଶ ମାଝି, ସୁରୁଜୁ କୁମାର ବେଶରା, ଉଗ୍ରେସନ ସାଏ ପହଞ୍ଚି ଦେଖିଥିଲେ। ଗୋ' ହତ୍ୟାକାରୀମାନେ ଘଟଣାସ୍ଥଳରୁ ପଳାଇଯାଉଥିବାବେଳେ ୨ ଜଣକୁ କାବୁ କରି ଅଟକ ରଖିଥିଲେ। ଗାଈକୁ କଟାଯାଉଥିବା ନେଇ ତଳସରା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ଯଶୋବନ୍ତି ବାଗଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ସୁବାସ ମିଁଜିଙ୍କ ସହ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୋ' ମାଂସ ଜବତ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସମାଜସେବୀ ଅରୁଣ ସାହୁ ଓ ନନ୍ଦନ ସିଂ ଘଟଣାସ୍ଥଳରେ ପହଞ୍ଚି ଥିଲେ।

# ବନ୍ଧମୁଣ୍ଡା ଭାଜପା ମଣ୍ଡଳର ପ୍ରଶିକ୍ଷଣ ଶିବିର

**ବନ୍ଧମୁଣ୍ଡା,୪।୪(ସୁବ୍ରତ ଦେ)** ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅବସରରେ ବନ୍ଧମୁଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ସେକ୍ଟର-ଡି ସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ମଣ୍ଡଳ ଅଧ୍ୟକ୍ଷ ଲକ୍ଷଣ ଲୋହାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଦଳର ନୀତି, ଆଦର୍ଶ ଓ ସଂଗଠନାତ୍ମକ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବରିଷ୍ଠ ନେତାମାନେ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେଇଥିଲେ ଓ ସଙ୍ଗଠନକୁ ଆହୁରି ସୁଦୃଢ଼ ଓ ସକ୍ରିୟ କରିବାକୁ ଆହ୍ୱାନ କରିଥିଲେ। ଏହି ଶିବିରରେ ମଣ୍ଡଳର ସମସ୍ତ ପଦାଧିକାରୀ, ବୁଥ ଅଧ୍ୟକ୍ଷ ଓ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣର ଲାଭ ଉଠାଇଥିଲେ। ଏହି ଅବସରରେ ଅଶୋକ କୁମାର ହଲୱାଇ, ଗଣେଶ ବିସୱାଲ, ବି. ଶ୍ରୀନୁ, ଗାୟତ୍ରୀ ଜେନା, ଗୀତାରାଣୀ ସତପଥୀ, ରୀନା କୁଆର, ପିଙ୍କି ମିତ୍ରା, ଜଗଦୀଶ ସତପଥୀ, ହରି ଡୋରା, ଆଲୋକ ସିଂହ, ପ୍ରହ୍ଲାଦ ତାଣ୍ଡି, ମୁକ୍କଲେସ ସିଂହ, ମୁକଲ ଦାସ, ସୋନୁ ମୁଖାର୍ଜୀ ଓ ଆଦିତ୍ୟ କୁମାର ଆଦି ଉପସ୍ଥିତ ଥିଲେ।


ଶିବିରରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ଅଷ୍ଟମ ରଜନୀରେ ସୀତା ଚୋରି ମଞ୍ଚସ୍ଥ

**ବଡ଼ଗାଁ, ୪।୪( ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ରାମଲୀଳା ଯାତ୍ରା

ସୁନ୍ଦରଗଡ଼ ଜିଲା ବଡ଼ଗାଁ ରାମଲୀଳା ଯାତ୍ରାର ଶୁକ୍ରବାର ଅଷ୍ଟମ ରଜନୀରେ ଲଙ୍କା ଅଧିପତି ପ୍ରତାପୀ ରାବଣଙ୍କ ଦ୍ୱାରା ସୀତା ଚୋରି ମଞ୍ଚସ୍ଥ ହୋଇଥିଲା। ରାବଣର ଭଉଣୀ ସୂର୍ପଣଖାର ନାସା ଛେଦନ, ଖର, ଦୂଷଣ ଓ ତ୍ରିଶୀରାଙ୍କୁ ହତ୍ୟା କରାଯାଇଥିବା ଶୁଣି ରାବଣ ପ୍ରଚଣ୍ଡ କ୍ରୋଧିତ ହେଲେ ଓ ମନ୍ତ୍ରୀ ପରିଷଦ ସହିତ ଆଲୋଚନା କଲେ। ଯୋଜନା ମୁତାବକ ମାୟାବୀ ମାରୀଚ ରାକ୍ଷସକୁ ଡକାଇ ପଞ୍ଚବଟୀ ବନରେ ମାୟା ମୃଗ ହୋଇ ସୀତାଙ୍କୁ ଦେଖାଦେବାକୁ ରାବଣ ନିର୍ଦ୍ଦେଶ ଦେଲେ। ସୀତା ମାୟାମୃଗକୁ ଧରିଆଣିବାକୁ ରାମଙ୍କୁ କହିବାରୁ ରାମ ତୀର ନିକ୍ଷେପ କଲେ। ମାରୀଚ ତ୍ରାହି ଲକ୍ଷ୍ମଣ ଡାକ ଦେଇ ମାୟା ରଚନା କରିଥିଲେ। ଏହାଶୁଣି ସୀତା ଲକ୍ଷ୍ମଣଙ୍କୁ ବନକୁ ଯିବାକୁ କହିଲେ। ଏହାର ସୁଯୋଗରେ ରାବଣ ବ୍ରାହ୍ମଣ ରୂପରେ ଆସି ସୀତାଙ୍କଠାରୁ ଭିକ୍ଷା ନେବାବେଳେ ଅପହରଣ କରି ନେଇଥିଲେ। ରାମାୟଣର ଏହି ବିଷୟବସ୍ତୁ ଉପରେ କଳାକାରମାନେ ଅଭିନୟ କରିଥିଲେ। ରାବଣ, ରାବଣଙ୍କ ମନ୍ତ୍ରୀ, ଜତି ରାବଣ, ଅକ୍ଷୟ କୁମାର, ଇନ୍ଦ୍ରଜିତ, ମାରୀଚ, ମାୟା ମୃଗ ଭୂମିକାରେ ଯଥାକ୍ରମେ ଅମ୍ଳାନ ଜ୍ୟୋତି ନାୟକ, ଗଙ୍ଗାଧର ସା, ତାପସ ପଣ୍ଡା, ସୋନୁ ଦାସ, ଉତ୍ତମ ପଣ୍ଡା, ବବଲୁ ସା, ରିଙ୍କୁ ନାୟକ ଅଭିନୟ କରିଥିଲେ। ଅଷ୍ଟମ ରଜନୀରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ବଡ଼ଗାଁରେ ୨ଟି ବଡ ସ୍ଥାୟୀ ତୋରଣ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ।


ରାବଣ ସୀତାଙ୍କୁ ଅପହରଣ କରିବା ଦୃଶ୍ୟ।

## କଳାକାର ଯାହା କୁହନ୍ତି...


“ମୁଁ ୧୫ ବର୍ଷ ହେଲା ରାମ ଭୂମିକାରେ ଅଭିନୟ କରିଆସୁଛି। ଯାତ୍ରା ସମୟରେ ୧୨ ଦିନ ଲୋକମାନେ ସ୍ୱୟଂ ଭଗବାନ ଭାବରେ ସେବା କରିଥାନ୍ତି। ଆମେ ମଧ୍ୟ ୧୨ ଦିନ ଶୁଦ୍ଧପୂତ ଭାବେ ଏହାର ବିଧି, ନିୟମ ପାଳନ କରିଥାଉ। ଏହି ସମୟରେ ବଡ଼ଗାଁ ଅଯୋଧ୍ୟା ଭଳି ମନେହୁଏ। ଏହି ରାମାୟଣ ପୋଥିଟି ଅନନ୍ୟ ଓ ତା'ର ସ୍ୱର, ତାଳ, ଛାନ୍ଦ ଭାରତବର୍ଷରେ ଦୁର୍ଲଭ।

—ଲୁଲୁ ପାଣିଗ୍ରାହୀ


“ମୁଁ ଆଠବର୍ଷ ହେଲା ସୀତା ଭୂମିକାରେ ଅଭିନୟ କରିଆସୁଛି। ପେଣ୍ଟିଂ ହେଲାପରେ ଭଗବାନଙ୍କ ନିକଟତର ହେଲାଭଳି ଲାଗେ। ସେ ସମୟଟି ରାମମୟ ହେଉଥିବାରୁ ଅଯୋଧ୍ୟା ଭଳି ଜଣାପଡ଼େ। ରାମ ସେବକମାନଙ୍କ ସହଯୋଗ ରହିଆସିଛି ଓ ଆଗକୁ ମଧ୍ୟ ରହିବ ବୋଲି ଆଶା କରାଯାଏ।

—ଟୁନୁ ପାଣିଗ୍ରାହୀ


“୧୯୮୫ ମସିହାରୁ ୪ ବର୍ଷ ପର୍ଯ୍ୟନ୍ତ ରାମ ଭୂମିକାରେ ଅଭିନୟ କରିଛି। ଫାର୍ସ ମଧ୍ୟ କରୁଥିଲି। ଚଳିତବର୍ଷ ପ୍ରଥମ ଥର କୈକେୟୀ (ନାରୀ ଭୂମିକା) ଭୂମିକାରେ ଅଭିନୟ କରୁଛି। ସମସ୍ତଙ୍କ ଅଭିନୟ ଭଲ ଲାଗୁଛି। ଏହି ରାମାୟଣର ଲେଖା ସ୍ୱତନ୍ତ୍ର । ସମ୍ଭବତଃ ଏହା କେଉଁଠି ନାହିଁ। ଯଦି ରାମଲୀଳା ପଡିଆ ମିଳନ୍ତା ତା'ହେଲେ ଆହୁରି ଭଲଭାବେ ହୋଇପାରନ୍ତା।

—ଆଶୁତୋଷ ମହାପାତ୍ର


“ରାମଲୀଳା ଯାତ୍ରାରେ ରାମାୟଣର ସାତକାଣ୍ଡକୁ ଗାନ କରି ମୁକ୍ତ ମଞ୍ଚରେ ଅଭିନୟ କରାଯାଇଥାଏ। ଏହା ଭକ୍ତି, ପ୍ରେମର ଆଧାର ଓ ଭକ୍ତ, ଭଗବାନଙ୍କ ମିଳନ। ସ୍ୱର୍ଗତ ସବ୍ୟସାଚୀ ପାଣିଗ୍ରାହୀ, ସ୍ୱର୍ଗତ ଶ୍ରଦ୍ଧାକର ବେହେରା, ସ୍ୱର୍ଗତ ଦେବାନନ୍ଦ ପଣ୍ଡାଙ୍କ ଯାତ୍ରା ପ୍ରତି ରହିଥିବା ଆବେଗ ମୋତେ ରାମ ସେବକ ରୂପେ, କଳାକାର ରୂପେ ଓ ପରିଚାଳନା ଭାରରେ ଉପନୀତ କରାଇଛି।

—ଦିବ୍ୟଲୋଚନ ପୃଷେଟ

**ଅଖିଳ ଭାରତୀୟ କବାଡ଼ି ପ୍ରତିଯୋଗିତା: ବାରଙ୍ଗ ସେମିରେ**

ବ୍ରଜରାଜନଗର (ବିଜୟ ବରାଡ଼): ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ରାମପୁର ଖେଳ ପଡିଆରେ ଚାଲିଥିବା ୫ମ ଅଖିଳ ଭାରତୀୟ କବାଡି ପ୍ରତିଯୋଗିତାରେ ଶନିବାର ବାରଙ୍ଗ ସେମିଫାଇନାଲରେ ପହଁଚିଛି। ଆୟୋଜିତ କାର୍ଯ୍ୟକ୍ରମରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡି ଅତିଥି ଭାବରେ ଯୋଗଦେଇ ଏହି ପ୍ରତିଯୋଗିତା ଗ୍ରାମାଞ୍ଚଳ ପ୍ରତିଭାମାନଙ୍କୁ ଜାତୀୟ ସ୍ତରକୁ ଆଣିବାରେ ସହାୟକ ହେବ ବୋଲି କହିଥିଲେ। ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଇଆଇସି ଧବଳେଶ୍ୱର ସାହୁ, ପୂର୍ବତନ ପୌର ଉପାଧ୍ୟକ୍ଷ ଜୟନ୍ତ ଦାକ୍ଷିତ ଯୋଗଦେଇଥିଲେ। ଆୟୋଜକ କମିଟିର ସଭାପତି ପୌରାଧ୍ୟକ୍ଷ ଗୋପାଳ ଶୀତନୀ, ସମ୍ପାଦକ ବାବାଲା ମିଶ୍ର ସହାୟତା ପ୍ରଦାନ କରିଥିଲେ।

# ଘଟଣା ହେଲା ସତ୍ୟ: କାର୍ଯ୍ୟାନୁଷ୍ଠାନ ନେଲେ ଜିଲାପାଳ

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)

## ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିବା ପ୍ରସଙ୍ଗ




- ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଅନିୟମିତତା
- ୪୮ ଶିକ୍ଷକଙ୍କ ଡେପୁଟେଶନ ବାତିଲ
- ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ
- ଅନିୟମିତତାରେ ଡେପୁଟେଶନ ହୋଇଥିବା ଶିକ୍ଷକଙ୍କୁ ମୂଳ ସ୍କୁଲକୁ ଫେରିବାକୁ ନିର୍ଦ୍ଦେଶ

**ଧରିତ୍ରୀ ପ୍ରଭାବ**

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଚାଲିଥିବା ଅନିୟମିତତା, ଅର୍ଥ କାରବାର କରାଯାଇ ଶିକ୍ଷକଙ୍କୁ ଡେପୁଟେଶନ ଘଟଣା ଏବେ ସତ ବୋଲି ଜଣାପଡ଼ିଛି। ଫଳରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୪୮ଶିକ୍ଷକଙ୍କ ଡେପୁଟେଶନ ବାତିଲ କରିଛନ୍ତି ଜିଲାପାଳ। ସେମାନଙ୍କୁ ମୂଳ ସ୍କୁଲକୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଦେବଗଡ଼ ଜିଲାର ବୁଦ୍ଧିଜୀବୀ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ଜିଲା ଶିକ୍ଷା ବିଭାଗରେ ଟଙ୍କା କାରବାର କରି ଡେପୁଟେଶନ କରିଥିବା ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଦେବଗଡ଼ ଜିଲାରେ ୭୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଟଙ୍କା ନିଆଯାଇ ନିଜର ସୁବିଧା ସ୍ଥାନ ବା ନିଜ ପସନ୍ଦର ସ୍କୁଲକୁ ଡେପୁଟେଶନ କରାଯାଇଥିବା ଘଟଣା ଉପରେ ଧରିତ୍ରୀ ଖବର କାଗଜରେ ବାରମ୍ବାର ଖବର ପ୍ରକାଶ ହେଲା ପରେ ଜିଲାପାଳ ତଦନ୍ତ ଆରମ୍ଭ କରିଥିଲେ। ଜିଲାପାଳ ତଦନ୍ତ ଆରମ୍ଭ କରିବା ପରେ ଏକ ଖବର 'ଘଟଣା ସତ୍ୟ ହେଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ' ଶୀର୍ଷକରେ ମାର୍ଚ୍ଚ ୨୧ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା । ତଦନ୍ତ ରିପୋର୍ଟ ଆସିବା ପରେ ଘଟଣା ସତ୍ୟ ହେଲା, ତେଣୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ କାର୍ଯ୍ୟାନୁଷ୍ଠାନ ନେଲେ। ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କ ମଧ୍ୟରୁ ୪୮ ଶିକ୍ଷକଙ୍କୁ ପୂର୍ବ ସ୍କୁଲକୁ ଫେରିବା ପାଇଁ ତିନି ବ୍ଲକ ତିଲେଇବଣି, ରିଆମାଳ, ବାରକୋଟର ବିଭାଗୀୟ କାର୍ଯ୍ୟାଳୟଙ୍କୁ ଚିଠି କରି ନିର୍ଦ୍ଦେଶ ଦିଆଯାଇଛି। ଏପରିକି କେତେଜଣ ଶିକ୍ଷକ କେତେକ ସ୍କୁଲରେ ରହିବା ଅତ୍ୟନ୍ତ ଜରୁରୀ ଥିବା ଜାଣି ଜିଲାପାଳ ରହିବାକୁ ଅନୁମତି ଦେଇଛନ୍ତି। ସେମାନଙ୍କ ଡେପୁଟେଶନ ବାତିଲ କରାଯାଇନାହିଁ। ଜିଲାପାଳ ଯଦି ଏହି ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି, ତେବେ ଜିଲାପାଳ ଆହୁରୀ ପ୍ରଶଂସାର ପାତ୍ର ହେବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ଅନିୟମିତତାରେ ସମ୍ପୃକ୍ତ ଥିବା କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜିଲା ଶିକ୍ଷା କାର୍ଯ୍ୟାଳୟର ଜଣେ ବରିଷ୍ଠ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୦ ତାରିଖ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ତେବେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହାକୁ ଲୋକେ ଅପେକ୍ଷା କରିଛନ୍ତି। ସୂଚନାଥାଉକି ଜିଲାରେ କେତେକ ସ୍କୁଲରେ ଶିକ୍ଷକ ଅଭାବ ରହିଥିଲା। ତେଣୁ ଜିଲାପାଳ ୧୯ ଶିକ୍ଷକଙ୍କୁ ଡେପୁଟେଶନ କରିଥିଲେ। ଏହି ସୁଯୋଗରେ ଶିକ୍ଷା ବିଭାଗର କେତେଜଣ ଅଧିକାରୀ, କର୍ମଚାରୀ ଆଉ କେତେଜଣ ଶିକ୍ଷକଙ୍କଠାରୁ ଟଙ୍କା ନେଇ ସୁବିଧାଜନକ ସ୍ଥାନକୁ ଡେପୁଟେଶନ କରିଥିଲେ। ଅନିୟମିତତା କରାଯାଇ ଶିକ୍ଷା ବିଭାଗ ପକ୍ଷରୁ ୭୦ରୁ ଅଧିକ ଶିକ୍ଷକଙ୍କୁ ଡେପୁଟେଶନ କରାଯାଇଥିଲା। ଏ ସମ୍ପର୍କରେ ମଧ୍ୟ ଧରିତ୍ରୀ ଖବର ପ୍ରକାଶ ପାଇଥିଲା। ପରେ ଉକ୍ତ ଘଟଣା ନେଇ ଜିଲାପାଳ ଲେଟର ନମ୍ବର ୪୫୪୨ରେ ଜିଲାର ସମସ୍ତ ୫୦ ସିଆରସିସିଙ୍କୁ ନିଜ ଦାୟିତ୍ୱରେ ଥିବା ସ୍କୁଲମାନଙ୍କର ଛାତ୍ରୀଛାତ୍ର ସଂଖ୍ୟା କେତେ, ଶିକ୍ଷୟିତ୍ରୀଶିକ୍ଷକ କେତେ ଅଛନ୍ତି ଓ ଡେପୁଟେଶନ ଆସିଛନ୍ତି କି ଯାଇଛନ୍ତି, କେଉଁ ତାରିଖରେ ଆସିଛନ୍ତି ଆଉ କେଉଁ ତାରିଖରେ ଯାଇଛନ୍ତି ଜିଲାପାଳ ଜାଣିବାକୁ ଚାହିଁଥିଲେ। ସମସ୍ତ ରିପୋର୍ଟ ଜିଲାପାଳଙ୍କୁ ସିଆର୍‌ସିସିମାନେ ଦେଇଥିଲେ। ସିଆର୍‌ସିସିମାନେ ଦେଇଥିବା ରିପୋର୍ଟକୁ ନେଇ ଜିଲା ପ୍ରଶାସନର ସ୍ୱତନ୍ତ୍ର ଟିମ୍ ତଦନ୍ତ କରିଥିଲେ। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳ ତାଙ୍କ କଥା ରଖିଲେ ଏବଂ କାର୍ଯ୍ୟାନୁଷ୍ଠାନ ନେଲେ। ଡେପୁଟେଶନ ହୋଇଥିବା ୭୦ରୁ ଅଧିକ ଶିକ୍ଷକଙ୍କ ମଧ୍ୟରୁ ଜିଲାପାଳ ନିଜେ ଡେପୁଟେଶନ କରିଥିବା ୧୯ ଶିକ୍ଷକ ଓ ଆଉ କେତେକ ସ୍ଥାନରେ ଜରୁରୀ ଆବଶ୍ୟକତା ଥିବାରୁ ସେହି ସ୍ଥାନର ଶିକ୍ଷକଙ୍କୁ ଛାଡ଼ି ବାକି ୪୮ ଶିକ୍ଷକଙ୍କ ଡେପୁଟେଶନ ବାତିଲ କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଘଟଣାରେ ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଉପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ କେବେ ନେବେ ସେ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଓଡ଼ିଆ ଭାଷାର ବ୍ୟାପକ ପ୍ରସାର ପାଇଁ ଆହ୍ୱାନ




ସଚେତନତା ପଦଯାତ୍ରା ସହର ପରିକ୍ରମା କରୁଛି।

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଶନିବାର ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ଭାଷା ନାମଫଳକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ପଦଯାତ୍ରା ସହରର ମୁଖ୍ୟ ରାସ୍ତା ପରିକ୍ରମା କରିବା ସହ ଭାଷା ପ୍ରୀତି ଓ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରର ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରିବା। ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ମାତୃଭାଷାର ଗୁରୁତ୍ୱ ଓ ଆଇନଗତ ପ୍ରାବଧାନ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଜିଲା ହୋଟେଲ ଆସୋସିଏଶନର ସଭାପତି, ଚାମ୍ବର ଅଫ କମର୍ସର ସଭାପତି, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟ ଓ ଏଲଏନ ମହାବିଦ୍ୟାଳୟର ଅଧ୍ୟକ୍ଷ, ବିଭିନ୍ନ ଏନଜିଓ ସଂସ୍ଥା ଓ ମହିଳା ସଙ୍ଗଠନର ସଦସ୍ୟାମାନେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ପ୍ରବେଶ, ଖଡ଼ିଛୁଆଁ ଉତ୍ସବ

କୋଲାବିରା,୪।୪(ସଞ୍ଜୟ ପୂଜାରୀ)

କୋଲାବିରା ବ୍ଲକସ୍ତରୀୟ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଶନିବାର ସିରିଆପାଲି ଉନ୍ନୀତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ମନୋଜ ପ୍ରଭାକର କୁଜୁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିସଭ୍ୟା ରମ୍ଭାବତି ଭୁଏ, ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତ, ଅତିରିକ୍ତ ବିଇଓ ନିର୍ମଳା ଶତପଥୀ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରଧ୍ୱଜ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷକ ବାବୁ ନାଏକ ମଞ୍ଚ ପରିଚାଳନା, ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିଶୁ ବାଟିକାରେ ୫ ଓ ୧ମ ଶ୍ରେଣୀରେ ୬ ଶିଶୁଙ୍କ ପ୍ରବେଶ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବାଳକ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ନୂତନ ଭାବେ ଆସିଥିବା ଶିଶୁଙ୍କୁ ଖଡ଼ିଛୁଆଁ ହୋଇଥିଲା।

# ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଜିଲାପାଳ ଶିଶୁମାନଙ୍କୁ ଖଡ଼ି ଛୁଆଁ କରାଉଛନ୍ତି।

ଝାରସୁଗୁଡ଼ା,୪।୪(ଆଶିଷ ରଞ୍ଜନ ଦାଶ)

ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା ଅଭିଯାନ ଝାରସୁଗୁଡାର ମିଳିତ ଆନୁକୂଲ୍ୟରେ ଶନିବାର ପୁରୁଣାବସ୍ତିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି କୁନି ଶିଶୁମାନଙ୍କୁ ଖଡ଼ି ଛୁଆଁଇ ସେମାନଙ୍କର ବିଦ୍ୟା ଶିକ୍ଷାର ଶୁଭାରମ୍ଭ କରିଥିଲେ। ଜିଲାପାଳ ସଦର ବ୍ଲକ ପାଇଁ ଏକ 'ଶିକ୍ଷା ସଚେତନତା ରଥ'ର ଶୁଭାରମ୍ଭ ମଧ୍ୟ କରିଥିଲେ। ଏହି ରଥ ଆସନ୍ତା ଅପ୍ରେଲ ୧୦ ପର୍ଯ୍ୟନ୍ତ ଜିଲାର ସମସ୍ତ ବିଦ୍ୟାଳୟ ପରିକ୍ରମା କରି ୫ ବର୍ଷରୁ ଅଧିକ ପିଲାଙ୍କୁ ଶିଶୁ ବାଟିକା ଏବଂ ୬ ବର୍ଷରୁ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ନାମଲେଖା ପ୍ରକ୍ରିୟାରେ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂଯୋଜିକା ଖୁଲଣା ସୁନ୍ଦରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ଲିଙ୍ଗରାଜ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ଓ ଶିକ୍ଷକ ବିପିନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ସୋଡ଼ାମାଳ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ

କୋଲାବିରା,୪।୪(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସୋଡାମାଳ ସରକାରୀ ହାଇସ୍କୁଲ(ସେବାଶ୍ରମ)ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନିଆ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ସୋଡାମାଳ ଗ୍ରାମରେ ଗୋଟିଏ ଷ୍ଟାଡିୟମ ନିର୍ମାଣ କରିବା ଓ ହାଇସ୍କୁଲ ଯୁକ୍ତ ୨ ଖୋଲିବା ଓ ପୁରାତନ ଛାତ୍ରୀଛାତ୍ରଙ୍କ ପାଇଁ କନଫରେନ୍ସ ହଲ ନିର୍ମାଣ ପାଇଁ ଗ୍ରାମବାସୀ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ଦାବି କରାଯାଇଥିଲା । ତେବେ ଉଭୟ ଏମ୍‌ପି ଓ ବିଧାୟକ ସମସ୍ତ ଦାବି ପୂରଣ କରିବା ପାଇଁ ନିଜ ଅଭିଭାଷଣରେ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗରତିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏଥିରେ ପଦ୍ମଶ୍ରୀ ହଳଧର ନାଗ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ନିଜର କବିତା ଆବୃତ୍ତି କରିଥିଲେ। ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ସରପଞ୍ଚ ଚନ୍ଦନ ପଟ୍ଟନାୟକ, ସମିତି ସଭ୍ୟା ନିଲେନ୍ଦ୍ରୀ କାଲୋ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ କିଷାନ, ପୁରାତନ ଛାତ୍ର ସଂସଦ ସଭାପତି ଲେଲିନ ସାହୁ, ସମ୍ପାଦକ ଆପସ ସୁନାନି, କୋଷାଧ୍ୟକ୍ଷ ସଞ୍ଜୟ କରାଳି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସୁଦର୍ଶନ ସରାଫ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ । ଶିକ୍ଷକ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥାପିକା ସ୍ୱେଜଲ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସୁଧୁରି ନାହିଁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟସେବା

ଦେବଗଡ଼,୪।୪(ଶଶାଙ୍କ ଶେଖର ଝାଙ୍କର)



- ୨୮ ବିଶେଷଜ୍ଞ ଡାକ୍ତର ଥାଇ ବି ଠିକ୍ ଚିକିତ୍ସା ହେଉ ନାହିଁ
- ବିନା ଡ୍ୟୁଟିରେ ଦରମା ନେଉଛନ୍ତି ଡାକ୍ତର
- ଜିଲା ମୁଖ୍ୟ ଚିକିତ୍ସାଳୟର ଅଜବ ନୀତି

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ ୨୦ ଜଣ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଛନ୍ତି। ପୂର୍ବରୁ ୮ଡାକ୍ତର ଥିବାବେଳେ ଏବେ ସମୁଦାୟ ୨୮ ଡ଼ାକ୍ତର ଅଛନ୍ତି। ହେଲେ ବର୍ତ୍ତମାନ ୨୮ଜଣ ବିଶେଷଜ୍ଞ ଡାକ୍ତର ଥାଇ ବି ସୁଧୁରି ନାହିଁ ଜିଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସା ସେବା। ଡାକ୍ତରଙ୍କ ମଧ୍ୟରୁ କେତେଜଣ ଛୁଟିରେ ରହୁଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଛି। ଜଣେ/ ଦୁଇ ଜଣ ଡାକ୍ତର ଡ୍ୟୁଟିକୁ ଆସି ଉପସ୍ଥାନ ପକାଇ ପୁଣି ଚାଲିଯାଉଛନ୍ତି। ଫଳରେ ଡାକ୍ତର ଥାଇ ବି ଲୋକେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଜନୈକ ବିଶେଷଜ୍ଞ ଡାକ୍ତର ଲମ୍ବା ଛୁଟିରେ ରହିଛନ୍ତି। ସେହି ଡାକ୍ତର କୁଆଡ଼େ ପୂର୍ବରୁ ଡ୍ୟୁଟି ନ କରି ଦରମା ନେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଉଚ୍ଚ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ଏହି ଡାକ୍ତର ଡ୍ୟୁଟିକୁ ଆସି ଉପସ୍ଥାନ ପକାଇ ଚାଲିଯାଉଥିଲେ, କହିବାକୁ ଗଲେ ବିନା ଡ୍ୟୁଟିରେ ଦରମା ନେଉଥିଲେ। ଯଦି ଡାକ୍ତରମାନେ ଛୁଟିରେ ରହିବେ, ଡ୍ୟୁଟିକୁ ଆସି ଉପସ୍ଥାନ ଦର୍ଶାଇ ଚାଲିଯିବେ ତେବେ ଯେତେ ଅଧିକ ଡାକ୍ତର ଥିଲେ ବି ଲୋକେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇବେ ନାହିଁ। ଜିଲାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହେବ ଓ ଭଲ ଚିକିତ୍ସା କରାଯିବ ବୋଲି ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନଞ୍ଜୟ ମହନ୍ତ ଗତ ମାର୍ଚ୍ଚ ୧୩ ରେ ଏକ ପ୍ରେସ୍‌ମିଟ କରି ସୂଚନା ଦେଇଥିଲେ। ହେଲେ ଏଇଠି କଥା ଉଠୁଛି ଯେ, ସତରେ କଣ ଭଲ ଚିକିତ୍ସା ଜିଲାବାସୀ ପାଇବେ କି ପୂର୍ବପରି ବୁର୍ଲା ରେଫର୍ ହେବେ, ଏହା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏପଟେ ପୁଣି ଅଭିଯୋଗ ହେଉଛି, ଜଣେ ବିଶେଷଜ୍ଞ ନିଜ କ୍ଲିନିକରେ ବ୍ୟସ୍ତ ରହୁଛନ୍ତି। ସେହି ଡାକ୍ତର ଦେବଗଡ଼ ଇଚ୍ଛା ହେଲେ ଆସୁଛନ୍ତି, ନ ହେଲେ ନାହିଁ। କେବଳ ଥରେ ଆସି ନିଜର ଦସ୍ତଖତ ମାରି କୁଆଡ଼େ ଦରମା ନେଇଯାଉଛନ୍ତି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ଏଇଠି କଥା ଉଠୁଛି ବିନା କାମରେ ଡାକ୍ତର ଦରମା କେମିତି ନେଉଛନ୍ତି। କିଏ ଏ ସୁଯୋଗ ଦେଉଛି। ଜାଣି ଶୁଣି ଏସବୁ କାମ ହେଉଛି କି ପ୍ରଶ୍ନ ଉଠିଛି। ଏପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବାରମ୍ବାର ଦାବି ହେଉଛି। କିନ୍ତୁ ଏପରି ଯଦି ଡାକ୍ତର ଡ୍ୟୁଟି ନ କରିବେ ତାହା ହେଲେ ଉତ୍ତମ ସ୍ୱାସ୍ଥ୍ୟସେବା କିଭଳି ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେଣୁ ଉକ୍ତ ଘଟଣାକୁ ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନଞ୍ଜୟ ମହନ୍ତଙ୍କୁ ପଚାରିବାରୁ କହିଲେ, ଜଣେ ଡାକ୍ତର ଛୁଟିରେ ଅଛନ୍ତି। ଆଗକୁ ଚାକିରି ଛାଡ଼ି ଦେବେ ବୋଲି କହିଛନ୍ତି। ଏଠାରେ କଥା ଉଠୁଛି, ଯଦି ଚାକିରି ଛାଡ଼ିବେ ଛାଡ଼ି ଦିଅନ୍ତୁ। କିନ୍ତୁ କଣ ପାଇଁ ସରକାରଙ୍କୁ ଠକାଇ ଦରମା ନେଉଛନ୍ତି,ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି।

# ବ୍ଲକସ୍ତରୀୟ ପ୍ରବେଶ ଓ ଖଡିଛୁଆଁ ଉତ୍ସବ

ଲଇକେରା,୪।୪(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ସିଆଲରମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଶିକ୍ଷା ଅଧିକାରୀ ହିରଣ୍ୟ ରୋହିଦାସ, ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ପଟେଲ, ସ୍କୁଲ କମିଟି ସଭାପତି ପ୍ରସନ୍ନ ନାଗ ଯୋଗଦେଇ ପିଲାମାନଙ୍କୁ ସ୍ୱାଗତ କରି ଫୁଲଚନ୍ଦନ ଲଗାଇ ସ୍କୁଲ ବ୍ୟାଗ ଦେଇ ଖଡିଛୁଇଁଥିଲେ। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟେଲ ସଭାପତିତ୍ୱ କରିଥିଲେ। ଦିଲୀପ କୁମାର ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବେଶ ଓ ଖଡିଛୁଆଁ ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସିଆରସିସି ଦୁବରାଜ ଦିହିରିଆ ଧନ୍ୟବାଦ ଦେଇଥିଲେ।

# ୫ବର୍ଷ ଧରି ପାନୀୟଜଳ ଯୋଗାଣ ବନ୍ଦ

ରିଆମାଳ,୪।୪(ବଦ୍ରିନାରାୟଣ ଅଗ୍ରୱାଲା)



- ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଗ୍ରାମବାସୀ
- ଅଭିଯୋଗକୁ କର୍ଣ୍ଣପାତ କରୁନି ପ୍ରଶାସନ

ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆଁଡିହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହାସିନ୍ଧୁ ଗ୍ରାମର ସୁନାପଶି ସାହି ବାସିନ୍ଦା ପ୍ରାୟ ୫ ବର୍ଷ ହେବ ପାନୀୟ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି। ବାରମ୍ବାର ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ସାହିରେ ପ୍ରାୟ ୪୦୦ ଜଣ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ। ଗାଁରେ ଥିବା ନଳକୂପରୁ ପାନୀୟ ଜଳ ବ୍ୟବହାର କରୁଥିବା ବେଳେ ତାହା ନିଅଣ୍ଟ ହେଉଛି, ଯାହାକି ବସ୍ତି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ଜଳ ପ୍ରକଳ୍ପରୁ ବର୍ଷବର୍ଷ ଧରି ଜଳ ଯୋଗାଣ ବନ୍ଦ ହେବା ପରେ ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବା ସହିତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ସୁନାପଶି ସାହିର ବାସିନ୍ଦା ସୁକାନ୍ତି ରାଜହଂସଙ୍କ କହିବାନୁଯାୟୀ ଆଗକୁ ଖରା ବଢିବା ସାଙ୍ଗକୁ ଏବେ ଠାରୁ ପିଇବା ପାଣି ପାଇଁ କଳବଲ ହେଲେଣି। ତେଣୁ ସରକାର ଏ ବାବଦରେ ଶୀଘ୍ର କିଛି ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ପଦ୍ମିନୀ ପ୍ରଧାନ କୁହନ୍ତି, ବର୍ଷବର୍ଷ ଧରି ସଫା ପିଇବା ପାଣି ପାଉନାହୁଁ, ଆଉ ଭୋଟ ବେଳକୁ ସମସ୍ତେ ଆସି ସବୁ ସୁବିଧା କରିଦେବୁ ବୋଲି କହୁଛନ୍ତି। ପିଇବା ପାଣି ବ୍ୟବସ୍ଥା ଶୀଘ୍ର ନ କଲେ ଆଉ ଭୋଟ ଦେବୁ ନାହିଁ କି କୌଣସି ନେତାଙ୍କୁ ଗାଁକୁ ପଶେଇ ଦେବୁ ନାହିଁ ବୋଲି କହିଛନ୍ତି। ଗୌରୀ ଚରଣ କିଷାନଙ୍କ କହିବା ଅନୁଯାୟୀ ଏ ବାବଦରେ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ଫଳ ପାଉନାହାନ୍ତି। ସରପଞ୍ଚ ମୋତିମାଳା ମହାକୁଳଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ, ଥରେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀମାନେ ଆସି ମରାମତି କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ମରାମତିର କିଛି ସମୟ ପରେ ପୁଣି ଖରାପ ହୋଇଯାଇଥିଲା । ତେଣୁ ଏ ବାବଦରେ ବିଡିଓ ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଛୁ ଓ ଏ ବାବଦରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

# ଡାକ୍ତର ଅଭାବ: ସିଏଚ୍‌ସି ସମ୍ମୁଖରେ ଗଣଧାରଣା

କୋଲାବିରା,୪।୪(ସଞ୍ଜୟ ପୂଜାରୀ)



କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦିଆଯାଇଛି।

ଝାରସୁଗୁଡ଼ା ଜିଲା କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଦୀର୍ଘଦିନ ଧରି ଡାକ୍ତର ଅଭାବ ରହିଛି। ଏହା ସହ ଆବଶ୍ୟକ ଭିତ୍ତିଭୂମିର ଅଭାବ ଓ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହୋଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ ଦାବିରେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶନିବାର ଗଣଧାରଣା ଦିଆଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ସଙ୍ଗଠନ ଲଇକେରା, କୋଲାବିରା ଓ କିର୍ମିରା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସଙ୍ଗଠନର ସଭାପତି ଜିତେନ୍ଦ୍ରିୟ ଧୁରୁଆ, ଉପସଭାପତି ସ୍ୱରୁପ କିଷାନ, ସମ୍ବିତ ନାଏକ, ପ୍ରଶାନ୍ତ ମହାନନ୍ଦିଆ, ଅଜୟ ବିଶ୍ୱାଳ, ଅରୁଣ ନାଏକ, ରମେଶ କିଷାନ, ନରେନ କିଷାନ ଓ ଦୀପକ ସାହୁ, ତ୍ରିଲୋଚନ ଡନସନା ପ୍ରମୁଖ ସଦସ୍ୟମାନଙ୍କ ସହ ଅଞ୍ଚଳବାସୀ ଏହି ଧାରଣାରେ ସାମିଲ ହୋଇଥିଲେ। ଗଣଧାରଣାକୁ ସମର୍ଥନ ଜଣାଇ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଆଇନଜୀବୀ ତ୍ରିନାଥ ଗୁଆଲ, ଆଦିବାସୀ ମହାସଂଘର ଉପଦେଷ୍ଟା ପ୍ରଭାକର ଓରାମ, ସାମାଜିକ କର୍ମୀ ସୁରେନ୍ଦ୍ର ନାଏକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଦାବି ଅନୁଯାୟୀ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଶଲ୍ୟ ଓ ମେଡିସିନ ବିଭାଗରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ସାଧାରଣ ରୋଗ ପାଇଁ ମଧ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି। ସାଧାରଣ ରୋଗୀଙ୍କୁ ମଧ ପ୍ରାୟ ୨୦ କିଲୋମିଟର ଦୂରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ସରକାରୀ ମଞ୍ଜୁରି ଅନୁଯାୟୀ ୪ ଜଣ ବିଶେଷଜ୍ଞ ଡାକ୍ତର, ଜଣେ ଦନ୍ତ ଚିକିତ୍ସକ ଓ ୧୫ ଜଣ ଏମ୍‌ବିବିଏସ ଡାକ୍ତରଙ୍କ ପଦ ଏହି ଡାକ୍ତରଖାନାରେ ରହିଛି । ମାତ୍ର ବର୍ଷ ବର୍ଷ ଧରି ସମସ୍ତ ପଦବୀ ଖାଲି ପଡ଼ିରହିଛି। ସୁପରିଣ୍ଟେଣ୍ଡେଣ୍ଟ ଓ ବିପିଏସଓ ପଦ ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସମସ୍ୟା ସମାଧାନ ପାଇଁ ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ ନ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସମୀର ରିଜ୍‌ଭୀ।

**ନୂଆଦିଲ୍ଲୀ,୪।୪**

ସମୀର ରିଜ୍‌ଭୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ୬ ଉଇକେଟରେ ପରାସ୍ତ କରିଛି। ଏହା ଦିଲ୍ଲୀର କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇର ଏହା ପ୍ରଥମ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ରିଆନ ରିକଲଟନ(୯) ଓ ତିଳକ ବର୍ମା(୦)ଙ୍କ ଉଇକେଟ ହରାଇଥିଲା। ଭେଟେରାନ ଓପନର ରୋହିତ ଶର୍ମା କାମଚଳା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ମିଶି ତୃତୀୟ ଉଇକେଟରେ ୫୩ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରୋହିତ (୨୬ ବଲ, ୩୫ ରନ, ୫ ଚୌକା ଓ ୧ ଛକା), ଶେର୍ଫାନେ ରଦରଫୋର୍ଡ (୫) ଓ ସୂର୍ଯ୍ୟକୁମାର (୩୬ ବଲ ୫୧ ରନ, ୩ ଚୌକା ଓ ୨ ଛକା)ଙ୍କ ଉଇକେଟ ହରାଇଥିଲା। ଶେଷଆଡ଼କୁ ନମନ ଧୀର ୨୮ (୨ ଚୌକା ଓ ୧ ଛକା) ଓ ମିଚେଲ ସାଣ୍ଟନର ୧୮(୨ ଚୌକା) ରନ କରିଥିଲେ। ଫଳରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ କରିଥିଲା। ଦିଲ୍ଲୀ ପାଇଁ ମୁକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମାତ୍ର ୭ ରନ ମଧ୍ୟରେ ଲୋକେଶ ରାହୁଲ(୧) ଓ ନୀତୀଶ ରାଣା(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ପଥୁମ ନିଶଙ୍କା ଓ ସମୀର ରିଜ୍‌ଭୀ ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ୬୬ ରନ ଯୋଡ଼ି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ନିଶଙ୍କା ୩୦ ବଲରେ ୪୪ (୬ ଚୌକା ଓ ୧ ଛକା) ରନ କରି ଦଶମ ଓଭରରେ ମିଚେଲ ସାଣ୍ଟନରଙ୍କ ବଲରେ ଆଉଟ୍ ହୋଇଥିଲେ। ଏହିଠାରୁ ରିଜ୍‌ଭୀ ଆଟାକିଂ ବ୍ୟାଟିଂ କରିଥିବା ବେଳେ ଡେଭିଡ୍ ମିଲର ତାଙ୍କୁ ଆବଶ୍ୟକୀୟ ସମର୍ଥନ ପ୍ରଦାନ କରିଥିଲେ। ଦୁଇ ବ୍ୟାଟର ଚତୁର୍ଥ ଉଇକେଟରେ ୩୯ ବଲରେ ୭୮ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଶତକ ଅଭିମୁଖେ ଅଗ୍ରସର ହେଉଥିବା ରିଜ୍‌ଭୀ ୫୧ ବଲରେ ୭ ଲେଖାଏ ଚୌକା ଓ ଛକା ସହିତ ୯୦ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କର ଲଗାତର ଦ୍ୱିତୀୟ ଅର୍ଦ୍ଧଶତକ ଥିଲା। ଏହାପରେ ମିଲର (୨୧ ରନ, ୪ ଚୌକା) ଓ ଟ୍ରିଷ୍ଟାନ ଷ୍ଟବ୍ସ (୩) ଅପରାଜିତ ରହି ମ୍ୟାଚ୍ ଫିନିଶ କରିଥିଲେ। ଦିଲ୍ଲୀ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୬୪ ରନ କରି ନେଇଥିଲା।

## ରିଜ୍‌ଭୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୬୨/୬(ସୂର୍ଯ୍ୟକୁମାର ଯାଦବ-୫୧, ରୋହିତ ଶର୍ମା-୩୫, ନମନ ଧୀର-୨୮, ମୁକେଶ କୁମାର-୨/୨୬, ଅକ୍ଷର ପଟେଲ-୧/୨୨)। ଦିଲ୍ଲୀ କ୍ୟାପିଟାଲ୍ସ: ୧୮.୧ ଓଭରରେ ୧୬୪/୪(ସମୀର ରିଜଭୀ-୯୦, ପଥୁମ ନିଶଙ୍କା-୪୪, ଦୀପକ ଚହର-୧/୨୦, ମିଚେଲ ସାଣ୍ଟନର-୧/୨୨)।

# ମୁଖ୍ୟମନ୍ତ୍ରୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର, ୪।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶନିବାର ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପତାକା ପ୍ରଦାନ କରିଛନ୍ତି। ରାଜ୍ୟ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ସହରରେ ୨୦୨୮ରେ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବା ପାଇଁ ପ୍ରସ୍ତୁତିର ଏକ ପ୍ରତିଫଳନ ବୋଲି କୁହାଯାଇପାରେ। ପୁନଶ୍ଚ ଏକ ବିଶ୍ୱ ଶ୍ରେଣୀୟ ଇଭେଣ୍ଟର ଆୟୋଜନ ପାଇଁ ରାଜ୍ୟ ପ୍ରତିଶ୍ରୁତିବଦ୍ଧ ବୋଲି ଏହା ସୂଚିତ କରୁଛି। ପୂର୍ବରୁ ପୋଲାଣ୍ଡରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ବିଧିବଦ୍ଧ ପତାକା ପ୍ରଦାନ କରାଯାଇଥିଲା। ଇଭେଣ୍ଟ ଆୟୋଜନ ପାଇଁ ଭାରତକୁ ଆନୁଷ୍ଠାନିକ ଅଧିକାର ପ୍ରଦାନ କରାଯାଇଥିଲା। ପତାକା ଗ୍ରହଣ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହା କେବଳ ଏକ ଘଟଣା ନୁହେଁ, ଏହା ଐତିହ୍ୟର ଏକ ମୁହୂର୍ତ୍ତ। ୨୦୨୮ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇଛି। ଭାରତ ଓ ଓଡ଼ିଶା ଇଭେଣ୍ଟର ଆୟୋଜନ ପାଇଁ ପ୍ରସ୍ତୁତ। ସୂଚନାଯୋଗ୍ୟ, ସେବାଷ୍ଟିଆନ କୋ' ୨୦୨୮ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ପାଇଁ ଆୟୋଜନ ଅଧିକାର ଘୋଷଣା କରିବା ଦ୍ୱାରା ଗ୍ଲୋବାଲ ଆଥ୍‌ଲେଟିକ୍ସ ମଞ୍ଚରେ ଓଡ଼ିଶାର ଆଗମନକୁ ସୂଚିତ କରିଥିଲା। ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ହେଉଛି ଅନ୍ୟତମ ସମ୍ମାନଜନକ ଇଭେଣ୍ଟ। ଏହା ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଇନ୍‌ଡୋର କଣ୍ଡିଶନରେ ଭାଗ ନେବା ଲାଗି ଏକତ୍ରିତ କରିଥାଏ। ଓଡ଼ିଶାରେ ଏହାର ଆଗମନ କେବଳ ଆୟୋଜନ କରିବାର ଏକ ସୁଯୋଗ ନୁହେଁ, ବରଂ ଭାରତରେ ବର୍ଦ୍ଧିତ କ୍ରୀଡ଼ା ଇକୋସିଷ୍ଟମ, ଭିତ୍ତିଭୂମି ଏବଂ ସାଂଗଠନିକ ଉତ୍କର୍ଷତା ପ୍ରଦର୍ଶନ କରିବାର ଏକ ସୁଯୋଗ।




ବ୍ୟାଙ୍କକ୍‌ରେ ଆୟୋଜିତ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍-୨୦୨୬ରେ ସ୍ୱର୍ଣ୍ଣପଦକ ବିଜୟିନୀ ପାୟଲ ନାଗଙ୍କ ସହ କୋଚ୍ ଅଭିଲାଷା ଚୌଧୁରୀ।

## ୧୯ ବର୍ଷରୁ କମ୍ ବାଳକ ଏନସିଏ ଶିବିର

**କଟକ, ୪।୪(କୁମାରଶ୍ରୀ)**

**ସୟଦ, ସମ୍ବିତ ଓ ପ୍ରିୟାଂଶୁଙ୍କୁ ଡକରା**

ଜାତୀୟ କ୍ରିକେଟ ଏକାଡେମୀ(ଏନସିଏ) ପକ୍ଷରୁ ୧୯ ବର୍ଷରୁ କମ୍ ବାଳକ ବର୍ଗର ଏଲିଟ୍ ଶିବିର ଆସନ୍ତା ମେ ୧୧ରୁ ଆରମ୍ଭ ହେବ। ଭିନୁ ମଙ୍କଡ ଟ୍ରଫି ଏବଂ କୁଚ ବିହାର ଟ୍ରଫିରେ ପ୍ରଦର୍ଶନ ଦୃଷ୍ଟିରୁ ଖେଳାଳି ଚୟନ କରାଯାଇ ଶିବିରରେ ସାମିଲ କରାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୩ଜଣ ଖେଳାଳିଙ୍କୁ ଡକରା ଆସିଛି। ମୋହାଲିରେ ହେବାକୁ ଥିବା ଶିବିରରେ ସୟଦ ଟି ଅହମ୍ମଦ ଏବଂ ସମ୍ବିତ କୁମାର ବେଜା, ପଣ୍ଡିଚେରୀ ଶିବିରରେ ପ୍ରିୟାଂଶୁ ମହାନ୍ତି ସାମିଲ ହେବେ। ଜୁନ ୬ ତାରିଖ ପର୍ଯ୍ୟନ୍ତ ଶିବିର ଜାରି ରହିବ। ଏନସିଏ ଶିବିରରେ ସ୍ଥାନ ପାଇଥିବା ଉପରୋକ୍ତ ତିନି ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ରାଜସ୍ଥାନର ରୋମାଞ୍ଚକ ବିଜୟ

**ଅହମଦାବାଦ,୪।୪**

ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲଙ୍କ ଅର୍ଦ୍ଧଶତକ ପରେ ରବି ବିଷ୍ଣୋଇଙ୍କ ୪ ଉଇକେଟ ସଫଳତା ଯୋଗୁ ରାଜସ୍ଥାନ ରୟାଲ୍ସ ୬ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଏହା ରାଜସ୍ଥାନର ଲଗାତର ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଗୁଜରାଟ ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍ ଜରିଆରେ ବିଷ୍ଣୋଇ ଟି୨୦ କ୍ରିକେଟରେ ୨୦୦ ଉଇକେଟ ପୂରଣ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପାଇଁ ଧ୍ରୁବ ଜୁରେଲ ୪୨ ବଲରେ ସର୍ବାଧିକ ୭୫ (୫ ଲେଖାଏ ଚୌକା ଓ ଛକା) ଓ ଯଶସ୍ୱୀ ଜୟସ୍ୱାଲ ୩୬ ବଲରେ ୫୫ (୬ ଚୌକା ଓ ୩ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଭବ ସୂର୍ଯ୍ୟବଂଶୀ ୧୮ ବଲରେ ୩୧ (୫ ଚୌକା ଓ ୧ ଛକା) ଓ ଶିମରନ ହେଟମାୟର ୧୮ (୧ ଚୌକା ଓ ୨ ଛକା) ରନ କରିଥିଲେ। ଗୁଜରାଟ ପାଇଁ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ। ଜବାବରେ ଗୁଜରାଟକୁ ସାଇ ସୁଦର୍ଶନ ଓ କୁମାର କୁଶାଗ୍ର ଭଲ ଆରମ୍ଭ ଦେଇଥିଲେ। ଦୁହେଁ ୮ ଓଭରରେ ଦଳୀୟ ସ୍କୋରକୁ ୭୮ ରନରେ ପହଞ୍ଚାଇଥିଲେ। କୁଶାଗ୍ର ୧୮ (୩ ଚୌକା) ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହିଠାରୁ ସୁଦର୍ଶନ ଓ ଜୋଶ ବଟଲର ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ହେଲେ ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୧୦୭/୧ ସ୍କୋର କରିଥିବା ଗୁଜରାଟ ପରବର୍ତ୍ତୀ ୫୪ ରନ ମଧ୍ୟରେ ୬ ଉଇକେଟ ହରାଇ ଦିଗହରା ହୋଇଯାଇଥିଲା। ସୁଦର୍ଶନ ୪୪ ବଲରେ ୭୩ (୯ ଚୌକା ଓ ୩ ଛକା), ଗ୍ଲେନ ଫିଲିପ୍ସ (୩), ୱାଶିଂଟନ ସୁନ୍ଦର (୪), ଜୋଶ ବଟଲର ୧୪ ବଲରେ ୨୬ (୫ ଚୌକା), ରାହୁଲ ତେୱାଟିଆ (୧୨) ଆଉଟ୍ ହୋଇଥିଲେ। ଏଭଳି ସଙ୍କଟଜନକ ପରିସ୍ଥିତିରେ କାମଚଳା ଅଧିନାୟକ ରଶିଦ ଖାନ ଓ ରାବାଡା ଅଷ୍ଟମ ଉଇକେଟରେ ୨୯ ବଲରେ ୪୩ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇବା ପାଇଁ ଯଥେଷ୍ଟ ନ ଥିଲା। ଗୁଜରାଟ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୪ ରନ କରିବାକୁ ସକ୍ଷମ ହୋଇଥିଲା। ରଶିଦ ୧୬ ବଲରେ ୨୪ (୩ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ ରାବାଡା ୧୬ ବଲରେ ୨୩ (୧ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ବିଜୟୀ ରାଜସ୍ଥାନ ଲାଗି ବିଷ୍ଣୋଇ ୪ ଉଇକେଟ ନେଇଥିବା ବେଳେ ନାନ୍ଦ୍ରେ ବର୍ଗର, ତୁଷାର ଦେଶପାଣ୍ଡେ ଓ ଅଧିନାୟକ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୧୦/୬ (ଧ୍ରୁବ ଜୁରେଲ-୭୫, ଯଶସ୍ୱି ଜୟସ୍ୱାଲ-୫୫, ବୈଭବ ସୂର୍ଯ୍ୟବଂଶୀ-୩୧, କାଗିସୋ ରାବାଡା-୨/୪୨, ଅଶୋକ କୁମାର-୧/୩୭)। ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୦୪/୮ (ସାଇ ସୁଦର୍ଶନ-୭୩, ଜୋସ ବଟଲର-୨୬, ରବି ବିଷ୍ଣୋଇ-୪/୪୧, ରିୟାନ ପରାଗ-୧/୧୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ହାଇଦ୍ରାବାଦ ବନାମ ଲକ୍ଷ୍ନୌ**
ସ୍ଥାନ: ହାଇଦ୍ରାବାଦ
ସମୟ: ଅପରାହ୍ନ ୩ଟା ୩୦

**ବେଙ୍ଗାଲୁରୁ ବନାମ ଚେନ୍ନାଇ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ହାର୍ଦ୍ଦିକ ଅସୁସ୍ଥ

**ନୂଆଦିଲ୍ଲୀ,୪।୪**

ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବିପକ୍ଷରେ ଶନିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଖେଳି ନ ଥିଲେ। ସେ ଅସୁସ୍ଥତା କାରଣରୁ ଉପଲବ୍ଧ ନ ଥିବା ଟସ୍ ପୂର୍ବରୁ ଘୋଷଣା କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳର ଦାୟିତ୍ୱ ତୁଲାଇଥିଲେ।

## ବିସିସିଆଇ ସହ ସମ୍ପର୍କରେ ସୁଧାର ଆଣିବାକୁ ବିସିବିର ଉଦ୍ୟମ

**ଢାକା, ୪।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ସମ୍ପର୍କରେ ସୁଧାର ଆଣିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରୁ ଓହରିଯିବା ପରେ ଦୁଇ କ୍ରିକେଟ ବୋର୍ଡ ମଧ୍ୟରେ ରହିଥିବା ସମ୍ପର୍କରେ ତିକ୍ତତା ଦେଖା ଦେଇଥିଲା। ସେପ୍ଟେମ୍ବରରେ ପ୍ରସ୍ତାବିତ ବାଂଲାଦେଶକୁ ଭାରତର ହ୍ୱାଇଟ୍ ବଲ ଟୁର୍‌କୁ କାର୍ଯ୍ୟକାରୀ କରିବା ଲାଗି ବିସିବି କଥାବାର୍ତ୍ତା ଆରମ୍ଭ କରିବ। ଖବର ଅନୁସାରେ ବିସିବି ସଭାପତି ଅମିନୁଲ ଇସ୍‌ଲାମ ବୁଲ୍‌ବୁଲ୍‌ଙ୍କ କାର୍ଯ୍ୟକାଳ ଖୁବ୍ ଶୀଘ୍ର ଶେଷ ହୋଇଯିବ। ତାଙ୍କ ପରେ ଏକ ଅନ୍ତରୀଣ ବୋର୍ଡ ଭାରତୀୟ କ୍ରିକେଟ ବୋର୍ଡ ସହିତ କଥାବାର୍ତ୍ତା ଆରମ୍ଭ କରିପାରେ। ବିଶ୍ୱାସ କରାଯାଏ ଯେ, ବିସିସିଆଇ ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରେ ଖେଳିବା ଲାଗି ଅନୁମତି ନ ଦେବାରୁ କ୍ରୀଡ଼ା ମନ୍ତ୍ରଣାଳୟର ଉପଦେଷ୍ଟା ଏବଂ ଭାରତ ବିରୋଧୀ କଠୋରପନ୍ଥୀ ଅସିଫ ନଜରୁଲ୍ ସୁରକ୍ଷାଗତ କାରଣ ଦର୍ଶାଇ ଭାରତକୁ ଦଳ ନ ପଠାଇବା ଲାଗି ନିଷ୍ପତ୍ତି ନେଇଥିଲେ। ବିସିବି ଏହାର ମ୍ୟାଚଗୁଡ଼ିକୁ ଶ୍ରୀଲଙ୍କା ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିଲା, କିନ୍ତୁ ଆଇସିସି ଏହାକୁ ଯଥାର୍ଥ ବୋଲି ମନେକରି ନ ଥିଲା। ଭାରତରେ ସୁରକ୍ଷାଜନିତ କୌଣସି ସମସ୍ୟା ନ ଥିବା ଦର୍ଶାଇଥିଲା। ଭାରତ-ବାଂଲାଦେଶ କ୍ରିକେଟ ସମ୍ପର୍କ ପାରମ୍ପରିକ ଭାବେ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହି ଆସିଛି। ମାତ୍ର ସାମ୍ପ୍ରତିକ ଘଟଣାକ୍ରମରେ ଏଥିରେ ଅବନତି ପରିଲକ୍ଷିତ ହୋଇଛି। ବିସିସିଆଇର ଏକ ସୂତ୍ରରୁ ଜଣାପଡ଼ିଛି ଯେ, ବିସିବି ଇତିମଧ୍ୟରେ ଏକ ଚିଠି ଭାରତୀୟ କ୍ରିକେଟ ବୋର୍ଡକୁ ପଠାଇଛି। କେବଳ ସେପ୍ଟେମ୍ବରରେ ଭାରତୀୟ ପୁରୁଷ ଦଳର ବାଂଲାଦେଶକୁ ଏକ ହ୍ୱାଇଟ୍ ବଲ୍ ଟୁର୍ ନୁହେଁ, ଆସନ୍ତାବର୍ଷ ବିସିବି ଆୟୋଜନ କରୁଥିବା ପୁରୁଷ ୫୦-ଓଭର ଏସିଆ କପ୍‌ରେ ଭାରତର ଅଂଶଗ୍ରହଣ ପ୍ରସଙ୍ଗ ସମ୍ପର୍କରେ ଏଥିରେ ଉଲ୍ଲେଖ ରହିଛି। ଖବର ଅନୁସାରେ ବିସିବି ଏହାର ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଅଭିପ୍ରାୟ ନେଇ ଭାରତ ବିପକ୍ଷ ୬ ହ୍ୱାଇଟ ବଲ୍ ମ୍ୟାଚ ଆୟୋଜନ କରିବା ଲାଗି ଖୁବ୍ ଆଗ୍ରହୀ। ଡିଜିଟାଲ ବ୍ରଡ୍‌କାଷ୍ଟ ଅଧିକାର ବିକ୍ରି ଦ୍ୱାରା ବୋର୍ଡ ଅର୍ଥ ଉପାର୍ଜନ କରିପାରିବ।

# ଶ୍ରେୟଶ ଆୟରଙ୍କୁ ଜରିମାନା

**ଚେନ୍ନାଇ, ୪।୪ (ପି.ଟି.)**

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଏକ ସ୍ଲୋ-ଓଭର ରେଟ୍ ପାଇଁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚରେ ଗତ ସିଜନର ରନରଅପ୍ ପଞ୍ଜାବ ୫ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସକୁ ୫ ଉଇକେଟରେ ହରାଇ ଚଳିତ ସିଜନରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପଞ୍ଜାବ ଚଳିତ ସିଜନରେ ଆଇପିଏଲ୍ ଆଚରଣବିଧି ଧାରା ୨.୨୨ ଅଧୀନରେ ଦ୍ୱିତୀୟ ଅପରାଧ କରିଥିବାରୁ ଅଧିକ ଦଣ୍ଡ ବିଧାନ କରାଯାଇଛି। ଆୟରଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆପିଏଲ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଚୂଡ଼ାନ୍ତ ଏକାଦଶର ସମସ୍ତ ସଦସ୍ୟ ଭାରତୀୟ ମୁଦ୍ରାରେ ୬ ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଯାହା କମ୍ ହେବ ତାହା ଜରିମାନା କରାଯିବ ବୋଲି କୁହାଯାଇଛି।

# ୟୁନିଟ୍-୬ ଫୁଟ୍‌ବଲ ଗ୍ରାଉଣ୍ଡ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ୍-୬ର ଫୁଟବଲ୍ ଗ୍ରାଉଣ୍ଡକୁ ଶନିବାର ପରିଦର୍ଶନ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭାଜପା ନେତା ଜଗନ୍ନାଥ ପ୍ରଧାନ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ କର୍ପୋରେଟର ପ୍ରଣବ କୁମାର ସ୍ୱାଇଁ, କ୍ଲବର ସମ୍ପାଦକ ଦିଲ୍ଲୀପ କୁମାର ଦାସ, ବରିଷ୍ଠ ସଦସ୍ୟ ମଧୁସୂଦନ ରେଡ୍ଡୀ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଲୋଚନା ସମୟରେ କ୍ରୀଡ଼ାମନ୍ତ୍ରୀ ୟୁନିଟ-୬ ଗ୍ରାଉଣ୍ଡର ବିକାଶ ଏବଂ ଏଥିପାଇଁ ଆବଶ୍ୟକ ସୁବିଧା ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସମ୍ପ୍ରତି ଚାଲୁ ରହିଥିବା ଗ୍ରାଉଣ୍ଡ କାର୍ଯ୍ୟ, ଚାରିପାଖରେ ପାଚେରି, ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ନିର୍ମାଣାଧୀନ କ୍ଲବ ଘରର କାର୍ଯ୍ୟ ଠିକ୍ ସମୟରେ ସରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ବ୍ୟତୀତ ନିରାପତ୍ତା ପାଇଁ ଜଣେ ଉତ୍ସର୍ଗୀକୃତ ସିକ୍ୟୁରିଟି ଗାର୍ଡ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କ୍ରୀଡ଼ାପ୍ରେମୀ ଏବଂ ସ୍ଥାନୀୟ ଲୋକଙ୍କ ବ୍ୟବହାର ପାଇଁ ଗ୍ରାଉଣ୍ଡ ଚାରିପାଖରେ ଦୌଡ଼ିବା ଲାଗି ଏକ ପାଥ୍‌ୱେ ପାଇଁ ପ୍ରସ୍ତାବ ଦିଆଯାଇଥିଲା। କ୍ରୀଡ଼ାମନ୍ତ୍ରୀଙ୍କ ଏହି ପରିଦର୍ଶନ କ୍ରୀଡ଼ା ଭିତ୍ତିଭୂମିକୁ ମଜଭୁତ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ହେବ ବୋଲି କ୍ଲବ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।



ୟୁନିଟ୍-୬ ଫୁଟ୍‌ବଲ ଗ୍ରାଉଣ୍ଡ ପରିଦର୍ଶନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# ଭାରତୀୟ ଦଳରେ କିସ୍‌ର ୪ ଆଦିବାସୀ ଖେଳାଳି



ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା କିସ୍‌ର ୪ ଖେଳାଳିଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)**

**୧୪ ବର୍ଷରୁ କମ୍ ଫିଡେ ୱାର୍ଲ୍ଡ ଚେସ୍**

କାଜାଖସ୍ତାନର ଅଲ୍‌ମାଟିଠାରେ ୧୪ ବର୍ଷରୁ କମ୍ ଫିଡେ ଆଇଏସ୍‌ସିଏଫ୍ ବିଶ୍ୱ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୬ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୪ ଆଦିବାସୀ ଖେଳାଳି ଭାରତୀୟ ମହିଳା ଦଳରେ ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲିକ। ମହିଳା ବର୍ଗରେ ଗୋଟିଏ ଅନୁଷ୍ଠାନରୁ ସମସ୍ତ ୪ ଜଣ ଯାକ ଖେଳାଳି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। କିଟ୍ ଓ କିସ୍‌ର ଚେସ୍ କୋଚ୍ ଗୌରହରି ମହାପାତ୍ରଙ୍କୁ ଭାରତୀୟ ଦଳର ପ୍ରଶିକ୍ଷକ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ପ୍ରତିନିଧି ଦଳର ମୁଖ୍ୟ ରହିବେ। ପ୍ରକାଶଯୋଗ୍ୟ ଯେ, ବର୍ଷ ଆରମ୍ଭରେ କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନୁଷ୍ଠିତ ଫିଡେର ଗ୍ଲୋବାଲ୍ ସମ୍ମିଳନୀ ଭାରତୀୟ ମହିଳା ଦଳର ସାମିଲ ସୁଯୋଗକୁ ସୁଦୃଢ଼ କରିଥିଲା। ତୃଣମୂଳ ସ୍ତରରେ ଚେସର ପ୍ରୋତ୍ସାହନରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେଇ ଫିଡେ ଚାମ୍ପିୟନଶିପରେ ଅଂଶଗ୍ରହଣ ପାଇଁ ଭାରତୀୟ ମହିଳା ସ୍କୁଲ ଦଳକୁ ୱାଇଲ୍ଡକାର୍ଡ ପ୍ରଦାନ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଖେଳାଳି ଓ କୋଚ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ